DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୯/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 19/2023 | Page 16 | ₹ 7.00
୪୯ଶ ଭାଗ ୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 87 | ମୂଲ୍ୟ ₹୭/-

## କନ୍ୟାଶ୍ରମରେ ଖାଦ୍ୟ ଅବ୍ୟବସ୍ଥା

# ଜଣେ ମୃତ, ୨୭ ଅସୁସ୍ଥ

**ସୋର, ୧୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଗାନ୍ଧୀ ସେବା ସଂଘ ପୁରୁବାଇ କନ୍ୟାଶ୍ରମରେ ରୋଗ ବ୍ୟାପିଛି। ବାନ୍ତି, ପେଟ ବ୍ୟଥା ସାଙ୍ଗକୁ ଜ୍ୱରରେ ପୀଡ଼ିତ ହୋଇଛନ୍ତି ଅନ୍ତେବାସିନୀ। ସେମାନଙ୍କ ମଧ୍ୟରୁ ଜଣଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଥିବାବେଳେ ଆଉ ୨୭ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏବଂ ଅନ୍ୟମାନଙ୍କୁ ସୋର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। କନ୍ୟାଶ୍ରମରେ ଖାଦ୍ୟ ଓ ପାନୀୟ ଅବ୍ୟବସ୍ଥାରୁ ଏଭଳି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ମୃତ ଅନ୍ତେବାସିନୀ ଜଣକ ହେଲେ ରୁବିନା ସିଂ। ତାଙ୍କ ଘର ନୀଳଗିରି ଅଞ୍ଚଳରେ ହୋଇଥିବାବେଳେ ସେ କନ୍ୟାଶ୍ରମରେ ରହି ୧୦ମ ଶ୍ରେଣୀରେ ପଢୁଥିଲେ।

କନ୍ୟାଶ୍ରମଟି ହେଉଛି ଏକ ଘରୋଇ ଆବାସିକ ଶିକ୍ଷାନୁଷ୍ଠାନ। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଅନୁଦାନରେ ଏହା ଚାଲିଥିବା ଜଣାପଡ଼ିଛି। ଏଠାରେ ଛାତ୍ରୀମାନେ ରହି ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପଢ଼ିବା ବ୍ୟବସ୍ଥା ରହିଛି। ବର୍ତ୍ତମାନ ମୋଟ ୧୫୫ ଅନ୍ତେବାସିନୀ ରହିଛନ୍ତି। ୩ଦିନ ତଳେ ଆଶ୍ରମର କେତେଜଣ ଅନ୍ତେବାସିନୀ ମଧ୍ୟାହ୍ନଭୋଜନ ଖାଇବା ପରେ ସେମାନଙ୍କର ପେଟବ୍ୟଥା ହେବା ସହ ବାନ୍ତି ଓ ମୁଣ୍ଡବିନ୍ଧା ହୋଇଥିଲା। ସେହି ସମୟରେ କୌଣସି ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ପ୍ରବଳ ବାନ୍ତି ସହ ମୁଣ୍ଡବିନ୍ଧା ଯୋଗୁ ଗୁରୁତର ହୋଇପଡ଼ିଥିଲେ। ଶୁକ୍ରବାର ଅପରାହ୍ନରେ ସେମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ୨ଜଣଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ରୁବିନାଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଖବର ପାଇ ବାଲେଶ୍ୱରରୁ ଶିଶୁ ମଙ୍ଗଳ ଅଧିକାରୀ ଓ ଡାକ୍ତରୀ ଟିମ୍ ଆଶ୍ରମରେ ପହଞ୍ଚି ଅନ୍ୟ ଗୁରୁତର ୨୭ଜଣଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଅସୁସ୍ଥ ଅନ୍ତେବାସିନୀମାନେ ☞ପୃଷ୍ଠା-୨



ସୋର ହସ୍ପିଟାଲରେ ଚିକିତ୍ସାଧୀନ ପୁରୁବାଇ କନ୍ୟାଶ୍ରମ ଅନ୍ତେବାସିନୀ।

**ଆଜିର ସମ୍ପାଦକୀୟ**

## ପ୍ରତିକ୍ରିୟା ନାହିଁ

**ଆଜିର ମନ୍ତବ୍ୟ**

"୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବାକୁ ହେଲେ କଂଗ୍ରେସ ସମେତ ସବୁ ବିରୋଧୀ ଦଳଙ୍କୁ ହାତ ମିଳାଇବାକୁ ପଡ଼ିବ।

**-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

# ଆଜି ମୁଖ୍ୟମନ୍ତ୍ରୀଙ୍କ ପଦ୍ମପୁର ଗସ୍ତ

**ପଦ୍ମପୁର, ୧୮।୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ଝାରବନ୍ଧ, ପାଇକମାଳ ଏବଂ ପଦ୍ମପୁର ବ୍ଲକରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବାହାରି

### ଜିଲା ଘୋଷଣାକୁ ଅପେକ୍ଷା

ପୂର୍ବାହ୍ନ ୧୧ଟାରେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବେ। ସେଠାରୁ ସେ ହେଲିକ୍ୟାପ୍ଟର ଯୋଗେ ଯାଇ ୧୧ଟା ୨୫ରେ ଝାରବନ୍ଧ ବ୍ଲକ ଶକ୍ତି ଛକ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ସେ ସଭାସ୍ଥଳକୁ ଯିବେ ଏବଂ ସେଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଝାରବନ୍ଧରେ କାର୍ଯ୍ୟକ୍ରମ ଶେଷ ହେବା ପରେ ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ପାଇକମାଳ ବ୍ଲକ ଗସ୍ତ କରିବେ। ୧୨ଟା ୩୦ ମିନିଟ୍‌ରେ ପାଇକମାଳ ଏମ୍‌ଇ ସ୍କୁଲ ପଡିଆରେ ନିର୍ମିତ ହେଲିପ୍ୟାଡରେ ପହଞ୍ଚି ସେ କାର୍ଯ୍ୟକ୍ରମରେ ଯୋଗଦେବେ। ପାଇକମାଳରେ ମିଶନ ଶକ୍ତି ମହିଳାମାନଙ୍କୁ ଚେକ୍ ବଣ୍ଟନ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ☞ପୃଷ୍ଠା-୨



FOR TRADE ENQUIRIES : Wholesalers, Departmental Stores & Showrooms
EMAIL: jkjsparky@gmail.com | WEBSITE: www.sparkyjeans.in
Download Sparky Jeans App From: Google Play | facebook.com/sparkyclothing



Stores also at :
BHUBANESWAR 621, Saheed Nagar, Janpath | BHUBANESWAR 309 District Centre, Chandrasekharpur | BERHAMPUR Venkatraju Arcade, Sano Bazar | CUTTACK 558/834, Cantonment Road | JHARSUGUDA Sarbhal Road, Marwadi Para | ROURKELA Kesar Bhawan, Main Road
Toll Free : 1800 3131 777
Follow Us :
NOWHERE ELSE

## ସଂକ୍ଷେପରେ

### ବୁଲ୍‌ଗେରିଆ: ପରିତ୍ୟକ୍ତ ଟ୍ରକ୍‌ରୁ ମିଳିଲା ୧୮ ମୃତଦେହ

**ସୋଫିଆ,୧୮।୨:** ବୁଲ୍‌ଗେରିଆ ପୋଲିସ ଶୁକ୍ରବାର ଏକ ପରିତ୍ୟକ୍ତ ଟ୍ରକ୍‌ରୁ ୧୮ ଜଣଙ୍କ ମୃତଦେହ ଠାବ କରିଛି। ସେମାନେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା କୁହାଯାଉଛି। ମୃତକମାନେ ଆଫଗାନିସ୍ତାନର ପ୍ରବାସୀ ଶ୍ରମିକ। ସେଠାର ଗୃହ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଟ୍ରକ୍‌ରେ ପ୍ରାୟ ୪୦ ଜଣ ଦେଶାନ୍ତରୀ ଆସିଥିଲେ। ଅନ୍ୟମାନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେମାନଙ୍କୁ ଆବଶ୍ୟକ ଅମ୍ଳଜାନ ମିଳି ନ ଥିଲା ଏବଂ ପ୍ରବଳ ଶୀତରେ ସେମାନେ ଅନେକ ଦିନ ହେଲା ଖାଇବାକୁ ପାଇ ନ ଥିଲେ ବୋଲି ବୁଲ୍‌ଗେରିଆ ସ୍ୱାସ୍ଥ୍ୟମନ୍ତ୍ରୀ ଆସେନ ମେଡ୍‌ଝିଡିଏଭ୍ କହିଛନ୍ତି। ଟ୍ରକ୍‌ଟି ରାଜଧାନୀ ସୋଫିଆ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଥିଲା। ଟ୍ରକ୍‌ରେ କାଠ ଲଦାହୋଇଥିବାବେଳେ ଏହା ତଳେ ଥିବା ଏକ ଗୁପ୍ତ କମ୍ପାର୍ଟମେଣ୍ଟରେ ଲୋକମାନେ ରହିଥିଲେ।

### ଆଇଏସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୫୩ ନିହତ

**ଲେବାନନ୍,୧୮।୨:** କେନ୍ଦ୍ରୀୟ ସିରିଆରେ ଶୁକ୍ରବାର ଆଇଏସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ୫୩ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷକରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ଜେହାଦୀମାନଙ୍କର ଏହା ସବୁଠୁ ଭୟାବହ ଆକ୍ରମଣ ବୋଲି ସିରିଆ ଗଣମାଧ୍ୟମ କହିଛି। ସିରିଆରେ ଅଲ୍-ସୋଖନା ସହରରେ ଏହି ଆକ୍ରମଣ ହୋଇଛି। ମୃତକଙ୍କ ମଧ୍ୟରେ ୪୬ ଜଣ ସାଧାରଣ ନାଗରିକ ହୋଇଥିବାବେଳେ ଅନ୍ୟ ୭ ଜଣ ଯବାନ ରହିଥିବା ପାଲମିରା ହସ୍ପିଟାଲର ନିର୍ଦ୍ଦେଶକ କହିଛନ୍ତି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ଉକ୍ତ ହସ୍ପିଟାଲକୁ ନିଆଯାଇଛି।

### ଭାରତୀୟ ବଂଶୋଦ୍ଭବ ମହିଳା ଅକ୍ସଫୋର୍ଡ ୟୁନିଭର୍ସିଟି ହସ୍ପିଟାଲ ସିଇଓ



ମେଘନା ପଣ୍ଡିତ

**ଲଣ୍ଡନ,୧୮।୨(ପି.ଟି.):** ଭାରତୀୟ ବଂଶୋଦ୍ଭବ ପ୍ରଫେସର ମେଘନା ପଣ୍ଡିତ ଅକ୍ସଫୋର୍ଡ ୟୁନିଭର୍ସିଟି ହସ୍ପିଟାଲ ଏନ୍‌ଏଚ୍‌ଏସ୍ ଫାଉଣ୍ଡେଶନ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର (ସିଇଓ) ନିଯୁକ୍ତ ହୋଇଛନ୍ତି। ଏହା ବ୍ରିଟେନର ସର୍ବବୃହତ୍ ଶିକ୍ଷାଦାନ ହସ୍ପିଟାଲ। ପଣ୍ଡିତ୍ ଉକ୍ତ ଟ୍ରଷ୍ଟର ପ୍ରଥମ ମହିଳା ମୁଖ୍ୟ ହୋଇଛନ୍ତି। ସେହିପରି ଭାରତୀୟ ଐତିହ୍ୟ ଥିବା ବ୍ୟକ୍ତି କୌଣସି ଜାତୀୟ ସ୍ୱାସ୍ଥ୍ୟସେବା ଟ୍ରଷ୍ଟରେ ସିଇଓ ହେବାରେ ସେ ପ୍ରଥମ। ସେ ଗତବର୍ଷ ଜୁଲାଇରୁ ଅକ୍ସଫୋର୍ଡ ୟୁନିଭର୍ସିଟି ହସ୍ପିଟାଲର ଅନ୍ତରୀଣ ସିଇଓ ଭାବେ କାର୍ଯ୍ୟ କରୁଥିଲେ।

### ପାକ୍ ସୀମାରୁ ଅସ୍ତ୍ର, ନିଶାଦ୍ରବ୍ୟ ଜବତ

**ଚଣ୍ଡିଗଡ଼,୧୮।୨(ପି.ଟି.):** ପଞ୍ଜାବର ଗୁର୍‌ଦାସପୁର ଅନ୍ତର୍ଗତ ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନମାନେ ଶନିବାର ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଜବତ କରିଛନ୍ତି। ପାକିସ୍ତାନୀ ଚୋରାବେପାରୀମାନଙ୍କ ସହ ଯବାନମାନଙ୍କ ଗୁଳି ବିନିମୟ ପରେ ୨୦ ପ୍ୟାକେଟ ହେରୋଇନ୍ ଏବଂ ଅସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଶନିବାର ଭୋର ସମୟରେ ଗୁର୍‌ଦାସପୁର ଜିଲାର ଖସାୱାଲି ଗ୍ରାମ ନିକଟରେ ଚୋରାବେପାରୀ ଏବଂ ବିଏସ୍‌ଏଫ୍‌ର ୧୧୩ ବାଟାଲିୟନ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

### ଝିଅଙ୍କୁ ଖଣ୍ଡାରେ ହାଣି ହତ୍ୟାକଲେ ବାପା

**ଶ୍ରୀକାକୁଲମ, ୧୮।୨:** ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ସୋଣ୍ଡାଭାନିପେଟାରେ ଜଣେ ୬୬ ବର୍ଷୀୟ ବ୍ୟକ୍ତି ତାଙ୍କ ଝିଅଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ଅଭିଯୁକ୍ତ କୋଲୁସୁ ରାମା ରାଓ ଏହି କାଣ୍ଡ ଭିଆଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। କୋଲୁସୁ ବିଜୟା (୨୬)ଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ତାଙ୍କ ସ୍ତ୍ରୀ ସୂର୍ଯ୍ୟାମାଙ୍କୁ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ସେ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# କୁନୋ ପାର୍କରେ ୨୦ ଚିତା



ଶନିବାର ଦକ୍ଷିଣ ଆଫ୍ରିକାରୁ ଅଣାଯାଇଥିବା ୧୨ ଚିତାବାଘଙ୍କୁ ମଧ୍ୟପ୍ରଦେଶ ଶେଓପୁର ଜିଲାରେ ଥିବା କୁନୋ ନ୍ୟାଶନାଲ ପାର୍କ (କେଏନ୍‌ପି)ରେ ଛଡ଼ାଯାଇଛି। ଆଇଏଏଫ୍ ବିମାନରେ ଅଣାଯାଇଥିବା ଏହି ଚିତାଙ୍କୁ କ୍ୱାରେଣ୍ଟାଇନ୍ ଏନ୍‌କ୍ଲୋଜରରେ ରଖାଯାଇଛି। ଶନିବାର ସକାଳ ୧୦ଟାବେଳେ ଆଇଏଏଫ୍ ବିମାନ ୧୨ ଚତାବାଘଙ୍କୁ ନେଇ ଗ୍ୱାଲିଅର ଏୟାରବେସ୍‌ରେ ପହଞ୍ଚିଥିଲା। ୧୨ଟାବେଳେ ସେମାନଙ୍କୁ ଆଏଏଫ୍‌ର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କେଏନ୍‌ପିରେ ଛଡ଼ାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କେନ୍ଦ୍ରମନ୍ତ୍ରୀ ଭୁପିନ୍ଦର ଯାଦବ ବାଘମାନଙ୍କୁ କେଏନ୍‌ପିକୁ ଛାଡ଼ିଥିଲେ। ଦ.ଆଫ୍ରିକାରୁ ଆସିଥିବା ୧୨ ଚିତାବାଘଙ୍କୁ ମିଶାଇ କୁନୋ ନ୍ୟାଶନାଲ ପାର୍କରେ ଚିତାବାଘଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ଏହାପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୧୭ରେ ନାମ୍ବିଆରୁ ୮ ଚିତାଙ୍କୁ ଅଣାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ କେଏନ୍‌ପିରେ ଛାଡ଼ିଥିଲେ।

# ବାପାଙ୍କୁ ଯକୃତ ଦାନକଲେ ନାବାଳିକା

## ହାଇକୋର୍ଟରୁ ଆଣିଥିଲେ ଅନୁମତି



ଦେବାନନ୍ଦ

ଅସୁସ୍ଥ ବାପାଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କର ୧୭ ବର୍ଷୀୟା ଝିଅ ନିଜ ଯକୃତର କିଛି ଅଂଶ ଦାନ କରିଛି। କେରଳର ୪୮ ବର୍ଷୀୟ ପ୍ରତିଶ ହେପାଟୋସେଲୁଲାର କ୍ୟାନ୍‌ସର ସହ ଦୀର୍ଘଦିନ ହେଲା ଯକୃତ ରୋଗରେ ପୀଡ଼ିତ ଥିଲେ। ଭାରତରେ ଏହା ପ୍ରଥମ ମାମଲା ବୋଲି କୁହାଯାଉଛି। ଝିଅ ଦେବାନନ୍ଦ ଯକୃତ ଦାନ କରିବା ପରେ ଗତ ୯ ତାରିଖରେ କୋଚିର ରାଜଗିରି ହସ୍ପିଟାଲରେ ବାପାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଉପଯୁକ୍ତ ଦାତା ନ ମିଳିବାରୁ ନିଜ ଯକୃତ ବାପାଙ୍କୁ ଦାନ କରିବା ନିମନ୍ତେ ଦେବାନନ୍ଦ କେରଳ ହାଇକୋର୍ଟରୁ ଅନୁମତି ଆଣିଥିଲେ। କାରଣ ମାନବ ଅଙ୍ଗ ପ୍ରତିରୋପଣ ଆଇନ, ୧୯୯୪ ଅନୁଯାୟୀ ନାବାଳକ କିମ୍ବା ନାବାଳିକା ଅଙ୍ଗ ଦାନ କରିବାକୁ ଅନୁମତି ନାହିଁ। ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଦେବାନନ୍ଦ ବୟସକୁ ନେଇ ରହିଥିବା ସର୍ତ୍ତକୁ ବାଦ୍ ଦେବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ବିଚାରପତି ଭି.ଜି. ଅରୁଣ ଏଥିପାଇଁ ଅନୁମତି ଦେବା ସହ ଦେବାନନ୍ଦଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଙ୍ଗଦାନରେ ଦେବାନନ୍ଦ ଜଣେ ରୋଲ୍ ମଡେଲ ବୋଲି ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଫାଦର ଜନ୍‌ସନ ଭାଝାପିଲ୍ଲୀ କହିଛନ୍ତି। ଲିଭର ଦାନ ଫଳରେ ପ୍ରତିଶ ସୁସ୍ଥ ହୋଇଛନ୍ତି।

# ୧୩ ଦିନ ପରେ ୩ ଜୀବନ୍ତ ଉଦ୍ଧାର

## ଭୂକମ୍ପ ମୃତ୍ୟୁସଂଖ୍ୟା ୪୬,୦୦୦ ଟପିଲା



ଭୂମିକମ୍ପରେ ତୁର୍କୀର ଅନ୍ତକ୍ୟାରେ ଭୁଶୁଡ଼ି ପଡ଼ିଥିବା ଏକ ବିଲ୍ଡିଂରେ ରେସ୍କ୍ୟୁ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି।

**ଅନ୍ତାକ୍ୟା/ କାହରନାମମାର୍ସ, ୧୮।୨**

**ତୁର୍କୀର ଭୂକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳରେ ୬,୫୦୦ ଶିଶୁ ଜନ୍ମ ନେଲେଣି**

**୧,୫୮୯ ପିଲାଙ୍କୁ ପରିବାରରୁ ଅଲଗା କରିଛି ଭୂକମ୍ପ**

ତୁର୍କୀ, ସିରିଆ ଭୂକମ୍ପକୁ ଶନିବାର ୧୩ ଦିନ ବିତିଯାଇଥିଲେ ମଧ୍ୟ ଏବେ ବି ଉଭୟ ଦେଶରୁ ଅନେକ ଲୋକ ନିଖୋଜ ଅଛନ୍ତି। ୧୩ ଦିନରେ ମୃତ୍ୟୁ ସଂଖ୍ୟା ୪୬,୦୦୦ ପାର୍ କରିଛି। ତୁର୍କୀରେ ମୋଟ ମୃତକଙ୍କ ସଂଖ୍ୟା ୪୦,୬୯୨ରେ ପହଞ୍ଚିଥିବାବେଳେ ସିରିଆରେ ୫,୮୦୦ ଜଣଙ୍କ ମୃତଦେହ ଭଗ୍ନାବଶେଷ ତଳୁ ଠାବ କରାଯାଇଛି। ତୁର୍କୀ ଓ ସିରିଆରେ ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ପାଇଁ ଶୁକ୍ରବାର ବିଶ୍ୱର ସମସ୍ତ ମସ୍‌ଜିଦ୍‌ରେ ସାମୂହିକ ପ୍ରାର୍ଥନା କରାଯାଇଥିଲା।

ଭୂକମ୍ପ ଭଗ୍ନାବଶେଷ ତଳେ ୨୯୬ ଘଣ୍ଟା ଫସି ରହିଥିବା ୩ ଜଣଙ୍କୁ ୧୩ ଦିନ ପରେ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛି। ତୁର୍କୀ ହତାୟର ରାଜଧାନୀ ଅନ୍ତକ୍ୟାର ଏକ ବିଲ୍ଡିଂ ଭୂକମ୍ପ ପ୍ରଭାବରେ ଭୁଶୁଡ଼ି ପଡ଼ିବା ଫଳରେ ତା'ତଳେ ୩ ଜଣ ଫସି ରହିଥିଲେ। ସେହିପରି ଘାନାର ଫୁଟବଲ୍ ଖେଳାଳି ଖ୍ରୀଷ୍ଟିଆନ୍ ଅସୁଙ୍କ ମୃତଦେହ ଉଦ୍ଧାରକାରୀ ଦଳ ଶନିବାର ଭଗ୍ନାବଶେଷ ତଳୁ ଠାବ କରିଛି। ସେ ସାଉଥର୍ନ ତୁର୍କୀରେ ରହୁଥିଲେ। ରେସ୍କ୍ୟୁ ଟିମ୍ ୮୦୦୦ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିଛି। ସେହିପରି ସୁରକ୍ଷାକୁ ଦୃଷ୍ଟିରେ ରଖି ଭୂକମ୍ପରେ ପ୍ରଭାବିତ ହୋଇଥିବା ତୁର୍କୀର ୧୦ ସହରରୁ ପାଖାପାଖି ୩୦ ଲକ୍ଷ ଲୋକ ସୁରକ୍ଷିତ ସ୍ଥାନକୁ ଚାଲି ଯାଇଛନ୍ତି। ଅନ୍ୟପକ୍ଷେ ଭୂମିକମ୍ପ କାରଣରୁ ତୁର୍କୀକୁ ୬ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ତେବେ ଭାଙ୍ଗିଯାଇଥିବା ବିଲ୍ଡିଂ ନିର୍ମାଣରେ ଅଧିକ ରାଜସ୍ୱ ଖର୍ଚ୍ଚ ହେବ ବୋଲି ଆଶା କରାଯାଉଛି।

ଭୂକମ୍ପ ପରଠାରୁ ସାଉଥର୍ନ ତୁର୍କୀରେ ପାଖାପାଖି ୬,୫୦୦ ଶିଶୁ ଜନ୍ମ ହୋଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଶନିବାର ଏହି ସୂଚନା ଦେଇଛନ୍ତି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ୬,୪୪୭ ଶିଶୁ ଜନ୍ମ ନେଇଛନ୍ତି। ଜନ୍ମିତ ଶିଶୁ ଓ ସେମାନଙ୍କ ମା'ମାନଙ୍କୁ ସରକାରଙ୍କ ତରଫରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ମାତୃତ୍ୱ ସୁରକ୍ଷା ପାଇଁ ଭୂକମ୍ପ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ୧୦,୪୮୯ ଗର୍ଭବତୀ ନିରୀକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭୂକମ୍ପ ପ୍ରବଣ ଅଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲାଗି ୮୪.୫ ନିୟୁତ ଡଲାରର ଆବଶ୍ୟକତା ରହିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି।

## ତୁର୍କୀ ସହାୟତାକୁ ଭୂକମ୍ପ ରିଲିଫ୍ ଭାବେ ପଠାଇଛି ପାକିସ୍ତାନ

**ଇସ୍‌ଲାମାବାଦ,୧୮।୨**

ତୁର୍କୀରେ ପ୍ରଳୟଙ୍କରୀ ଭୂକମ୍ପ ପରେ ବିଭିନ୍ନ ଦେଶ ଉଦ୍ଧାରକାରୀ ଟିମ୍ ଓ ରିଲିଫ୍ ସହାୟତା ପଠାଇବାରେ ଲାଗିଛନ୍ତି। ପାକିସ୍ତାନ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ତେବେ ପାକିସ୍ତାନ ପଠାଇଥିବା ରିଲିଫ୍ ସମାଗ୍ରୀ ତୁର୍କୀ ପୂର୍ବରୁ ଦେଇଥିବା ସହାୟତା ବୋଲି ଜଣାପଡ଼ିଛି। ଗତବର୍ଷ ପାକିସ୍ତାନରେ ଭୟଙ୍କର ବନ୍ୟା ବେଳେ ତୁର୍କୀ ରିଲିଫ୍ ସହାୟତା ଭାବେ ଯେଉଁସବୁ ସାମଗ୍ରୀ ପଠାଇଥିଲା, ସେଗୁଡ଼ିକୁ ଇସ୍‌ଲାମାବାଦ ଆଉ ଥରେ ପ୍ୟାକ୍ କରି ଭୂକମ୍ପ ସହାୟତା ଭାବେ ଆଙ୍କାରାକୁ ଦେଇଥିବା ପାକିସ୍ତାନୀ ଖବରଦାତା ଶହିଦ ମାସୁଦ୍ ଅଭିଯୋଗ କରିଛନ୍ତି। ପାକିସ୍ତାନ ସି-୧୩୦ ବିମାନରେ ରିଲିଫ୍ ସାମଗ୍ରୀ ଓ ଉଦ୍ଧାରକାରୀ କର୍ମଚାରୀ ତୁର୍କୀକୁ ପଠାଇଥିଲା। ଏକ ନ୍ୟୁଜ୍ ଚ୍ୟାନେଲ୍‌ରେ ମାସୁଦଙ୍କ ଏଭଳି ବିସ୍ଫୋରକ ଅଭିଯୋଗ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଅଡୁଆରେ ପଡ଼ିଯାଇଛନ୍ତି। କାରଣ ଶରିଫ୍ ବ୍ୟକ୍ତିଗତ ଭାବେ ତୁର୍କୀକୁ ରିଲିଫ୍ ସହାୟତା ପଠାଇବା କାର୍ଯ୍ୟର ତଦାରଖ କରୁଥିଲେ।

## ଦିଲ୍ଲୀ ୱାକଫ୍ ବୋର୍ଡର ୧୨୩ ଜମିକୁ ଦଖଲ କରିବ କେନ୍ଦ୍ର

**ନୂଆଦିଲ୍ଲୀ,୧୮।୨(ପି.ଟି.)**

ଦିଲ୍ଲୀ ୱାକଫ୍ ବୋର୍ଡର ୧୨୩ଟି ଜମିକୁ କବ୍‌ଜା କରିବା ପାଇଁ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଉକ୍ତ ସମ୍ପତ୍ତିରେ ମସ୍‌ଜିଦ, ଦରଘା, କବରସ୍ଥାନ ଆଦି ରହିଛି। କେନ୍ଦ୍ରର ଏଭଳି ନିଷ୍ପତ୍ତିକୁ ନେଇ ବୋର୍ଡ ଅଧ୍ୟକ୍ଷ ତଥା ଏଏପି ବିଧାୟକ ଅମାନତୁଲ୍ଲା ଖାନ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୱାକଫ୍ ସମ୍ପତ୍ତିକୁ ଫେରାଇ ନେବା ଲାଗି କେନ୍ଦ୍ରକୁ ଅନୁମତି ଦିଆଯିବ ନାହିଁ ବୋଲି ଖାନ୍ କହିଛନ୍ତି। କଂଗ୍ରେସ ସରକାର ସମୟରେ ୱାକଫ୍ ବୋର୍ଡକୁ ଏହି ସମ୍ପତ୍ତି ମିଳିଥିଲା। ସେଗୁଡ଼ିକୁ ଫେରାଇନେବା ଲାଗି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଗତ ୮ ତାରିଖରେ ୱାକଫ୍ ବୋର୍ଡକୁ ପତ୍ର ଲେଖାଯାଇଥିଲା। ତେବେ ୱାକଫ ବୋର୍ଡ ଏପର୍ଯ୍ୟନ୍ତ କମିଟିରେ ଉପସ୍ଥିତ ହୋଇ ଜବାବ ଦାଖଲ କରିନାହିଁ। ତେଣୁ ତାଲିକାଭୁକ୍ତ ସମ୍ପତ୍ତି ଉପରେ ବୋର୍ଡର କୌଣସି ଦାବି ନ ଥିବା ସ୍ପଷ୍ଟ ହୋଇଥିବା ଜମି ଓ ଉନ୍ନୟନ କାର୍ଯ୍ୟାଳୟ ପତ୍ରରେ କୁହାଯାଇଛି। ଅନ୍ୟପକ୍ଷରେ ସରକାରଙ୍କ ନିଷ୍ପତ୍ତି ଉପରେ ବୋର୍ଡ ପ୍ରତିବାଦ ଜଣାଇଛି। ହାଇକୋର୍ଟରେ ୱାକଫ୍ ବୋର୍ଡ ରିଟ୍ ପିଟିଶନ ଦାଖଲ କରିଥିବା ଖାନ୍ କହିଛନ୍ତି।

## ନିକ୍କିଙ୍କୁ ବିବାହ କରିଥିଲେ ସାହିଲ

**ନୂଆଦିଲ୍ଲୀ, ୧୮।୨**

**ଫ୍ରିଜର୍‌ରୁ ମୃତଦେହ ମିଳିବା ଘଟଣା**

**ସାହିଲଙ୍କ ବାପା ଗିରଫ**

ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ଦିଲ୍ଲୀର ନିକ୍କି ହତ୍ୟା ଘଟଣାର ଅଭିଯୁକ୍ତ ସାହିଲଙ୍କ ବାପା ବୀରେନ୍ଦର ସିଂଙ୍କୁ ଶୁକ୍ରବାର ରାତିରେ ଦିଲ୍ଲୀ ପୋଲିସ ଗିରଫ କରିଛି। ନିକ୍କିଙ୍କ ହତ୍ୟା ସମ୍ପର୍କରେ ସେ ଅବଗତ ଥିବା ପୋଲିସ କହିଛି। ପୋଲିସ ଏହି ଘଟଣାରେ ଗୋହଲତ ପରିବାର ଆଉ ୪ ଜଣଙ୍କୁ ଅଟକ ରଖିଛି। ଅନ୍ୟପକ୍ଷେ ୨୦୨୦ ମସିହାରେ ଗ୍ରେଟର ନଏଡାର ଏକ ମନ୍ଦିରରେ ନିକ୍କି ଓ ସାହିଲ ବାହା ହୋଇଥିଲେ। ବିବାହ ପରେ ଦୁହେଁ ଏକ ଭଡ଼ା ଘରେ ଏକାଠି ରହୁଥିବା କଥା ବୀରେନ୍ଦର ଜାଣିଥିବାବେଳେ ସାହିଲଙ୍କ ବାହାଘର ଅନ୍ୟ ଜଣେ ଯୁବତୀଙ୍କ ସହ ସେ ଠିକ୍ କରିଥିଲେ। ନିକ୍କିଙ୍କୁ ହତ୍ୟା କରିବା ପରେ ସାହିଲ ଏ କଥା ବାପାଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ ବୀରେନ୍ଦର ସାହିଲଙ୍କୁ ଅନ୍ୟ ଯୁବତୀଙ୍କ ସହ ବାହାହେବା ଲାଗି ବାଧ୍ୟ କରିଥିବା ସାହିଲଙ୍କ କଲ୍ ରେକର୍ଡ୍ସରୁ ପୋଲିସ ଜାଣିବାକୁ ପାଇଛି। ନିର୍ବନ୍ଧ ପରେ ସାହିଲ ମିତ୍ରଅନ୍ ଗ୍ରାମସ୍ଥିତ ତାଙ୍କ ଘରୁ ବାହାରକୁ ଯାଇଥିବାବେଳେ ସକାଳ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ସାହିଲ ପ୍ରେମିକାଙ୍କ ସହ ଫେରାର୍ ହୋଇଯାଇଥିବା ଭାବି ପରିବାର ଲୋକେ ବ୍ୟସ୍ତ ହୋଇ ପଡ଼ିଥିଲେ। ସାହିଲଙ୍କ ଦୁଇ ସମ୍ପର୍କୀୟ ଭାଇ ଏବଂ ବନ୍ଧୁ ତାଙ୍କୁ ବାରମ୍ବାର ଫୋନ୍ କରିଥିଲେ। ସାହିଲ ନିକ୍କିଙ୍କ ସହିତ ଥିବା ଜାଣିପାରି ସେମାନେ ବିନ୍ଦାପୁର ବାହାରିଥିଲେ। ପରବର୍ତ୍ତୀ ସମୟରେ ସାହିଲ କଲ୍ ରିସିଭ କରି ସେ ପଶ୍ଚିମ ବିହାରରେ ଥିବା ଜଣାଇଥିଲେ। ଏହାପରେ ୪ ଜଣଯାକ ସାହିଲଙ୍କ ପାଖରେ ପହଞ୍ଚିଥିଲେ। ସେତେବେଳକୁ ନିକ୍କିଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନେ ମୃତଦେହକୁ ସାହିଲଙ୍କ ରେଷ୍ଟୁରାଣ୍ଟ ଫ୍ରିଜରରେ ରଖି ସେଠାରୁ ଚାଲିଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।



ଭୋପାଳରେ ଶନିବାର ମହା ଶିବରାତ୍ରି ଶୋଭାଯାତ୍ରାରେ କଳାକାରମାନେ ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ବେଶରେ ସଜେଇ ହୋଇଛନ୍ତି।

## ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ମାମଲା

### ସିସୋଡିଆଙ୍କୁ ସିବିଆଇ ଜେରା ପାଇଁ ଡାକରା

**ନୂଆଦିଲ୍ଲୀ,୧୮।୨(ପି.ଟି.)**

ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ମାମଲାରେ ସମ୍ପୃକ୍ତି ନେଇ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ରବିବାର ସିବିଆଇ ଜେରା କରିବାକୁ ନୋଟିସ କରିଛି। ଏହି ମାମଲାରେ ୩ ମାସ ପୂର୍ବରୁ ଚାର୍ଜସିଟ୍ ଦାଖଲ ହୋଇଥିଲା। ଉକ୍ତ ଅଭିଯୋଗପତ୍ରରେ ସିସୋଡିଆଙ୍କ ନାଁ ନ ଥିଲା। ତାଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ଦିଲ୍ଲୀ ଆମ୍ ଆଦ୍‌ମୀ ପାର୍ଟି ସରକାରରେ ଅବକାରୀ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ସିସୋଡିଆଙ୍କୁ ଗତବର୍ଷ ଅକ୍ଟୋବର ୧୭ରେ ଜେରା କରାଯିବା ସହ ତାଙ୍କ ଘର ଓ ବ୍ୟାଙ୍କ ଲକରର ତଲାସି ନିଆଯାଇଥିଲା। ପୂର୍ବରୁ ତଲାସି ବେଳେ ତାଙ୍କ ଘରୁ କିଛି ବାହାରି ନ ଥିଲା। ସେ ତଦନ୍ତରେ ସହଯୋଗ ଜାରି ରଖିବେ ବୋଲି କହିଛନ୍ତି। କେନ୍ଦ୍ର ସରକାର ତାଙ୍କ ବିରୋଧରେ ସିବିଆଇ ଏବଂ ଇଡିର ପୂର୍ଣ୍ଣ କ୍ଷମତାକୁ ବ୍ୟବହାର କରୁଥିବା ସିସୋଡିଆ ଅଭିଯୋଗ କରିଛନ୍ତି।

### ୨୨ରେ ଦିଲ୍ଲୀ ମେୟର ନିର୍ବାଚନ

**ନୂଆଦିଲ୍ଲୀ,୧୮।୨**

ସୁପ୍ରିମକୋର୍ଟରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ବଡ଼ ବିଜୟ ପରେ ଆସନ୍ତା ବୁଧବାର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ୨୨ରେ ମେୟର ନିର୍ବାଚନ କରାଇବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଦେଇଥିବା ପ୍ରସ୍ତାବକୁ ଉପରାଜ୍ୟପାଳ ଭି.କେ. ସାକ୍ସେନା ଅନୁମୋଦନ କରିଛନ୍ତି। ମନୋନୀତ ସଦସ୍ୟମାନଙ୍କ ଭୋଟ ଅଧିକାରକୁ ନେଇ ଶାସକ ଏଏପି ଏବଂ ଉପରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏମ୍‌ସିଡିର ଏଏପି ଏବଂ ଭାଜପା କାଉନସିଲରଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁ ୨ ମାସ ମଧ୍ୟରେ ମେୟର ନିର୍ବାଚନ ୩ ଥର ସ୍ଥଗିତ ରହିଥିଲା। ତେବେ ମନୋନୀତ ସଦସ୍ୟମାନେ ମେୟର ନିର୍ବାଚନରେ ଭୋଟ ଦେଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଦେବା ପରେ ବୁଧବାର ମତଦାନ ହେବାକୁ ଯାଉଛି। ସେହିଦିନ ଡେପୁଟି ମେୟର ଏବଂ ଷ୍ଟାଣ୍ଡିଂ କମିଟିର ୬ ଜଣ ସଦସ୍ୟଙ୍କୁ ନିର୍ବାଚିତ କରାଯିବ।

# ପ୍ରଥମେ କିଏ କହିବ ଆଇ ଲଭ୍ ୟୁ: ଖୁର୍ସିଦ

## ବିରୋଧୀ ଏକାଠି ହେଲେ ଭାଜପା ୧୦୦ ତଳକୁ ଖସିବ: ନୀତୀଶ

**ପାଟନା,୧୮।୨**



ସିପିଆଇ-ଏମ୍ ସାଧାରଣ ଅଧିବେଶନରେ ନୀତୀଶ କୁମାରଙ୍କ ସହ ସଲ୍‌ମାନ ଖୁର୍ସିଦ୍।

ଭାଜପାକୁ ପରାସ୍ତ କରିବାକୁ ହେଲେ ବିରୋଧୀ ମେଣ୍ଟରେ କଂଗ୍ରେସ ଯୋଗଦେଉ ବୋଲି ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତାଙ୍କ ଡେପୁଟି ତେଜସ୍ୱୀ ଯାଦବ ଆହ୍ୱାନ ଦେବା ପରେ ବିରୋଧୀ ମେଣ୍ଟ ଖୁବ୍‌ଶୀଘ୍ର ଗଢ଼ାହେବା ଆବଶ୍ୟକ ବୋଲି କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ କହିଛନ୍ତି। ସେ କହିଛନ୍ତି, ଆପଣମାନେ ଯାହା ଚାହାନ୍ତି, କଂଗ୍ରେସ ମଧ୍ୟ ସେଇଆ ଚାହେଁ। ତେବେ ବେଳେବେଳେ ପ୍ରେମରେ ସମସ୍ୟା ସୃଷ୍ଟି ହୋଇଥାଏ। ବିରୋଧୀ ମେଣ୍ଟ ଶୀଘ୍ର ଗଢ଼ାହେବାରେ ସେ ସହମତ, ତେବେ ପ୍ରଥମେ ଆଇ ଲଭ୍ ୟୁ କିଏ କହିବ ବୋଲି ଖୁର୍ସିଦ ପ୍ରଶ୍ନ କରିଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବାକୁ ହେଲେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳ ହାତ ମିଳାଇବାକୁ ନୀତୀଶ ଶନିବାର ପୁଣିଥରେ ଆହ୍ୱାନ ଦେଇଥିଲେ। ଏକ ମିଳିତ ସାମ୍ମୁଖ୍ୟ ଭାଜପାକୁ ୧୦୦ରୁ କମ୍ ଆସନକୁ ଖସାଇବାରେ ସମର୍ଥ ହୋଇପାରିବ ବୋଲି ୭୧ ବର୍ଷୀୟ ନୀତୀଶ କହିବା ବେଳେ ଉପସ୍ଥିତ ନେତାମାନେ ସ୍ୱାଗତ କରିଥିଲେ। ତେଣୁ ଏ ଦିଗରେ କଂଗ୍ରେସ ତୁରନ୍ତ ନିଷ୍ପତ୍ତି ନେବା ଆବଶ୍ୟକ। ଏଥିପାଇଁ ଅପେକ୍ଷା କରିଛୁ, ଦିଲ୍ଲୀ ଯାଇ ସୋନିଆ ଗାନ୍ଧୀ ଓ ରାହୁଲଙ୍କୁ ଭେଟିବୁ ବୋଲି ସିପିଆଇ-ଏମ୍ ଏକାଦଶ ସାଧାରଣ ଅଧିବେଶନରେ ଉଦ୍‌ବୋଧନ ଦେଇ ବିହାର ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପ୍ରଧାନମନ୍ତ୍ରୀ ହେବା କିମ୍ବା ଏହି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେ ଚାହାନ୍ତି ନାହିଁ। ଦେଶକୁ ଏକାଠି କରିବା ଏବଂ ଘୃଣା ପ୍ରସାରରୁ ଲୋକଙ୍କୁ ମୁକ୍ତ କରିବା ତାଙ୍କର ଉଦ୍ଦେଶ୍ୟ ବୋଲି ନୀତୀଶ ଦୋହରାଇଛନ୍ତି।

ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତେଜସ୍ୱୀ ଯାଦବ, କଂଗ୍ରେସ ନେତା ସଲମାନ ଖୁର୍ସିଦ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆଞ୍ଚଳିକ ଦଳଗୁଡ଼ିକ ମୁଖ୍ୟ ଭୂମିକା ନିଭାଇବା ଲାଗି କଂଗ୍ରେସ ଅନୁମତି ଦେବା ଆବଶ୍ୟକ ବୋଲି ତେଜସ୍ୱୀ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୯/୨୦୨୩ Bhubaneswar, Sunday, February 19/2023




## ରେଣୁକାଙ୍କୁ ୫ ଉଇକେଟ ସଫଳତା

ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଭାରତର ରେଣୁକା ଠାକୁର ସିଂ ୫ ଉଇକେଟ ସଫଳତା ପାଇଛନ୍ତି।

୧୪

୧୧

## ଗର୍ଭଧାରଣକୁ ନେଇ ମୁହଁ ଖୋଲିଲେ

ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ତାଙ୍କ ଗର୍ଭଧାରଣକୁ ନେଇ ହେଉଥିବା ଚର୍ଚ୍ଚାରେ ସେ ଏବେ ମୁହଁ ଖୋଲି ଜବାବ ରଖିଛନ୍ତି।





ମହାଶିବରାତ୍ରି ଅବସରରେ ଶନିବାର ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ମୌସମ)

# ରାଜ୍ୟ ପାଇବେ ସମ୍ପୂର୍ଣ୍ଣ ଜିଏସ୍‌ଟି କ୍ଷତିପୂରଣ

- **୨୦୨୨ ଜୁନ୍ ବକେୟା ୧୬,୯୮୨ କୋଟି ମଞ୍ଜୁର**
- **ଜିଏସ୍‌ଟି ଟ୍ରିବ୍ୟୁନାଲ ପ୍ରତିଷ୍ଠା ହେବ**
- **ତରଳ ଗୁଡ଼, ପେନ୍‌ସିଲ୍ ସାର୍ପେନର ଉପରୁ ଟିକସ ହ୍ରାସ**

ନୂଆଦିଲ୍ଲୀ,୧୮।୨

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷତିପୂରଣ ବାବଦକୁ ରାଜ୍ୟଗୁଡ଼ିକ ବର୍ତ୍ତମାନ ସୁଦ୍ଧା ପାଇବାକୁ ଥିବା ସମ୍ପୂର୍ଣ୍ଣ ଅର୍ଥରାଶି ପ୍ରଦାନ କରାଯିବ। ୨୦୨୨ ଜୁନ୍ ପାଇଁ ସେସ୍ ବାବଦ ମୋଟ ୧୬,୯୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଶନିବାର ଅନୁଷ୍ଠିତ ଜିଏସ୍‌ଟି କାଉନସିଲ୍‌ର ୪୯ତମ ବୈଠକ ପରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ଏହି ସୂଚନା ଦେଇଛନ୍ତି।

ଜିଏସ୍‌ଟି କାଉନସିଲ ବୈଠକରେ ସୀତାରାମନ୍ କହିଛନ୍ତି, କ୍ଷତିପୂରଣ ପାଣ୍ଠିରେ ୧୬,୯୮୨ କୋଟି ଟଙ୍କା ଉପଲବ୍ଧ ନ ଥିଲେ ମଧ୍ୟ ସରକାର ନିଜସ୍ୱ ସମ୍ବଳରୁ ପ୍ରଦାନ କରିବେ ଏବଂ ଭବିଷ୍ୟତରେ ସଂଗ୍ରହ ହେବାକୁ ଥିବା ସେସ୍‌ରୁ ଏହାର ଭରଣା କରିବେ। ଏହି ଅର୍ଥ ପ୍ରଦାନ ସହ ଜିଏସ୍‌ଟି (ରାଜ୍ୟଗୁଡ଼ିକୁ କ୍ଷତିପୂରଣ) ଆଇନ, ୨୦୧୭ ଅନୁସାରେ ୫ ବର୍ଷର କ୍ଷତିପୂରଣ ରାଶି ସମ୍ପୂର୍ଣ୍ଣ ପଇଠ ହୋଇଯିବ। ଏହାବାଦ୍ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ସାର୍ଟିଫିକେଟ ଦାଖଲ କରିଥିବା ଦିଲ୍ଲୀ, ତେଲଙ୍ଗାନା, ତାମିଲନାଡୁ ସମେତ ୬ ରାଜ୍ୟକୁ ୧୬,୫୨୪ କୋଟି ଟଙ୍କା ପୈଠ କରାଯିବ। ୯୦ ପ୍ରତିଶତ ପାଣ୍ଠି ଯେକୌଣସି ପ୍ରକାରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ଅର୍ଥ ଏଜି ସାର୍ଟିଫିକେଟ ଦାଖଲ ପରେ ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ତରଳ ଗୁଡ଼ (ରାବ୍), ପେନ୍‌ସିଲ ସାର୍ପେନର ଏବଂ କେତେକ ଟ୍ରାକିଂ ଉପକରଣ ଉପରୁ ସାମଗ୍ରୀ



ନିର୍ମଳା ସୀତାରାମନ୍

ଓ ସେବା ଟିକସ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। କୋଇଲା ଉତ୍ତୋଳନ ବେଳେ ବାହାରୁଥିବା ଅଦରକାରୀ ସାମଗ୍ରୀ ଯୋଗାଣ ଓ ୱାଶେରି (କୋଇଲା ଧୋଇବା ସ୍ଥାନ)କୁ ପରିବହନକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ପୂର୍ବରୁ ତରଳ ଗୁଡ଼ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିବାବେଳେ ଖୋଲା ବିକ୍ରି ହେଉଥିବା ଗୁଡ଼ ଉପରେ ଆଦୌ ଟିକସ ଦେବାକୁ ପଡ଼ିବ ନାହିଁ। ତେବେ ପୂର୍ବରୁ ପ୍ୟାକିଂ ହୋଇ ଲେବଲ୍ ଲଗାଯାଇଥିବା ☞ପୃଷ୍ଠା-୨

# ଜେନେରେଟର ଧୂଆଁରେ କକା, ଝିଆରୀଙ୍କ ମୃତ୍ୟୁ

ଆର.ଉଦୟଗିରି,୧୮।୨(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଶିଆଳିଲଟି ପଞ୍ଚାୟତ ବେତାର ସିଂ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ କକା, ଝିଆରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ବ୍ରହ୍ମପୁର ବଡ଼ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ଗଣେଶ ନାୟକ (୧୮) ଓ ଅମ୍ବିକା ନାୟକ(୧୨)। ଗୁରୁତର ହୋଇଥିବା ଝୁମୁରୀ (୭) ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ବେତାରସିଂ ଗାଁର କମଳ ନାୟକଙ୍କ ପରିବାରରେ ବାହାଘର ଭୋଜି ଚାଲିଥିଲା। କମଳଙ୍କ ବାପା ମାଧବ, ଭାଇ ଗଣେଶ ଓ ଦୁଇଝିଅ ଅମ୍ବିକା, ଝୁମୁରୀ ଭୋଜି ଖାଇ ଘରେ ଶୋଇଥିଲେ। ରାତିରେ ଗ୍ରାମରେ ବିଦ୍ୟୁତ୍ ନ ଥିବାରୁ ଘର ବାରଣ୍ଡାରେ ଜେନେରେଟର ଲଗାଯାଇଥିଲା। ବର୍ଷା ଆସିବାରୁ ଜେନେରେଟରକୁ ସେମାନେ ଶୋଇଥିବା ଘର ଭିତରକୁ ଟେକି ନେଇଯାଇଥିଲେ। ଫଳରେ ଜେନେରେଟର ଧୂଆଁରେ ଘରେ ଶୋଇଥିବା ୪ଜଣ ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡ଼ିଥିଲେ। ସକାଳୁ ସେମାନେ ନ ଉଠିବାରୁ ପରିବାର ଲୋକେ ଏକ ଅଟୋ ସାହାଯ୍ୟରେ ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ☞ପୃଷ୍ଠା-୨

# ବିହାରରୁ ମାଷ୍ଟରମାଇଣ୍ଡ ଗିରଫ

**ବଡ଼ ଜବ୍ ରାକେଟ୍‌ର ପର୍ଦ୍ଦାଫାଶ କଲା ଇଓଡବ୍ଲ୍ୟୁ**

- **ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚଳୁ**
- **ଓଡ଼ିଶା ସମେତ ୧୭ ରାଜ୍ୟକୁ ଲମ୍ବିଛି ଚେର**
- **ଠକେଇ ଟଙ୍କାରେ ମୁମ୍ବାଇରେ ଫିଲ୍ମ ନିର୍ମାଣ**

ଭୁବନେଶ୍ୱର,୧୮।୨(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ବଡ଼ ଠକେଇ ରାକେଟ୍‌ର ପର୍ଦ୍ଦାଫାଶ କରିଛି। ଚାକିରି ଦେବା ନାଁରେ ଓଡ଼ିଶା ସମେତ ୧୭ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ଆଶାୟୀଙ୍କଠାରୁ ୬.୬ କୋଟି ଟଙ୍କା ଠକେଇ କରିଥିବା ମାଷ୍ଟରମାଇଣ୍ଡଙ୍କୁ ବିହାରରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିହାର ଗୋପାଳଗଞ୍ଜ ଜିଲାର ଧରମପାଲ ସିଂ। ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ୫ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣୁଛି। ତେବେ ଏହି ଠକେଇ ରାକେଟ୍ ଦିଲ୍ଲୀରୁ ଅପରେଟ୍ ହେଉଥିବାବେଳେ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ଇଓଡବ୍ଲ୍ୟୁ ଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି। ଅଭିଯୁକ୍ତ ଧରମପାଲ ଉକ୍ତ ଠକେଇ ଟଙ୍କାକୁ ୬ଟି କମ୍ପାନୀରେ ବିନିଯୋଗ



ଧରମପାଲ ସିଂ

କରିବା ସହ ମୁମ୍ବାଇର ଏକ ଚଳଚ୍ଚିତ୍ର ପ୍ରଡକ୍ସନ କମ୍ପାନୀ ସୁମିତ୍ରା ପ୍ରଡକ୍ସନରେ ମଧ୍ୟ ଲଗାଇଥିବା ତଦନ୍ତବେଳେ ଜଣାପଡ଼ିଛି ବୋଲି ଆଇଜି ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ଅଭିଯୁକ୍ତ ଧରମପାଲ ଗ୍ରାମୀଣ ରୋଜଗାର କଲ୍ୟାଣ ସଂସ୍ଥାନ ନାଁରେ ଏକ ନକଲି ସରକାରୀ ୱେବ୍‌ସାଇଟ୍ www.grks.org ଖୋଲିଥିଲେ। ଦିଲ୍ଲୀରେ ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ଥିବାବେଳେ ☞ପୃଷ୍ଠା-୨

# ଏକକାଳୀନ ୨,୦୦୦ ଘଣ୍ଟା ଟାଟୁ କଲେ ଦମ୍ପତି

ୱାଶିଂଟନ୍, ୧୮।୨

ଆଧୁନିକ ଯୁଗରେ ଟାଟୁର କ୍ରେଜ୍ ବଢ଼ିବାରେ ଲାଗିଛି। ଯୁବପିଢ଼ି ହୁଅନ୍ତୁ ଅବା ବୟସ୍କ ଅନେକେ ଏବେ ଟାଟୁ ଫ୍ୟାଶନ୍‌କୁ ଆଦରି ନେଇଛନ୍ତି। ଦେହରେ ନାନା ରକମର ଟାଟୁ ଛାପିବା ଏବେ ଟ୍ରେଣ୍ଡ ପାଲଟିଯାଇଛି। ଟାଟୁ କରିବା ଲାଗି ଭଲ ପାଉଥିବା ଲୋକେ ଏହାପିଛା କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏ ନେଇ ସେମାନଙ୍କୁ ବହୁ ସମୟ ମଧ୍ୟ ଟାଟୁ ପାର୍ଲରରେ ବିତାଇବାକୁ ପଡ଼ିଥାଏ। ଏହାଛଡ଼ା ଅନେକ ସମୟରେ ଟାଟୁ କରି ବହୁ ଲୋକ ରେକର୍ଡର ଅଧିକାରୀ ମଧ୍ୟ ହୋଇଛନ୍ତି। ତେବେ ଏହି ଟ୍ରେଣ୍ଡରୁ ବାଦ୍ ପଡ଼ି ନ ଥିବା ଆମେରିକୀୟ ବୟସ୍କ ଦମ୍ପତି ହେଲ୍ମକେ (୮୧) ଏବଂ ଚାର୍ଲୋଟେ ଗୁଟେନବର୍ଗ (୭୪) ଦେହରେ ଟାଟୁ କୁଟେଇ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏକକାଳୀନ ୨,୦୦୦ ଘଣ୍ଟା ଚେୟାର୍‌ରେ ବସି ଏହି ଦମ୍ପତି ରଙ୍ଗିନ



ଟାଟୁରେ ଦେହକୁ ଚିତ୍ର ବିଚିତ୍ର କରିଛନ୍ତି।

ଶରୀରରେ ଏକାଧିକ ରଙ୍ଗର ଟାଟୁ କରିଥିବା ଚାର୍ଲୋଟ ବିଶ୍ୱର ସବୁଠାରୁ ବୟସ୍କା ମହିଳା ଏବଂ ହେଲ୍ମକେ ସବୁଠୁ ବୟସ୍କ ବ୍ୟକ୍ତି ଭାବେ ଏହି ରେକର୍ଡ କରିଛନ୍ତି। ଚାର୍ଲୋଟେ ନିଜ ଶରୀରର ୯୭% ଭାଗରେ ଟାଟୁ କରିଛନ୍ତି। ଦୁହେଁ ଶରୀରର ବିଭିନ୍ନ ଅଙ୍ଗ ପାଇଁ ଭିନ୍ନ ଭିନ୍ନ ରଙ୍ଗର ଟାଟୁ ଆଙ୍କିଛନ୍ତି। ଚାର୍ଲୋଟଙ୍କୁ ଯେତେବେଳେ ୫୭ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଦେହରେ ପ୍ରଥମ ଟାଟୁ କୁଟେଇଥିଲେ। ହେଲ୍ମକେ ଏବଂ ଚାର୍ଲୋଟେ ଫ୍ଲୋରିଡାରେ ରୁହନ୍ତି। ଦେହର ୯୦%ରୁ ଅଧିକ ଭାଗରେ ଟାଟୁ ଥିବା ଯୋଗୁ ସେମାନେ ନିଜକୁ 'ମୁଭିଙ୍ଗ୍ ଆର୍ଟ ଗ୍ୟାଲେରି' ବୋଲି କୁହନ୍ତି। ଦୁହିଙ୍କ ଦେଖା ଏକ ଟାଟୁ ପାର୍ଲରରେ ହୋଇଥିଲା। ସେବେଠାରୁ ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ବନ୍ଧୁତା ପ୍ରେମର ରୂପ ନେଇଥିବା ଚାର୍ଲୋଟେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଣରେ ପିଲେ ମୂଷା ମାଟି;**
**ମେଘ ଯାଉ ଫସର ଫାଟି ।**

ମେଘ ବନ୍ଦ କରିବା ଲାଗି ଅନେକ ପ୍ରକାର ପନ୍ଥା ଆପଣେଇ ନିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ । ମୂଷାଗାତରୁ ମାଟି ଆଣି ଗାତ ବନ୍ଦ କଲେ ହେଉଥିବା ଲଗାଣ ବର୍ଷା ସଙ୍ଗେସଙ୍ଗେ ଉଭେଇଯାଏ ବୋଲି ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆଳୁ ପତର କି ସାରୁ ପତର,**
**ପିଠି ଖାଉଥିଲା ଖରା,**
**ଆଗେ ଅଣ୍ଟୁ ନଥିଲା କୁଣ୍ଡା ଚକୁଳି,**
**ଏବେ ରୁଚୁନାହିଁ ବିରିବରା ।**

ମନୁଷ୍ୟ ନିଜର ପୂର୍ବାବସ୍ଥା ବା ଅତୀତକୁ ଭୁଲିଯିବା ଅନୁଚିତ । ବହୁକ୍ଷେତ୍ରରେ ଅତି ଦରିଦ୍ର ଭାବେ ଜୀବନଯାପନ କରିଥିବା ମନୁଷ୍ୟଟି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ଅତୀତରେ କଟାଇଥିବା ଦୁଃସ୍ଥ ଜୀବନଯାପନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାରେ ଅହଙ୍କାରୀ ହୋଇଯାଉଥିବାର ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଜଣେ ମୃତ, ...

ହେଲେ ମାମା ସିଂ(୬), ସୀତା ହାଂସଦା(୬), ଶ୍ରୀମନ୍ତି ସିଂ(୧୩), ଗାୟତ୍ରୀ ଘଡାଇ(୧୨), ଶୁଭଶ୍ରୀ ବେହେରା(୧୪), ପୂଜାରାଣୀ ଗିରି(୧୫), ବିନି ଦାସ(୧୨), ଚାଲ୍‌ସେ ହାଁସଦା(୧୧), ଗୀତା ସିଂ(୮), ପାନି ମାଝି(୬), ରାଧି ସିଂ(୭)। ଅନ୍ୟମାନଙ୍କ ନାମ ଜଣାପଡ଼ିନାହିଁ। ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀ ଟିମ୍ ଅସୁସ୍ଥଙ୍କୁ ଚିକିତ୍ସା କରୁଛନ୍ତି। ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା ଓ ଉପାଧ୍ୟକ୍ଷା ସସ୍ମିତା ଦାସ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ବୁଝୁଛନ୍ତି। ଏ ସମ୍ପର୍କରେ କନ୍ୟାଶ୍ରମ ସମ୍ପାଦିକା ସୁମତୀ ମହାନ୍ତି କହିଛନ୍ତି, ଖେଳକୁଟିରେ ଆସିବା ପରେ ଜଣେ ପିଲା ବାନ୍ତି କରିବା ସହ ପେଟବ୍ୟଥା ହେଇଥିଲା। ତାଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା।

### ଆଜି ମୁଖ୍ୟମନ୍ତ୍ରୀଙ୍କ ...

ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ପାଇକମାଳରେ ୧ଟା ୧୦ମିନିଟ୍‌ରେ କାର୍ଯ୍ୟକ୍ରମ ଶେଷ ହେବ। ୧ଟା ୪୦ରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଆର. ଏଲ. କଲ୍ୟାଣ ମଣ୍ଡପ କ୍ୟାମ୍ପସ ହେଲିପ୍ୟାଡରେ ପହଞ୍ଚି ସେଠାରୁ ପଦ୍ମପୁର ପିଡବ୍ଲୁଡି ଆଇବିକୁ ଯିବେ। ଅପରାହ୍ନ ୩ଟା ୪୫ ମିନିଟ୍‌ରେ ସେ ପଦ୍ମପୁର ହାଇସ୍କୁଲ ପଡିଆରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ। ପଦ୍ମପୁରରେ ମଧ୍ୟ ସେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅପରାହ୍ନ ୪ଟା ୩୦ରେ କାର୍ଯ୍ୟକ୍ରମ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ସତୀଭଟା ଏୟାରଷ୍ଟ୍ରିପ୍‌ରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି। ଉଲ୍ଲେଖନୀୟ, ଗତ ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ ପଦ୍ମପୁର ଯାଇଥିଲେ ଏବଂ ସେଠାରେ ନିର୍ବାଚନମଣ୍ଡଳୀବାସୀଙ୍କୁ ପଦ୍ମପୁରକୁ ଜିଲା ଘୋଷଣା ସମେତ ଅନ୍ୟାନ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ ରବିବାର ତାଙ୍କର ଏହିଗସ୍ତ ବେଳେ ସେ ଏ ନେଇ କିଛି ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

### ରାଜ୍ୟ ପାଇବେ ସମ୍ପୂର୍ଣ୍ଣ ...

ତରଳ ଗୁଡ଼ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ। ସେହିପରି ପାନ ମସଲା ଏବଂ ଗୁଟ୍‌କା ଶିଳ୍ପ ଦ୍ୱାରା ଟିକସ ଫାଙ୍କିକୁ ରୋକିବା ଲାଗି ମନ୍ତ୍ରୀଗୋଷ୍ଠୀର ରିପୋର୍ଟକୁ ଅନୁଧ୍ୟାନ କରାଯାଉଛି। ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲ ପ୍ରତିଷ୍ଠା ନେଇ କାଉନସିଲ୍‌ରେ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଧାର୍ଯ୍ୟ ତାରିଖ ପରେ ବାର୍ଷିକ ଜିଏସ୍‌ଟି ରିଟର୍ନ ଫାଇଲ ପାଇଁ ବିଳମ୍ବ ଦେୟକୁ ଯୁକ୍ତିସଙ୍ଗତ କରିବା ନିମନ୍ତେ କାଉନସିଲ୍ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଏସ୍‌ୟୁଭି ଏବଂ ଏମ୍‌ୟୁଭି ପାଇଁ ଫିଟ୍‌ମେଣ୍ଟ କମିଟି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଅଦାଲତ ଏବଂ ଟ୍ରିବ୍ୟୁନାଲଗୁଡ଼ିକ ଯୋଗାଉଥିବା ସେବା ଉପରେ ରିଭର୍ସ ଚାର୍ଜ ବ୍ୟବସ୍ଥାରେ ଟିକସ ଲାଗୁ କରିବାକୁ କାଉନସିଲ୍ ନିଷ୍ପତ୍ତି ନେଇଥିବା ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି। ଜିଏସ୍‌ଟି ଟ୍ରିବୁ୍ୟନାଲ ଉପରେ ମନ୍ତ୍ରୀଗୋଷ୍ଠୀ ରିପୋର୍ଟ ସାମାନ୍ୟ ସଂଶୋଧନ ସହ ମାର୍ଚ୍ଚ ୧ ସୁଦ୍ଧା ପ୍ରସ୍ତୁତ ହୋଇଯିବ ଏବଂ ଅର୍ଥ ବିଲ୍‌ରେ ସାମିଲ କରାଯାଇପାରିବ ବୋଲି ଅର୍ଥମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଅନ୍‌ଲାଇନ ଗେମିଂ ଉପରେ ମନ୍ତ୍ରୀଗୋଷ୍ଠୀ ରିପୋର୍ଟ ବୈଠକରେ ଆଲୋଚନା ହୋଇପାରି ନ ଥିଲା। ବୈଠକରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ର ଓ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ବିହାରରୁ ମାଷ୍ଟରମାଇଣ୍ଡ୍ ...

ମୁମ୍ବାଇ, ଭୋପାଳ ଓ ଡେରାଡୁନ୍‌ରେ ମଧ୍ୟ ଶାଖା ଖୋଲିଥିଲେ। ଧରମପାଲ ଏହି ସଂସ୍ଥାନର ସମ୍ପାଦକ ରହିଥିବାବେଳେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ତେଲଙ୍ଗାନା, ଆସାମ, ହିମାଚଳପ୍ରଦେଶ, ପଞ୍ଜାବ ଆଦି ୧୭ଟି ରାଜ୍ୟରେ ନିଜର ନେଟ୍‌ୱର୍କ ତିଆରି କରିଥିଲେ। ପରେ ଉକ୍ତ ୱେବ୍‌ସାଇଟ୍‌ରେ ସରକାରୀ ବିଜ୍ଞାପନ ଢାଞ୍ଚାରେ ବିଜ୍ଞାପନ ଦେଇ ବେକାର ଯୁବତୀଯୁବକ ଓ ଚାକିରି ଆଶାୟୀଙ୍କୁ ଫସାଇବାକୁ ଜାଲ ବିଛାଇଥିଲେ। ଏପରି କି ବିଶ୍ୱାସ ଜନ୍ମାଇବା ଲାଗି କିଛି ଖବରକାଗଜ ଜରିଆରେ ବିଜ୍ଞାପନ ଦେଉଥିଲେ। ଏଥିରେ ଜିଲା ଓ ବ୍ଲକ୍ କୋଅର୍ଡିନେଟର, କମ୍ପ୍ୟୁଟର ଅପରେଟର ଆଦି ବହୁ ପଦବୀ ପାଇଁ ନିଯୁକ୍ତି ବାହାର କରୁଥିଲେ। ୱେବ୍‌ସାଇଟ ମାଧ୍ୟମରେ ଆଶାୟୀମାନେ କେବଳ ଆବେଦନ କରିପାରିବେ ବୋଲି ସେଥିରେ ଉଲ୍ଲେଖ ଥିଲା। ଅନ୍‌ଲାଇନ୍ ଫି' ବାବଦକୁ ଜେନେରାଲ ଏବଂ ଓବିସି ବର୍ଗ ପାଇଁ ୩୭୦ ଟଙ୍କା ଥିବାବେଳେ ଜନଜାତି ପିଲାଙ୍କ ଲାଗି ୧୭୦ ଟଙ୍କା ରହିଥିଲା। ଯେଉଁ ଆଶାୟୀମାନେ ଅନ୍‌ଲାଇନରେ ଫି' ଦାଖଲ ସହ ଆବେଦନ କରୁଥିଲେ ସେମାନଙ୍କୁ ଅନ୍‌ଲାଇନ ଜରିଆରେ ପରୀକ୍ଷା ଓ ସାକ୍ଷାତ୍‌କାର ନେବାକୁ ଅଭିଯୁକ୍ତମାନେ କହୁଥିଲେ। ପରବର୍ତ୍ତୀ ସମୟରେ ସମସ୍ତ ଆଶାୟୀଙ୍କୁ ଅଯୋଗ୍ୟ କହି କାଟିଦେବା ସହ କୌଣସି ଚାକିରି ଦେଉ ନ ଥିଲେ। ତେବେ ଆବେଦନ ଫି' ବାବଦକୁ ଏପରି ଭାବେ ସେ ବହୁ କୋଟି ଟଙ୍କା ଠକି ନେଉଥିଲେ।

### ଜେନେରେଟର ଧୂଆଁରେ ...


ଅସୁସ୍ଥ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

କରିଥିଲେ। ସେଠାରେ ଗଣେଶ ଓ ଅମ୍ବିକାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମାଧବ ସୁସ୍ଥ ହୋଇ ଘରକୁ ଫେରିଥିଲା ବେଳେ ଝୁମୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏ ନେଇ ଆର.ଉଦୟଗିରି ଥାନାରେ ନଂ ୧/୨୩, ୨/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।




# ରାଜ୍ୟକୁ କମୁଛନ୍ତି ବିଦେଶୀ ପର୍ଯ୍ୟଟକ

## କୋଭିଡ୍ ପରଠାରୁ ୭୭% ହ୍ରାସ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

କୋଭିଡ୍ ମହାମାରୀ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ବିଗାଡ଼ି ଦେଇଛି। କୋଭିଡ୍ ଭୟ ଯୋଗୁ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆଶାତୀତ ଭାବେ ହ୍ରାସପାଇଛି। ଏପରି କି ୨୦୨୧ରେ ରାଜ୍ୟକୁ ମାତ୍ର ୨୨୬୯ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୨୨ରେ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୭୭ ପ୍ରତିଶତ ହ୍ରାସ ଘଟିଛି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଭାରତ ପର୍ଯ୍ୟଟକ ପରିସଂଖ୍ୟାନ-୨୦୨୨ ରିପୋର୍ଟ ଅନୁଯାୟୀ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ୨୦୨୦ ଏବଂ ୨୦୨୧ରେ ୭୭.୭ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୨ରେ ଏହା ୭୭ ପ୍ରତିଶତରେ ରହିଛି। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୧୯ ମସିହାରେ ଓଡ଼ିଶାକୁ ୧,୧୫,୧୨୮ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୨୦ରେ କୋଭିଡ୍ ଯୋଗୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ୧୦,୨୦୬ରେ ସୀମିତ ଥିବାବେଳେ ୨୦୨୧ରେ ଏହା ୨୨୬୯କୁ ହ୍ରାସ ପାଇଥିଲା। ମନ୍ତ୍ରଣାଳୟର ଉକ୍ତ ପରିସଂଖ୍ୟାନ ରିପୋର୍ଟ ଅନୁଯାୟୀ ପର୍ଯ୍ୟଟକ ଆଗମନ ତାଲିକାରେ ଦେଶରେ ଓଡ଼ିଶା ଘରୋଇ ପର୍ଯ୍ୟଟକ କ୍ଷେତ୍ରରେ ୧୮ ତମ ସ୍ଥାନରେ ରହିଥିବା ବେଳେ ବିଦେଶୀ ପର୍ଯ୍ୟଟକ ଆଗମନ କ୍ଷେତ୍ରରେ ୨୦ ତମ ର୍ୟାଙ୍କ୍‌ରେ ରହିଛି। ଗତ କିଛି ବର୍ଷ ଧରି କୋଣାର୍କର ସୂର୍ଯ୍ୟମନ୍ଦିର ୫ ଶ୍ରେଷ୍ଠ ସେଣ୍ଟ୍ରାଲ ମନୁମେଣ୍ଟରେ ସ୍ଥାନ ପାଇ ନ ଥିଲା। ରାଜ୍ୟକୁ ପର୍ଯ୍ୟଟକ ହ୍ରାସ ଦିଗରେ ଏହା ଅନ୍ୟ ଏକ କାରଣ ଦର୍ଶାଯାଉଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ଓ ତାରକା ହୋଟେଲର ଅଭାବ ଯୋଗୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହ୍ରାସପାଉଥିବା କୁହାଯାଉଛି। ୨୦୨୦-୨୧ରେ କୋଣାର୍କକୁ ୫.୩ ଲକ୍ଷ ଘରୋଇ ପର୍ଯ୍ୟଟକ ଆସିଥିବା ବେଳେ ମାତ୍ର ୧୪୨ ଜଣ ବିଦେଶୀ ପର୍ଯ୍ୟଟକ ପରିଦର୍ଶନ କରିଥିବା କୁହାଯାଇଛି। ଅନ୍ୟପକ୍ଷରେ ରତ୍ନଗିରିକୁ ମଧ୍ୟ ପର୍ଯ୍ୟଟକଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ଘଟିଛି। ୨୦୨୦ରୁ ୨୦୨୨ ମଧ୍ୟରେ ଏହି ସ୍ଥାନକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୦.୨୯ ପ୍ରତିଶତ ହ୍ରାସ ହୋଇଥିବା ପରିସଂଖ୍ୟାନ ରିପୋର୍ଟରେ କୁହାଯାଇଛି। ରାଜ୍ୟରେ ବିଦେଶୀ ପର୍ଯ୍ୟଟକମାନଙ୍କ ରହଣି ପାଇଁ ପର୍ଯ୍ୟାପ୍ତ ତାରକା ହୋଟେଲର ଅଭାବ ରହିଛି। ରାଜ୍ୟରେ ୨୨ଟି ତାରକା ହୋଟେଲରେ ମାତ୍ର ୧,୧୨୪ ରୁମ୍ ରହିଛି। ୨୦୧୯ରେ ଭାରତକୁ ୩.୧୪ କୋଟିରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ୨୦୨୦ରେ ଏହି ସଂଖ୍ୟା ୪.୪୬ ଲକ୍ଷକୁ ହ୍ରାସ ପାଇଥିବାବେଳେ ୨୦୨୧ରେ କରୋନା ପ୍ରଭାବ ଯୋଗୁ ଏହା ୩୫ ହଜାର ଟପିପାରି ନ ଥିଲା। ଅବସ୍ଥା ଏଭଳି ହୋଇଥିଲା ଯେ ୨୦୨୧ରେ ଲକ୍ଷାଦ୍ୱୀପକୁ ମାତ୍ର ୪ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ତ୍ରିପୁରାକୁ ୫ ଜଣ, ଛତିଶଗଡ଼କୁ ୮ଜଣ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ତେବେ ୨୦୨୧ରେ କରୋନା ମହାମାରୀ ସତ୍ତ୍ୱେ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ୨୭,୫୫୧ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ପଶ୍ଚିମବଙ୍ଗକୁ ୩୪,୮୨୮ ଜଣ ଆସିଥିଲେ। ତେବେ ଏହି ଦୁଇ ରାଜ୍ୟକୁ ସିଧାସଳଖ ଭାବେ ଅନ୍ତର୍ଜାତୀୟ ବିମାନ ଚଳାଚଳ କରୁଥିବାରୁ ଅଧିକ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସୁଥିବା କୁହାଯାଉଛି। ପର୍ଯ୍ୟଟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କୋଭିଡ୍ ପରେ ରାଜ୍ୟକୁ କିପରି ପର୍ଯ୍ୟଟକମାନଙ୍କର ଆଗମନ ବଢ଼ିବ ସେ ନେଇ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରାଯାଇଥିବା ବେଳେ ପର୍ଯ୍ୟଟନର ପ୍ରଚାର ପ୍ରସାର ସହିତ ଇକୋ ରିଟ୍ରିଟ୍‌ର ମୂଲ୍ୟକୁ ହ୍ରାସ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅନେକ ପୁଞ୍ଜିନିବେଶକାରୀ ଆଗ୍ରହ ଦେଖାଇଛନ୍ତି।

# ଲଘୁ ଖଣିଜ ଚାଲାଣ ବେଳେ ଚଢ଼ାଉ: ୫ଲକ୍ଷ ଜରିମାନା

ବ୍ରଜରାଜନଗର,୧୮।୨(ଡି.ଏନ.ଏ.)

ବେଆଇନ ଭାବେ ମାଟି ଓ ମୋରମ ଉତ୍ତୋଳନ କରୁଥିବା ବଂଶଲ ଇନ୍‌ଫ୍ରା ପ୍ରୋଜେକ୍ଟସ ଲିମିଟେଡକୁ ଝାରସୁଗୁଡା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ୫ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ସୂଚନାନୁସାରେ ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ପଞ୍ଚପଡ଼ା ଓ ଲହଣ୍ଡାବୁଡ଼ ରାସ୍ତା ପାର୍ଶ୍ୱରୁ ବେଆଇନ ଭାବେ ମାଟି ଉତ୍ତୋଳନ କରି ଜିଲାର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ଉପଜିଲାପାଳ ସ୍ୱାଇଁ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଶୁକ୍ରବାର ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମାଟି ଚାଲାଣ କରୁଥିବା ଦୁଇଗୋଟି ହାଇୱାକୁ ଧରିଥିଲେ। ଅନୁସନ୍ଧାନ ବେଳେ ପ୍ରସନ୍ନ ପଣ୍ଡା ଛକରେ ଓଭରବ୍ରିଜ ନିର୍ମାଣ ଓ ରାସ୍ତା ପ୍ରଶସ୍ତୀକରଣ କାମର ଟେଣ୍ଡର ନେଇଥିବା ବଂଶଲ ଇନ୍‌ଫ୍ରା ଏହି କାମ କରୁଥିବା ଜଣାପଡ଼ିଥିଲା। ତେବେ ଭୁଲ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଥିବା ହେତୁ ଏ ନେଇ ଏକ ମାମଲା ରୁଜୁ କରି ୫ଲକ୍ଷ ଟଙ୍କା ଜରିମାନା ଆଦାୟ କରିବାକୁ ଝାରସୁଗୁଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତା'ଛଡ଼ା ପଞ୍ଚପଡ଼ା ଓ ଲହଣ୍ଡାବୁଡ଼ ରାସ୍ତାରୁ ମୋଟ କେତେ ମାଟି ଓ ମୋରମ ଚୋରା ଚାଲାଣ ହୋଇଛି ତାହାର ଉଚିତ ଆକଳନ ତହସିଲଦାର ଓ ଖଣି ବିଭାଗ ୩ଦିନ ଭିତରେ କରିବା ପାଇଁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି। ଏହାସହ ଏଚ୍. କଟାପାଲି ଓ ଏକାତାଲି ମଣ୍ଡଳର ରାଜସ୍ୱ ନିରୀକ୍ଷକଙ୍କୁ ଜବାବ ତଲବ ସହ ମାଟି ମାଫିଆଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ତହସିଲଦାରଙ୍କୁ କହିଛନ୍ତି। ମାଟି ମାଫିଆଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଉପଜିଲାପାଳ ଚେତାବନୀ ଦେବା ସହ ଆଗକୁ କ୍ରମାଗତ ଭାବେ ଏଭଳି ଧରପଗଡ଼ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା କଡାକଡ଼ି

ବରଗଡ଼ ଅଫିସ,୧୮।୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପଦ୍ମପୁର ନିର୍ବାଚନମଣ୍ଡଳୀ ଗସ୍ତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶନିବାର ଜିଲାପାଳ ମୋନିଷା ବାନାର୍ଜୀ ଓ ବହୁ ପ୍ରଶାସନିକ ଅଧିକାରୀ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଚୂଡ଼ାନ୍ତ ରୂପରେଖ ତଦାରଖ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିପାଇଁ ମୋଟ ୨୫ ପ୍ଲାଟୁନ ଫୋର୍ସ ସୁରକ୍ଷା ଦାୟିତ୍ୱରେ ରହିବେ। ଏହାବ୍ୟତୀତ ୫ଜଣ ଏଏସ୍‌ପି, ୧୬ ଡିଏସ୍‌ପି, ୩୨ଜଣ ଆଇଆଇସି, ୧୦୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ନିୟୋଜିତ ହେବେ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି।

# ୟୁଜି ନାମଲେଖା ପାଇଁ ସିୟୁଇଟି ସ୍କୋର ବ୍ୟବହାର ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ୟୁଜି ଏବଂ ପିଜି ନାମଲେଖା ନିମନ୍ତେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଏକକ ପିଜି ପ୍ରବେଶିକା ପରୀକ୍ଷା(ସିୟୁଇଟି) ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରୀକ୍ଷାରୁ ମୁକ୍ତ କରିବା ପାଇଁ ଏବଂ ସମସ୍ତ ପିଲାଙ୍କୁ ସମାନ ସୁଯୋଗ ଦେବା ଉଦ୍ଦେଶ୍ୟରେ ଏହି ଏକକ ପ୍ରବେଶିକା ପରୀକ୍ଷା କରାଯାଇଛି। ସିୟୁଇଟି ସ୍କୋର ଅନୁସାରେ ଛାତ୍ରୀଛାତ୍ରଙ୍କ ନାମଲେଖା ହୋଇଥାଏ। ତେବେ ଦେଶର ବିଭିନ୍ନ ରାଜ୍ୟରେ ୟୁଜି ନାମଲେଖା ସମୟରେ ଏହାକୁ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଏବେ ବି ବହୁ ରାଜ୍ୟ ସେହି ପୁରୁଣା ଫର୍ମାଟରେ ନାମ ଲେଖାଉଛନ୍ତି। ବହୁ ଉଚ୍ଚ ଶିକ୍ଷାନୁଷ୍ଠାନ ଯୁକ୍ତ୨ ବୋର୍ଡ ମାର୍କଶିଟ୍‌କୁ ବ୍ୟବହାର କରୁଛନ୍ତି କିମ୍ବା ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା କରି ୟୁଜି ନାମଲେଖାଉଛନ୍ତି। ଏହାକୁ ନେଇ ୟୁଜିସି ଉଦ୍‌ବେଗ ପ୍ରକାଶ କରିବା ସହିତ ୟୁଜି ନାମଲେଖା ବେଳେ ସିୟୁଇଟି ସ୍କୋର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ୟୁଜିସି ସେକ୍ରେଟାରି ପ୍ରଫେସର ମନୀଷ ଆର୍. ଜୋଷୀ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ(ରାଜ୍ୟ, ଡିମ୍ଡ, ଘରୋଇ)ର କୁଳପତି ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ବିଭିନ୍ନ ତାରିଖରେ ହେଉଥିବା ବହୁ ପ୍ରବେଶିକା ପରୀକ୍ଷାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରିବା ଲାଗି ଏବଂ ସମାନ ସୁଯୋଗ ସମସ୍ତ ଛାତ୍ରୀଛାତ୍ରଙ୍କୁ ଦେବା ପାଇଁ ସିୟୁଇଟି ସ୍କୋର ବ୍ୟବହାର କରିବାକୁ ୟୁଜିସି ଚିଠିରେ ଉଲ୍ଲେଖ କରିଛି। ସୂଚନାଯୋଗ୍ୟ, ନିକଟରେ ଆଲିଗଡ଼ ମୁସ୍‌ଲିମ ୟୁନିଭରସିଟି ଏବଂ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭରସିଟି ୟୁଜି ନାମଲେଖା ନିମନ୍ତେ ସିୟୁଇଟିକୁ ଗ୍ରହଣ ନ କରି ନିଜସ୍ୱ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାକି ୟୁଜିସିର ଗାଇଡ୍‌ଲାଇନର ବିରୁଦ୍ଧାଚରଣ ହେଉଛି। ଏଭଳି ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରଙ୍କ ଅଭିଯୋଗ ଆସିବା ପରେ ୟୁଜିସି ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କଲେଜକୁ ଚିଠି ଲେଖିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ସିୟୁଇଟି ପରୀକ୍ଷା ପରିଚାଳନା କରିବ। ଏନ୍‌ଟିଏ ସିୟୁଇଟି ୟୁଜି ୨୦୨୩ ପଞ୍ଜୀକରଣ ପ୍ରକ୍ରିୟା ଗତ ୯ତାରିଖରୁ ଆରମ୍ଭ କରିସାରିଲାଣି। ପଞ୍ଜୀକରଣ ପ୍ରକ୍ରିୟା ମାର୍ଚ୍ଚ ୧୨ତାରିଖରେ ଶେଷ ହେବ। ଛାତ୍ରୀଛାତ୍ରମାନେ ଏନ୍‌ଟିଏର ଅଫିସିଆଲ ୱେବ୍‌ସାଇଟ୍ cuet.samarth.ac.in ୱେବ୍‌ସାଇଟ୍‌ରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଏପ୍ରିଲ ୩୦ରେ ଇଣ୍ଟିମେଶନ ସ୍ଲିପ୍ ରିଲିଜ୍ ହେବ। ତେବେ ମେ' ୨୧ରୁ ୩୧ତାରିଖ ମଧ୍ୟରେ ସିୟୁଇଟି ୨୦୨୩ ଅନୁଷ୍ଠିତ ହୋଇପାରେ। ଏହି ପ୍ରବେଶିକା ପରୀକ୍ଷା କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ଆଧାରରେ ହେବ। ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ୧୩ଟିଭାଷାରେ ଏହି ପରୀକ୍ଷା ହେବ। ଚଳିତବର୍ଷ ଏହି ପ୍ରବେଶିକା ପରୀକ୍ଷା ପାଇଁ ଏନ୍‌ଟିଏ ବହୁ ପରିବର୍ତ୍ତନ କରିଛି। ପୂର୍ବରୁ ଦୁଇଟି ସିଫ୍ଟରେ ଏହି ପରୀକ୍ଷା ହେଉଥିବାବେଳେ ଏଥର ତିନୋଟି ସିଫ୍ଟରେ ହେବ। ସେହିପରି ସେକ୍ସନ ୨ ଓ ୩ରେ ପୂର୍ବରୁ ଯେତିକି ପ୍ରଶ୍ନ ଆଟେମ୍ପ୍‌ଟ କରିବାର ରହିଥିଲା, ତାହାକୁ ଚଳିତବର୍ଷ କମାଇ ଦିଆଯାଇଛି। ଏଥର ବିଷୟକୁ ବଢ଼ାଇଦିଆଯିବା ସହିତ ଆବେଦନ ଫି' ମଧ୍ୟ ବୃଦ୍ଧି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଚନ୍ଦ୍ରଙ୍କ ସହ ବୁଧଙ୍କ ସଂଯୋଗ ପାରିବାରିକ ସ୍ଥିତିକୁ ବିଗାଡ଼ି ଦେବାର ବହୁ ସମ୍ଭାବନା ରହିଛି। କଥା ପ୍ରସଙ୍ଗରେ ପରିସ୍ଥିତିବଶତଃ ସାମାନ୍ୟ ବିତର୍କରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। ଅନ୍ୟମାନଙ୍କୁ ପରାମର୍ଶ ଦେଇ ପ୍ରଶଂସିତ ହେବେ। ପରିବାର କଥା ଚିନ୍ତାଜନକ ହେବ।

**ବୃଷ** - ଆଜି ଯାହା କଲେ ମଧ୍ୟ ଯଥାସମୟର ବହୁ ବିଳମ୍ବରେ କାର୍ଯ୍ୟ ସମ୍ପନ୍ନ ହେବ। ପିଲାମାନଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି। କୌଣସି ହିତୈଷୀ ବନ୍ଧୁଜଣେ ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ।

**ମିଥୁନ** - ସକାଳୁ ସକାଳୁ କିଛି ଖୁସି ଖବର ମନକୁ ଆହ୍ଲାଦିତ କରିବ। ଅଟକି ଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ଲୋକମାନେ ପାରିବାରିକ ସମସ୍ୟା ସୃଷ୍ଟିର ମୂଳକାରଣ ହୋଇପାରନ୍ତି। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ କ୍ଷେତ୍ର ଭଲ ରହିବ। ଦୂର ବନ୍ଧୁଙ୍କ ଆଗମନ ଆଶା ଉଜ୍ଜ୍ୱଳ।

**କର୍କଟ** - ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ କାମ ଅଟକି ରହିବ। ଆବଶ୍ୟକତା ଅନୁଯାୟୀ ସାହାଯ୍ୟଧାରା ବାଧାପ୍ରାପ୍ତ ହୋଇପାରେ। ଆଲୋଚନା ପରିସରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ସିଂହ** - ଅଳ୍ପରେ କାମ ହାସଲ କରିବାକୁ ଯାଇ ବେଶୀ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପାରିବାରିକ ଜୀବନରେ ମତଭେଦଜନିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବକେୟା ଟଙ୍କା ଆଜି ପାଇବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।

**କନ୍ୟା** - ଅଭାବ ନଥିଲେ ମଧ୍ୟ କୌଣସି ଅତୀତ କଥାର ଝଲକ ମନକୁ ବିଷାଦିତ କରି ରଖିବ। ଆଶା ଅନୁରୂପ ଫଳ ପାଇବାରେ କେତେକ ସାମୟିକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କ ରହିବା ଭଲ।

**ତୁଳା** - ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ସହକର୍ମୀମାନଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରୋଇ କାମ କରିବା କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** - ନିଜ ଲୋକମାନଙ୍କ ବେପରୁଆ ମନୋଭାବ ଯୋଗୁଁ ସାମୟିକ ବିଚଳିତବୋଧ କରିବେ। ସଜ୍ଜନମାନଙ୍କ ସାନିଧ୍ୟ ଲାଭ କରି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଆଜିର ଯାନ୍ତ୍ରିକ ଜିନିଷ ସଜାଡ଼ିବା ପରିପ୍ରେକ୍ଷୀରେ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିପାରେ।

**ଧନୁ** - ନିଜର ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇ ପରିବାରର ଲୋକମାନଙ୍କଠାରୁ ଦୂରେଇଯିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିବେ। ପଡୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ସମସ୍ୟା ସୃଷ୍ଟି କରିବେ।

**ମକର** - କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ** - ଆଜି ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିରେ ପଡ଼ି ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅର୍ଥ ସମ୍ପର୍କୀୟ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିପାରେ।

**ମୀନ** - ପରିବାର ମଧ୍ୟରେ ନିଜର ଅସନ୍ତୋଷକୁ କଡ଼ାକଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହେବ। ପୁନଶ୍ଚ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସନ୍ତାନହେତୁକ ଚିନ୍ତା ଟଳିବ।

ଆଜି ବୈଷ୍ଣବସମ୍ମତ ମହାଶିବରାତ୍ରି, ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା ରବିବାର, ଅମାବାସ୍ୟାର ନିଶାପାଳନ, ଫେବୃୟାରୀ ୧୯ ତାରିଖ, ରାଶି ନକ୍ଷତ୍ର- ଦିନ ଘ.୦୨।୪୩ ପର୍ଯ୍ୟନ୍ତ ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଅମାବାସ୍ୟାର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୧୭ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୮ ଗତେ ଘ.୦୫।୪୪ ମଧ୍ୟେ ରାହୁକାଳ।

# ସମ୍ପର୍କରୁ ମିଳିଛି ଲୋକପ୍ରିୟତା




**ଛୋଟ ଏକ ଗାଁ ଆଉ ଛୋଟିଆ ଆଶା ଧରି ମେଧାବୀ ଛାତ୍ର ଜଣକ (ଇଞ୍ଜିନିୟରିଂ ଶିକ୍ଷା ଶେଷ ବର୍ଷ) ଭୁବନେଶ୍ୱରରେ ବ୍ୟବସାୟ କରିବାକୁ ମନ ବଳାଇଥିଲେ। ଏପରିକି ବ୍ୟବସାୟରେ ପାଦଦେବା ସହ ବହୁ ଘାତ ପ୍ରତିଘାତ ପରେ ମଧ୍ୟ ସେ ଜଣେ ସଫଳ ବ୍ୟବସାୟୀ ହେବା ସହ ନୂଆ ଉଦ୍ୟୋଗୀ ସୃଷ୍ଟି କରିବାରେ ଅତୁଳନୀୟ ଭୂମିକା ନିର୍ବାହ କରୁଛନ୍ତି। ସେହିଭଳି ବ୍ୟବସାୟ କ୍ଷେତ୍ରରେ ଯେତିକି ସଫଳ ସେହି ଅନୁସାରେ ଉଦ୍ୟୋଗୀ ସୃଷ୍ଟି କରିବାରେ ମଧ୍ୟ ତାଙ୍କର ଭୂମିକା ରାଜ୍ୟର କୋଣ ଅନୁକୋଣରେ ଗୁଞ୍ଜରିତ ହେଉଛି। ଏଭଳି ଜଣେ ସଫଳ ବ୍ୟବସାୟୀ ଜୟଦୁର୍ଗା ହୋମ୍ କେୟାର ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ଇଂ ବାବୁରାମ ସ୍ୱାଇଁଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର-୧: କେମିକାଲ ଇଞ୍ଜିନିୟରିଂରୁ କେମିକାଲ ବ୍ୟବସାୟର ଯାତ୍ରା କିଭଳି ରହିଥିଲା?**

ଉ- ଉଚ୍ଚଶିକ୍ଷା ଶେଷ ପରେ ସବୁବର୍ଗର ଛାତ୍ରଙ୍କର ଇଚ୍ଛା ଥାଏ ଯେ ସେ କୌଣସି ଏକ ସରକାରୀ ଓ ଘରୋଇ କ୍ଷେତ୍ରରେ ଚାକିରି କରି ୨ପଇସା ରୋଜଗାର କରିବା। ନିଜେ ସକ୍ଷମ ହେବା ପାଇଁ ମୁଁ ନିଯୁକ୍ତି ପଛରେ ନ ଗୋଡ଼ାଇ ନିଜେ କିଛି କରିବା ଲକ୍ଷ୍ୟରେ ବ୍ୟବସାୟରେ ମନୋନିବେଶ କରିବାକୁ ଇଚ୍ଛା ପ୍ରକାଶ କରିଥିଲି। ବିଶେଷ କରି କେମିକାଲ ଇଞ୍ଜିନିୟରିଂର ଛାତ୍ର ହୋଇଥିବାରୁ କେମିକାଲ ଜାତ ସାମଗ୍ରୀ ଉତ୍ପାଦ ପାଇଁ ମନରେ ଦୁର୍ବଳତା ଥିଲା। ସେଥିପାଇଁ ମୁଁ ପ୍ରଥମେ କଲିକତାରୁ କେମିକାଲ ଉତ୍ପାଦନର ଆବଶ୍ୟକ ସାମଗ୍ରୀ ଆଣି ଭୁବନେଶ୍ୱରରେ ଭିନ୍ନ ଭିନ୍ନ ସାମଗ୍ରୀ ପ୍ରସ୍ତୁତି କରି ୧୯୯୯ରୁ ସ୍ମାଇଲ ପ୍ଲସ୍ ବ୍ରାଣ୍ଡରେ ଆନୁଷ୍ଠାନିକ ଭାବେ ବ୍ୟବସାୟ କରିଥିଲି।

**ପ୍ର-୨: ବର୍ତ୍ତମାନ ସମୟରେ ଲଘୁ କେମିକାଲ ଉତ୍ପାଦନ ସାମଗ୍ରୀର ବଜାର କିଭଳି ରହିଛି?**

ଉ- ଲଘୁ କେମିକାଲ ସାମଗ୍ରୀ ବ୍ୟବସାୟ ପୂର୍ବରୁ ଥିଲା, ବର୍ତ୍ତମାନ ମଧ୍ୟ ଅଛି ଏବଂ ଆଗକୁ ମଧ୍ୟ ରହିବ। ହେଲେ ଏହାର ବ୍ୟବସାୟିକ ବାତାବରଣ ଓ ପ୍ରଣାଳୀ ଏବଂ ବଜାର ଚାହିଦାକୁ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। କାରଣ ଏହାର ବଜାର ବହୁତ ବଡ ଓ ଦୀର୍ଘସ୍ଥାୟୀ ହୋଇଥାଏ। ବିଶେଷକରି ଓଡ଼ିଶାରେ ମଧ୍ୟ ଏହାର ଚାହିଦା ଅନ୍ୟ ରାଜ୍ୟ ତୁଳନାରେ ଭଲ ରହିଛି। କାରଣ ଗୃହଠାରୁ ନେଇ ଗବେଷଣାଗାର ଏବଂ ଶିଳ୍ପଠାରୁ ନେଇ ସାମାଜିକ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ଏହାର ଆବଶ୍ୟକତା ରହିଥାଏ। ସେହିଭଳି କେମିକାଲ ସାମଗ୍ରୀ ବ୍ୟବସାୟର ମାର୍କେଟ ଲିଡରମାନେ ଏହାର ସିଂହଭାଗ ଲାଭ ହାସଲ କରିଥାନ୍ତି। ଫଳରେ ବ୍ୟବସାୟ ବଞ୍ଚାଇବା ପାଇଁ ଗ୍ରାହକଙ୍କ ସହ ସାଲିସ କରିବାକୁ ପଡ଼ିଥାଏ।

**ପ୍ର- ୩: କୋଭିଡ୍ ପୂର୍ବରୁ ଏବଂ ପରେ ଲଘୁ କେମିକାଲ ସାମଗ୍ରୀର ଚାହିଦା କିଭଳି ରହିଛି?**

ଉ- କୋଭିଡ୍ ପୂର୍ବରୁ ରାଜ୍ୟରେ ପ୍ରାୟ ୪୦% ଲୋକ ଗୃହୋପଯୋଗୀ ବିଭିନ୍ନ ପ୍ରକାର କେମିକାଲ ଜାତ ସାମଗ୍ରୀ ବ୍ୟବହାର କରୁଥିଲେ। ହେଲେ କୋଭିଡ୍ ପରେ ଏହାର ବ୍ୟବହାର ୭୫ରୁ ୮୦% ବୃଦ୍ଧି ପାଇଛି। କାରଣ ମନରେ ଭୟ ସଞ୍ଚାର ହୋଇଥିବାରୁ ଘରେ ବିଶେଷକରି ଫିନାଇଲଠାରୁ ଆରମ୍ଭ କରି ବ୍ଲିଚିଂ ଏବଂ ହ୍ୟାଣ୍ଡ ୱାଶ୍‌ର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ବର୍ତ୍ତମାନ ସମୟରେ ଲଘୁ କେମିକାଲଜାତ ସାମଗ୍ରୀର ଚାହିଦା ଅଧିକ ଥିଲେ ମଧ୍ୟ ସାମଗ୍ରୀ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ଓ ଆମଦାନୀ ମୂଲ୍ୟ ବୃଦ୍ଧି କାରଣରୁ କେମିକାଲ ମୂଲ୍ୟ ବଢ଼ିଛି।


ଇଂ ବାବୁରାମ ସ୍ୱାଇଁ

**ପ୍ର-୪: ଆଗାମୀ ଦିନରେ ବ୍ୟବସାୟିକ ସମ୍ପ୍ରସାରଣର ଯୋଜନା ରହିଛି କି?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବଜାରରେ ବଞ୍ଚିରହିବାର ଯୋଜନା ସହ ବ୍ୟବସାୟିକ ସମ୍ପ୍ରସାରଣର କୌଣସି ଯୋଜନା ନାହିଁ। କିନ୍ତୁ ବ୍ୟବସାୟର ଧାରା ବଦଳାଇବା ସହ ଲୋକଙ୍କ ନିକଟତର ହେବାକୁ ଆବଶ୍ୟକ ପଦକ୍ଷେପ ଗହଣ କରାଯାଉଛି। ବର୍ତ୍ତମାନ କମ୍ପାନୀ ସ୍ମାଇଲ ପ୍ଲସ୍ ବ୍ରାଣ୍ଡରେ ବିଭିନ୍ନ ପ୍ରକାର ଲଘୁ କେମିକାଲ ସାମଗ୍ରୀ ବିକ୍ରି କରୁଥିବା ବେଳେ ଜୟଦୁର୍ଗା କେମିକାଲ୍ସ, ଜୟଦୁର୍ଗା ପେଟ୍ ଇଣ୍ଡଷ୍ଟ୍ରି ଓ ସ୍ମାଇଲ ଗୋଲ୍ଡ ନାମରେ ମଧ୍ୟ ଭିନ୍ନ ବ୍ୟବସାୟ ଚଳାଇଛି।

**ପ୍ର-୫: କମ୍ପାନୀର ବିଭିନ୍ନ ବ୍ରାଣ୍ଡ ଲୋକାଭିମୁଖ୍ୟ ହେବାର ରହସ୍ୟ କ'ଣ?**

ଉ- ଜୟଦୁର୍ଗା ହୋମ୍ କେୟାର ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ୪ଟି ବ୍ରାଣ୍ଡ ରାଜ୍ୟରେ କାରବାର କରୁଛି। କମ୍ପାନୀ ବିଶେଷକରି କେମିକାଲ ଓ କେମିକାଲ ଜାତ ସାମଗ୍ରୀ ଉପରେ ଅଧିକ ପ୍ରାଧାନ୍ୟ ଦେଇଥିବାବେଳେ ଅନ୍ୟ ବ୍ୟବସାୟକୁ ମଧ୍ୟ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି। ଗ୍ରାହକଙ୍କୁ ଉପଯୁକ୍ତ ସେବା ସାଙ୍ଗକୁ ଗୁଣାତ୍ମକ ସାମଗ୍ରୀ ଓ ବିକ୍ରି ପରବର୍ତ୍ତୀ ସେବା ଯୋଗାଇବା ସହ ଗ୍ରାହକ ସମ୍ପର୍କ ବୃଦ୍ଧିକୁ ସବୁ ସମୟରେ ଗୁରୁତ୍ୱ ଦେଲେ ବ୍ରାଣ୍ଡ୍ ଓ ବ୍ୟବସାୟ ଲୋକଲୋଚନକୁ ଆସିଥାଏ। ସେହିଭଳି ହୋମ୍ କେୟାର ଉତ୍ପାଦ ପ୍ରତି ସମୟରେ ବ୍ୟବହାର ହୋଇଥାଏ। ଅପରପକ୍ଷରେ କମ୍ପାନୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଥିବାରୁ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ପିଲା ପ୍ରତିବର୍ଷ ସାମଗ୍ରୀ ଉତ୍ପାଦନର କଳା କୌଶଳର ଟ୍ରେନିଂ ନେଇ ନିଜେ ଜଣେ ଜଣେ ଉଦ୍ୟୋଗୀ ହୋଇପାରିଥାନ୍ତି। ଫଳରେ ବ୍ରାଣ୍ଡର ପ୍ରଚାର ଓ ପ୍ରସାର ସାଙ୍ଗକୁ ଲୋକାଭିମୁଖ୍ୟ ମଧ୍ୟ ହୋଇପାରିଛି।

## କପିଳାସ ପାହାଚରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

**ଢେଙ୍କାନାଳ ଅଫିସ,୧୮।୨**

ଢେଙ୍କାନାଳ କପିଳାସ ଶୈବପୀଠରେ ଶନିବାର ଜାଗର ଯାତ୍ରା ପାଇଁ ଉତ୍ସବମୁଖର ହୋଇପଡ଼ିଥିବାବେଳେ ଘଟିଛି ଅଭାବନୀୟ ଘଟଣା। ଜଣେ ଶ୍ରଦ୍ଧାଳୁ ପାହାଚ ରାସ୍ତା ଦେଇ ଜାଗରଯାତ୍ରା ଦେଖିବାକୁ ପୀଠକୁ ଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଶିବସପୁର ଗ୍ରାମର ପୀତବାସ କାଣ୍ଡି(୫୭)। ପାହାଚରାସ୍ତାରେ ଚଢୁଥିବାବେଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି।

## ନଦୀରେ ବୁଡ଼ି ଯୁବତୀ ମୃତ

**କାମାକ୍ଷାନଗର, ୧୮।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜଗନ୍ନାଥପୁର ଗ୍ରାମର ବିରଞ୍ଚି ରାଉତଙ୍କ ଝିଅ ଟିକିନା (୨୩)ଙ୍କ ଶନିବାର ପୂର୍ବାହ୍ନରେ ରାମିଆଳ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଗାଁ ନିକଟ ନଦୀକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ନଦୀରୁ ଚେତାଶୂନ୍ୟ ଅବସ୍ଥାରେ ଠାବ କରିଥିଲେ। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ୨୦ରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବ

**ଭୁବନେଶ୍ୱର, ୧୮।୨(ବ୍ୟୁରୋ):** ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏହା ସ୍ଥାନୀୟ ସୂଚନା ଭବନ ପ୍ରେକ୍ଷାଳୟରେ ୨୩ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଚାଲିବ। ବିଶିଷ୍ଟ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀ, ସଙ୍ଗୀତ ଓ ବାଦ୍ୟ ପରିବେଷଣ କରିବେ। ବୃନ୍ଦ ଗାୟନ, ଏକକ ଗାୟନ ସହ ବୃନ୍ଦ ମର୍ଦ୍ଦଳ ବାଦ୍ୟ, ଦ୍ୱୈତ କଣ୍ଠ ଓ ଯୁବ ସଙ୍ଗୀତ ମଧ୍ୟ ପରିବେଷିତ ହେବ। ଫାଉଣ୍ଡେଶନର ଆବାହକ ଅରକ୍ଷିତ ଦାଶ ଏନେଇ ସୂଚନା ଦେଇଛନ୍ତି।




## ବିନା ଲାଇଫ୍ ଜ୍ୟାକେଟରେ ଧବଳେଶ୍ୱର ଗଲେ ମନ୍ତ୍ରୀ


ବିନା ଲାଇଫ୍ ଜ୍ୟାକେଟରେ ଡଙ୍ଗାରେ ଯାତ୍ରା କରୁଛନ୍ତି ମନ୍ତ୍ରୀ ଓ ଅନ୍ୟମାନେ।

**ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.)**

କଟକ ଜିଲାର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ଶନିବାର ଥିଲା ଜାଗର ଯାତ୍ରା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖିବା ସହ ଝୁଲାପୋଲର ମରାମତି ଚାଲିଥିବାରୁ ପୂର୍ବରୁ ୧୪୪ ଧାରା ଲାଗିଥିବା ବେଳେ ଡଙ୍ଗା ଯାତ୍ରାକୁ ମଧ୍ୟ ପ୍ରଶାସନ ବନ୍ଦ ରଖିଛି। କେହି ଡଙ୍ଗାରେ ନଦୀ ପାର ହୋଇ ଦର୍ଶନ ପାଇଁ ଗଲେ ନିରାପତ୍ତା ଦୃଷ୍ଟିରୁ ଲାଇଫ୍ ଜ୍ୟାକେଟ ବାଧ୍ୟତାମୂଳକ କରାଯାଇଛି। ହେଲେ ଏହି ନିୟମ ସାଧାରଣ ଲୋକଙ୍କ ପାଇଁ କଡାକଡି ଥିବାବେଳେ ଶନିବାର ରାଜ୍ୟର ଜଣେ ମନ୍ତ୍ରୀ ନିୟମକୁ ମାନି ନ ଥିବା ଦେଖିବାକୁ ମିଳିଛି। ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ତାଙ୍କ ପରିବାର ସହିତ ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ଆସିଥିଲେ। ତେବେ ସେ ଆସିବା ପୂର୍ବରୁ ସେଠାରେ ପୋଲିସ ପ୍ରଶାସନ ସହିତ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ମନ୍ତ୍ରୀଙ୍କୁ ଅପେକ୍ଷା କରିଥିଲେ। ମନ୍ତ୍ରୀ ପ୍ରମିଳା ପହଞ୍ଚିବା ପରେ ତାଙ୍କୁ ବିନା ଲାଇଫ୍ ଜ୍ୟାକେଟରେ ବୋଟରେ ନେଇ ଧବଳେଶ୍ୱରଙ୍କ ଦର୍ଶନ କରାଇବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ତ୍ରୀ ପ୍ରମିଳା ପୁନର୍ବାର ଡଙ୍ଗା ଯୋଗେ ଫେରି ଆସିଥିଲେ। ଏହି ଦୃଶ୍ୟକୁ

### ନିୟମ ଭଙ୍ଗ ନେଇ ଅସନ୍ତୋଷ

କେତେଜଣ ଶ୍ରଦ୍ଧାଳୁ ମୋବାଇଲରେ ଉଠାଇଥିଲେ। ମନ୍ତ୍ରୀଙ୍କ ଏଭଳି ନିୟମ ନ ମାନି ଡଙ୍ଗାରେ ଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ଏହାର କିଛି ସମୟରେ ଆଉ ଜଣେ ମନ୍ତ୍ରୀଙ୍କ ସମ୍ପର୍କୀୟ ମଧ୍ୟ ଆଲୋଚନା ହେଉଛି। ଲୋକଙ୍କ କହିବା ଅନୁଯାୟୀ, ମନ୍ତ୍ରୀ ପ୍ରମିଳାଙ୍କ ଗସ୍ତ ପରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଭାଇ ଅଜୟ ପ୍ରତାପ ସ୍ୱାଇଁ ମଧ୍ୟ ବୋଟରେ ଯିବାବେଳେ ଲାଇଫ୍ ଜ୍ୟାକେଟ ପିନ୍ଧି ନ ଥିଲେ। ହେଲେ ନିକଟରେ ଗଣମାଧ୍ୟମ ପ୍ରତିନିଧି ଫଟୋ ଉତ୍ତୋଳନ କରିବା ଦେଖି ସେ ଲାଇଫ୍ ଜ୍ୟାକେଟ ପିନ୍ଧି ପୁଣି କୂଳରେ ଲାଗିବା ପୂର୍ବରୁ ବାହାର କରିଦେଇଥିଲେ। ତେବେ ମନ୍ତ୍ରୀ ଭଳି ବଡ଼ବଡ଼ିଆଙ୍କ ଏଭଳି ନିୟମକୁ ଅବମାନନା କରିବା ନେଇ ଆଠଗଡ଼ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି, ବୋଟ ଭିତରେ ଆବଶ୍ୟକଠାରୁ ବହୁ କମ ଲୋକ ଥିଲେ। ଏଣୁ ଲାଇଫ୍ ଜ୍ୟାକେଟ ପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ।




## ଶିବରାତ୍ରିରେ ଅଘଟଣ

### ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**କଳିଙ୍ଗନଗର,୧୮।୨(ଡି.ଏନ.ଏ.):** ବ୍ୟାସନଗର ସହରର ପ୍ରିୟଦର୍ଶିନୀ ମାର୍ଗ ୧୫ନଂ. ୱାର୍ଡରେ ଥିବା କପିଳେଶ୍ୱର ଶିବମନ୍ଦିରରେ ଶନିବାର ମହାଶିବରାତ୍ରି ଉପଲକ୍ଷେ ଦୀପ ଜାଳୁଥିବାବେଳେ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ପ୍ରିୟଦର୍ଶିନୀ ରୋଡ ଅଞ୍ଚଳର ପ୍ରଭାସିନୀ ଖିଲାର(୫୯)। ତାଙ୍କୁ ତୁରନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରଭାସିନୀଙ୍କ ଦେହର ଶତକଡା ୫୦ ଭାଗ ପୋଡି ଯାଇଥିବାରୁ ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ରୋଗୀଙ୍କୁ ଶୀତତାପ ନିୟନ୍ତ୍ରିତ ଆମ୍ବୁଲାନ୍ସରେ ନେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ତାଙ୍କୁ ନେଇଥିବା ଆମ୍ବୁଲାନ୍ସରେ ଏସି କିମ୍ବା ଫ୍ୟାନ ଚାଲୁ ନ ଥିବାରୁ ପୀଡ଼ିତା ହନ୍ତସନ୍ତ ହୋଇଥିଲେ।

### ମହିଳାଙ୍କ ଶାଢ଼ିରେ ଲାଗିଲା ନିଆଁ

**ରାଉରକେଲା ଅଫିସ,୧୮।୨:** ଦୀପରୁ ଶାଢିକାନିରେ ନିଆଁ ଲାଗିଯିବାରୁ ଜଣେ ମହିଳା ଅଳ୍ପକେ ବର୍ତ୍ତିଛନ୍ତି। ଏଭଳି ଅଘଟଣ ଶନିବାର ଉଦିତନଗର ସ୍ଥିତ ମାଲଗୋଦାମ ଖଟାଲ ବସ୍ତିରେ ଥିବା ବଟେଶ୍ୱର ମନ୍ଦିରରେ ଦେଖିବାକୁ ମିଳିଛି। ମାଲଗୋଦାମ ବସ୍ତିର ଫୁଲମତି କିଷାନ ସନ୍ଧ୍ୟା ୬ଟାରେ ଜାଗର ଦୀପ ଜାଳିବା ପାଇଁ ଏହି ମନ୍ଦିରକୁ ଯାଇଥିଲେ। ସେ ଦୀପରେ ନିଆଁ ଲଗାଉଥିବାବେଳେ ଅନ୍ୟ ଏକ ଦୀପରୁ ତାଙ୍କ ଲୁଗା କାନିରେ ନିଆଁ ଲାଗିଯାଇଥିଲା। ଏହା ଦେଖି ଅନ୍ୟ ଭକ୍ତମାନେ ତୁରନ୍ତ ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ମହିଳା ଜଣଙ୍କ ଅଳ୍ପକେ ବର୍ତ୍ତିଯାଇଥିଲେ।






କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା



# ପ୍ରତିକ୍ରିୟା ନାହିଁ



ଆକାର ପଟେଲ

ହିଣ୍ଡେନ୍‌ବର୍ଗ ରିପୋର୍ଟକୁ ଜଣେ ଭାରତ ବିରୋଧରେ ଏକ ସ୍କାଣ୍ଡାଲ, ସ୍କାମ୍, ମୂଲ୍ୟହୀନ ନ୍ୟୁଜ, ଷଡ଼ଯନ୍ତ୍ର କିମ୍ବା ଆଉ କିଛି କହିପାରନ୍ତି। ସେଭଳି କିଏ କ'ଣ କହିବ ତାହା ଏହି ସରକାରଙ୍କ ଉପରେ ଥିବା ଜଣଙ୍କର ଦୃଷ୍ଟିକୋଣ ଉପରେ ନିର୍ଭରକରେ। ଏହାବାଦ୍ ଆଉ ଦୁଇଟି ବିଷୟ କୁହାଯାଇପାରେ ; ଯାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଅସ୍ୱୀକାର କରିବାକୁ ଚେଷ୍ଟା କଲେ ବି ଆମ ସମ୍ମୁଖରେ ଥିବା ପ୍ରମାଣ ଆଧାରରେ ଅନ୍ତତଃପକ୍ଷେ ତାହା କରିବା କଷ୍ଟକର ହୋଇପଡ଼ିବ। ପ୍ରଥମଟି ହେଉଛି ମାର୍କେଟର ପ୍ରତିକ୍ରିୟା। ଦ୍ୱିତୀୟଟି ହେଉଛି ଭାରତ ଏହା ଉପରେ କି ପ୍ରତିକ୍ରିୟା ପ୍ରକାଶ କରିଛି କିମ୍ବା କରିନାହିଁ। ତେବେ ପ୍ରଥମ ପ୍ରତିକ୍ରିୟା ଉପରେ ଦୃଷ୍ଟି ପକାଇବା। ବାସ୍ତବତା ହେଉଛି ଯେଉଁମାନେ ଶେୟାର ବଜାରରେ ନିବେଶ କରିଛନ୍ତି ସେମାନେ ଏହି ଘଟଣାରେ ମୁହଁ ଖୋଲିଛନ୍ତି ଓ ହିଣ୍ଡେନ୍‌ବର୍ଗ ଆଣିଥିବା ଅଭିଯୋଗ ସପକ୍ଷରେ ମତ ରଖିଛନ୍ତି। ପାଠକେ ହୁଏତ ଜାଣି ନ ଥିବେ ଯେ, ଭାରତର ମ୍ୟୁଚୁଆଲ ଫଣ୍ଡରେ ଆଦାନୀ ଗ୍ରୁପ୍ ସବୁବେଳେ ସୀମିତ ରହିଥିଲା, ଯେଉଁଥିପାଇଁ ପ୍ରାୟ କେହି ସେଥିରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରୁ ନ ଥିଲେ। ଏ ସମ୍ପର୍କରେ ହିଣ୍ଡେନ୍‌ବର୍ଗ ଦର୍ଶାଇଛି ଯେ, ଶେୟାର ହୋଲ୍‌ଡିଂ ଡିସ୍‌କ୍ଲୋଜର ଅନୁଯାୟୀ ଘରୋଇ ଏବଂ ବିଦେଶୀ ସୂଚକାଙ୍କରେ ସୂଚୀଭୁକ୍ତ ଆଦାନୀ କମ୍ପାନୀଗୁଡ଼ିକ ତାଲିକାଭୁକ୍ତ ଥିଲେ ମଧ୍ୟ ଆଦାନୀ ଗ୍ରୀନ୍ , ଆଦାନୀ ଏଣ୍ଟରପ୍ରାଇଜ, ଆଦାନୀ ଟୋଟାଲ ଗ୍ୟାସ୍ କିମ୍ବା ଆଦାନୀ ଟ୍ରାନ୍ସମିଶନ ଅଧୀନରେ ଥିବା କୌଣସି ସକ୍ରିୟ ଲୋକାଲ୍ ଫଣ୍ଡରେ ୧% ଶେୟାରରୁ ଅଧିକ ନ ଥିଲା। ଦ୍ୱିତୀୟରେ, ଆଦାନୀଙ୍କ ବିଜ୍‌ନେସ ଥିଲା ବନ୍ଦର, ବିମାନ ବନ୍ଦର, ଶକ୍ତି, ଖଣି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପରେ। ଅର୍ଥାତ୍ ସେ ଯେଉଁ ବାଟରେ 'ବିକାଶ' କରୁଥିଲେ ତାହା ଏବକାର ସରକାର ବୁଝିପାରୁଥିବେ। ଶେଷରେ ଆଦାନୀ ଆମ ପ୍ରଧାନମନ୍ତ୍ରୀଙ୍କର ଖୁବ୍ ନିକଟତର। ତାଙ୍କ ଶାସନ କାଳରେ ଆଦାନୀ ଯେଉଁ ସ୍ତରରେ ପହଞ୍ଚିବାକୁ ଚାହିଁଛନ୍ତି ସେଠାରେ ପହଞ୍ଚିଯାଇଛନ୍ତି। ଯେ କୌଣସି ଦିଗରୁ ବାଧା ଥାଉନା କାହିଁକି ସେହି ସ୍ତରରେ ପହଞ୍ଚିବା ଲାଗି ଜଣେ ଦକ୍ଷ ନେତା ବିଜ୍‌ନେସକୁ ସହଯୋଗ କରିନାହାନ୍ତି ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ।

ଏବେ ଦ୍ୱିତୀୟ ପ୍ରତିକ୍ରିୟା ଅର୍ଥାତ୍ ଦେଶ ପକ୍ଷରୁ କ'ଣ ପ୍ରତିକ୍ରିୟା ପ୍ରକାଶ ପାଇଛି କିମ୍ବା ପାଇନାହିଁ ସେ ସମ୍ପର୍କରେ ଆଲୋଚନା କରିବା। ଦେଶ କହିଲେ ସାମଗ୍ରିକ ଭାବେ ସରକାର ଓ ଏହାର ଏଜେନ୍ସି, ନ୍ୟାୟପାଳିକା ଓ ନିୟାମକ ବ୍ୟବସ୍ଥାକୁ ବୁଝାଏ। ଏମାନଙ୍କଠାରୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ବା ପଦକ୍ଷେପ ସାମ୍ନାକୁ ଆସିଲା ନାହିଁ। କିନ୍ତୁ କେବଳ ମାର୍କେଟ ପ୍ରତିକ୍ରିୟାରୁ ନିବେଶ ଖସିଚାଲିଲା। ବ୍ୟବସାୟୀ, ଶେୟାର ହୋଲ୍‌ଡର ଏବଂ ଦଲାଲଙ୍କ ମଧ୍ୟରୁ ସମ୍ଭବତଃ ଅନେକେ ହିଣ୍ଡେନ୍‌ବର୍ଗ ରିପୋର୍ଟରେ କିଛି ଲକ୍ଷ୍ୟ କଲେ ଯାହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ସିବିଆଇ ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଦେଖିପାରିଲେ ନାହିଁ। ଏଣୁ ଜଣେ ସରକାର ଓ ଆଦାନୀଙ୍କ ପକ୍ଷରେ ରୁହନ୍ତୁ କି ଜଣେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରେ ରୁହନ୍ତୁ, ସେ କହିବେ ଯେ ସେମାନେ କିଛି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଜଣେ କହିପାରିବ , ହିଣ୍ଡେନ୍‌ବର୍ଗ ରିପୋର୍ଟ 'ଗୁରୁତ୍ୱହୀନ' ଯାହା ଆମେରିକୀୟମାନେ କହୁଛନ୍ତି। ମୁଁ ବି କିଛି କହିପାରେ ଏବଂ ତୁମେ ଆଉ କିଛି କହିପାର। କିନ୍ତୁ କଥା ହେଉଛି, ଦେଶ ଏବଂ ଏହାର ସଂସ୍ଥାଗୁଡ଼ିକ ଏମତି କରିପାରିବେ କି ? ନା। ହିଣ୍ଡେନ୍‌ବର୍ଗର ସମ୍ପୂର୍ଣ୍ଣ ରିପୋର୍ଟ ନୂଆ ଭାରତ ସମ୍ପର୍କରେ କିଛି ପ୍ରକାଶ କରିଛି ଯାହା ଚିନ୍ତାର କାରଣ। କିନ୍ତୁ ଆଦାନୀ ଗ୍ରୁପ୍‌ର ଅଷ୍ଟ୍ରେଲୀୟ ନାଗରିକ ସିଏଫ୍‌ଓ ଭାରତୀୟ ପତାକା ସହ ଆଗକୁ ଆସି କହିଥିଲେ ଯେ ହିଣ୍ଡେନବର୍ଗର ସବୁ ଅଭିଯୋଗ ପୁରୁଣା। ଏହା ବାସ୍ତବରେ ହିଣ୍ଡେନ୍‌ବର୍ଗ ରିପୋର୍ଟର ନିନ୍ଦାତ୍ମକ ଦିଗକୁ ସୂଚାଉଛି। ଯଦିଓ ସବୁ ବିଷୟ ସାଧାରଣରେ ପ୍ରକାଶ ପାଇଛି ଏବଂ ପୂର୍ବରୁ ଯେଭଳି ନିୟାମକ ସଂସ୍ଥଗୁଡ଼ିକ ନୀରିକ୍ଷଣ କରୁଥିଲେ ସେଭଳି କରନ୍ତି, ତେବେ ହିଣ୍ଡେନ୍‌ବର୍ଗ ରିପୋର୍ଟ ଅନୁସାରେ ଆଦାନୀ ଗ୍ରୁପ ସହ ସାମିଲ ବୈଦେଶିକ କମ୍ପାନୀ ଏବଂ ଫଣ୍ଡ୍‌ଗୁଡ଼ିକ ଆଦାନୀ ଶେୟାର ବଜାରର ଅନେକ ବୃହତ୍ ପବ୍ଲିକ୍ ହୋଲ୍‌ଡର ଅଂଶ ହୋଇପାରନ୍ତା। ଫଳରେ ସେବିର ନିୟମ ଲାଗୁ କରାଯାଇ ଆଦାନୀ କମ୍ପାନୀଗୁଡ଼ିକୁ ଶେୟାର ମାର୍କେଟରୁ ବାଦ୍ ଦିଆଯାଇପାରନ୍ତା। କିନ୍ତୁ ସେବି ତା'କାର୍ଯ୍ୟ କରୁନାହିଁ ଓ ସରକାର ମଧ୍ୟ ତା'ସହ ଯୋଡ଼ିହୋଇଯାଇଥିବା ଜଣାପଡୁଛି।

ହିଣ୍ଡେନ୍‌ବର୍ଗ ରିପୋର୍ଟ ମଧ୍ୟ ଉଲ୍ଲେଖ କରିଛି ଯେ, ଆମେ ସେବିରେ ସୂଚନା ଅଧିକାର ବଳରେ ତଥ୍ୟ ପାଇଁ କରିଥିବା ଆବେଦନରୁ ନିଶ୍ଚିତ ଯେ, ବୈଦେଶିକ ଫଣ୍ଡଗୁଡ଼ିକ ଏବେ ତଦନ୍ତ ପରିସରଭୁକ୍ତ। ଏ ସମ୍ପର୍କରେ ମିଡିଆ ଏବଂ ପାର୍ଲାମେଣ୍ଟ ସଦସ୍ୟଙ୍କ ଦ୍ୱାରା ଚିନ୍ତା ପ୍ରକଟ କରାଯିବାର ଦେଢ଼ ବର୍ଷରୁ ଅଧିକ ସମୟ ପରେ ଏହା ହୋଇଛି। ପାଠକେ ବ୍ରିଟିଶ ଲେଖକ ଆର୍ଥର କୋନାନ୍ ଡୋୟେଲଙ୍କ ଡିଟେକଟିଭ 'ଶେର୍‌ଲକ ହୋମ୍ସ' ପଢ଼ିଥିବେ। ସେଥିରେ କୁକୁର ନ ଭୁକିବାକୁ ନେଇ ଏକ ରୋଚକ ତଦନ୍ତ ଭିତ୍ତିକ କାହାଣୀ ଅଛି। ଘୋଡ଼ାଦୌଡ଼ ପୂର୍ବ ରାତିରେ ଟ୍ରେନର୍‌କୁ ହତ୍ୟା କରି ଦାମୀ ଘୋଡ଼ାକୁ ନେଇଯାଇଥିବା ଘଟଣାର ତଦନ୍ତ ଉପରେ ଏହା ପର୍ଯ୍ୟବସିତ। କାହାଣୀର ଚରିତ୍ର ହୋମ୍ସ ତାଙ୍କ ତଦନ୍ତର ନିର୍ଯାସରେ ପହଞ୍ଚିଥିଲେ ଯେ, ରାତିରେ କୁକୁର ଭୁକିବା କେହି ଶୁଣି ନ ଥିବାରୁ ଏହି କାର୍ଯ୍ୟରେ ସେଠାକର ବ୍ୟକ୍ତି ସମ୍ପୃକ୍ତ ଥିଲେ ଯାହାକୁ କୁକୁର ଭଲ ଭାବେ ଚିହ୍ନିଥିଲା। ଫଳରେ ତଦନ୍ତରେ ନକାରାତ୍ମକ ସ୍ଥିତି ଉପୁଜିଥିଲା। ଏଠାରେ ଆମର ରହସ୍ୟମୟ ଘଟଣାରେ ଆର୍ଥିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ସଂସ୍ଥାଗୁଡ଼ିକ ନୀରବ ଥିବାବେଳେ କେବଳ ମାର୍କେଟ ଭୁକୁଛି ବା ପ୍ରତିକ୍ରିୟା ପ୍ରକାଶ କରୁଛି ଏବଂ ତାହା ବନ୍ଦ କରି ନାହିଁ। ଏଭଳି ମୁଣ୍ଡବ୍ୟଥା ବି ସହଜରେ ଯିବ ନାହିଁ। ସାମ୍ପ୍ରତିକ ସ୍ଥିତିରେ ସରକାର କିଛି ବିଷୟକୁ ବନ୍ଦ କରିପାରନ୍ତି କିମ୍ବା ନିୟନ୍ତ୍ରଣ କରିବାକୁ ବଳ ପ୍ରୟୋଗ କରିପାରିବେ, କିନ୍ତୁ ଦୁଃଖର କଥା, ଏଥିରୁ କେଉଁଟି ହେଲେ ସରକାର କରୁନାହାନ୍ତି। ଏହି କାରଣରୁ ସ୍କାଣ୍ଡାଲ, ସ୍କାମ, ଗୁରୁତ୍ୱହୀନ( ! ) ରିପୋର୍ଟ କଥା ଆମେ ଶୁଣିବା। ଯେ ପର୍ଯ୍ୟନ୍ତ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରାଯାଇ ନଥିବ କିମ୍ବା ସମାଧାନ କରିବାର ଇଚ୍ଛା ନ ଆସିବ ସେତେବେଳ ଯାଏ ଏଭଳି ଶୁଣିବାକୁ ମିଳିବ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| 8 | | 2 | | | | | 6 | |
| | 5 | | | | 1 | | | 2 |
| | 3 | | | 6 | 4 | | | |
| 4 | | | | | | | | 5 |
| | 8 | | | | | 7 | | 3 |
| | 1 | | | 8 | | | | |
| | | | | 9 | | 8 | 3 | |
| | 7 | | | 1 | 3 | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 2 | 6 | 8 | 3 | 9 | 4 | 5 |
| 3 | 8 | 4 | 5 | 9 | 7 | 6 | 2 | 1 |
| 6 | 9 | 5 | 1 | 4 | 2 | 3 | 8 | 7 |
| 4 | 5 | 8 | 9 | 6 | 1 | 2 | 7 | 3 |
| 9 | 3 | 6 | 2 | 7 | 5 | 4 | 1 | 8 |
| 1 | 2 | 7 | 4 | 3 | 8 | 5 | 9 | 6 |
| 8 | 6 | 9 | 3 | 1 | 4 | 7 | 5 | 2 |
| 5 | 7 | 3 | 8 | 2 | 9 | 1 | 6 | 4 |
| 2 | 4 | 1 | 7 | 5 | 6 | 8 | 3 | 9 |

ଗତ କାଲିର ଉତ୍ତର

# ଶକ୍ତିର ଅନନ୍ୟ ଉତ୍ସ ଲିଥିୟମ୍



ଡ. ଚିତ୍ତରଞ୍ଜନ ମିଶ୍ର

ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଜିଏସ୍‌ଆଇ) ପ୍ରଥମ ଥର ପାଇଁ ଜମ୍ମୁ–କଶ୍ମୀରର ରିଆସି ଜିଲାର ସାଲାଲ୍–ହାଇମାନା କ୍ଷେତ୍ରରେ ୫.୯ ନିୟୁତ ଟନ୍‌ର ଆନୁମାନିକ ଲିଥିୟମ୍ ଭଣ୍ଡାର ଆବିଷ୍କାର କରିଛି। ଲିଥିୟମ୍ ଧାତୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମ୍ପଦ। ଏହାକୁ କିନ୍ତୁ 'ଷ୍ଟ୍ରାଟେଜିକ୍ ମେଟାଲ୍' ବୋଲି ଅଭିହିତ କରାଯାଇଥାଏ। ଏହାର ଆବିଷ୍କାର ଶକ୍ତି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ସାବ୍ୟସ୍ତ ହେବା ସହ ଲିଥିୟମ୍ ଚାହିଦାକୁ ଏହା ବହୁ ପରିମାଣରେ ମେଣ୍ଟାଇ ପାରିବ ଏବଂ ଦେଶରେ 'ଲିଥିୟମ୍ ଯୁଗ'ର ଶୁଭାରମ୍ଭ କରିବ। ଇଲେକ୍ଟ୍ରିକ୍ ଭେହିକିଲ୍ (ଇ.ଭି.) ବା ବିଦ୍ୟୁତ୍‌ଚାଳିତ ଗାଡ଼ିରେ ବ୍ୟବହୃତ ଲିଥିୟମ୍–ଆୟନ୍ ବ୍ୟାଟେରିରେ ଏହା ଏକ ପ୍ରମୁଖ ଅଂଶ। ଏତଦ୍‌ବ୍ୟତୀତ, ସ୍ମାର୍ଟଫୋନ୍ ଓ ଲାପ୍‌ଟପ୍‌ରେ ବାରମ୍ବାର ଚାର୍ଜ କରାଯାଉଥିବା ଲିଥିୟମ୍–ଆୟନ୍ ବ୍ୟାଟେରିରେ ମଧ୍ୟ ଲିଥିୟମ୍ ରହିଥାଏ। ଏହି ଆବିଷ୍କାର ପରେ ଭାରତ ସମଗ୍ର ବିଶ୍ୱରେ ୭ମ ସର୍ବବୃହତ୍ ଲିଥିୟମ୍ ସମ୍ପଦ ଥିବା ରାଷ୍ଟ୍ର ହୋଇପାରିଛି।

ଲିଥିୟମ୍ ପାଇଁ ଭାରତ ସମ୍ପ୍ରତି ଆମେରିକା, ଅଷ୍ଟ୍ରେଲିଆ, ଚିଲି, ଚାଇନା, ଆର୍ଜେଣ୍ଟିନା ଏବଂ ବଲ୍‌ଭିଆ ଉପରେ ବହୁଳ ଭାବେ ନିର୍ଭର କରିଥାଏ। ରୁଷ୍ ଓ ୟୁକ୍ରେନ୍‌ର ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ଲିଥିୟମ୍‌ର ଯୋଗାଣକୁ ପ୍ରଭାବିତ କରିଛି । ସମଗ୍ର ବିଶ୍ୱରେ ଥିବା ମୋଟ୍ ୯୮ ନିୟୁତ ଟନ୍‌ର ଲିଥିୟମ୍ ସମ୍ପଦ (ରିସୋର୍ସ)ରୁ ୨୪ ନିୟୁତ ଟନ୍ 'ରିଜର୍ଭ' ଭାବେ ପରିଗଣିତ ହୋଇଥାଏ। ଏହି ୨୪ ନିୟୁତ ଟନ୍ ବ୍ୟବହାରଯୋଗ୍ୟ ଲିଥିୟମ୍ ହୋଇଥାଏ।

ପାୱାର ଏବଂ ଟ୍ରାନ୍ସପୋର୍ଟ ସେକ୍ଟରରେ ଲିଥିୟମ୍–ଆୟନ୍ ବ୍ୟାଟେରିର ଚାହିଦା ଦ୍ରୁତ ଗତିରେ ବଢ଼ି ଚାଲିଛି। ସମଗ୍ର ବିଶ୍ୱରେ ୯୮ ନିୟୁତ ଟନ୍‌ର ଲିଥିୟମ୍ ରିସୋର୍ସ ରହିଥିଲା ବେଳେ ଭାରତରେ ତାହାର ୫.୫% ଉପଲବ୍ଧ। ଶକ୍ତି, ପରିବେଶ ଓ ଜଳ ପରିଷଦର ବରିଷ୍ଠ କାର୍ଯ୍ୟକ୍ରମ ମୁଖ୍ୟ ରିଷଭ ଜୈନଙ୍କ ମତରେ ଯଦି ଏହି ରିସୋର୍ସର କିଛି ପରିମାଣ ରିଜର୍ଭକୁ ପରିବର୍ତ୍ତିତ କରାଯାଇପାରେ, ତେବେ ତାହା ଭାରତର ଚାହିଦାକୁ ମେଣ୍ଟାଇ ବିଦେଶକୁ ମଧ୍ୟ ରପ୍ତାନି କରାଯାଇପାରିବ।

ଇତ୍ୟବସରରେ କେନ୍ଦ୍ର ସରକାର ୨୦୨୨ ଜୁଲାଇ ୨୯ରେ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା (ପିଏଲ୍‌ଆଇ)କୁ ଅନୁମୋଦନ କରିଛନ୍ତି। ଏହି ଯୋଜନାର ନାଁ ରଖାଯାଇଛି 'ନ୍ୟାଶନାଲ ପ୍ରୋଗ୍ରାମ୍ ଅନ୍ ଆଡ୍‌ଭାନ୍ସଡ୍ କେମେଷ୍ଟ୍ରି ସେଲ୍ (ଏସିସି) ବ୍ୟାଟେରି ଷ୍ଟୋରେଜ'। ଏହି ପ୍ରୋଗ୍ରାମ୍ ଆନୁକୂଲ୍ୟରେ ୫୦ ଗିଗା ୱାଟ୍ ପାୱାର ଏସିସିର ଉତ୍ପାଦନ କ୍ଷମତାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାକି ଭାରତବର୍ଷର ମ୍ୟାନୁଫାକ୍ଚରିଂ ଦକ୍ଷତାରେ ଅଭିବୃଦ୍ଧି ଘଟାଇବ। ଏଥିପାଇଁ ୧୮,୧୦୦ କୋଟିର ଅର୍ଥରାଶି ବ୍ୟୟ ବରାଦ କରାଯାଇଛି। ଏହା ଦେଶରେ ବ୍ୟାଟେରି ସେଲ୍‌ର ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମନୋନୀତ ଏସିସି ବ୍ୟାଟେରି ଷ୍ଟୋରେଜ୍ ମ୍ୟାନୁଫାକ୍ଚର୍ସମାନେ ୨ ବର୍ଷ ମଧ୍ୟରେ ଭାରତରେ ଉତ୍ପାଦନ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ। ଏଥିପାଇଁ ଚାରୋଟି କମ୍ପାନୀ ଯଥା– ରିଲାଏନ୍ସ ନିୟୁଏନର୍ଜି ସୋଲାର୍ (୫ ଜିଡବ୍ଲ୍ୟୁଏଚ୍), ଓଲା ଇଲେକ୍ଟ୍ରିକ୍ ମୋବିଲିଟି (୨୦ ଜିଡବ୍ଲ୍ୟୁଏଚ୍), ହୁଣ୍ଡାଇ ଗ୍ଲୋବାଲ୍ ମୋଟର୍ସ (୨୦ ଜିଡବ୍ଲ୍ୟୁଏଚ୍) ଏବଂ ରାଜେଶ ଏକ୍ସପୋର୍ଟ୍‌ସ (୫ ଜିଡବ୍ଲ୍ୟୁଏଚ୍) ମନୋନୀତ ହୋଇଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଭାରୀଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଭାରତ ସରକାରଙ୍କ ଏହି ପିଏଲ୍‌ଆଇ କାର୍ଯ୍ୟକ୍ରମ ଉପରେ ମତବ୍ୟକ୍ତ କରି ରିଷଭ ଜୈନ କୁହନ୍ତି ଯେ, ଦେଶରେ ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ଏବଂ କଞ୍ଚାମାଲ୍‌ର ପ୍ରକ୍ରିୟାକରଣର ବିକାଶ କ୍ଷେତ୍ରରେ ଦକ୍ଷତାର ଅଭିବୃଦ୍ଧି ଅପରିହାର୍ଯ୍ୟ, ଯାହାକି ଆତ୍ମନିର୍ଭର ଭାରତର ସର୍ଜନାରେ ସହାୟକ ହେବ।

ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ତଥ୍ୟାନୁଯାୟୀ ବଲ୍‌ଭିଆରେ ବିଶ୍ୱର ସର୍ବାଧିକ ୨୧ ନିୟୁତ ଟନ୍‌ର ନିର୍ଦ୍ଧାରିତ ଲିଥିୟମ୍ ଭଣ୍ଡାର (ରିସୋର୍ସ) ରହିଅଛି। ତା' ପଛକୁ ଆର୍ଜେଣ୍ଟିନାରେ ୨୦ ନିୟୁତ ଟନ୍, ଆମେରିକାରେ ୧୨ ନିୟୁତ ଟନ୍, ଚିଲିରେ ୧୧ ନିୟୁତ ଟନ୍, ଅଷ୍ଟ୍ରେଲିଆରେ ୭.୯ ନିୟୁତ ଟନ୍, ଚାଇନାରେ ୬.୮ ନିୟୁତ ଟନ୍ ଏବଂ ଭାରତରେ ୫.୯ ନିୟୁତ ଟନ୍ (ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଆବିଷ୍କୃତ) ଏବଂ ୩.୨ ନିୟୁତ ଟନ୍ ଜର୍ମାନୀରେ ରହିଛି।

ଇଲେକ୍ଟ୍ରିକ୍ ଭେହିକିଲ୍‌ରେ ବ୍ୟବହାର ଛଡ଼ା ସୋଲାର୍ ପ୍ୟାନେଲ୍ ଓ ପବନ ଶକ୍ତିର ଉତ୍ପାଦନ କ୍ଷେତ୍ରରେ ଲିଥିୟମ୍ ବ୍ୟବହୃତ ହୋଇଥାଏ। ୨୦୭୦ ସୁଦ୍ଧା ଭାରତ ନିମ୍ନ ଅଙ୍ଗାରକ ଅଭିବୃଦ୍ଧି ପଥ ଅନୁସରଣ କରିବାକୁ ବିଶ୍ୱ ସମୁଦାୟକୁ ଦେଇଥିବା ନିର୍ଭର ପ୍ରତିଶ୍ରୁତିକୁ ପୂରଣ କରିବାରେ ଲିଥିୟମ୍ ଅତ୍ୟନ୍ତ ସହାୟକ ହେବ। ଏହାଦ୍ୱାରା 'ନେଟ୍ ଜିରୋ' ଅଙ୍ଗାରକ ଉତ୍ସର୍ଜନ ସ୍ତର ହାସଲ କରିବା ଭାରତ ପାଇଁ ସହଜସାଧ୍ୟ ହୋଇପାରିବ। ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଲିଥିୟମ୍ ଆବିଷ୍କାର ଫେବୃୟାରୀ ୯ ଦିନ ହୋଇଥିବା ସେଣ୍ଟ୍ରାଲ୍ ଜିଓଲୋଜିକାଲ୍ ପ୍ରୋଗ୍ରାମିଂ ବୋର୍ଡ଼ର ୬୨ତମ ମିଟିଂରେ ଘୋଷଣା କରାଯାଇଥିଲା। ରିଆସି ଜିଲାର ଜିଲା ଖଣିଜ ସମ୍ପଦ ଅଧିକାରୀ ରଫିକ୍ ଅହମ୍ମଦ କୁହନ୍ତି ଯେ, ରିଆସି ଜିଲାର ଖଣିଜ ସମ୍ପଦର ପରୀକ୍ଷାନିରୀକ୍ଷା ସମୟରେ ବକ୍ସାଇଟ୍ ସଂଯୁକ୍ତ ରୂପରେ ଉପଲବ୍ଧ ହୋଇଥିଲା ଏବଂ ଏହାର ପ୍ରକ୍ରିୟାକରଣ ସମୟରେ ଲିଥିୟମ୍ ଆବିଷ୍କୃତ ହୋଇଥିଲା।



ପୂର୍ବରୁ କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ କହିଥିଲା ଯେ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ଦେଶରେ କ୍ରିଟିକାଲ୍ ମିନେରାଲ୍ ସପ୍ଲାଇ–ଚେନ୍‌କୁ ଦୃଢ଼ୀଭୂତ କରିବାକୁ ସରକାର ଖଣିଜ ସମ୍ପଦର ସୁରକ୍ଷା କ୍ଷେତ୍ରରେ ନାନାବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନାର ଲିଥିୟମ୍ ଖଣିଜ ସମ୍ପଦକୁ ସୁରକ୍ଷିତ କରି ରଖିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି।

ଇଣ୍ଟରନ୍ୟାଶନାଲ୍ ଲିଥିୟମ୍ ଆସୋସିଏଶନ୍ ଅନୁଯାୟୀ ୨୦୨୧ରୁ ୨୦୪୦ ମଧ୍ୟରେ ବିଶ୍ୱରେ ଲିଥିୟମ୍ ଧାତୁର ଚାହିଦା ୬ ଗୁଣ ବଢ଼ିଯିବ। ଏହାର ମୁଖ୍ୟ କାରଣ ହେବ ଇଲେକ୍ଟ୍ରିକ୍ ଭେହିକିଲ୍ ଏବଂ ଅଣପାରମ୍ପରିକ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ଆଗ୍ରହ। ଜମ୍ମୁ–କଶ୍ମୀରରେ ଲିଥିୟମ୍ ଧାତୁ ଆବିଷ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ସାବ୍ୟସ୍ତ ହେବ, ଯାହାକି ଭାରତବର୍ଷର ପ୍ରଥମ ପ୍ରମୁଖ ଆବିଷ୍କାରର ସ୍ୱୀକୃତିଲାଭ କରିଛି। ଏହାଛଡ଼ା ୧୬୦୦ ଟନ୍‌ର ଅନ୍ୟ ଏକ କ୍ଷୁଦ୍ର ଭଣ୍ଡାର ୨ ବର୍ଷ ପୂର୍ବେ କର୍ନାଟକରେ ଆବିଷ୍କୃତ ହୋଇଥିଲା। ଦେଶରେ ବ୍ୟବହୃତ ହେଉଥିବା ମୋଟ୍ ଲିଥିୟମ୍ ବ୍ୟବହାରର ୮୦% ବିଦେଶରୁ ଆମଦାନୀ ହୋଇଥାଏ । ଚିଲି, ଆର୍ଜେଣ୍ଟିନା ଓ ବଲ୍‌ଭିଆରେ ବିଶ୍ୱର ପ୍ରାୟ ୭୫% ଲିଥିୟମ୍ ଗଚ୍ଛିତ ଅଛି, ଯାହାକୁ କି 'ଲିଥିୟମ୍ ତ୍ରିଭୁଜ' ବୋଲି ଆଖ୍ୟାୟିତ କରାଯାଇଛି।

ଜମ୍ମୁ ଓ କଶ୍ମୀର ମଧ୍ୟରେ ଥିବା ହିମାଳୟ କ୍ଷେତ୍ର ଏକ ଇକୋ–ସେନ୍‌ସିଟିଭ ବା ପର୍ଯ୍ୟାବରଣ ପ୍ରତି ସମ୍ବେଦନଶୀଳ କ୍ଷେତ୍ର । ଏଠାରେ ଖଣିଜ ପଦାର୍ଥର ଉତ୍ତୋଳନ ଜୈବ ବିବିଧତା ପ୍ରତି ଏକ ଆହ୍ୱାନ ହେବା ଆଶଙ୍କା ରହିଛି। କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦେଶର ଇକୋ–ସେନ୍‌ସିଟିଭ ଅଞ୍ଚଳକୁ ନାମାଙ୍କିତ କରିଛନ୍ତି। ଏ ସମସ୍ତ ଅଞ୍ଚଳ ଓ ଆଖପାଖର ଜାତୀୟ ଉଦ୍ୟାନ ମଧ୍ୟ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ ବର୍ଜିତ ବା ପ୍ରତିବନ୍ଧିତ ଅଞ୍ଚଳ । ଏହିସବୁ ଅଞ୍ଚଳର ସୁରକ୍ଷା ପ୍ରତି ଧ୍ୟାନ ଦେବା ମଧ୍ୟ ସରକାରଙ୍କ ସର୍ବାଦୌ କାମ୍ୟ ହେବ।

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ
କଳିଙ୍ଗ ଭବନ, ଭୁବନେଶ୍ୱର
ମୋ: ୯୩୩୮୨୦୪୯୯୩

# ଆକାଂକ୍ଷୀ ପ୍ରଯୁକ୍ତିବିତ୍

ବ୍ୟକ୍ତିତ୍ୱ



ନିଲ୍ ମୋହନ

ବିଶ୍ୱସ୍ତରୀୟ ଅନ୍‌ଲାଇନ୍ ଭିଡିଓ ଆଦାନପ୍ରଦାନକାରୀ ସାମାଜିକ ଗଣମାଧ୍ୟମ ଭାବେ ପରିଚିତ ୟୁଟ୍ୟୁବ୍‌ର ମୁଖ୍ୟାଳୟ ଆମେରିକାର କାଲିଫର୍ନିଆ ଅନ୍ତର୍ଗତ ସାନ୍ ବ୍ରୁନୋ। ୧୪ ଫେବୃୟାରୀ ୨୦୦୫ରେ ଷ୍ଟିଭ୍ ଚେନ୍, ଛାଦ୍ ହର୍ଲେ ଓ ଜାୱେଦ କରିମ୍‌ଙ୍କ ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଅକ୍ଟୋବର ୨୦୦୬ରେ ଏହା ଗୁଗଲ୍ ମାଲିକାନାକୁ ଯାଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଗୁଗଲ୍ ସର୍ଚ୍ଚ ପରେ ଦ୍ୱିତୀୟ ସର୍ବାଧିକ ଲୋକ ୟୁଟ୍ୟୁବ୍‌କୁ ସର୍ଚ୍ଚ କରୁଥିବା ୱେବ୍‌ସାଇଟ୍ ଭାବେ ପରିଣତ ହୋଇଛି। ମାସିକିଆ ବ୍ୟବହାରକାରୀଙ୍କ ସଂଖ୍ୟା ୨୫୦ କୋଟି ହୋଇଥିବା ବେଳେ ପ୍ରତ୍ୟେକ ଦିନ ସାମୂହିକ ଭାବେ ୧୦୦ କୋଟି ଘଣ୍ଟାରୁ ଉର୍ଦ୍ଧ୍ୱ ଭିଡିଓକୁ ଦର୍ଶକ ଦେଖୁଛନ୍ତି। ଏତେବଡ଼ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଭାରତୀୟ ବଂଶୋଦ୍ଭବ ନିଲ୍ ମୋହନ ଏବେ ଦାୟିତ୍ୱ ନେବା ନିଶ୍ଚିତ ଭାବେ ଯୁବପିଢ଼ିଙ୍କ ପାଇଁ ଉତ୍ସାହ ଆଣିଦେଇଛି। ଉଲ୍ଲେଖଯୋଗ୍ୟ ଯେ, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡ଼ାଲା, ଆଲ୍‌ଫାବେଟ୍ ସିଇଓ ସୁନ୍ଦର ପିଚାଇ, ଆଡୋବ ସିଇଓ ଶାନ୍ତନୁ ନାରାୟେନ୍‌ଙ୍କ ଭଳି ନିଲ୍ ପ୍ରଯୁକ୍ତି ବିଶ୍ୱରେ ପତିଆରା ରଖିଥିବା ଭାରତୀୟ ବଂଶୋଦ୍ଭବ ତାଲିକାରେ ସ୍ଥାନ ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି। ୟୁଟ୍ୟୁବ୍‌ର ଦୀର୍ଘକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ରହିଆସିଥିବା ସୁସାନ୍ ୱୋଜ୍‌ସିକି ଦାୟିତ୍ୱ ଛାଡ଼ିବା ପରେ ନୂଆ ସିଇଓ ନିଲ୍‌ଙ୍କୁ ଜଣେ ପ୍ରତିଭାସମ୍ପନ୍ନ ତଥା ପ୍ରଯୁକ୍ତିର ଅନ୍ୟତମ ସୃଜନଶୀଳ ବ୍ୟକ୍ତି ଭାବେ ବର୍ଣ୍ଣନା କରିଛନ୍ତି।

ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ନିଲ୍ ୧୯୭୩ କିମ୍ବା ୧୯୭୪ରେ ଜନ୍ମଗ୍ରହଣ କରିଥିବା ତାଙ୍କ ଉଇକିପିଡିଆରୁ ସୂଚନା ମିଳିଛି। ଭାରତରେ ସ୍କୁଲ ଶିକ୍ଷା ଓ ସେଣ୍ଟ୍ ଫ୍ରାନ୍ସିସ୍ କଲେଜରେ ପଢ଼ିବା ପରେ ସେ ୧୯୯୦ରେ ଆମେରିକା ଚାଲିଯାଇଥିଲେ। ୧୯୯୬ରେ ସେ ସେଠାକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ପ୍ରଥମେ ପ୍ରଯୁକ୍ତି ସଂସ୍ଥା ଆସେନ୍‌ଚର୍ ଓ ୧୯୯୭ରେ ନେଟ୍ ଗ୍ରାଭିଟି ନାମକ ଷ୍ଟାର୍ଟ ଅପ୍‌ରେ ଯୋଗ ଦେଇଥିଲେ। ସେହି ବର୍ଷ ନେଟ୍ ଗ୍ରାଭିଟିକୁ ଇଣ୍ଟରନେଟ୍ ଆଡ୍‌ଭର୍ଟାଇଜିଂ କମ୍ପାନୀ ଡବ୍ଲକ୍ଲିକ୍ ନାମକ ସଂସ୍ଥା ଅଧିଗ୍ରହଣ କରିଥିଲା। ଫଳରେ ସେ କାଲିଫର୍ନିଆରୁ ନ୍ୟୁୟର୍କ ମୁଖ୍ୟାଳୟକୁ ଚାଲିଯାଇଥିଲେ। ସେଠାରେ କାର୍ଯ୍ୟ କଲା ବେଳେ ସେ କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ତେବେ ଉଚ୍ଚଶିକ୍ଷା ପାଇଁ ନିଲ୍ ପୁଣି ୨୦୦୩ରେ ଷ୍ଟାନ୍‌ଫୋର୍ଡ ପଳାଇଆସିଥିଲେ। ଏହା ପରେ ଡବ୍‌ଲକ୍ଲିକ୍ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଏମ୍‌ବିଏ ପଢ଼ା ପରେ ନିଲ୍‌ଙ୍କୁ ସଂସ୍ଥା ପୁଣି ଲୋଡ଼ିଥିଲା। ତେବେ ୨୦୦୭ରେ ଡବ୍‌ଲକ୍ଲିକ୍‌କୁ ଗୁଗଲ୍ ଅଧିଗ୍ରହଣ କରିବା ପରେ ନିଲ୍ ଟେକ୍ ଜାଏଣ୍ଟର ଏକ ଅଂଶବିଶେଷ ପାଲଟିଗଲେ। ଫଳରେ ତାଙ୍କୁ ଡିସ୍‌ପ୍ଲେ ଆଣ୍ଡ୍ ଭିଡିଓ ଆଡ୍ସର ସିନିୟର ଭାଇସ୍ ପ୍ରେସିଡେଣ୍ଟ କରାଯାଇଥିଲା। ଗୁଗଲ୍ ଭଳି ବଡ଼ ପ୍ଲାଟଫର୍ମ ପାଇବା ପରେ ନିଲ୍ ନିଜ ଦକ୍ଷତାକୁ ବଢ଼ାଇବାରେ ଆହୁରି ସୁଯୋଗ ପାଇଗଲେ। ସେହି ସମୟରେ ସୁସାନ୍ ୟୁଟ୍ୟୁବ୍‌କୁ ବ୍ୟାପକ କରିବା ଲାଗି ନିଲ୍‌ଙ୍କ ସହାୟତା ନେଇକାର୍ଯ୍ୟ ପରିସର ବଢ଼ାଇଥିଲେ। ୟୁଟ୍ୟୁବ୍‌ରେ ନିଲ୍‌ଙ୍କ ଅଭିନବତ୍ୱ ଦେଖି ଟୁଇଟର ୨୦୧୩ରେ ତାଙ୍କୁ ଚିଫ୍ ପ୍ରଡକ୍ଟ ଅଫିସର ପଦବୀ ଯାଚିଥିଲା। ଏହି ବିଷୟ ଗୁଗଲ୍ ଜାଣିବା ପରେ ନିଲ୍‌ଙ୍କୁ ରଖିବା ଲାଗି ୧୦୦ ମିଲିୟନ ଡଲାର ଖର୍ଚ୍ଚ କରିଥିଲା। ସେତେବେଳେ ବିଜ୍‌ନେସ୍ ଇନ୍‌ସାଇଡର ରିପୋର୍ଟରୁ ଜଣାପଡ଼ିଥିଲା ନିଲ୍‌ଙ୍କ ଚାହିଦା କେତେ ଅଧିକ। ଗୁଗଲ୍‌ର ଜଣେ ପୂର୍ବତନ ଉଚ୍ଚପଦବୀଧାରୀ ତାଙ୍କୁ 'ଇନ୍‌ସାଟିଏବଲ୍ ଟେକ୍ନୋଲୋଜିଷ୍ଟ' ବା ଅଳ୍ପରେ ସନ୍ତୁଷ୍ଟ ହୋଇପାରୁ ନ ଥିବା ପ୍ରଯୁକ୍ତିବିତ୍ ବୋଲି ବର୍ଣ୍ଣନା କରିଥିଲେ। ସକାରାତ୍ମକ ବ୍ୟବସାୟିକ ରଣକୌଶଳ ପ୍ରୟୋଗ କରି ସଫଳତା ଆଣିବାରେ ନିଲ୍ ଉପଭୋକ୍ତାଙ୍କ ସହ ଭାବ ବିନିମୟକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ୨୦୧୫ରେ ୟୁଟ୍ୟୁବ୍‌ର ଚିଫ୍ ପ୍ରଡକ୍ଟ ଅଫିସର ହେବାଠାରୁ ଅଦ୍ୟାବଧି ସେ ୟୁଟ୍ୟୁବ୍ ମ୍ୟୁଜିକ୍, ୟୁଟ୍ୟୁବ୍ ଟିଭି, ୟୁଟ୍ୟୁବ୍ ପ୍ରିମିୟମ୍, ୟୁଟ୍ୟୁବ୍ ଶର୍ଟ୍‌ସ ଏବଂ ୟୁଟ୍ୟୁବ୍ ଏନ୍‌ଏଫ୍‌ଟିରେ ନୂଆ ସଫଳତାର ଫର୍ଦ୍ଦ ଯୋଡ଼ିଚାଲିଛନ୍ତି।

ନିଲ୍‌ଙ୍କ ପରିଚୟ ପ୍ରଯୁକ୍ତି ବଳୟ ବାହାରକୁ ସେତେବେଳେ ଯାଇଥିଲା, ଯେତେବେଳେ ୨୦୨୦ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଭଣ୍ଡୁର କରିବା ଲାଗି କାପିଟୋଲ ହିଲ୍ ଉପରେ ଆକ୍ରମଣର ଭିଡିଓ କଂଗ୍ରେସ ସମ୍ମୁଖରେ ସେ ପ୍ରଦର୍ଶନ କରିଥିଲେ। ୨୦୨୨ ସେପ୍ଟେମ୍ବରରେ ଅନୁଷ୍ଠିତ ହ୍ୱାଇଟ୍ ହାଉସ୍ ସମିଟ୍‌କୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସେ ୟୁଟ୍ୟୁବ୍ ପ୍ଲାଟଫର୍ମରେ କରାଯାଉଥିବା ଉଗ୍ରପନ୍ଥୀମୂଳକ କାର୍ଯ୍ୟକୁ ପ୍ରତିହତ କରିବା ସକାଶେ କଠୋର ନିୟମାବଳୀ ମଧ୍ୟ ଘୋଷଣା କରିଥିଲେ। ୧୬ ଫେବୃୟାରୀ ୨୦୨୩ରେ ସୁସାନ୍‌ଙ୍କ ସ୍ଥାନରେ ନିଲ୍‌ଙ୍କୁ କମ୍ପାନୀ ଚୟନ କରିବା ପରେ ଆଉ ଜଣେ ଭାରତୀୟ–ଆମେରିକୀୟ ଟେକ୍ ୱାର୍ଲଡକୁ ନୂଆ କିଛି ଭେଟି ଦେବାର ପ୍ରୟାସ କରିବେ ବୋଲି ପ୍ରଯୁକ୍ତି ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରିଛନ୍ତି। ମାଇକ୍ରୋସଫ୍ଟ, ଷ୍ଟିଚ୍ ଫିକ୍ସ ଏବଂ ଜେନୋମିକ୍ସ ଆଣ୍ଡ୍ ବାୟୋଟେକ୍ନୋଲଜି କମ୍ପାନୀ 23 and Me ସଂସ୍ଥାରେ ମଧ୍ୟ ନିଲ୍ କାର୍ଯ୍ୟ କରିଥିବା ତାଙ୍କ ପ୍ରୋଫାଇଲ୍‌ରୁ ଜଣାପଡ଼ିଛି। ଆମେରିକାର ଏକ ସ୍ୱାଧୀନ ଥିଙ୍କ୍ ଟାଙ୍କ 'ଦି କାଉନ୍‌ସିଲ୍ ଅନ୍ ଫରେନ୍ ରିଲେସନ୍ସ'ର ସେ ସଦସ୍ୟ ଅଛନ୍ତି।

ନିଲ୍‌ଙ୍କ ବ୍ୟକ୍ତିଗତ ଜୀବନ କହିଲେ ତାଙ୍କ ସହଧର୍ମିଣୀ ହେଉଛନ୍ତି ହେମା ସରିନ୍ ମୋହନ। ସେ ଜନମଙ୍ଗଳ କାର୍ଯ୍ୟରେ ଅଭିପ୍ରେତ ଏକ ଅଣ–ଲାଭଦାୟକ ସଂସ୍ଥାରେ ଦୁଇ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛନ୍ତି। ନ୍ୟୁୟର୍କଠାରେ ଡବ୍ଲକ୍ଲିକ୍‌ରେ କାର୍ଯ୍ୟ କରୁଥିବା ବେଳେ ନିଲ୍‌ଙ୍କର ହେମାଙ୍କ ସହ ବିବାହ ହୋଇଥିଲା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କର୍ନାଟକରେ ଧର୍ମୀୟ ଭାଇଚାରାର ଏକ ଦୃଷ୍ଟାନ୍ତ ସାମ୍ନାକୁ ଆସିଛି। କାଲାବୁରଗି ଜିଲାରେ ଅବସ୍ଥିତ ଦରଗାହ ପରିସରରେ ଉଭୟ ଶିବରାତ୍ରି ପାଳନ କରାଯିବା ସହ ନମାଜ ପାଠ କରାଯାଇଛି। ଦରଗାହରେ ହିନ୍ଦୁମାନଙ୍କୁ ଶିବରାତ୍ରି ପାଳନ କରିବା ଏବଂ ମୁସଲମାନମାନଙ୍କୁ ନମାଜ ପାଠ କରିବା ପାଇଁ ୱାକଫ୍ ଟ୍ରିବ୍ୟୁନାଲ ଶୁକ୍ରବାର ଅନୁମତି ଦେଇଥିଲେ। ଡେପୁଟି କମିଶନର ଯଶବନ୍ତ ଗୁରୁକରଙ୍କ ଅନୁଯାୟୀ, ଶନିବାର ଉର୍ସ ପର୍ବ ପାଇଁ ମୁସଲମାନମାନଙ୍କୁ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସମୟ ଦିଆଯାଇଥିବାବେଳେ ଶିବରାତ୍ରି ପୂଜା ପାଇଁ ହିନ୍ଦୁମାନଙ୍କୁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଏଣ୍ଡୋଲା ମଠର ସିଦ୍ଧଲିଙ୍ଗ ସ୍ୱାମୀ ଏବଂ ହିନ୍ଦୁ ସମ୍ପ୍ରଦାୟର ଅନ୍ୟ ୧୪ ଜଣ ଦରଗାହ ଭିତରେ ପୂଜା କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଚତୁର୍ଦ୍ଦଶ ଶତାବ୍ଦୀର ସୁଫି ସନ୍ଥଙ୍କ ନାମରେ ଏହି ଦରଗାହର ନାମକରଣ କରାଯାଇଛି, ଯିଏ ତାଙ୍କର ଦାର୍ଶନିକ ଦୃଷ୍ଟିକୋଣ ପାଇଁ ପ୍ରସିଦ୍ଧ ଥିଲେ। ୧୫ ଶତାବ୍ଦୀର ସାଧୁ ରାଘବ ଚୈତନ୍ୟଙ୍କ ସମାଧି ମଧ୍ୟ ଏଠାରେ ଅଛି। ଏଠାରେ ଭଗବାନ ଶିବଙ୍କର ଏକ ପ୍ରାଚୀନ ମନ୍ଦିର ମଧ୍ୟ ରହିଛି। ବହୁ ବର୍ଷ ଧରି ମୁସଲମାନ ଏବଂ ହିନ୍ଦୁମାନଙ୍କ ପାଇଁ ଏହା ଏକ ସାଧାରଣ ପୂଜାପାଠ ସ୍ଥଳ ହୋଇଆସୁଛି। ତେବେ ୨୦୨୧ ମସିହାରେ ଏହି ଦରଗାହକୁ ନେଇ ଉତ୍ତେଜନା ଦେଖାଦେଇଥିଲେ ବି ଏହାର ସମାଧାନ କରି ପୁନର୍ବାର ଉଭୟ ସମ୍ପ୍ରଦାୟ ସେମାନଙ୍କ ପର୍ବ ମହାଆନନ୍ଦରେ ପାଳନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଫେବୃୟାରୀ ୧୯୯୮

- ସନ୍ଦିଗ୍ଧ ମୁସଲିମ୍ ଉଗ୍ରପନ୍ଥୀମାନେ ଆଲଜେରିଆର ପଶ୍ଚିମ ପ୍ରଦେଶ ଟ୍ଲେମସେନରେ ୨୩ ଜଣ ବେସାମରିକ ଲୋକଙ୍କୁ ହତ୍ୟା କରିଛନ୍ତି।
- ଦେଶରେ ଜାତୀୟତା ବିରୋଧୀ କାର୍ଯ୍ୟକଳାପ ଚାଲୁ ରଖିଥିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ପକ୍ଷରୁ ଜମ୍ମୁ–କଶ୍ମୀର ଲିବେରସନ ଫ୍ରଣ୍ଟ ଉପରେ ଲାଗୁ ହୋଇଥିବା ନିଷେଧାଦେଶ ତୃତୀୟଥର ପାଇଁ ବୃଦ୍ଧି।

## ଚିରନ୍ତନୀ

ତଥାପି ଧରା ଜଡ଼ତା ରାଶି
ଗଳାରେ ମୋର ଲଗାଏ ଫାଶୀ
ଚଳଇଁ ଶତ ଯାତନା ବହି
ଫିଟଇ ନାହିଁ ମୁଖ,
ଡାହୁକ ଡାକେ ଡାକଇ ସାରୀ ଶୁକ !
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁଲେଖା, ଉତ୍କଳ ପ୍ରସଙ୍ଗ ମିଳୁ ନାହିଁ

ମହାଶୟ,

ଓଡ଼ିଆ ଭାଷାରେ ଓଡ଼ିଶା ସରକାରଙ୍କ ସୂଚନାଭିତ୍ତିକ ପୁସ୍ତକ 'ଉତ୍କଳ ପ୍ରସଙ୍ଗ' ପ୍ରାୟତଃ ସାଧାରଣ ବହି ବିକ୍ରୟ ଦୋକାନରେ ମିଳି ନ ଥାଏ। ଏହା ଜୟଦେବ ଭବନ ସରକାରୀ କାଉଣ୍ଟରରେ କିଣିବାକୁ ମିଳିଥାଏ। ବଜାରରେ ମିଳୁ ନ ଥିବାରୁ ସାଧାରଣ ପାଠକ ଏହା ପଢ଼ିବାର ସୁଯୋଗ ପାଆନ୍ତି ନାହିଁ। ସେହିପରି ଛାତ୍ରୀଛାତ୍ର, ଶିଶୁ, କିଶୋରଙ୍କ ପଠନ ନିମନ୍ତେ ଶିଶୁଲେଖା ପ୍ରକାଶ ପାଏ। ସେତେବେଳେ ଏହା ଓଡ଼ିଶା ଶିଶୁସାହିତ୍ୟ ସମିତି ଦ୍ୱାରା ନିୟମିତ ପ୍ରକାଶିତ ହେଉଥିଲା। ପରେ ଏହାର ପ୍ରକାଶନ ଅନିୟମିତ ହୋଇଗଲା। କହିବାର କଥା ହେଲା ଉତ୍କଳ ପ୍ରସଙ୍ଗର ବାର୍ଷିକ ଗ୍ରାହକ ହେବା ପାଇଁ ବ୍ୟବସ୍ଥା କରାଯାଉ। ଗ୍ରାମରେ ଥିବା ପଞ୍ଜୀକୃତ ପାଠାଗାର/ କ୍ଲବ ପ୍ରଭୃତିକୁ ମାଗଣାରେ ବିତରଣ ହେଉ। ଶିଶୁଲେଖା ସାଧାରଣ ବହି ଦୋକାନରେ ମିଳିବା ବ୍ୟବସ୍ଥା ହେଉ। ସୀମାନ୍ତ ଅଞ୍ଚଳକୁ ସବୁ ସଂଖ୍ୟା ପ୍ରେରଣ କରାଯାଉ।

–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୂର୍ବ ଶତ୍ରୁତାରୁ ହତ୍ୟା କରିଥିଲେ କିନ୍ନର

■ ମହିଳାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

■ ଅଭିଯୁକ୍ତଙ୍କ ବସ୍ତ୍ର, ଚପଲ ପରୀକ୍ଷା ପାଇଁ ପଠାଗଲା

ମଙ୍ଗୁଳି-ଜଗତପୁର,୧୮।୨(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ କିନ୍ନର ପ୍ରିୟା।

କଟକ ଜିଲା ଜଗତପୁର ଥାନା ଅଧୀନ ଟ୍ରକ୍ ଟର୍ମିନାଲ ନିକଟ ଏକ ପରିତ୍ୟକ୍ତ ଘରୁ ଗତ ୭ ତାରିଖ ରାତିରେ ଜଣେ ମହିଳାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପୋଲିସ ଜବତ କରିଥିଲା। ଏ ନେଇ ପରିବାର ପକ୍ଷରୁ କେହି ଦୁର୍ବୃତ୍ତ ବଳାତ୍କାର କରି ହତ୍ୟାକରିଛି ବୋଲି ଥାନାରେ ଅଭିଯୋଗ ହୋଇଥିଲା। ତେବେ ପୋଲିସ ଏକ ମାମଲା (ନଂ.୬୭/୨୩)ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଶନିବାର ଏହାର ପର୍ଦ୍ଦାଫାଶ କରିଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଜଣେ କିନ୍ନରଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ମୁଣ୍ଡାସାହିର ସୁମନ୍ତ ଜେନା ଓରଫ୍ ପ୍ରିୟା। ତେବେ କିନ୍ନର ସୁମନ୍ତ ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଛି ବୋଲି ଏକ ଖବରଦାତା ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପ୍ରିୟାଙ୍କର ଦୀର୍ଘଦିନ ଧରି ମୃତା ମହିଳାଙ୍କ ସହ ବ୍ୟକ୍ତିଗତ କାରଣକୁ ନେଇ ଶତ୍ରୁତା ଲାଗିରହିଥିଲା। ଅନେକ ସମୟରେ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗିବା ସହ ମାର୍‌ପିଟ ହୋଇଛି। ହେଲେ ଘଟଣା ଦିନ ମଧ୍ୟରାତିରେ ଦୁହେଁ ଟ୍ରକ୍ ଟର୍ମିନାଲ ନିକଟରେ ଦେଖାହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପାଟିତୁଣ୍ଡ ହୋଇଥିଲା। ଏପରି କି ମହିଳା ଜଣଙ୍କ ପ୍ରିୟାଙ୍କୁ ମାର୍‌ପିଟ କରିଥିଲା। ଫଳରେ ପ୍ରିୟା ରାଗି ଯାଇ ମହିଳାଙ୍କ ଶରୀରରେ ନଖରେ ଅନେକ ଜାଗାରେ ଆଘାତ କରିବା ସହିତ ତାଙ୍କ ପିନ୍ଧା ଲୁଗାରେ ତଣ୍ଟି ଚିପି ହତ୍ୟା କରିଥିଲା। ପରଦିନ ମହିଳାଙ୍କ ମୃତଦେହ ପଡ଼ିଥିବା ଖବରପାଇ ପୋଲିସ ପହଞ୍ଚି ଜବତ କରିଥିଲା। ପରେ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ଏପରି କି ତଦନ୍ତ ସମୟରେ ମଧ ଘଟଣାସ୍ଥଳରେ ପ୍ରିୟା ବାରମ୍ବାର ବୁଲୁଥିବା ପୋଲିସ ଦେଖିଥିଲା। ତେବେ ସନ୍ଦେହ ହେବାରୁ ଗତ ୧୬ ତାରିଖରେ ପ୍ରିୟାଙ୍କୁ ଜଗତପୁର ପୋଲିସ ଚୌଦ୍ୱାର ଅଞ୍ଚଳରୁ ଉଠାଇ ଆଣିଥିଲା। ଥାନାରେ ପଚରାଉଚରା ପରେ ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା କରିଥିବା ନେଇ ପ୍ରିୟା ମାନିଥିଲେ। ଏହାପରେ ପ୍ରିୟା ସେଦିନ ରାତିରେ ପିନ୍ଧିଥିବା ଲୁଗାକୁ ପୋଲିସ ଜବତ କରିବା ସହ ଲୁଗାରେ ରକ୍ତର ଚିହ୍ନ ଥିବା ଦେଖିବାକୁ ପାଇଛି। ଲୁଗା ସହ ସେଦିନ ପିନ୍ଧିଥିବା ସମସ୍ତ ବସ୍ତ୍ର ଓ ଚପଲକୁ ପରୀକ୍ଷା କରିବାକୁ ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଯାଇଛି। ଏହି ତଥ୍ୟକୁ ଆଧାର କରି ପ୍ରିୟାଙ୍କ ବିରୋଧରେ ୩୦୨ରେ ମକଦ୍ଦମା ରୁଜୁ କରିଛି। ପ୍ରିୟା ନାମରେ ପୂର୍ବରୁ ବହୁ ଚୋରି ଏବଂ ଆପରାଧିକ ମାମଲା ରହିଛି ବୋଲି ସମ୍ମିଳନୀରେ ଡିସିପି ମିଶ୍ର କହିଛନ୍ତି। ସମ୍ମିଳନୀରେ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ ଏବଂ ଜଗତପୁର ଥାନା ଆଇଆଇସି ରବୀନ୍ଦ୍ର ନାଥ ମେହେର ଉପସ୍ଥିତ ଥିଲେ।

# କିଲିମାଞ୍ଜାରୋ ପର୍ବତ ଆରୋହଣ କଲେ ମଧୁସ୍ମିତା

ବ୍ରହ୍ମପୁର ଅଫିସ, ୧୮।୨

ଆଗାମୀ ଲକ୍ଷ୍ୟ ମାଉଣ୍ଟ ଏଭରେଷ୍ଟ

ବ୍ରହ୍ମପୁର ଗୋଷାଣୀନୂଆଗାଁ ନିବାସୀ ମଧୁସ୍ମିତା ପାତ୍ର ଜଣେ ତାଲିମ୍‌ପ୍ରାପ୍ତ ପର୍ବତାରୋହୀ। ସେ ଆଫ୍ରିକା ମହାଦେଶର ଉଚ୍ଚତମ ଗିରିଶୃଙ୍ଗ କିଲିମାଞ୍ଜାରୋ ସଫଳତାର ସହ ଆରୋହଣ ପରେ ଶନିବାର ସନ୍ଧ୍ୟାରେ ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଖୁସିରେ ମଧୁସ୍ମିତାଙ୍କ ପରିବାର ସମେତ ସହରର ବହୁ ବୁଦ୍ଧିଜୀବୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ମଧୁସ୍ମିତା ଏକ ଘରୋଇ କମ୍ପାନୀରେ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟରତ। ସେ ଜଣେ ତାଲିମ୍‌ପ୍ରାପ୍ତ ପର୍ବତାରୋହୀ। ୨୦୨୨ରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହିମାଚଳ ପର୍ବତ ଆରୋହଣ ସଂସ୍ଥା (ଏଚ୍‌ଏମ୍‌ଆଇ) ଶିକ୍ଷାନୁଷ୍ଠାନରୁ ତାଲିମ୍ ଗ୍ରହଣ କରିଛନ୍ତି। ଏଠାରୁ ଶିକ୍ଷାଲାଭ ପରେ ସେ ବର୍ତ୍ତମାନ ସୁଦ୍ଧା ମାଉଣ୍ଟରେନକ, ଚାଦର ଓ କେଦାରକନ୍ଥ ଭଳି ଗିରିଶୃଙ୍ଗର ଶିଖର ସଫଳତାର ସହ ଛୁଇଁ ରେକର୍ଡ ହାସଲ କରିଛନ୍ତି। ମଧୁସ୍ମିତା ଗତ ୧୦ ତାରିଖରେ କିଲିମାଞ୍ଜାରୋ ପର୍ବତାରୋହଣ ନିମନ୍ତେ ଆଫ୍ରିକା ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହଞ୍ଚି ମରାଙ୍ଗୁ ଫାଟକ ଦେଇ ନିଜ ଟିମ୍ ସହ ସେ ପର୍ବତାରୋହଣ ଆରମ୍ଭ କରିଥିଲେ। ଦୈନିକ ପ୍ରାୟ ୫ରୁ ୭ ଘଣ୍ଟା ପରିଶ୍ରମ କରି ନିଜ ଟିମ୍ ସହ ୧୩ ତାରିଖ ସୁଦ୍ଧା କିଲିମାଞ୍ଜାରୋ ଶିଖରରେ ପହଞ୍ଚିଥିଲେ। ଶନିବାର ବ୍ରହ୍ମପୁର ପ୍ରତ୍ୟାବର୍ତ୍ତନ ପରେ ମଧୁସ୍ମିତା କହିଛନ୍ତି, ଆଗାମୀ ଦିନରେ ଏସିଆ ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ପହଞ୍ଚିବା ମୋ ଲକ୍ଷ୍ୟ।




କିଲିମାଞ୍ଜାରୋ ପର୍ବତ ଶିଖରରେ ମଧୁସ୍ମିତା

# ଆଦର୍ଶ ନାଗରିକ ହେବାକୁ ଆହ୍ୱାନ



ଭୁବନେଶ୍ୱର,୧୮।୨(ବ୍ୟୁରୋ)

**ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ**

**ରୁଷି ପଟ୍ଟନାୟକଙ୍କୁ 'ଜୀବନ ବ୍ୟାପୀ ଯୁବ ସେବା ସମ୍ମାନ'**

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ସଂଗଠନ ଓ ଗୃହ ମନ୍ତ୍ରଣାଳୟ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୭ଦିନ ଧରି ଚାଲିଥିବା ୧୪ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା, ଏନ୍‌ସିଏସ୍‌ସି ଫର୍ ଏସ୍‌ସି ଏସ୍‌ଟି ବିଭାଗର ତପନ କୁମାର ରାଉଳ, କେନ୍ଦୁଝର ଜିଲା ଯୁବ ଅଧିକାରୀ ବସୁନ୍ଧରା ସାହୁ, ଖୋର୍ଦ୍ଧା ଜିଲା ଯୁବ ଅଧିକାରୀ ବିପିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏକତାର ସୂତ୍ରରେ ବାନ୍ଧି ହୋଇ ଜଣେ ଜଣେ ଆଦର୍ଶ ନାଗରିକ ହେବାକୁ ଅତିଥିମାନେ ଉପସ୍ଥିତ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଭିନେତା ତଥା ସମାଜିକ କର୍ମୀ ରୁଷି ପଟ୍ଟନାୟକଙ୍କୁ ସେବା କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ 'ଜୀବନ ବ୍ୟାପି ଯୁବ ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଛତିଶଗଡ଼ରୁ ୨୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତର୍କ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର, ଅର୍ଥରାଶି ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ, କୈଳାସ ମହାନ୍ତି, ରୋହିତ ନନ୍ଦେଶ୍ୱର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁଦାନ କମୁଛି: କେନ୍ଦ୍ରୀୟ ଯୋଜନା ବାଟବଣା ଆଶଙ୍କା

ଭୁବନେଶ୍ୱର,୧୮।୨(ବ୍ୟୁରୋ)

**ରାଜ୍ୟ ସରକାର ଅଂଶଧନ ବାବଦରେ ୩୬,୯୮୭ କୋଟି ପାଇବେ ବୋଲି ଆକଳନ କରିଥିବାବେଳେ ଜାନୁୟାରୀ ଶେଷ ସୁଦ୍ଧା ୩୦,୨୩୬ କୋଟି ଟଙ୍କା କେନ୍ଦ୍ରରୁ ମିଳିଛି।**

ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ହ୍ରାସପାଉଛି। ଏଥିଯୋଗୁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା କାର୍ଯ୍ୟକାରୀ କରିବା ନେଇ ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକବର୍ଷରେ ପ୍ରାୟ ୩୨,୮୦୦ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ଆକଳନ କରିଥିଲେ। ତେବେ ଏହି ଆଶା ମଉଳିବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷର ବଜେଟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବାବଦରେ ୩୧,୭୮୮ କୋଟି ୬୪ ଲକ୍ଷ ଟଙ୍କା ପାଇବେ ବୋଲି ଅଟକଳ କରିଛନ୍ତି। ତେବେ ୨୦୨୩ ଜାନୁୟାରୀ ଶେଷ ସୁଦ୍ଧା ରାଜ୍ୟ ସରକାର ମାତ୍ର ୧୧,୧୧୦ କୋଟି ୪୫ ଲକ୍ଷ ଟଙ୍କା ପାଇଛନ୍ତି। ଏହା ବଜେଟ ହିସାବର ପ୍ରାୟ ୩୪ ପ୍ରତିଶତ। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ଅଳ୍ପ କେଇଦିନ ଥିବାବେଳେ କେନ୍ଦ୍ରୀୟ ଅନୁଦାନ ଆଶାନୁରୂପ ମିଳିବା ନେଇ ଆଶଙ୍କା ଉପୁଜିଛି।

ରାଜ୍ୟ ସରକାର କେନ୍ଦ୍ରରୁ ଅନୁଦାନ ଓ ରାଜ୍ୟ ଅଂଶଧନ ଟିକସ ପାଇଥାନ୍ତି। ଚଳିତ ଆର୍ଥିକ ବର୍ଷରେ ଅନୁଦାନ ଓ ଅଂଶଧନ ଟିକସ ବାବଦରେ ରାଜ୍ୟ ସରକାର ୬୯,୭୬୬ କୋଟି ଟଙ୍କା ପାଇବେ ବୋଲି ବଜେଟରେ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଅନୁଦାନ କମିଥିବା ବେଳେ ଅଂଶଧନ ବଢ଼ିଥିବା ଜଣାଯାଇଛି। ଅଂଶଧନ ବାବଦରେ ରାଜ୍ୟ ସରକାର ୩୬,୯୮୭ କୋଟି ପାଇବେ ବୋଲି ଆକଳନ କରିଥିବାବେଳେ ଜାନୁୟାରୀ ଶେଷ ସୁଦ୍ଧା ୩୦,୨୩୬ କୋଟି ଟଙ୍କା ପାଇଛନ୍ତି। ଏହା ପ୍ରାୟ ୮୧ ପ୍ରତିଶତରୁ ଊର୍ଦ୍ଧ୍ୱ। ଅଂଶଧନ ୮୧ ପ୍ରତିଶତରୁ ଅଧିକ ପାଇଥିବାବେଳେ ଅନୁଦାନ ମାତ୍ର ୩୪ ପ୍ରତିଶତରେ ସୀମିତ ରହିଛି। କେନ୍ଦ୍ରୀୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରରୁ ଅନୁଦାନ ପାଇଥାନ୍ତି। ଏହା କମିଯିବା ଫଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ଅର୍ଥାଭାବ ଦେଖାଦେବାର ସମ୍ଭାବନା ରହିଛି। ରାଜ୍ୟ ସରକାର ବାରମ୍ବାର କେନ୍ଦ୍ର ସରକାରଙ୍କୁ ଘୋଷଣା କରାଯାଇଥିବା ଅନୁଦାନ ପରିମାଣ ଦେବା ପାଇଁ ଦାବି ଉପସ୍ଥାପନ କରିଥିବା ସତ୍ତ୍ୱେ ବର୍ଷ ବର୍ଷ ଧରି ଏହା କମିବାରେ ଲାଗିଛି।

ମାତ୍ର ବିଡ଼ମ୍ବନା ଯେ ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେନ୍ଦ୍ରରୁ ଯେତିକି ଅନୁଦାନ ଏହି ସମୟ ମଧ୍ୟରେ ପାଇଥିଲେ ଚଳିତ ଆର୍ଥିକ ବର୍ଷରେ ତାହା କମିଯାଇଛି। ଗତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା ରାଜ୍ୟ ସରକାର ୧୩,୨୭୭ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇଥିବା ବେଳେ ଚଳିତ ଆର୍ଥିକ ବର୍ଷର ଜାନୁୟାରୀ ଶେଷ ସୁଦ୍ଧା ଏହା ୧୧,୧୧୦ କୋଟି ଟଙ୍କାରେ ସୀମିତ ରହିଛି। ୨୦୨୧ ଜାନୁୟାରୀ ୩୧ ଶେଷ ସୁଦ୍ଧା ରାଜ୍ୟ ସରକାର ୧୭,୬୩୨ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ପାଇଥିଲେ। କିନ୍ତୁ ଚଳିତ ବର୍ଷ ତାହା ଅପେକ୍ଷା ସାଢେ ୬ ହଜାର କୋଟି ଟଙ୍କା କମ୍ ପାଇଛନ୍ତି।

ମହା ଶିବରାତ୍ରି ଉପଲକ୍ଷେ ବଲିଉଡ୍‌ର ଜଣାଶୁଣା ଗାୟିକା ଅନୁରାଧା ପୋଡ୍‌ୱାଲ ଶନିବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଲିଙ୍ଗରାଜ ମନ୍ଦିରଠାରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ଭଜନ ସମାରୋହରେ ଯୋଗଦେବା ପୂର୍ବରୁ ସେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟିକା ଅନୁରାଧା ପୋଡ୍‌ୱାଲଙ୍କୁ ଭେଟି ମୁଁ ଖୁସି ଅନୁଭବ କରୁଛି। ମୋତେ ସାକ୍ଷାତ କରିଥିବାରୁ ମୁଖ୍ୟମନ୍ତ୍ରୀ ଅନୁରାଧାଙ୍କୁ ଧନ୍ୟବାଦ ଦେବା ସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତିକୁ ଅନୁରାଧା ପ୍ରଚାରପ୍ରସାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।



# କୃଷି ଜୀବନ ଦର୍ଶନର ଆଦିବିନ୍ଦୁ: ରାଜ୍ୟପାଳ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

**କୃଷି ଓଡ଼ିଶା-୨୦୨୩ ଉଦ୍‌ଯାପିତ**

ବରମୁଣ୍ଡା ପଡ଼ିଆରେ ୩ ଦିନ ଧରି ଚାଲିଥିବା 'କୃଷି ଓଡ଼ିଶା-୨୦୨୩' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, କୃଷି କର୍ମ ହେଉଛି ଏକ ଆଧାତ୍ମିକ କ୍ରିୟା। ଶସ୍ୟ ଜୀବନଧାରଣର କାରଣ ହୋଇଥିବାରୁ କୃଷି କର୍ମ ଏକ ମହତ୍ତ୍ୱପୂର୍ଣ୍ଣ ସାଧନା। ଆମ ଧର୍ମ, ସଂସ୍କୃତି, ଐତିହ୍ୟ, ଇତିହାସ, ପରମ୍ପରା, ଜୀବନଶୈଳୀ, ଜୀବନବୋଧ ଓ ଦର୍ଶନର ଆଦିବିନ୍ଦୁ ହେଉଛି କୃଷି। ସଭ୍ୟତାର ଉତ୍ତମ ସଂରଚନା ଉପରେ ଏହା ପ୍ରତିଷ୍ଠିତ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି ତିନୋଟି ମୌଳିକ ଉପାଦାନ ଆମକୁ ସଭ୍ୟ, ମାର୍ଜିତ ଓ ଉତ୍ତରିତ କରିଛି। ଏସବୁର ଉତ୍ସ ଓ ଆଧାର ହେଉଛି କୃଷି। ଏଥିରେ ଯେଉଁ ରହସ୍ୟମୟ ରସ ଅଛି ତାହାକୁ ଆସ୍ୱାଦନ କରିବାକୁ ରାଜ୍ୟପାଳ କହିଛନ୍ତି।

ଜଳ, ଅଗ୍ନି, ବାୟୁ, ପୃଥିବୀ ଓ ଆକାଶ ପରି ପଞ୍ଚମହାଭୂତରୁ ସବୁକିଛି ସୃଷ୍ଟି ହୋଇଛି। ଏହି ତତ୍ତ୍ୱକୁ କେବଳ କୃଷକ ବୁଝିପାରେ ଏବଂ ଏହାକୁ କାର୍ଯ୍ୟରେ ଲଗାଏ। ତା' ହାତ ତିଆରି ଖାଦ୍ୟ କାହା ପେଟକୁ ଯିବ ସେ ବିଚାର କରେନି। ଏପରି ସାର୍ବଜନିନତା ଓ ଲୋକକଲ୍ୟାଣର ମହାଭାବ ନେଇ କୃଷକ ତା'ର କାର୍ଯ୍ୟ କରେ ବୋଲି ରାଜ୍ୟପାଳ କହିଛନ୍ତି। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ଆହ୍ୱାନ ରୂପେ ଉଭା ହୋଇଛି। ଏହା ଦ୍ୱାରା କୃଷି ଓ କୃଷକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛି। ଏହାର ମୁକାବିଲା ପାଇଁ ସାରା ମାନବ ସମାଜ ସଂଗଠିତ ହେବା ଆବଶ୍ୟକ। ନୂତନ ଜ୍ଞାନକୌଶଳ, ଚିନ୍ତା, ଚେତନାର ପ୍ରୟୋଗରେ ଏହାକୁ ରୋକାଯାଇପାରିବ ବୋଲି ରାଜ୍ୟପାଳ ଆଶାପ୍ରକାଶ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି ଯେ କୃଷି କ୍ଷେତ୍ରରେ ରାଜ୍ୟ ଆଜି ଏକ ନୂତନ ସୋପାନରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାମାନଙ୍କୁ ବିଭିନ୍ନ କୃଷି କାର୍ଯ୍ୟରେ ନିୟୋଜିତ କରାଯାଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। କୃଷି ଗବେଷଣାଲବ୍ଧ ଜ୍ଞାନକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା ଦିଗରେ କୃଷି ଓଡ଼ିଶା ଏକ ସଫଳ ପ୍ରୟାସ ବୋଲି ମନ୍ତ୍ରୀ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉତ୍ସବରେ ପୌରୋହିତ୍ୟ କରି କହିଛନ୍ତି ଯେ କୋଭିଡ୍-୧୯ ସମୟରେ କୃଷକମାନେ ଯେପରି ନିଜ ସୁରକ୍ଷାକୁ ବାଜି ଲଗାଇ କୃଷିକାର୍ଯ୍ୟ କରି ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିଥିଲେ ତାହା ନିଶ୍ଚିତ ରୂପେ ପ୍ରଶଂସନୀୟ। ରାଜ୍ୟ ସରକାରଙ୍କ ପକ୍ଷରୁ ସମୟୋଚିତ ପଦକ୍ଷେପ ଯୋଗୁ ବିଗତ ୨୦ ବର୍ଷରେ ରାଜ୍ୟ ଚାଉଳ ଉତ୍ପାଦନରେ ଏକ ବଳକା ରାଜ୍ୟ ହୋଇପାରିଛି ବୋଲି ସେ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା କୃଷିଜାତ ଦ୍ରବ୍ୟର ରପ୍ତାନି, ବିକ୍ରିବଟାର ବଜାର ସୁବିଧା ଓ କୃଷି କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭାଗୀଦାରିତା ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ଫସଲର ବିବିଧୀକରଣ, କୃଷି ଯାନ୍ତ୍ରିକୀକରଣ ଏବଂ କୃଷି ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ପ୍ରାଥମିକତା ଦିଆଯାଉଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି, ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ଦ୍ରୁତ ବିକାଶ ଦିଗରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଫିକିର ଜାତୀୟ କୃଷି କମିଟିର ଅଧ୍ୟକ୍ଷ ଟି.ଆର୍. କେଶବନ୍ କହିଛନ୍ତି, ସମ୍ପ୍ରତି ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ଅବସରରେ ରାଜ୍ୟପାଳ କୃଷକମାନଙ୍କ ପାଇଁ ଭାରତର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତାଚାଳିତ କୃଷିଭିତ୍ତିକ ସ୍ମାର୍ଟ ଚାଟବଟ୍ ଆମ କୃଷ୍‌ଏଆଇକୁ ଲୋକାର୍ପିତ କରିଥିଲେ। ରାଜ୍ୟର ଅଗ୍ରଣୀ ଓ ସଫଳ ଚାଷୀଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ.ଯେଦୁଲ୍ଲା ବିଜୟ ପ୍ରାଣୀପାଳନର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# ଶିକ୍ଷାନୁଷ୍ଠାନରେ 'ବୌଦ୍ଧିକ ସମ୍ପଦ' ଉପରେ ସଚେତନତା ଜରୁରୀ

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

ବିଜ୍ଞାନ ଓ କାରିଗରି ବିଭାଗର ସହଯୋଗରେ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର ଫାଉଣ୍ଡେଶନ ଓ ଦିଲ୍ଲୀସ୍ଥିତ ଭାରତୀୟ ପେଟେଣ୍ଟ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ବୌଦ୍ଧିକ ସମ୍ପଦ(ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି) ଉପରେ ଦୁଇଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୌଦ୍ଧିକ ସମ୍ପଦ ସମ୍ପର୍କରେ ରାଜ୍ୟର ଛାତ୍ରୀଛାତ୍ର, ଗବେଷକ ଓ ବୁଦ୍ଧିଜୀବୀମାନଙ୍କ ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଉଭୟ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପୂଜା ମିଶ୍ର ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୌଦ୍ଧିକ ସମ୍ପଦ ଉପରେ ଅଧିକ ଜ୍ଞାନ ଆହରଣ ଏବଂ ସମ୍ପଦର ଅଧିକାର ଦିଗରେ ଆବେଦନ ତଥା ପଞ୍ଜୀକରଣ ପାଇଁ ସୁବିଧା ଉପଲବ୍ଧ ହେବ ବୋଲି ପୂଜା ମିଶ୍ର କହିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ୍ ପ୍ରଫେସର ଚଣ୍ଡୀଚରଣ ରଥ ବକ୍ତବ୍ୟ ରଖି ଏପରି ସୁବିଧାର ସୁଯୋଗ ନେବା ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଦିଲ୍ଲୀସ୍ଥିତ ଜାତୀୟ ବୌଦ୍ଧିକ ସମ୍ପତ୍ତି ସଚେତନତା ମିଶନ(ନିପାମ୍)ର କାର୍ଯ୍ୟକର୍ତ୍ତା ତଥା ଭାରତୀୟ ପେଟେଣ୍ଟ କାର୍ଯ୍ୟାଳୟର ପରୀକ୍ଷକ ଛବି ଗର୍ଗ ଉଭୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ସଂକ୍ଷେପରେ

### ନନ୍ଦିକେଶ୍ୱର ପୀଠରେ ଆଧାତ୍ମିକ, ସମ୍ବର୍ଦ୍ଧନା ସଭା

ନାଉଗାଁ,୧୮।୨(ସ୍ୱ.ପ୍ର.): ମହାଶିବରାତ୍ରି ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠରେ ଶନିବାର ସନ୍ଧ୍ୟାରେ ଆଧାତ୍ମିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ୟୁଥ କ୍ଲବ ତରଫରୁ ଆୟୋଜିତ ଏହି ଧର୍ମ ସଭାକୁ ଗୋଠଦା ମଠାଧୀଶ ତଥା ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ଧ୍ରୁବ ଚରଣ ପରିଡ଼ା, ବିଶିଷ୍ଟ ଅତିଥି ଭାବେ ସୋଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ନାଉଗାଁ ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ପୂର୍ବତନ ପୁରୀ ଜିଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନନ୍ଦିକେଶ୍ୱର ୟୁଥ କ୍ଲବ ଓ ଗ୍ରାମବାସୀଙ୍କ ତରଫରୁ ଉକ୍ତ ବ୍ଲକରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କଳ୍ପନା ଦାସଙ୍କ ସମେତ ସମାଜ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷ ଓ ଗତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ ପାଢୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ୟୁଥ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ସମିତିସଭ୍ୟଙ୍କ ମାତୃ ବିୟୋଗ

ବାଲିକୁଦା,୧୮।୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ମା' ଉଷାରାଣୀ ଶତପଥୀ(୯୪)ଙ୍କ ଶନିବାର ଅପରାହ୍ନରେ ପରଲୋକ ଘଟିଛି। ସେ ବାଲିକୁଦା ବ୍ଲକ ପୂର୍ବତନ ଅଧକ୍ଷ ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ସ୍ତ୍ରୀ। ଉଷାରାଣୀ ଜଣେ ନିଷ୍କପଟ, ସରଳ, ଦୟାଶୀଳ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ଗଗନ ବିହାରୀ ଶତପଥୀ, ବିଜୟ ପରିଡ଼ା, ପ୍ରଶାନ୍ତ ମହାନ୍ତି, ଫନିନ୍ଦ୍ର ଶତପଥୀ, ବିଭୂତିଭୂଷଣ ସ୍ୱାଇଁ ପ୍ରମୁଖ ନବାଙ୍ଗସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଉଷାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷଚନ୍ଦ୍ର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବାଲିମାଫିଆଙ୍କ କବ୍‌ଜାରେ ଦୋସିଆମୁହଁ ଘାଟ

ଯାଜପୁର ଅଫିସ/କୋରେଇ (ଡି.ଏନ୍.ଏ.), ୧୮।୨



- ବିନା ସିଟିଓ, ଇସିରେ ଚାଲୁଛି ଉତ୍ତୋଳନ
- ବ୍ୟବହାର ହେଉଛି ନକଲି ଟିପି

ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକିବା ଏବଂ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗତ ପ୍ରାୟ ୨ ବର୍ଷ ହେବ ଲଘୁ ଖଣିଜ ସୈରାତଗୁଡ଼ିକ ଚିହ୍ନଟ କରାଯାଇ ଲିଜ୍ ମାଧ୍ୟମରେ ସେଥିରୁ ରାଜସ୍ୱ ଆଦାୟ ଲକ୍ଷ୍ୟ ରହିଛି। ହେଲେ ଯାଜପୁର ଜିଲାରେ କେତେଜଣ ସରକାରୀ ଅଧିକାରୀ, କର୍ମଚାରୀ ଏବଂ ଲଘୁ ଖଣିଜ ପଦାର୍ଥ ଲୁଟେରାଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରୁନାହିଁ।

ଯାଜପୁର ଜିଲାର ବ୍ୟାସନଗର ତହସିଲ ଅଞ୍ଚଳରେ ବାଲି ଚୋରି ମାମଲା କାହାକୁ ଅଛପା ନାହିଁ। ଏହି ତହସିଲ ଅଞ୍ଚଳରେ ଅଧିକାରୀ ଭାବେ ନିଯୁକ୍ତି ପାଇବା ପାଇଁ ଏକପ୍ରକାର ଅଘୋଷିତ ପ୍ରତିଯୋଗିତା ହୁଏ ବୋଲି କୁହାଯାଏ। ବଦଳି ହେବା ପୂର୍ବରୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଧରାଧରି କରି ତାକୁ ଚପାଇ ଦିଆଯାଇଥାଏ। ବ୍ୟାସନଗର ତହସିଲ ଅଧୀନ କୋରେଇ ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀରୁ ଦିନ ଦ୍ୱିପ୍ରହରରେ ମେଶିନ ଲଗାଇ ହାଇୱା, ଟ୍ରକ ଓ ଟ୍ରାକ୍ଟରରେ ଶହ ଶହ ଟ୍ରିପ ବାଲି ଉଠାଇ ନିଆଯାଉଛି। ଏଥିପାଇଁ ନଦୀ ତଟବର୍ତ୍ତୀ ଲୋକେ ବିପଦର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱହାନି ହେଉଛି। କୋରେଇ ବ୍ଲକ ରଣପୁର ପଞ୍ଚାୟତର ଦୋସିଆମୁହଁ ବାଲିଘାଟ ଏହାର ଅନ୍ୟତମ ଉଦାହରଣ। ଏହି ବାଲିଘାଟ ସମ୍ମୁଖରେ କେତେଜଣ ଲୋକଙ୍କ ବ୍ୟକ୍ତିଗତ ଜମି ରହିଥିବା କାରଣରୁ ସରକାରୀ ସ୍ତରରେ ଏହାକୁ ନିଲାମ କରାଯାଉନାହିଁ। ଏହାର ସୁଯୋଗ ନେଇ ରଣପୁର ଅଞ୍ଚଳର କେତେଜଣ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ହାତକରି ପ୍ରାୟ ୫ବର୍ଷ ହେବ ବିପୁଳ ଟଙ୍କାର ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଛନ୍ତି। ତେବେ ଏହି ବାଲି ଖାଦାନର ଲିଜ୍ ନଥିବାରୁ ନକଲି ଟିପି(ଟ୍ରାନ୍‌ଜିଟ ପାସ୍) ବ୍ୟବହାର କରି ପରିବହନ, ପୋଲିସ ଏବଂ ରାଜସ୍ୱ ଅଧିକାରୀଙ୍କୁ ଭୁଆଁ ବୁଲାଯାଉଛି। ଅନ୍ୟପକ୍ଷେ ସମ୍ପୃକ୍ତ କେତେଜଣ ଅଧିକାରୀ ଏହି ନକଲି ଟିପି ସମ୍ପର୍କରେ ଜାଣି ନିଜ ପକେଟ ଗରମ ପାଇଁ ନୀରବ ରହୁଥିବା ଅଭିଯୋଗ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି ) ଠାରୁ ପରିଚାଳନା ଅନୁମତି ବା କନସେଣ୍ଟ ଟୁ ଅପରେଟ୍ (ସିଟିଓ) ଏବଂ ପରିବେଶଗତ ଅନୁମତି (ଇସି) ନ ଥାଇ ମାଫିଆମାନେ ଦୀର୍ଘ ବର୍ଷ ହେଲା ଏହି ଘାଟରୁ ବାଲି ଚୋରାଚାଲାଣ କରୁଥିଲେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କିମ୍ବା ମୋଟା ଅଙ୍କର ରାଜସ୍ୱ ଆଦାୟ ହେଉନାହିଁ। ଜଣେ ରାଜସ୍ୱ ନିରୀକ୍ଷକ ଏହି ଚୋରା ବାଲିଘାଟର ମୁଖ୍ୟ ସାଜିଥିବା ଗ୍ରାମବାସୀ କହିଛନ୍ତି। ରାଜସ୍ୱ ନିରୀକ୍ଷକ ଜଣକ ବ୍ୟାସନଗର ତହସିଲ୍‌ର ଜଣେ ଅଫିସରଙ୍କୁ ହାତ କରି ବାଲି ମାଫିଆଙ୍କ ସହିତ ମୋଟା ଅଙ୍କର ମାସିକିଆ ଡିଲ କରିଥିବା ଚର୍ଚ୍ଚା ହେଉଛି। ଏପରି କି ରାଜସ୍ୱ କର୍ମଚାରୀ ଜଣକ ଚଢାଉ ପୂର୍ବରୁ ବାଲି ମାଫିଆଙ୍କୁ ସଜାଗ କରୁଛନ୍ତି। ଫଳରେ ରାଜସ୍ୱ ବିଭାଗ ଏହି ବେଆଇନ ଖନନକୁ ରୋକ ଲଗାଇବାରେ ସକ୍ଷମ ହେଉନାହିଁ। ଅଭିଯୋଗ ହେଲେ କେବେ କେମିତି କୌଣସି ଏକ ବାଲି ବୋଝେଇ ଗାଡ଼ି ଜବତ କରାଯାଇ ଅଳ୍ପ କିଛି ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଉଛି। କେଉଁଘାଟରୁ କେତେ ବାଲି ଉତ୍ତୋଳନ ହୋଇଛି ତାହା ରାଜସ୍ୱ ବିଭାଗ ମାପଚୁପ କରୁ ନ ଥିବାରୁ ବର୍ଷା ହେଲେ ସବୁକିଛି ଲିଭି ଯାଉଛି। ଜଳ ପ୍ରବାହ ପଥରେ ବନ୍ଧ ପକାଇ ବାଲି ଖନନ କରୁଥିବା କାରଣରୁ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟା ବ୍ୟାହତ ହେବା ସହିତ ଲୋକଙ୍କ ଜୀବନ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ପ୍ରତିଦିନ ନଦୀବନ୍ଧ ଦେଇ ଭାରିଯାନ ସାହାଯ୍ୟରେ ଶହ ଶହ ଟ୍ରିପ ବାଲି ପରିବହନ ହେଉଥିବାରୁ ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ଫଳରେ ସାମାନ୍ୟ ବନ୍ୟା ଆସିଲେ ଘାଇ ସୃଷ୍ଟି ହୋଇ ନିକଟସ୍ଥ ଗ୍ରାମଗୁଡ଼ିକ ପାଇଁ ବିପଦ ଆଶଙ୍କା ସୃଷ୍ଟି କରୁଛି। ରାସ୍ତାରେ ବାଲି ପଡୁଥିବା ହେତୁ ବାଇକ ଯୋଗେ ଯାତାୟାତ ପାଇଁ ଲୋକମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କ ମତାମତ ନେବାକୁ ଫୋନ କରାଯାଇଥିଲେ ହେଁ ସେ କଲ୍ ଗ୍ରହଣ କରି ନ ଥିଲେ। ରଣପୁର ଆରଆଇ ରବିନାରାୟଣ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏହି ସର୍କଲରେ ୧୦ଦିନ ହେବ ତାଙ୍କୁ ଦାୟିତ୍ୱ ମିଳିଛି। ବାଲି ଚୋରି ଅଭିଯୋଗ ପ୍ରସଙ୍ଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମହାଶିବରାତ୍ରି: ଚାରିଆଡ଼େ ଭକ୍ତିମୟ ପରିବେଶ



ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୮।୨

ମହାଶିବରାତ୍ରି ପାଇଁ ଶନିବାର ଜଗତ୍‌ସିଂହପୁର ଜିଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ସନ୍ଧ୍ୟାରେ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ବୃଦ୍ଧାବୃଦ୍ଧ, ମହିଳା, ପୁରୁଷ, ଯୁବତୀଯୁବକମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଏରସମା ବ୍ଲକ ନାରଦିଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ମହାଦେବ, ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମହାଦେବଙ୍କ ପୀଠ ସମେତ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଉଠିଥିଲା। ଅନେକ ସ୍ଥାନରେ ପାଲା, ନାମ ସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ବିରିଡ଼ି ବ୍ଲକର ଶୈବପୀଠଗୁଡ଼ିକ ସକାଳୁ ଉତ୍ସବମୁଖର ହୋଇ ଉଠିଥିଲା। ଚାନ୍ଦପୁର ଅଷ୍ଟଶମ୍ଭୁ ମହାଦେବ, ବାରଡ଼ିଆ ସିଦ୍ଧେଶ୍ୱର ମହାଦେବ, ଅଡ଼ଙ୍ଗଗଡ଼ ନୀଳକଣ୍ଠେଶ୍ୱର ମହାଦେବ, ଅଡ଼ଙ୍ଗଶାସନ ପଶ୍ଚିମେଶ୍ୱର ମହାଦେବ, ଗୋପୀନାଥପୁର ବଟେଶ୍ୱର ମହାଦେବ, ବାଲିଆ ଲୋକନାଥ ମହାଦେବ ଓ ନୂଆଡ଼ଣା କପିଳେଶ୍ୱର ମହାଦେବଙ୍କ ପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କେତେକ ଶୈବପୀଠରେ ପୋଲିସ ମୁତୟନ କରାଯାଇଥିଲା। ସେହିପରି ନାଉଗାଁ ବ୍ଲକର ତିହୁଡ଼ା ଦକ୍ଷିଣେଶ୍ୱର, ନାଉଗାଁର ସାଧୁ ଗୋସ୍ୱାମୀ, ଘୋଡ଼ାଂଶର ଘୋଡ଼େଶ୍ୱର, ନନ୍ଦିଗ୍ରାମର ନନ୍ଦିକେଶ୍ୱର, ତିରୁଣାର ସୁବର୍ଣ୍ଣେଶ୍ୱର, ଗଜରାଜପୁରର ତୁମ୍ବେଶ୍ୱର, ଗୋଠଦାର ଗୋଠେଶ୍ୱର, ତେଲସରର ରାମେଶ୍ୱର, ଡାହାଣିଖିଆର ବାବା ଜଟାଧାରୀ, କୋରୁଅର ନୀଳକଣ୍ଠେଶ୍ୱର, ଶାଳିଜଙ୍ଗାର ସିଦ୍ଧେଶ୍ୱର ଓ ଗଙ୍ଗଦାର ମଉଳା ଭଣଜା ଆଦି ଶୈବପୀଠରେ ମହାଶିବରାତ୍ରି ମହା ସମାରୋହରେ ପାଳିତ ହୋଇଯାଇଛି।

# 'ଭଗବଦ୍‌ଗୀତା ହିନ୍ଦୁ ଚେତନାର ପ୍ରତୀକ'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର,୧୮।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଗୀତାର ପୁରୁଷୋତ୍ତମ ଯୋଗ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଇଜର କୁଳସଚିବ ତଥା କଲେଜ ପରିଚାଳନା ପରିଷଦର ସଭାପତି ଅଭୟ କୁମାର ନାୟକ ଆଭାସୀ ମାଧ୍ୟମରେ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧକ୍ଷ ସରୋଜ କୁମାର ପଣ୍ଡା ଅଧକ୍ଷତା କରି ଭାଗବଦ୍‌ଗୀତା ହିନ୍ଦୁ ଚେତନାର ପ୍ରତୀକ ବୋଲି ସମ୍ବୋଧିତ କରିଥିଲେ। ମାନବବାଦର ବାର୍ତ୍ତା ବହନ କରି ସର୍ବଦା ମାନବ ଜାତିକୁ ଦିବ୍ୟ ସନ୍ଦେଶ ପ୍ରଦାନ କରୁଥିବା ପବିତ୍ର ଗ୍ରନ୍ଥ ଗୀତା ଆତ୍ମ ପାଇଁ ଅମୃତ ସଦୃଶ ଓ ଚିରନମସ୍ୟ ବୋଲି ସେ ପ୍ରକାଶ କରିଥିଲେ। ବିଶେଷଜ୍ଞ ଭାବେ ଏସ୍‌ଭିଏମ୍ କଲେଜର ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ବିଜୟ କୁମାର ବିଶ୍ୱାଳ ଯୋଗଦେଇ ବେଦ ଓ ଉପନିଷଦ ପରେ ଶ୍ରୀମଦ୍ ଭଗବଦ୍‌ଗୀତା ହିନ୍ଦୁବାଦକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ବିଶେଷଜ୍ଞ ଭାବେ ଗ୍ରାମେଶ୍ୱର ମହାବିଦ୍ୟାଳୟ ଅଧ୍ୟାପକ ତଥା ଗବେଷକ ଓ ଗୀତା ପ୍ରଚାରକ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଶ୍ରୀ ଗୀତା ରଥ, ଅଧ୍ୟାପକ ଗଦାଧର ପାଣି, ବଳରାମ ପାଳ, କେଦାର ମୁଦୁଲି, ପ୍ରଶାନ୍ତ ନାୟକ, ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ, ଯାଜ୍ଞସେନୀ ରାଉତ, ସୌମ୍ୟା ମହାନ୍ତି ଓ ସ୍ୱାଗତିକା ଦାସ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଚିନ୍ମୟ ଜେନା, ହିମାଂଶୁ ପାଢ଼ୀ, ଶୁଭାଶିଷ ସ୍ୱାଇଁ, ପୀୟୂଷ ପ୍ରତିମ ବିଶ୍ୱାଳ, ମୋନାଲିସା ମହାନ୍ତି, ଶୁଭସ୍ମିତା ଦ୍ୱିବେଦୀ ଓ ଅନସୂୟା ସ୍ୱାଇଁ ସେମାନଙ୍କର ସ୍ୱଲିଖିତ ସନ୍ଦର୍ଭ ପାଠ କରି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା କର୍ମଚାରୀ ପ୍ରଦୀପ ନାୟକ, ବିଜୟ ସ୍ୱାଇଁ, ନକୁଳ ନାୟକ, ବାବୁଲି ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ବିଜୟ ପରିଡ଼ା, କୈଳାସ ସ୍ୱାଇଁ ଓ ବଟକୃଷ୍ଣ ସ୍ୱାଇଁ ସହଯୋଗ କରିଥିବା ବେଳେ ଅଧ୍ୟାପକ ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

## କନକେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବିରିଡି, ୧୮।୨(ଡି.ଏନ୍.ଏ.)

ବିରିଡ଼ି ବ୍ଲକ ୨୨ ମୌଜା ମଙ୍ଗୁଳି ରଘୁନାଥପୁର ଗ୍ରାମର କନକେଶ୍ୱର ମହାଦେବଙ୍କ ପୀଠରେ ବୁଧବାରଠାରୁ ଚାଲିଥିବା ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ମହାଶିବରାତ୍ରିରେ ପୂର୍ଣ୍ଣାହୁତି ହୋଇଯାଇଛି । ଏହି ଅବସରରେ ଜଳଯାତ୍ରା, ପଞ୍ଚଗବ୍ୟ ଶୋଧନ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ମଣ୍ଡଳ ପୂଜା, ଚଣ୍ଡୀ ହବନ, ଗୋ ପୂଜା, ଗୀତା ମନ୍ତ୍ର, ଶିବ ସହସ୍ର ମନ୍ତ୍ର ଆଦି ପାଠ କରାଯାଇଥିଲା। ରଘୁନାଥପୁର ଓ ମଙ୍ଗୁଳି ଗ୍ରାମର ପିଲାମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।

## ଜାଗରରେ ଆତ୍ମଦୀପ ଜଳାଇବାକୁ ଆହ୍ୱାନ

ପାରାଦୀପ,୧୮।୨(ସ୍ୱ.ପ୍ର.)

ପାରାଦୀପ ମଧୁବନ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଶିବବାବାଙ୍କ ଜୟନ୍ତୀ ତଥା ଶିବରାତ୍ରି ରହସ୍ୟ ସମ୍ପର୍କରେ ଶାନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ସୁମନଙ୍କ ଅଧକ୍ଷତାରେ ଆୟୋଜିତ ଦିବ୍ୟ ଆଲୋଚନାରେ ବନ୍ଦର ଉପାଧକ୍ଷ ଆଶିଷ କୁମାର ବୋଷ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, କୋଷ୍ଟଗାର୍ଡ ଡିଆଇଜି ୱାଇ କେ ସିଂହ, ବନ୍ଦର କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ମତ ରଖିଥିଲେ। ଏହି ଅବସରରେ ଶିବରାତ୍ରି ରହସ୍ୟ କିପରି ପାଳନ କରିବା, ଉଜାଗର ରହିବା, ଦୀପ ଜାଳିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବ୍ରହ୍ମାକୁମାରୀ ସୁମନ ଜୀବନର ଅନ୍ଧକାରକୁ ମୁକ୍ତ ରଖିବା ପାଇଁ ଜାଗ୍ରତ ହେବା, ମନ୍ଦିରରେ ଘିଅ ଦୀପ ବଦଳରେ ଆତ୍ମଦୀପ ଜାଳି ଶୁଦ୍ଧୀକରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଶ୍ରମ ପକ୍ଷରୁ ପାରେଶ୍ୱର ମନ୍ଦିର, ଲୋକନାଥ ମନ୍ଦିର, ଷଣ୍ମୁଖ ଶିବ ମନ୍ଦିର ଆଦି ସ୍ଥାନରେ ଶାନ୍ତି ଆଲୋଚନା କରାଯାଇଥିଲା।

# ମରାମତିର ୨ ମାସ ନ ପୂରୁଣୁ ରାସ୍ତାରେ ଖାଲ

ନାଉଗାଁ,୧୮।୨(ସ୍ୱ.ପ୍ର)

**ଶିଖରଘାଟ-ବାଲି ଭଉଁରି ରାସ୍ତା**
- ନିମ୍ନମାନର କାମ ଅଭିଯୋଗ
- ୭୦୦ ମିଟର ରାସ୍ତା ପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି
- ୧ ବର୍ଷରେ ୨ ଥର ମରାମତି ହେଲାଣି

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ-ବାଲି ଭଉଁରି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ୨ ମାସ ପୂର୍ବେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର ଏବେ ପୁଣି ରାସ୍ତା ଦବି ଖାଲ ସୃଷ୍ଟି ହୋଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ରାସ୍ତା କାର୍ଯ୍ୟ କରାଯାଇଥିବାବେଳେ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇଛି। ନିମ୍ନମାନର କାମ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ନାଉଗାଁ ବଜାରଠାରେ ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଏହି ଗୋଟିଏ ପାର୍ଶ୍ୱ ଦବି ଖାଲ ସୃଷ୍ଟି ହୋଇଛି। ସେହିପରି ବ୍ଲକ କାର୍ଯ୍ୟାଳୟ ଛକ ନିକଟରେ ମଧ୍ୟ ଏହି ରାସ୍ତାରେ ଏକ ଖାଲ ହୋଇଥିବା ଜଣାପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଟି ନାଉଗାଁ ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାବେଳେ ପୁରୀ, ଜଗତ୍‌ସିଂହପୁର, କଟକ, ପାରାଦୀପ ଓ ଅସ୍ତରଙ୍ଗ ଆଦି ସ୍ଥାନକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଯାତ୍ରୀବାହୀ,ମାଲବାହୀ,ଗାଡି ଯିବା ଆସିବା କରିଥାନ୍ତି। ତା'ସହିତ ଦେବୀ ନଦୀରେ ଥିବା ବାଲି ସଇରାତରୁ ବାଲି ବୋଝେଇ ଗାଡି ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାଇଥାଏ। ଏହି ରାସ୍ତା ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିବାବେଳେ ୭୦୦ ମିଟର ରାସ୍ତା ପାଇଁ ୧୫ ଲକ୍ଷ ବ୍ୟୟ ହୋଇଛି। ଗୋଟିଏ ବର୍ଷରେ ଏହି ରାସ୍ତା ୨ ଥର ମରାମତି କରାଯାଇଛି। ବାରମ୍ବାର ରାସ୍ତା ମରମତି କରାଯାଉଥିବାବେଳେ ଖୁବ କମ୍ ଦିନରେ ଖରାପହୋଇ ଯାଉଥିବାରୁ ଏହାର କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ଦବିବା ଫଳରେ ରାତିରେ ମାଲବାହୀ ଗାଡି ଯାତାୟାତ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଉକ୍ତ ରାସ୍ତା ପାଇଁ ପୁନର୍ବାର କାର୍ଯ୍ୟ କରିବାକୁ ପ୍ରଶାସନ ନିକଟରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇ ପୁନର୍ବାର ମରାମତି କରାଯିବ।



ଶିଖରଘାଟ-ବାଲି ଭଉଁରି ରାସ୍ତାରେ ହୋଇଥିବା ଖାଲ।

# ଗଛ ପ୍ରେମରେ ରବିନାରାୟଣ

- ବାଡ଼ିରେ ଲଗାଇଛନ୍ତି ଶତାଧିକ ଫୁଲ, ଫଳ, ପରିବା ଏବଂ ଔଷଧୀୟ ଗଛ
- ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦେଇଥାନ୍ତି

ବାଲିକୁଦା,୧୮।୨(ସ୍ୱ.ପ୍ର.)



ରବିନାରାୟଣ ପରିଡ଼ାଙ୍କ ବଗିଚାରେ ଲଗାଯାଇଥିବା ବିଭିନ୍ନ ଗଛ।

ଆଧୁନିକ ମଣିଷ ଏବେ ବଣଜଙ୍ଗଲ କାଟି ଧ୍ୱଂସକରି ଚାଲିଥିବାବେଳେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଭୁଆସୁଣୀ ଗ୍ରାମର ରବିନାରାୟଣ ପରିଡ଼ା (୪୫) ଗଛ ପ୍ରେମରେ ପଡ଼ିଯାଇଛନ୍ତି। ସେ ନିଜ ବାଡ଼ିରେ ଶତାଧିକ ଜାତିର ଫୁଲ, ଫଳ, ପରିବା ଏବଂ ଔଷଧୀୟ ଗଛ ଲଗାଇଛନ୍ତି । ଯେଉଁଥିରେ ସେ ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିନିଯୋଗ କରିଥାନ୍ତି। ଯଦିଓ ସେଥିରୁ ତାଙ୍କର ନିଜସ୍ୱ କୌଣସି ରୋଜଗାର ହେଉନାହିଁ କିନ୍ତୁ ବିଭିନ୍ନ ଜାତିର ଗଛ ଦେଖିଲେ ସେ ବଜାରରୁ କିଣି ତା'ର ଯତ୍ନ ନେଇଥାନ୍ତି। ଏଥିପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗ ମଧ୍ୟ କରିଛନ୍ତି। ଲଗାଇଥିବା ଗଛର ଫୁଲ, ଫଳ ଓ ପରିବା ଇତ୍ୟାଦିକୁ ତାଙ୍କ ବଗିଚା ଦେଖିବାକୁ ଆସୁଥିବା ଲୋକଙ୍କୁ ବାଣ୍ଟିଥାନ୍ତି । ସେଥିରେ ବହୁତ ଖୁସି ମିଳେ ବୋଲି କୁହନ୍ତି ରବି । ପ୍ରତିଦିନ ସକାଳେ ୩ ଘଣ୍ଟା, ଅପରାହ୍ନରେ ୨ ଘଣ୍ଟା ଓ ରାତିରେ ୮ଟାରୁ ୯ଟା ପର୍ଯ୍ୟନ୍ତ ସେ ଏସବୁ ଗଛ ପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ଗଛରେ ଜୈବିକ ଖତ ପ୍ରୟୋଗ କରାଯାଇଛି। ଏହା ମଧ୍ୟରେ ମାଟି ଗୋବର ଖତ ରହିଛି । ରବିଙ୍କ ବଗିଚାରେ ୨୦ରୁ ଊର୍ଦ୍ଧ୍ୱ ଜାତିର ଫୁଲ ରହିଛି । ସେଗୁଡିକ ମଧ୍ୟରେ ବିଭିନ୍ନ ରଙ୍ଗର ପ୍ରାୟ ୧୨ ପ୍ରକାର ଗୋଲାପ ରହିଛି । ସେଭଳି ୧୦ ପ୍ରକାର ମନ୍ଦାର ଥିବାବେଳେ ୩୦ ପାଖୁଡାବିଶିଷ୍ଟ ମନ୍ଦାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଏହାଛଡ଼ା କୁସୁମ, ସୁଗନ୍ଧରାଜ, ସଦାବିହାରୀ ଓ ବିଭିନ୍ନ ପ୍ରକାର କନିଅର ଫୁଲ ରହିଛି । ସେହିପରି ବିଭିନ୍ନ ଫଳଗଛ ମଧ୍ୟରେ ୩ ପ୍ରକାର କମଳା, ୫ ପ୍ରକାର ଲେମ୍ବୁ ଯଥା ବାରମାସୀ, ଦେଶୀ, କାଗେଜି ଲେମ୍ବୁ, ଅଷ୍ଟ୍ରେଲିଆନ ଲେମ୍ବୁ , କାଶୀ ବରକୋଳି, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ବେଲ, ଡାଳିମ୍ବ ସହ ଚଳିତବର୍ଷ ସେଓଗଛ ମଧ୍ୟ ଲଗାଇଛନ୍ତି । ଏହାଛଡ଼ା ସେ ବାଡ଼ିରେ ବିଭିନ୍ନ ପରିବା ଗଛ ମଧ୍ୟ ଲଗାଇଛନ୍ତି। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ଜାତିର ବିଲାତି ବାଇଗଣ, ପିଆଜ, ଲଙ୍କା, କାପ୍‌ସିକମ୍, ଅମୃତଭଣ୍ଡା, ସଜନା, ଭୃଷଙ୍ଗ ଆଦି ରହିଛି । ତାଙ୍କର ଯଦିଓ ସ୍ଥାନୀୟ ଅନନ୍ତପୁର ବଜାରରେ ମୋବିଲ ଦୋକାନ ରହିଛି ମାତ୍ର ଅଧିକାଂଶ ସମୟ ସେ ଏହି ଗଛ ପାଇଁ ଦେଇଥାନ୍ତି । ଏହି ବାଡ଼ିରେ କୌଣସି ଅପରିଷ୍କାର ଦେଖିବାକୁ ମିଳି ନ ଥାଏ, ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏହି ଗଛଗୁଡିକୁ ଦେଖିବା ପାଇଁ ଆସିବା ସହ ବିଭିନ୍ନ ଫଳ ଓ ଫୁଲ ଆଦି ନେଇଥାନ୍ତି । ସ୍ଥାନୀୟ ଖଡ଼ିକାଦଣ୍ଡା ଗ୍ରାମର ପୀତବାସ ସ୍ୱାଇଁ କୁହନ୍ତି, ରବି ବାଡ଼ିରେ ବିଭିନ୍ନ ଫୁଲ, ଫଳ, ପରିବା ଏବଂ ଔଷଧୀୟ ବୃକ୍ଷ ଆଦି ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେଠାରେ ଅତିକମ୍‌ରେ ୨ ଘଣ୍ଟା ନ ବୁଲିଲେ ଆସିବାକୁ ଇଚ୍ଛା ହୁଏନି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନନ୍ଦିକେଶ୍ୱର ପୀଠରେ ଆଧ୍ୟାତ୍ମିକ, ସମ୍ବର୍ଦ୍ଧନା ସଭା

ନାଉଗାଁ,୧୮।୨(ସ୍ୱ.ପ୍ର.): ମହାଶିବରାତ୍ରି ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠରେ ଶନିବାର ସନ୍ଧ୍ୟାରେ ଆଧ୍ୟାତ୍ମିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦକିଶୋର ୟୁଥ କ୍ଲବ ତରଫରୁ ଆୟୋଜିତ ଏହି ଧର୍ମ ସଭାକୁ ଗୋଠଦା ମଠାଧୀଶ ତଥା ଓଡ଼ିଶା ସାଧୁସନ୍ଥ ସମାଜର ସଭାପତି ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡ. ଧ୍ରୁବ ଚରଣ ପରିଡ଼ା, ବିଶିଷ୍ଟ ଅତିଥି ଭାବେ ସୋଆ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ନାଉଗାଁ ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ପୂର୍ବତନ ପୁରୀ ଜିଲାପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନନ୍ଦିକେଶ୍ୱର ୟୁଥ କ୍ଲବ ଓ ଗ୍ରାମବାସୀଙ୍କ ତରଫରୁ ଉକ୍ତ ବ୍ଲକରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କଳ୍ପନା ଦାସଙ୍କ ସମେତ ସମାଜ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷ ଓ ଗତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ୟୁଥ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ସମିତିସଭ୍ୟଙ୍କ ମାତୃ ବିୟୋଗ

ବାଲିକୁଦା,୧୮।୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଳାଭର ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀଙ୍କ ମା' ଉଷାରାଣୀ ଶତପଥୀ(୯୪)ଙ୍କ ଶନିବାର ଅପରାହ୍ନରେ ପରଲୋକ ଘଟିଛି। ସେ ବାଲିକୁଦା ବ୍ଲକ ପୂର୍ବତନ ଅଧକ୍ଷ ସ୍ୱର୍ଗତ ଚକ୍ରଧର ଶତପଥୀଙ୍କ ସ୍ତ୍ରୀ। ଉଷାରାଣୀ ଜଣେ ନିଷ୍କପଟ, ସରଳ, ଦୟାଶୀଳ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ଗଗନ ବିହାରୀ ଶତପଥୀ, ବିଜୟ ପରିଡ଼ା, ପ୍ରଶାନ୍ତ ମହାନ୍ତି, ଫନିନ୍ଦ୍ର ଶତପଥୀ, ବିଭୂତିଭୂଷଣ ସ୍ୱାଇଁ ପ୍ରମୁଖ ନବାଙ୍ଗସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଉଷାରାଣୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷଚନ୍ଦ୍ର ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଜିଲାରେ ତୁରନ୍ତ ଶୀତଳ ଭଣ୍ଡାର ନିର୍ମାଣ କର

**ବିଧାନସଭା ଷ୍ଟାଣ୍ଡିଂ କମିଟିର ଜଗତ୍‌ସିଂହପୁର ଗସ୍ତ**

- ୫୮୩ ଖୁଚୁରା ବିକ୍ରୟ କେନ୍ଦ୍ର ପରିଚାଳନା କରୁଛନ୍ତି ୪୪୪ ବେସରକାରୀ ରିଟେଲର
- ବିଭିନ୍ନ ଯୋଜନା ଉପରେ ସମୀକ୍ଷା

ଜଗତ୍‌ସିଂହପୁର ଅଫିସ, ୧୮।୨

ଜଗତ୍‌ସିଂହପୁର ଏକ କୃଷିପ୍ରଧାନ ଜିଲା। କିନ୍ତୁ ଜିଲାରେ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଅଭାବୀ ବିକ୍ରି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି। ଅର୍ଥାତ୍ ଉତ୍ପାଦିତ ପନିପରିବା ଓ ଫସଲର ଉଚିତ ମୂଲ୍ୟ ମିଳିପାରୁନାହିଁ। ଏନେଇ ଦୀର୍ଘବର୍ଷ ହେବ ଦାବି ହୋଇଆସୁଥିଲେ ସୁଦ୍ଧା କୌଣସି ଫଳ ମିଳୁନି। ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି-୬ର ସବ୍‌କମିଟି-୩ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସିଥିବାବେଳେ ଏହି ପ୍ରସଙ୍ଗ ପୁଣି ମୁଣ୍ଡ ଟେକିଛି।

ଏହି ଅବସରରେ ଜିଲାରେ ଯଥାଶୀଘ୍ର ଶୀତଳଭଣ୍ଡାର କରିବାକୁ ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କୁ ସବ୍‌କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି। କମିଟି ଅଧକ୍ଷ ତଥା ବିଧାୟକ ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଆସିଥିବା ସଦସ୍ୟମାନେ ଜିଲାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଏଥିସହ ତରଜଙ୍ଗା ପ୍ରାଥମିକ କୃଷି ସମବାୟ ସମିତି, ରାହାଡ଼ିଙ୍ଗାସ୍ଥିତ ଗୁରୁଶିଷ୍ୟ ପରମ୍ପରା ତାଲିମ କାର୍ଯ୍ୟକ୍ରମ ପଟ୍ଟଚିତ୍ର, ଆର୍‌ଟିଓ ଅଫିସ ଛକ ନିକଟ ବାସୁଦେବ ଶ୍ରୀ ଶାରଳା ବୁଣାକାର ସମବାୟ ସମିତି ସମେତ ଇଟାପୁର ସତ୍ୟନାରାୟଣ ପ୍ରଧାନ ଜଗନ୍ନାଥ ମହିଳା ସ୍ୱୟଂ ସହାୟକ ଦଳ, ତରଜଙ୍ଗାର ଖୁଚୁରା ବିକ୍ରୟ କେନ୍ଦ୍ର ଓ ବାସୁଦେବ ଶ୍ରୀ ଶାରଳା ତନ୍ତୁବାୟ ସହଯୋଗ ସମିତି ପରିଦର୍ଶନ କରି ନାନା କଥା ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ହସ୍ତତନ୍ତ ଓ ବୟନଶିଳ୍ପ ଉପନିର୍ଦ୍ଦେଶକ, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସମୀକ୍ଷା କରାଯାଇଥିଲା। କମିଟି ସଦସ୍ୟମାନେ ସମ୍ପୃକ୍ତ ବିଭାଗର ବିଭିନ୍ନ ଯୋଜନା ଓ ସାଧାରଣ ଲୋକଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଜିଲାପାଳ ପାରୁଲ ପଟୱାରୀ, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଓ ଉପଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଗାଣ ଅଧିକାରୀ ଜିଲାରେ ୫୮୩ଟି ଖୁଚୁରା ବିକ୍ରୟକେନ୍ଦ୍ର ମଧ୍ୟରୁ ୪୪୪ଟି ବେସରକାରୀ ରିଟେଲରଙ୍କ ଦ୍ୱାରା ଚାଲିଥିବା କହିଥିଲେ। ଏହାବାଦ୍ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୧୩୦, ଗ୍ରାମ ପଞ୍ଚାୟତ ୬ ଓ ସମବାୟ ସମିତି ଦ୍ୱାରା ପରିଚାଳିତ ୩ଟି ଖୁଚୁରା ବିକ୍ରୟ କେନ୍ଦ୍ର କାର୍ଯ୍ୟ କରୁଥିବା କହିଥିଲେ। ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନା, ଅନ୍ନପୂର୍ଣ୍ଣା, ପିଏଚ୍‌ଏଚ୍, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ହଷ୍ଟେଲର ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ଚାଉଳ, ଗହମ ଓ କିରୋସିନ ଆଦି କିପରି ଦିଆଯାଉଛି ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଧାନ କ୍ରୟକେନ୍ଦ୍ର, ହସ୍ତଶିଳ୍ପ ବିଭାଗର କାପାସିଟି ବିଲ୍ଡିଂ, ଗୁରୁଶିଷ୍ୟ ପରମ୍ପରା ତାଲିମ କାର୍ଯ୍ୟକ୍ରମ, ମାର୍କେଟିଂ, କ୍ରାଫ୍ଟ ଭିଲେଜ, ଶିଳ୍ପୀ ଉନ୍ନତି ଯୋଜନା, ୱାର୍କ ଶେଡ୍ ନିର୍ମାଣ, ହାଣ୍ଡିକ୍ରାଫ୍ଟ ଟ୍ରେନିଂ ସ୍କୁଲ, ହସ୍ତତନ୍ତ କାର୍ଯ୍ୟକ୍ରମ, ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, ଉତ୍ପାଦନ ସାମଗ୍ରୀ ଓ ବିକ୍ରୟ, ଉନ୍ନତିମୂଳକ ଯୋଜନା ଏବଂ ବୟନ ସମ୍ପର୍କରେ ସମୀକ୍ଷା କରିଥିଲେ। କମିଟି ସଦସ୍ୟ ତଥା ରଣପୁର ବିଧାୟକ ସୋସାଇଟି ଉନ୍ନତୀକରଣ କରିବା, ଫାର୍ମଶେଡ୍, ଖଳା ଓ ଶୀତଳଭଣ୍ଡାର ନିର୍ମାଣ ଉପରେ ପଦକ୍ଷେପ ନେବାକୁ ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ, ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ।

# ମହାଶିବରାତ୍ରି: ଚାରିଆଡ଼େ ଭକ୍ତିମୟ ପରିବେଶ



ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୮।୨

ମହାଶିବରାତ୍ରି ପାଇଁ ଶନିବାର ଜଗତ୍‌ସିଂହପୁର ଜିଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ସନ୍ଧ୍ୟାରେ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ବୃଦ୍ଧାବୃଦ୍ଧ, ମହିଳା, ପୁରୁଷ, ଯୁବତୀଯୁବକମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଏରସମା ବ୍ଲକ ନାରଦିଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ମହାଦେବ, ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମହାଦେବଙ୍କ ପୀଠ ସମେତ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଉଠିଥିଲା। ଅନେକ ସ୍ଥାନରେ ପାଲା, ନାମ ସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ବିରିଡ଼ି ବ୍ଲକର ଶୈବପୀଠଗୁଡ଼ିକ ସକାଳୁ ଉତ୍ସବମୁଖର ହୋଇ ଉଠିଥିଲା। ଚାନ୍ଦପୁର ଅଷ୍ଟଶମ୍ଭୁ ମହାଦେବ, ବାରଡ଼ିଆ ସିଦ୍ଧେଶ୍ୱର ମହାଦେବ, ଅଡ଼ଙ୍ଗଗଡ଼ ନୀଳକଣ୍ଠେଶ୍ୱର ମହାଦେବ, ଅଡ଼ଙ୍ଗଶାସନ ପଶ୍ଚିମେଶ୍ୱର ମହାଦେବ, ଗୋପୀନାଥପୁର ବଟେଶ୍ୱର ମହାଦେବ, ବାଲିଆ ଲୋକନାଥ ମହାଦେବ ଓ ନୂଆଢ଼ଣା କପିଳେଶ୍ୱର ମହାଦେବଙ୍କ ପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କେତେକ ଶୈବପୀଠରେ ପୋଲିସ ମୁତୟନ କରାଯାଇଥିଲା। ସେହିପରି ନାଉଗାଁ ବ୍ଲକର ତିହୁଡ଼ା ଦକ୍ଷିଣେଶ୍ୱର, ନାଉଗାଁର ସାଧୁ ଗୋସ୍ୱାମୀ, ଘୋଡ଼ାଂଶର ଘୋଡ଼େଶ୍ୱର, ନନ୍ଦିଗ୍ରାମର ନନ୍ଦିକେଶ୍ୱର, ତିରୁଣାର ସୁବର୍ଣ୍ଣେଶ୍ୱର, ଗଜରାଜପୁରର ତୁମ୍ଭେଶ୍ୱର, ଗୋଠଦାର ଗୋଠେଶ୍ୱର, ତେଲସରର ରାମେଶ୍ୱର, ଡାହାଣିଖିଆର ବାବା ଜଟାଧାରୀ, କୋରୁଅର ନୀଳକଣ୍ଠେଶ୍ୱର, ଶାଳିଜଙ୍ଗାର ସିଦ୍ଧେଶ୍ୱର ଓ ଗଙ୍ଗଦାର ମଉଳା ଭଣଜା ଆଦି ଶୈବପୀଠରେ ମହାଶିବରାତ୍ରି ମହା ସମାରୋହରେ ପାଳିତ ହୋଇଯାଇଛି।

# 'ଭଗବଦ୍‌ଗୀତା ହିନ୍ଦୁ ଚେତନାର ପ୍ରତୀକ'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର,୧୮।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଡ୍ଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଗୀତାର ପୁରୁଷୋତ୍ତମ ଯୋଗ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଇଜର କୁଳସଚିବ ତଥା କଲେଜ ପରିଚାଳନା ପରିଷଦର ସଭାପତି ଅଭୟ କୁମାର ନାୟକ ଆଭାସୀ ମାଧ୍ୟମରେ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ଅଧ୍ୟକ୍ଷତା କରି ଭାଗବଦ୍‌ଗୀତା ହିନ୍ଦୁ ଚେତନାର ପ୍ରତୀକ ବୋଲି ସମ୍ବୋଧିତ କରିଥିଲେ। ମାନବବାଦର ବାର୍ତ୍ତା ବହନ କରି ସର୍ବଦା ମାନବ ଜାତିକୁ ଦିବ୍ୟ ସନ୍ଦେଶ ପ୍ରଦାନ କରୁଥିବା ପବିତ୍ର ଗ୍ରନ୍ଥ ଗୀତା ଆତ୍ମ ପାଇଁ ଅମୃତ ସଦୃଶ ଓ ଚିରନମସ୍ୟ ବୋଲି ସେ ପ୍ରକାଶ କରିଥିଲେ। ବିଶେଷଜ୍ଞ ଭାବେ ଏସ୍‌ଭିଏମ୍ କଲେଜର ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ବିଜୟ କୁମାର ବିଶ୍ୱାଳ ଯୋଗଦେଇ ବେଦ ଓ ଉପନିଷଦ ପରେ ଶ୍ରୀମଦ୍ ଭଗବଦ୍‌ଗୀତା ହିନ୍ଦୁବାଦକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ବିଶେଷଜ୍ଞ ଭାବେ ଗ୍ରାମେଶ୍ୱର ମହାବିଦ୍ୟାଳୟ ଅଧ୍ୟାପକ ତଥା ଗବେଷକ ଓ ଗୀତା ପ୍ରଚାରକ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଶ୍ରୀ ଗୀତା ରଥ, ଅଧ୍ୟାପକ ଗଦାଧର ପାଣି, ବଳରାମ ପାଳ, କେଦାର ମୁଦୁଲି, ପ୍ରଶାନ୍ତ ନାୟକ, ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ, ଯାଜ୍ଞସେନୀ ରାଉତ, ସୌମ୍ୟା ମହାନ୍ତି ଓ ସ୍ୱାଗତିକା ଦାସ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଚିନ୍ମୟ ଜେନା, ହିମାଂଶୁ ପାଢ଼ୀ, ଶୁଭାଶିଷ ସ୍ୱାଇଁ, ପୀୟୂଷ ପ୍ରତିମ ବିଶ୍ୱାଳ, ମୋନାଲିସା ମହାନ୍ତି, ଶୁଭସ୍ମିତା ଦ୍ୱିବେଦୀ ଓ ଅନସୂୟା ସ୍ୱାଇଁ ସେମାନଙ୍କର ସ୍ୱଲିଖିତ ସନ୍ଦର୍ଭ ପାଠ କରି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷା କର୍ମଚାରୀ ପ୍ରଦୀପ ନାୟକ, ବିଜୟ ସ୍ୱାଇଁ, ନକୁଳ ନାୟକ, ବାବୁଲି ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ବିଜୟ ପରିଡ଼ା, କୈଳାସ ସ୍ୱାଇଁ ଓ ବଟକୃଷ୍ଣ ସ୍ୱାଇଁ ସହଯୋଗ କରିଥିବା ବେଳେ ଅଧ୍ୟାପକ ସରୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

# କନକେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବିରିଡ଼ି, ୧୮।୨(ଡି.ଏନ୍.ଏ.)

ବିରିଡ଼ି ବ୍ଲକ ୨୨ ମୌଜା ମଙ୍ଗୁଲି ରଘୁନାଥପୁର ଗ୍ରାମର କନକେଶ୍ୱର ମହାଦେବଙ୍କ ପୀଠରେ ବୁଧବାରଠାରୁ ଚାଲିଥିବା ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ଶନିବାର ମହାଶିବରାତ୍ରିରେ ପୂର୍ଣ୍ଣାହୁତି ହୋଇଯାଇଛି । ଏହି ଅବସରରେ ଜଳଯାତ୍ରା, ପଞ୍ଚଗବ୍ୟ ଶୋଧନ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ମଣ୍ଡଳ ପୂଜା, ଚଣ୍ଡୀ ହବନ, ଗୋ ପୂଜା, ଗୀତା ମନ୍ତ୍ର, ଶିବ ସହସ୍ର ମନ୍ତ୍ର ଆଦି ପାଠ କରାଯାଇଥିଲା। ରଘୁନାଥପୁର ଓ ମଙ୍ଗୁଲି ଗ୍ରାମର ପିଲାମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା।

# ଜାଗରରେ ଆତ୍ମଦୀପ ଜଳାଇବାକୁ ଆହ୍ୱାନ

ପାରାଦୀପ,୧୮।୨(ସ୍ୱ.ପ୍ର.)

ପାରାଦୀପ ମଧୁବନ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଶିବବାବାଙ୍କ ଜୟନ୍ତୀ ତଥା ଶିବରାତ୍ରି ରହସ୍ୟ ସମ୍ପର୍କରେ ଶାନ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ସୁମନଙ୍କ ଅଧକ୍ଷତାରେ ଆୟୋଜିତ ଦିବ୍ୟ ଆଲୋଚନାରେ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୋଷ୍ଟଗାର୍ଡ ଡିଆଇଜି ୱାଇ କେ ସିଂହ, ବନ୍ଦର କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ମତ ରଖିଥିଲେ। ଏହି ଅବସରରେ ଶିବରାତ୍ରି ରହସ୍ୟ କିପରି ପାଳନ କରିବା, ଉଜାଗର ରହିବା, ଦୀପ ଜାଳିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବ୍ରହ୍ମାକୁମାରୀ ସୁମନ ଜୀବନର ଅନ୍ଧକାରକୁ ମୁକ୍ତ ରଖିବା ପାଇଁ ଜାଗ୍ରତ ହେବା, ମନ୍ଦିରରେ ଘିଅ ଦୀପ ବଦଳରେ ଆତ୍ମଦୀପ ଜାଳି ଶୁଦ୍ଧୀକରଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଶ୍ରମ ପକ୍ଷରୁ ପାରେଶ୍ୱର ମନ୍ଦିର, ଲୋକନାଥ ମନ୍ଦିର, ଷଣ୍ଢକୁଦ ଶିବ ମନ୍ଦିର ଆଦି ସ୍ଥାନରେ ଶାନ୍ତି ଆଲୋଚନା କରାଯାଇଥିଲା।

# ମରାମତିର ୨ ମାସ ନ ପୂରୁଣୁ ରାସ୍ତାରେ ଖାଲ

**ଶିଖରଘାଟ-ବାଲି ଭଉଁରି ରାସ୍ତା**

- ନିମ୍ନମାନର କାମ ଅଭିଯୋଗ
- ୭୦୦ ମିଟର ରାସ୍ତା ପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି
- ୧ ବର୍ଷରେ ୨ ଥର ମରାମତି ହେଲାଣି

ନାଉଗାଁ,୧୮।୨(ସ୍ୱ.ପ୍ର)

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ-ବାଲି ଭଉଁରି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ୨ ମାସ ପୂର୍ବେ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ମାତ୍ର ଏବେ ପୁଣି ରାସ୍ତା ଦବି ଖାଲ ସୃଷ୍ଟି ହୋଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ରାସ୍ତା କାର୍ଯ୍ୟ କରାଯାଇଥିବାବେଳେ ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇଛି। ନିମ୍ନମାନର କାମ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ନାଉଗାଁ ବଜାରଠାରେ ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଏହି ଗୋଟିଏ ପାର୍ଶ୍ୱ ଦବି ଖାଲ ସୃଷ୍ଟି ହୋଇଛି। ସେହିପରି ବ୍ଲକ କାର୍ଯ୍ୟାଳୟ ଛକ ନିକଟରେ ମଧ୍ୟ ଏହି ରାସ୍ତାରେ ଏକ ଖାଲ ହୋଇଥିବା ଜଣାପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାଟି ନାଉଗାଁ ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାବେଳେ ପୁରୀ, ଜଗତ୍‌ସିଂହପୁର, କଟକ, ପାରାଦୀପ ଓ ଅସ୍ତରଙ୍ଗ ଆଦି ସ୍ଥାନକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଯାତ୍ରୀବାହୀ,ମାଲବାହୀ,ଗାଡି ଯିବା ଆସିବା କରିଥାନ୍ତି। ତା'ସହିତ ଦେବୀ ନଦୀରେ ଥିବା ବାଲି ସଇରାତରୁ ବାଲି ବୋଝେଇ ଗାଡି ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାଇଥାଏ। ଏହି ରାସ୍ତା ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହୋଇଥିବାବେଳେ ୭୦୦ ମିଟର ରାସ୍ତା ପାଇଁ ୧୫ ଲକ୍ଷ ବ୍ୟୟ ହୋଇଛି। ଗୋଟିଏ ବର୍ଷରେ ଏହି ରାସ୍ତା ୨ ଥର ମରାମତି କରାଯାଇଛି। ବାରମ୍ବାର ରାସ୍ତା ମରମତି କରାଯାଉଥିବାବେଳେ ଖୁବ କମ୍ ଦିନରେ ଖରାପହୋଇ ଯାଉଥିବାରୁ ଏହାର କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ଦବିବା ଫଳରେ ରାତିରେ ମାଲବାହୀ ଗାଡି ଯାତାୟାତ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଉକ୍ତ ରାସ୍ତା ପାଇଁ ପୁନର୍ବାର କାର୍ଯ୍ୟ କରିବାକୁ ପ୍ରଶାସନ ନିକଟରେ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବଳରାମ ସ୍ୱାଇଁ କହିଛନ୍ତି, ସମ୍ପୃକ୍ତ ଠିକାଦାରଙ୍କୁ କୁହାଯାଇ ପୁନର୍ବାର ମରାମତି କରାଯିବ।



ଶିଖରଘାଟ-ବାଲି ଭଉଁରି ରାସ୍ତାରେ ହୋଇଥିବା ଖାଲ।

# ଗଛ ପ୍ରେମରେ ରବିନାରାୟଣ

- ବାଡ଼ିରେ ଲଗାଇଛନ୍ତି ଶତାଧିକ ଫୁଲ, ଫଳ, ପରିବା ଏବଂ ଔଷଧୀୟ ଗଛ
- ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦେଇଥାନ୍ତି

ବାଲିକୁଦା,୧୮।୨(ସ୍ୱ.ପ୍ର.)

ଆଧୁନିକ ମଣିଷ ଏବେ ବଣଜଙ୍ଗଲ କାଟି ଧ୍ୱଂସକରି ଚାଲିଥିବାବେଳେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଭୁଆସୁଣୀ ଗ୍ରାମର ରବିନାରାୟଣ ପରିଡ଼ା (୪୫) ଗଛ ପ୍ରେମରେ ପଡ଼ିଯାଇଛନ୍ତି। ସେ ନିଜ ବାଡ଼ିରେ ଶତାଧିକ ଜାତିର ଫୁଲ, ଫଳ, ପରିବା ଏବଂ ଔଷଧୀୟ ଗଛ ଲଗାଇଛନ୍ତି । ଯେଉଁଥିରେ ସେ ଦୈନିକ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିନିଯୋଗ କରିଥାନ୍ତି। ଯଦିଓ ସେଥିରୁ ତାଙ୍କର ନିଜସ୍ୱ କୌଣସି ରୋଜଗାର ହେଉନାହିଁ କିନ୍ତୁ ବିଭିନ୍ନ ଜାତିର ଗଛ ଦେଖିଲେ ସେ ବଜାରରୁ କିଣି ତା'ର ଯତ୍ନ ନେଇଥାନ୍ତି। ଏଥିପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗ ମଧ୍ୟ କରିଛନ୍ତି। ଲଗାଇଥିବା ଗଛର ଫୁଲ, ଫଳ ଓ ପରିବା ଇତ୍ୟାଦିକୁ ତାଙ୍କ ବଗିଚା ଦେଖିବାକୁ ଆସୁଥିବା ଲୋକଙ୍କୁ ବାଣ୍ଟିଥାନ୍ତି । ସେଥିରେ ବହୁତ ଖୁସି ମିଳେ ବୋଲି କୁହନ୍ତି ରବି । ପ୍ରତିଦିନ ସକାଳେ ୩ ଘଣ୍ଟା, ଅପରାହ୍ନରେ ୨ ଘଣ୍ଟା ଓ ରାତିରେ ୮ଟାରୁ ୯ଟା ପର୍ଯ୍ୟନ୍ତ ସେ ଏସବୁ ଗଛ ପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ଗଛରେ ଜୈବିକ ଖତ ପ୍ରୟୋଗ କରାଯାଇଛି। ଏହା ମଧ୍ୟରେ ମାଟି ଗୋବର ଖତ ରହିଛି । ରବିଙ୍କ ବଗିଚାରେ ୨୦ରୁ ଊର୍ଦ୍ଧ୍ୱ ଜାତିର ଫୁଲ ରହିଛି । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ରଙ୍ଗର ପ୍ରାୟ ୧୨ ପ୍ରକାର ଗୋଲାପ ରହିଛି । ସେଭଳି ୧୦ ପ୍ରକାର ମନ୍ଦାର ଥିବାବେଳେ ୩୦ ପାଖୁଡ଼ାବିଶିଷ୍ଟ ମନ୍ଦାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଏହାଛଡ଼ା କୁସୁମ, ସୁଗନ୍ଧରାଜ, ସଦାବିହାରୀ ଓ ବିଭିନ୍ନ ପ୍ରକାର କନିଅର ଫୁଲ ରହିଛି । ସେହିପରି ବିଭିନ୍ନ ଫଳଗଛ ମଧ୍ୟରେ ୩ ପ୍ରକାର କମଳା, ୫ ପ୍ରକାର ଲେମ୍ବୁ ଯଥା ବାରମାସୀ, ଦେଶୀ, କାଗେଜି ଲେମ୍ବୁ, ଅଷ୍ଟ୍ରେଲିଆନ ଲେମ୍ବୁ , କାଶୀ ବରକୋଳି, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ବେଲ, ଡାଳିମ୍ବ ସହ ଚଳିତବର୍ଷ ସେଓଗଛ ମଧ୍ୟ ଲଗାଇଛନ୍ତି । ଏହାଛଡ଼ା ସେ ବାଡ଼ିରେ ବିଭିନ୍ନ ପରିବା ଗଛ ମଧ୍ୟ ଲଗାଇଛନ୍ତି। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ଜାତିର ବିଲାତି ବାଇଗଣ, ପିଆଜ, ଲଙ୍କା, କାପ୍‌ସିକମ୍, ଅମୃତଭଣ୍ଡା, ସଜନା, ଭୃଷଙ୍ଗ ଆଦି ରହିଛି । ତାଙ୍କର ଯଦିଓ ସ୍ଥାନୀୟ ଅନନ୍ତପୁର ବଜାରରେ ମୋବିଲ ଦୋକାନ ରହିଛି ମାତ୍ର ଅଧିକାଂଶ ସମୟ ସେ ଏହି ଗଛ ପାଇଁ ଦେଇଥାନ୍ତି । ଏହି ବାଡ଼ିରେ କୌଣସି ଅପରିଷ୍କାର ଦେଖିବାକୁ ମିଳି ନ ଥାଏ, ଯେଉଁଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏହି ଗଛଗୁଡ଼ିକୁ ଦେଖିବା ପାଇଁ ଆସିବା ସହ ବିଭିନ୍ନ ଫଳ ଓ ଫୁଲ ଆଦି ନେଇଥାନ୍ତି । ସ୍ଥାନୀୟ ଖଡ଼ିକାଦଣ୍ଡା ଗ୍ରାମର ପୀତବାସ ସ୍ୱାଇଁ କୁହନ୍ତି, ରବି ବାଡ଼ିରେ ବିଭିନ୍ନ ଫୁଲ, ଫଳ, ପରିବା ଏବଂ ଔଷଧୀୟ ବୃକ୍ଷ ଆଦି ଗଛ ଲଗାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେଠାରେ ଅତିକମ୍‌ରେ ୨ ଘଣ୍ଟା ନ ବୁଲିଲେ ଆସିବାକୁ ଇଚ୍ଛା ହୁଏନି ବୋଲି ସେ କହିଛନ୍ତି।



ରବିନାରାୟଣ ପରିଡ଼ାଙ୍କ ବଗିଚାରେ ଲଗାଯାଇଥିବା ବିଭିନ୍ନ ଗଛ।

## ସଂକ୍ଷେପରେ

### ଘୁମୁସର ଜିଲା ଗଠନ ଦାବି ନେଇ ବୈଠକ

ଭଞ୍ଜନଗର,୧୮।୨(ଡି.ଏନ୍.ଏ): ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକଙ୍କ ଅଧକ୍ଷତାରେ ଏକ ବୈଠକ ଶନିବାର ସ୍ଥାନୀୟ ନାୟକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଘୁମୁସର ଜିଲା ଦାବି ଆନ୍ଦୋଳନ ଉପରେ ଆଲୋଚନା ହୋଇଥିଲା। ଗୋପାଳ କୃଷ୍ଣ ପ୍ରଧାନ, ଦଣ୍ଡପାଣି ସାଇଁ, ଅଭିମନ୍ୟୁ ଗୌଡ଼, ରମେଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରବିନାରାୟଣ ସାମନ୍ତ ଓ ଗୋରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଗାମୀ ଦିନରେ କର୍ମକର୍ତ୍ତାମାନେ ସୋରଡ଼ା, ବେଲଗୁଣ୍ଠା, ବୁଗୁଡ଼ା, ବାଲିପଦର, ଜଗନ୍ନାଥପ୍ରସାଦ, ଧରାକୋଟ, ଶେରଗଡ଼ ପ୍ରଭୃତି ଅଞ୍ଚଳ ଗସ୍ତ କରି ଜିଲା ଆନ୍ଦୋଳନ ପାଇଁ ଜନସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯିବ। ନିଜ ନିଜ ଉଦ୍ୟମରେ ଘୁମୁସର ଜିଲା ଦାବି ନେଇ ପ୍ରାଚୀରଲେଖା ଓ ହୋର୍ଡିଂମାନ ଟାଙ୍ଗିବା ପାଇଁ ନିବେଦନ କରାଯାଇଛି। ଆବଶ୍ୟକ ସ୍ଥଳେ ଭୋଟ ବର୍ଜନ ପାଇଁ ଆହ୍ୱାନ ଦିଆଯିବ। ଏଥିସହ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ବିଧାନସଭା ଅଧିବେଶନ ବେଳେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବା ପାଇଁ ଉଦ୍ୟମ ଚାଲିଛି। ସମସ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ନିବେଦନ କରାଯାଇଛି।

### ଟିପ୍ପର ଧକ୍କାରେ ବାଇକ୍ ଚାଳକ ମୃତ

ଦିଗପହଣ୍ଡି,୧୮।୨(ଡି.ଏନ.ଏ.)-ସାନଖେମୁଣ୍ଡି ବ୍ଲକ ଆଡପଡ଼ା-ଜଗନ୍ନାଥପୁର ମୁଖ୍ୟ ରାସ୍ତାର ଆଡପଡ଼ା ଗ୍ରାମ ଈଶାଣେଶ୍ୱର ଶୈବପୀଠ ନିକଟରେ ଶନିବାର ଟିପର ମାଡ଼ିଯିବାରୁ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଖଲିଙ୍ଗି ଗ୍ରାମର ଯୋଗୀ ଲେଙ୍କା। ଯୋଗୀ ବାଇକ ଯୋଗେ ଖଲିଙ୍ଗି ଗ୍ରାମରୁ ମହାଶିବରାତ୍ରୀ ଉପଲକ୍ଷେ ଈଶାଣେଶ୍ୱର ଶୈବପୀଠକୁ ଦର୍ଶନ ପାଇଁ ଯିବା ସମୟରେ ପଛପଟୁ ତାଙ୍କୁ ଏକ ଟିପର (ନଂ.ଓଆର ୧୬ସି ୧୦୪୫) ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଯୋଗୀଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୋଲିସ ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଟିପର ଓ ବାଇକ୍‌କୁ ଜବତ କରିଛି।

### ମା' ପଞ୍ଚଠାକୁରାଣୀ ଯାତ୍ରା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା,୧୮।୨(ଡି.ଏନ୍.ଏ.)- ବୁଗୁଡ଼ାରେ ଆସନ୍ତା ଏପ୍ରିଲ ୨୬ରୁ ମେ ୧୨ ତାରିଖ ପର୍ଯ୍ୟନ୍ତ ୧୭ ଦିନ ବ୍ୟାପୀ ଆୟୋଜିତ ହେବାକୁ ଯାଉଥିବା ମା' ପଞ୍ଚ ଠାକୁରାଣୀ ଯାତ୍ରା ଉପଲକ୍ଷେ ପବିତ୍ର ମହାଶିବରାତ୍ରି ପର୍ବ ଅବସରରେ ଶନିବାର ବୁଗୁଡା ବଡ଼ଦାଣ୍ଡ ସାହିରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ନାରାୟଣ ଦାଶ, ଶିଶିର ମିଶ୍ର, ବିଭୂତି ଭୂଷଣ ତ୍ରିପାଠୀ ଓ ମନୋଜ କୁମାର ଦାଶ ଯୋଗ ଦେଇ ରୀତିନୀତି ପ୍ରକାରେ ପୂଜାପାଠ କରିଥିବା ବେଳେ କର୍ତ୍ତା ଭାବେ ବୁଗୁଡ଼ା ନଗରପାଳ ଚିତ୍ରସେନ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଠାକୁରାଣୀ ଯାତ୍ରା କମିଟି ତତ୍ତ୍ୱାବଧାନରେ ବିରଞ୍ଚି ନାରାୟଣ ଓ ବଳଦେବ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଶୁଭଖୁଣ୍ଟିକୁ ଶହ ଶହ ଶ୍ରଦ୍ଧାଳୁଙ୍କ ମେଳରେ ଶଙ୍ଖ, ଘଣ୍ଟ ଓ ବାଦ୍ୟ ବାଜଣାରେ ନଗର ପରିକ୍ରମା କରାଯାଇ ସ୍ଥାପନ ସ୍ଥଳକୁ ଅଣାଯାଇଥିଲା। ଉକ୍ତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ତଥା ମା' ପଞ୍ଚ ଠାକୁରାଣୀ ଯାତ୍ରା କମିଟି ସଭାପତି ଶ୍ରୀକାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦଳେଇ, ଉପସଭାପତି କେ. ତ୍ରିଲୋଚନ ଦୋରା, ସାଧାରଣ ସମ୍ପାଦକ ବିଶ୍ୱମୋହନ ମିଶ୍ର, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ଉପଦେଷ୍ଟା ଲକ୍ଷ୍ମୀନାରାୟଣ ଦାଶ, ସୁରେଶ ଚନ୍ଦ୍ର ଦାଶ, ଭଗବାନ ନାୟକ, ଜି. ବାପୁଜୀ ପାତ୍ର ଏବଂ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ।

### ଆହତ ହରିଣ ଶାବକ ଉଦ୍ଧାର

ଦିଗପହଣ୍ଡି,୧୮।୨(ଡି.ଏନ.ଏ) ସାନଖେମୁଣ୍ଡି ବ୍ଲକ କଉଡ଼ିଆ ଗାଁ ପୋଖରୀରୁ ଶନିବାର ଏକ ଆହତ ହରିଣ ଶାବକକୁ ଉଦ୍ଧାର କରି ଗ୍ରାମବାସୀ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି । ହରିଣଟି ନିକଟସ୍ଥ ଜଙ୍ଗଲରୁ ବାଟ ହୁଡ଼ି ଗାଁ ନିକଟକୁ ଚାଲିଆସିଥିବା ବେଳେ କୁକୁର ଗୋଡେଇବାରୁ ହରିଣଟି ଭୟରେ କଉଡ଼ିଆ ଗାଁ ନାରାୟଣୀ ପୋଖରୀ ଭିତରକୁ ପଶିଯାଇଥିଲା। ଫଳରେ ହରିଣଟି ଆହତ ହୋଇଥିଲା। ପୋଖରୀରୁ ଗ୍ରାମବାସୀ ହରିଣକୁ ଉଦ୍ଧାର କରିଥିଲେ।

# ହାତୀ-ବନ କର୍ମଚାରୀ ମୁହାଁମୁହିଁ, ୩ ଆହତ

ଭଞ୍ଜନଗର,୧୮।୨(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜରେ ଶନିବାର ଗୋଟିଏ ଛୁଆ ହାତୀ ଆକ୍ରମଣରେ ଜଣେ ବନରକ୍ଷୀ ଆହତ ହୋଇଛନ୍ତି । ଏଥିସହ ୨ଜଣ କର୍ମଚାରୀ ହାତୀ ଆକ୍ରମଣରୁ ରକ୍ଷା ପାଇବାକୁ ଯାଇ ତଳେ ପଡ଼ି ଆହତ ହୋଇଛନ୍ତି । ଆହତ ୩ଜଣ ହେଲେ ବନପାଳ କୈଳାସ ନାୟକ, ବନରକ୍ଷୀ ଶ୍ରୀକାନ୍ତ କୁମାର ମଲିକ ଏବଂ ଅସ୍ଥାୟୀ କର୍ମଚାରୀ ସନାତନ ଓଦଣ୍ଡ୍ରା ।
ପ୍ରକାଶ ଯେ, ଶନିବାର ସକାଳେ ତାରସିଂ ରେଞ୍ଜ ଗାୟଗଣ୍ଡା ସେକ୍ସନ ଆମ୍ୱଝରା ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଗୁଣ୍ଡିରିବାଡ଼ିରୁ ଶିଉଳି ଆଡ଼େ ଏକ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। ବନ ବିଭାଗର ୫ଜଣିଆ ଟିମ୍ ହାତୀର ଗତିବିଧି ଉପରେ ନଜର ରଖିବାକୁ ଘଟଣାସ୍ଥଳକୁ ଯାଇଥିଲେ । ଏହି ସମୟରେ ଏକ ମାଈ ହାତୀ ଏବଂ ତାର ଛୁଆ ସହ କର୍ମଚାରୀମାନଙ୍କ ମୁହାଁମୁହିଁ ହୋଇଥିଲା। ଫଳରେ ମା ଓ ଛୁଆ ହାତୀ କର୍ମଚାରୀଙ୍କୁ ଗୋଡ଼ାଇଥିଲେ। ବନପାଳ କୈଳାସ ନାୟକ ଓ ସନାତନ ଓଦଣ୍ଡ୍ରା ତଳେ ପଡ଼ି ଆହତ ହୋଇଥିଲେ। ଛୁଆ ହାତୀ ଆକ୍ରମଣରେ ଶ୍ରୀକାନ୍ତ ମଲିକ ଆହତ ହୋଇଥିଲେ। ଅନ୍ୟ ଦୁଇଜଣ ଦୌଡ଼ି ପଳାଇବାରୁ ରକ୍ଷା ପାଇଯାଇଥିଲେ। ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସପିଟାଲକୁ ଆଣିଥିଲେ।

**ବିଦ୍ୟୁତ୍-ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ**



ଆହତ କର୍ମଚାରୀଦ୍ୱୟ ।

ଅପରପକ୍ଷେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଉତ୍ତର ଘୁମୁସର, ଦକ୍ଷିଣ ଘୁମୁସର ବନଖଣ୍ଡ ଏବଂ ଟାଟା ପାୱାର ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ବସିଥିଲା। ବିଦ୍ୟୁତ୍ ଆଘାତରେ ଯେଭଳି କୌଣସି ବନ୍ୟପ୍ରାଣୀ ବିପଦରେ ନପଡ଼ିବେ ଏବଂ ବାରମ୍ବାର ବିଦ୍ୟୁତ୍ କାଟ୍‌କୁ କିଭଳି ରୋକାଯିବ ସେ ଉପରେ ଆଲୋଚନା ହୋଇଥିଲା। ଡ଼ିଏଫଓ ସୁଦର୍ଶନ ବେହେରା ବୈଠକରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ, ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ନୃସିଂହ ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ଗାଁରେ ମହାଶିବରାତ୍ରି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ମହାଶିବରାତ୍ରି ପାଇଁ ଓଡ଼ଗାଁର ଏକ ଶୈବ ପୀଠକୁ ସଜ୍ଜା ଯାଇଛି।

ଓଡ଼ଗାଁ, ୧୮।୨ (ସ୍ୱ.ପ୍ର.)

ମହାଶିବରାତ୍ରି ତଥା ଜାଗର ଯାତ୍ରା ପାଇଁ ଓଡ଼ଗାଁର ବିଭିନ୍ନ ଶୈବପୀଠ ଭକ୍ତମୟ ହୋଇଉଠିଥିଲା । ମୁଖ୍ୟତଃ ଜାମୁପାଟଣାସ୍ଥିତ ଦୃତିକେଶ୍ୱର,ଓଡ଼ଗାଁର ରାମେଶ୍ୱର,ରଘୁନାଥ ଜୀଉ,କୁରାଳର ଚଣ୍ଡେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର ଓ ବୈଦ୍ୟନାଥଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଜାଗରଜାଳି ମାନସିକ ବ୍ରତ ରଖିଥିଲେ । ବାବା ଦୃତିକେଶ୍ୱରଙ୍କ ପୀଠରେ ଭୋର୍ ୩ଟାରୁ ଦ୍ୱାରଫିଟା ହୋଇ ୪ଟା ପର୍ଯ୍ୟନ୍ତ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୧୦ରୁ ରାତି ୧୦ପର୍ଯ୍ୟନ୍ତ ପ୍ରଭୁ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ବିଗତ ବର୍ଷଭଳି ଚଳିତବର୍ଷ ମସାବାରି ଗାୟତ୍ରୀ ବିଦ୍ୟାମନ୍ଦିର ପକ୍ଷରୁ ପୋଖରୀ ଚାରିପାଖରେ ହଜାର ହଜାର ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ଓଡ଼ଗାଁ ରାମସାଗର ପୋଖରୀ ନିକଟରେ ବିଜେ ରାମେଶ୍ୱର ମହାଦେବ,ବାହାଡ଼ାଝୋଲା ବାବା ଫୁଲେଶ୍ୱର,ଗୋଠବଣ ନୀଳକଣ୍ଠେଶ୍ୱର,ରାବରା ମଧୁକେଶ, ଗିରିଡିପଲ୍ଲୀ କଣ୍ଠେଶ୍ୱର, କୋମଣ୍ଡ ଗୁପ୍ତେଶ୍ୱରଙ୍କ ସମେତ ସମସ୍ତ ଶୈବପୀଠକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା । ଶ୍ରଦ୍ଧାଳୁମାନେ ଜାଗରଜାଳି ପରିବାରର ମଙ୍ଗଳ କାମନା କରିଥିଲେ । ଗିରିଡିପଲ୍ଲୀ କଣ୍ଠେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନଙ୍କପାଇଁ ଧଝୋଲାର ସାମାଜିକ କର୍ମୀ ମାଧବ ନାୟକଙ୍କ ତରଫରୁ ପ୍ରସାଦ ସହିତ ପଣାପାଣିର ବ୍ୟବସ୍ଥା କରାଯାଇଥିଲା ।

# ସବୁଠି ଓଁ ନମଃ ଶିବାୟ

ରଣପୁର,୧୮।୨(ସ୍ୱ.ପ୍ର.)

ରଣପୁର ଓ ଏହାର ଆଖପାଖ ଅଞ୍ଚଳ ଗୋପାଳପୁର, ଚାନ୍ଦପୁର, ସୁନାଖଳା ଓ ଦର୍ପନାରାୟଣପୁର ଅଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ପାଳିତ ହୋଇଯାଇଛି । ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ରଣପୁରସ୍ଥିତ ବାବା ଚଣ୍ଡେଶ୍ୱର, ସ୍ୱପ୍ନେଶ୍ୱର, ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ମଝିଆଖଣ୍ଡର କମଳେଶ୍ୱର,ତାଳକଣିର ବୈଦେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ଜାଗର ଜାଳିଥିଲେ। ମନ୍ଦିରରେ ମହାଦୀପ ଉଠିଲା ପର୍ଯ୍ୟନ୍ତ ଭକ୍ତମାନେ ଅପେକ୍ଷା କରିଥିଲେ । ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ଖଣ୍ଡପଡା,(ସ୍ୱ.ପ୍ର.):** ଖଣ୍ଡପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଟିଙ୍କଟୁଆ ନିକଟ ବନ୍ଧ ବିମଳେଶ୍ୱର ମହାଦେବ, ସୁବର୍ଣ୍ଣେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ଲୋକନାଥ ଦେବ, ବାଘୁଆପଲ୍ଲୀସ୍ଥିତ ଧବଳେଶ୍ୱର ମହାଦେବ, ଖଲିସାହିସ୍ଥ ନୀଳକଣ୍ଠେଶ୍ୱର, ବୋଦଶା ଗ୍ରାମର ବାଲୁଙ୍କେଶ୍ୱର ମହାଦେବ, କଣ୍ଟିଲୋ ନୀଳମାଧବଜୀଉ ମନ୍ଦିର ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବ, କପିଳେଶ୍ୱର ମହାଦେବ ଓ ନିକଟସ୍ଥ ନାରାୟଣୀଙ୍କ ପୀଠରେ ଜାଗର ପାଇଁ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା । ସନ୍ଧ୍ୟା ପୂଜା ନୀତି ପରେ ଶ୍ରଦ୍ଧାଳୁମାନେ ବିଭିନ୍ନ ଶୈବ ପୀଠମାନଙ୍କରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିଲେ । ରାତିରେ ମହାଦୀପ ଦର୍ଶନ କରିବା ପରେ ଘରକୁ ଫେରିଥିଲେ । ସେହିପରି ବିହାରୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳା ପକ୍ଷରୁ ମଧ ମହାଶିବରାତ୍ରି ପାଳନ ହୋଇଥିଲା। ଏହାଛଡା କଣ୍ଟିଲୋରେ ଥିବା ଅନ୍ୟ ୪ ଗୀତା ପାଠଶାଳାରେ ମଧ ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା ।



ଖଣ୍ଡପଡ଼ାର ଏକ ଶୈବପୀଠରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।

# ଜଗନ୍ନାଥପ୍ରସାଦରେ ଜାଗର ମେଳା

ଖଣ୍ଡପଡା,୧୮।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ବାଙ୍କନାଥ ମହାଦେବଙ୍କ ପୀଠରେ ଶନିବାରଠାରୁ ପବିତ୍ର ମହାଶିବରାତ୍ରି ଅବସରରେ ୩ ଦିନ ବ୍ୟାପୀ ଜାଗର ମେଳା ଆରମ୍ଭ ହେଉଛି । ଏହି ମେଳାରେ ନିକଟସ୍ଥ ମାଣିକାଗୋଡା, ପାଟଚଣ୍ଡୀ ପ୍ରସାଦ, କୁହାହରା, ମହୁଲପଡା ଓ ଦରଦା ଆଦି ଆଖପାଖ ଗ୍ରାମର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଏହି ମେଳା ଉପଲକ୍ଷେ ଗଛବାଣ ଓ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି । ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ସନ୍ଧ୍ୟାରେ ବାଙ୍କନାଥ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ପାଟପଟୁଆର ସହ ଗ୍ରାମ ପରିକ୍ରମା କରାଯାଇଥିଲା ।

# ଅଷ୍ଟପ୍ରହର ନାମଯଜ୍ଞ



କଳସ ଶୋଭଯାତ୍ରାରେ ସାମିଲ ଗ୍ରାମବାସୀ ।

**ଖଣ୍ଡପଡ଼ା,୧୮।୨(ସ୍ୱ.ପ୍ର.):** ସିଧାମୂଳା ଗ୍ରାମବାସୀଙ୍କ ଦ୍ୱାରା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରଭୁ ଶ୍ରୀଚୈତନ୍ୟ ଠାକୁରଙ୍କ ଶନିବାରଠାରୁ ୩ ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଶତାଧିକ ମହିଳା,ପୁରୁଷ ନିକଟସ୍ଥ ମହାନଦୀ ଘାଟରୁ ଜଳ ଆଣି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ପରେ ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୁରୋଧା ଭାବେ ଉଦ୍ୟନାଥ ମିଶ୍ର, କର୍ତ୍ତା ତାରେଶ୍ୱର ରାଉତ ଦାୟିତ୍ୱ ସମ୍ପାଦନ କରିଥିଲେ । ଗ୍ରାମ୍ୟ କମିଟି ସଦସ୍ୟ ଚନ୍ଦ୍ର ଶେଖର ସ୍ୱାଇଁ, ପ୍ରକାଶ ଦଳେଇ, ହରିହର ମନ୍ତ୍ରୀ,ଅଖିଳ ମହାଳିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି ।

# ଆଜି ସରିବ କଣ୍ଟିଲୋ ମାଘମେଳା

ଖଣ୍ଡପଡା,୧୮।୨(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ଜୀଉଙ୍କ ମୁଖ୍ୟ ପର୍ବ ଭାବେ ପରିଚିତ ଭୈମୀ ଏକାଦଶୀ ମେଳା ବା ମାଘମେଳା ଗତ ଫେବୃୟାରୀ ୧ରୁ ଆରମ୍ଭ ହୋଇଥିଲା । ରବିବାର ଫାଲଗୁନ ଚତୁର୍ଦ୍ଦଶୀ ତିଥିରେ ସେହି ମେଳା ଶେଷ ହେବ । ଏହି ମେଳାରେ ମୁଖ୍ୟତଃ ବିଭିନ୍ନ ଯାତ୍ରା ଦଳ ପକ୍ଷରୁ ନାଟକ ପରିବେଷଣ କରାଯାଉଥିବାରୁ ଭିଡ ପରିଲକ୍ଷିତ ହୋଇଥିଲା । ମେଳା ପଡ଼ିଆରେ ଖୋଲିଥିବା ଅସ୍ଥାୟୀ ଦୋକାନରେ ବି ଭିଡ଼ ଲାଗି ରହିଥିଲା । ମେଳାର ଶେଷ ରାତିରେ କୋଣାର୍କ ଗଣନାଟ୍ୟ ନାଟକ ପରିବେଷଣ କରୁଥିବାରୁ ପ୍ରବଳ ଗହଳି ଲାଗି ରହିଛି । ମେଳା ପଡିଆ ଓ ଅପେରା ପାର୍ଟି ପଡିଥିବା ସ୍ଥାନରେ କୁଢ କୁଢ ବର୍ଜ୍ୟବସ୍ତୁ ପଡିଥିବା ବେଳେ ଏହାକୁ ସଫା କରିବା ଦିଗରେ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମ୍ୟାନେଜର ହରିହର ଦାଶ ସୂଚନା ଦେଛନ୍ତି । ଗତ ୧୮ ଦିନ ହେବ ଯାତ୍ରା ପଡ଼ିଆରେ ଅଳିଆ, ଆବର୍ଜନା ଗଦା ହୋଇଥିଲେ ମଧ୍ୟ ତାହାକୁ ସଫା କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।



ମାଘମେଳାରେ ଲୋକଙ୍କ ଭିଡ଼ ।

# ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

ଗଣିଆ,୧୮।୨(ଡି.ଏନ୍.ଏ.)

ଗଣିଆସ୍ଥିତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାପୀଠର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ ଥିବା ସଂକ୍ରାନ୍ତରେ ଗଣିଆ ଥାନାରେ ଅଭିଯୋଗ ହୋଇଛି । ଛାତ୍ରୀଙ୍କ ବାପା ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, କରଡାପଡ଼ା ପଞ୍ଚାୟତର ସମ୍ପୃକ୍ତ ଛାତ୍ରୀ ଶୁକ୍ରବାର ସ୍କୁଲକୁ ଆସି ଭୋକେଶନାଲ ପରୀକ୍ଷା ଦେଇଥିଲେ । ଏହାପରେ ସେ ସାଇକେଲ ଓ ବ୍ୟାଗ ନେଇ ସ୍କୁଲରୁ ଫେରିଥିଲେ ମଧ୍ୟ ଘରେ ପହଞ୍ଚି ନ ଥିଲେ । ସିସିଟିଭିରେ ସେହି ଦୃଶ୍ୟ ରହିଛି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଛାତ୍ରୀ ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗଣିଆ ଥାନା ପୋଲିସ ତରଫରୁ ତଦନ୍ତକାରୀ ଅଫିସର ବୀରେନ୍ଦ୍ର କୁମାର ଦେହୁରୀ ଛାତ୍ରୀ ଜଣକ ନିଖୋଜ ନେଇ ତଦନ୍ତ ଜାରି ରଖିଥିବା କହିଛନ୍ତି ।

# ଟ୍ରଲି ଗାଡ଼ିରୁ ଗଞ୍ଜେଇ ଜବତ, ବେପାରୀ ଗିରଫ

ଖଣ୍ଡପଡ଼ା,୧୮।୨(ସ୍ୱ.ପ୍ର.)

ଶୁକ୍ରବାର ଅପରାହ୍ନରେ ଏକ ବାଇକ୍(ନଂ-ଆରଜେ ୦୧ ଏସଡବ୍ଲୁ ୮୭୫୪)ରେ ସଂଯୋଗ ହୋଇଥିବା ଟ୍ରଲିରେ ଗଞ୍ଜେଇ ଚାଲାଣ ବେଳେ ଖଣ୍ଡପଡା ପୋଲିସ ଟିମ ହାତରେ ଧରାପଡିଛି । ଏହି ଘଟଣାରେ ରାଜସ୍ଥାନ ଆଜମିରର ଦରଘା ବଜାର ଥାନା ଅଧୀନ ଅନ୍ଧାରକୋଟର ଶେଖ ଫରିଦ୍‌ଙ୍କୁ ଗିରଫ କରାଯାଇଛି ବୋଲିଖଣ୍ଡପଡା ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି । ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କଣ୍ଟିଲୋ-ବାଣପୁର ୪୮ନଂ. ରାଜ୍ୟ ରାଜପଥର ନୀଳମାଧବ ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ଦେଇ ଦ୍ରୁତ ଗତିରେ ଏହି ଟ୍ରଲି ସଂଯୁକ୍ତ ବାଇକ୍ ଯାଉଥିଲା । ପୋଲିସ ସେହି ଟ୍ରଲିକୁ ଅଟକାଇ ତନଖି କରିବାରେ ଏକ ସ୍ୱତନ୍ତ୍ର ଚାମ୍ବରରେ ୩୧.୫ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଗଞ୍ଜେଇ ବେପାରୀ ଫରିଦ୍‌ଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଏସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଏକ ମାମଲା(ନଂ.୨୮/୨୦୨୩)ରୁଜୁ ହୋଇଛି।



ଜବତ ଗଞ୍ଜେଇ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଘୋଷ ଦିବସ



ଘୋଷ ବାଦନ କାର୍ଯ୍ୟକ୍ରମ

ରାମଗିରି,୧୮।୨(ଡି.ଏନ.ଏ.)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଜପତି ଜିଲା ତରଫରୁ ଘୋଷ ଦିବସ ଅବସରରେ ଘୋଷ ବାଦନ କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ଶ୍ରୀରାମେଶ୍ୱର ମନ୍ଦିର ପରିସରରେ ସଂଘ ତରଫରୁ ଘୋଷ ବାଦନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟବାହ ଅମୁଲ୍ୟ କୁମାର ପାତ୍ର, ଜିଲା ଶାରୀରିକ ପ୍ରମୁଖ ରବୀନ୍ଦ୍ର ଭୂୟାଁ, ଆର. ଉଦୟଗିରି ଖଣ୍ଡ କାର୍ଯ୍ୟବାହ ଗୋପାଳ ପାଇକ, ସହ ଖଣ୍ଡ କାର୍ଯ୍ୟବାହ ବୃନ୍ଦାବନ ପ୍ରଧାନ, ଖଣ୍ଡ ବୌଦ୍ଧିକ ପ୍ରଶିକ୍ଷଣ ପ୍ରମୁଖ ଲୋକନାଥ ଦଣ୍ଡସେନା, ଖଣ୍ଡ ସମ୍ପର୍କ ପ୍ରମୁଖ ବିଶ୍ୱନାଥ ନାୟକ, ରାୟଗଡ ଖଣ୍ଡ କାର୍ଯ୍ୟବାହ ମାର୍କଣ୍ଡ ନାୟକ, ଗୁମ୍ମା ଖଣ୍ଡ କାର୍ଯ୍ୟବାହ ପ୍ରଭାକର ରାଘସ ଏବଂ ରାମଗିରି ଅଞ୍ଚଳର ସମସ୍ତ ସ୍ୱୟଂ ସେବକ ଯୋଗଦେଇଥିଲେ।

# ଓଲଟିଲା ଭାଲିଆ ମଞ୍ଜି ଟ୍ରକ୍, ୨ ଆହତ

ବାଲିଗୁଡ଼ା,୧୮।୨:(ଡି.ଏନ.ଏ)

ବାଲିଗୁଡ଼ା ନିକଟ ସୀତାପଡ଼ିର ଏକ ବୁଲାଣିରେ ଭାଲିଆ ମଞ୍ଜି ଟ୍ରକ୍ ଶନିବାର ଓଲଟି ପଡ଼ିଛି। ଏଥିରେ ବସିଥିବା ଦୁଇ ଜଣ ଆହତ ହେଇଛନ୍ତି। କନ୍ଧମାଳ ଜିଲା ସାରଙ୍ଗଗଡଠାରୁ ଭାଲିଆ ମଞ୍ଜି ଧରି ଏକ ଟ୍ରକ (ନମ୍ବର ସିଜି ୦୪- ଏନଡବ୍ଲୁ ୭୭୯୨ମ)ରେ ମହାରାଷ୍ଟ୍ର ଯାଉଥିବା ବେଳେ ଅପରାହ୍ନରେ ବାଲିଗୁଡ଼ାଠାରୁ ଦୁଇ କିଲୋମିଟର ଦୂର ସୀତାପଡ଼ିରେ ଏକ ବୁଲାଣିରେ ଭାରସାମ୍ୟ ହରାଇ ହଠାତ ଓଲଟି ପଡ଼ିଲା ବୋଲି ଡ୍ରାଇଭର କହିଥିବା ବେଳେ ସେଥିରେ ବସିଥିବା ଭାଲିଆ ମଞ୍ଜିର ମାଲିକ ଦ୍ୱୟ ଆହାତ ହୋଇ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶ୍ରୀକାକୁଳମ୍‌ରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

ବ୍ରହ୍ମପୁର ଅଫିସ,୧୮।୨

ଶ୍ରୀକାକୁଲମ ଜିଲା ଶିକ୍ଷାଧିକାରୀ ଓ ଗଞ୍ଜାମ ଜିଲା ଉତ୍କଳ ସମ୍ମିଳନୀ ଅନୁରୋଧ କ୍ରମେ ଆନ୍ଧ୍ରର ଶ୍ରୀକାକୁଲମ୍, ବିଜୟନଗର ଓ ବିଶାଖାପାଟଣା ଜିଲା ଅନ୍ତର୍ଗତ ଓଡିଆ ବିଦ୍ୟାଳୟରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଓଡିଆ ଛାତ୍ରୀଛାତ୍ରଙ୍କ ପାଇଁ ୨୦୨୩-୨୪ ଶିକ୍ଷା ବର୍ଷର ପାଠ୍ୟ ପୁସ୍ତକ ବ୍ରହ୍ମପୁରସ୍ଥିତ ଜୋନାଲ ବୋର୍ଡ କାର୍ଯ୍ୟାଳୟରୁ ଗୁରୁବାର ପ୍ରଦାନ କରାଯାଇଛି। ନବମ ଶ୍ରେଣୀର ୧୨୫୦ ସାହିତ୍ୟ ଧାରା ପୁସ୍ତକ, ୧୨୫୦ ମାଧ୍ୟମିକ ବ୍ୟାକରଣ, ଦଶମ ଶ୍ରେଣୀର ୧୨୦୦ ସାହିତ୍ୟ ସିନ୍ଧୁ ଓ ୧୨୦୦ ମାଧ୍ୟମିକ ବ୍ୟାକରଣ ପୁସ୍ତକ ଶିକ୍ଷା ବର୍ଷ ପ୍ରାରମ୍ଭରୁ ପଠାଯାଇଛି। ଏହାକୁ ରାଜ୍ୟ ସରକାର ମାଗଣା ବଣ୍ଟନ ଲାଗି ଦେଇଛନ୍ତି। ଏ ନେଇ ସମ୍ମିଳନୀ ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ମୁଖ୍ୟମନ୍ତ୍ରୀ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଜିର ପୁସ୍ତକ ପ୍ରେରଣ ସମୟରେ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ଉପ ସଚିବ ସୁବାଷ ଚନ୍ଦ୍ର ବେହେରାଙ୍କ ସମେତ ଆନ୍ଧ୍ର ପ୍ରଦେଶ ଓଡିଆ ବିଦ୍ୟାଳୟ ପରିଦର୍ଶକ ଦୁର୍ଗା ପ୍ରସାଦ ଚୌଧୁରୀ, ଆନ୍ଧ୍ର ପ୍ରଦେଶ ଓଡିଆ ସଂଖ୍ୟା ଲଘୁ ସଂଘ ସଭାପତି ବରିଷ୍ଠ ଅଧିବକ୍ତା ସତ୍ୟନାରାୟଣ ପାଢୀ, ଇଚ୍ଛାପୁର ବାପୁଜୀ ପାଠାଗାର ଅଧ୍ୟକ୍ଷ ରଘୁନାଥ ଗୌଡ, ଆନ୍ଧ୍ର ପ୍ରଦେଶ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ, ସମ୍ପାଦକ ତ୍ରିଲୋଚନ ପଲାଇ, ଉତ୍କଳ ସମିଳନୀ ଜିଲା ସଭାପତି ଡ. ସୁବ୍ରତ କୁମାର ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲବ ଓ ରାଜ୍ୟ ପରିଷଦ ସଦସ୍ୟ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପ ନିଆଁ ଲାଗି ୨ ମହିଳା ଗୁରୁତର

ଭଞ୍ଜନଗର/ଆସିକା,୧୮।୨(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଶନିବାର ମହାଶିବ ରାତ୍ରୀରେ ଦୀପ ନିଆଁ ଲାଗି ୨ ଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ଦୋଡ଼ଙ୍ଗା ଗ୍ରାମର ରୀତା ପରିଡ଼ା ଓ ଆସିକା ବସ୍‌ଷ୍ଟାଣ୍ଡ ଇଲାକାର ସୁନିତା ପାତ୍ର। ବଡ଼ଦୋଡଙ୍ଗା ଗ୍ରାମର ଶିବ ମନ୍ଦିରରେ ରୀତା ଦୀପ ଜାଳୁଥିବା ସମୟରେ ଅସାବଧାନତା କାରଣରୁ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ସେହିପରି ଆସିକା ସହର ଉପକଣ୍ଠ ପୁଡୁଗେଶ୍ୱର ପଲ୍ଲୀସ୍ଥିତ ପୁଡୁଗେଶ୍ୱର ମନ୍ଦିର ବେଢ଼ାରେ ୧ ଲକ୍ଷ ୮ ଦୀପ ଯଜ୍ଞ ଚାଲିଥିବା ବେଳେ ଦୀପ ନିଆଁ ଲାଗି ସୁନିତା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଆସିକା ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଥିଲା।

# ସବୁଠି ଓଁ ନମଃ ଶିବାୟ ଧ୍ୱନି

## ସଂକ୍ଷେପରେ

### ନେସ୍କୋ ପାୱାର ଏମ୍ପ୍ଲଇଜ୍ ସଂଘ ନେତାଙ୍କ ସ୍ମୃତିସଭା

**ରସୁଲପୁର,୧୮।୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ କୁଆଖିଆ ଇଲେକ୍ଟ୍ରିକାଲ ଡିଭିଜନ ପକ୍ଷରୁ ନେସ୍କୋ ପାୱାର ଏମ୍ପ୍ଲଇଜ୍ ସଂଘ ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଅକାଳ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କୁଆଖିଆ ବାଜର ନିକଟସ୍ଥ ଶୁଭମ୍ ମଣ୍ଡପଠାରେ ଆୟୋଜତି ସଭାରେ ସଂଘନେତା ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ କୁଆଖିଆ ଡିଭିଜନ ସଂଘର ସମ୍ପାଦକ ଭ୍ରମରବର ପରିଡ଼ା ସଭାକୁ ପରିଚାଳନା କରିଥିବା ବେଳେ ସଂଘ ପକ୍ଷରୁ କାର୍ଯ୍ୟକର୍ତ୍ତା ଭ୍ରମରବର ପରିଡା, ବିପଦ ରଞ୍ଜନ ଦାସ, ପ୍ରଶାନ୍ତ କୁମାର ବାରିକ, ସୁରେନ୍ଦ୍ର କୁମାର ମହାନ୍ତି, ଦୀପକ କୁମାର ମିଶ୍ର, ଶ୍ରୀବତ୍ସ ସାହୁ, ସେକ୍ ଅବତୁତାଲିବ୍, ପ୍ରଶାନ୍ତ କୁମାର ରଣାଙ୍କ ସମେତ ବହୁ ତାରାକାନ୍ତ ପ୍ରେମୀ ଯୋଗ ଦେଇଥିଲେ। ରମଣି ରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ।

### ନନ୍ଦନକାନନ ଆସିଲା ଉଦ୍ଧାର ହିମାଳୟ ଶାଗୁଣା

**ବାରଙ୍ଗ,୧୮।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଡିଭିଜନ ଉଜଲପୁର ରେଞ୍ଜରୁ ଉଦ୍ଧାର ହୋଇଥିବା ଏକ ୨ବର୍ଷର ହିମାଳୟ ଶାଗୁଣା ଶନିବାର ଭୋରୁ ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ଆସିଛି। ଶାଗୁଣାର ଗୋଡ଼ ଓ ଡେଣାରେ ଶକ୍ତ ଆଘାତ ଲାଗି କ୍ଷତ ହୋଇଥିବାରୁ ସେ ଠିକରେ ଚାଲିପାରୁନାହିଁ। ଅସୁସ୍ଥ ଥିବାରୁ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଆଣ୍ଟିବାୟୋଟିକ୍ ଔଷଧ ଦେଇ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନର ପୃଥକୀକରଣ ଏନକ୍ଲୋଜରରେ ଛାଡିଛନ୍ତି। ଦରକାର ପଡ଼ିଲେ ଡେଣା ଓ ଗୋଡର ଅସ୍ତ୍ରୋପଚାର କରାଯିବ ବୋଲି ଜଣାପଡିଛି। ଏହି ବିରଳ ପ୍ରଜାତିର ଶାଗୁଣା ରଙ୍ଗ ଧଳା ହୋଇଥିବାବେଳେ ହିମାଳୟ ଓ ମଧ ଏସିଆ ପାର୍ବତ୍ୟାଞ୍ଚଳରେ ଏମାନେ ବହୁଳ ଭାବରେ ଦେଖାଯାଆନ୍ତି।

### ଜାଗର ମହୋତ୍ସବରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା ଅଫିସ, ୧୮।୨:** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ତେରଗାଁ ପଞ୍ଚାୟତ ଗୋପିନାଥପୁର ଶାସନ ଗ୍ରାମରେ ଶ୍ରୀଗୋକ୍ଷେଶ୍ୱର ମହାଦେବଙ୍କ ଜାଗର ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପରିଚାଳନା କମିଟିର ମୁଖ୍ୟ ପରିଚାଳକ ବିଷ୍ଣୁଚରଣ ମହାପାତ୍ର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ଶ୍ରେଷ୍ଠ କୃଷକ, ସାମାଜିକ କର୍ମୀଙ୍କ ସହିତ ବିଭିନ୍ନ ପ୍ରତିଭାଧାରୀ ଅଛନ୍ତି। ସେହିପରି ମହୋତ୍ସବରେ ତିର୍ତ୍ତୋଲ ବନ୍ଧୁଘର ଅନୁଷ୍ଠାନ ପକ୍ଷରୁ ସ୍ୱରାଜ, ସ୍ୱାବଲମ୍ବୀ, ସଂସ୍କାର ସମ୍ପର୍କୀୟ ତ୍ରିଧାରା ବାର୍ତ୍ତା ବଣ୍ଟନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ବାଲୁକା ଶିଳ୍ପୀ ବଲ୍ଲଭ ମହାପାତ୍ରଙ୍କ ଦ୍ୱାରା ମହାଦେବଙ୍କ ବାଲୁକା ମୂର୍ତ୍ତିକୁ ବୁଦ୍ଧିଜୀବୀ ରଶ୍ମୀରଞ୍ଜନ ମହାପାତ୍ର ଉନ୍ମୋଚନ କରିଥିଲେ। ରଞ୍ଜନ କୁମାର ଦାଶ, ଶୁଭ ଦାଶ, ଦିବ୍ୟକାନ୍ତ ମହାପାତ୍ର, ସିପୁନ ଦାଶ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିବା ବେଳେ ଏଥିରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ଯାଜପୁରରୋଡ ଦେବେଶ୍ୱର ପୀଠରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି।

**ଯାଜପୁର ଅଫିସ,୧୮।୨**

୨ ବର୍ଷ ପରେ ଯାଜପୁର ଜିଲାରେ ଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଛି। ଯାଜପୁରର ଐତିହ୍ୟ, ସଂସ୍କୃତି, ପରମ୍ପରା ଏବଂ ମାନବ ସଭ୍ୟତାର ଧର୍ମଧାରା ବାରୁଣାବନ୍ତ ପର୍ବତ ଶିଖରରେ ଥିବା ମହାବିନାୟକ ମନ୍ଦିର, ବୁଦ୍ଧଲିଙ୍ଗ, ପାଲେଶ୍ୱର, ଯାଜପୁର ସହରର ତ୍ରିଲୋଚନେଶ୍ୱର, ସିଦ୍ଧେଶ୍ୱର ମନ୍ଦିର ସମେତ ଯାଜପୁରୋଡର ଅତି ପୁରାତନ ସ୍ୱପ୍ନେଶ୍ୱର ମନ୍ଦିର, ଓଁକାରନାଥ ଶିବ ମନ୍ଦିର, ଦେବେଶ୍ୱର ମନ୍ଦିର, କହ୍ନେଇପୁର ଶିବ ମନ୍ଦିରରେ ଆଦି ମନ୍ଦିରରେ ଓଁ ନମଃ ଶିବାୟ ଧ୍ୱନୀରେ ପ୍ରକମ୍ପିତ ହୋଇଛି। କୋରେଇ ବ୍ଲକର କୁମାରେଶ୍ୱର ମହାଦେବ, ବାରଦା ଗ୍ରାମରେ ଝାଡ଼େଶ୍ୱର, ତାରାକୋଟରେ ତାରକେଶ୍ୱର, ଅମୃତିଆରେ ରାଜେଶ୍ୱର, ଚାନ୍ଦମାରେ ଚନ୍ଦନେଶ୍ୱର, କଣ୍ଟାଝରିରେ ଶ୍ୟାମେଶ୍ୱର, ପାଟରଙ୍ଗାରେ ଜଗଦେଶ୍ୱର, ରଗଡିରେ ବ୍ରହ୍ମେଶ୍ୱର, କୋରାବନ୍ଦୀରେ କରୁଣେଶ୍ୱର, ତୁଳତୀରେ ଶଙ୍କରେଶ୍ୱର ମହାଦେବ ନାମରେ ଆରାଧନା କରାଯାଇଛି। ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ, ରୁଦ୍ରାଭିଷେକ ଓ ଷୋଡ଼ଶ ଉପଚାର ପୂଜା କରି ଶ୍ରଦ୍ଧାଳୁ ମହାଦେବଙ୍କୁ ଦଶନ କରି ଉପବାସ କରିଥିଲେ। ସନ୍ଧ୍ୟାରେ ମହାଯଜ୍ଞ ପୂର୍ଣ୍ଣାହୂତି ହେବାପରେ ରାତି ୧୦ଟା ପରେ ମହାଦୀପ ଉଠିଛି।

### ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

**ପ୍ରୀତିପୁର,୧୮।୨(ଡି.ଏନ.ଏ.)**

ଦେବଦେବ ମହାଦେବଙ୍କ ଜାଗର ଯାତ୍ରା ପାଇଁ ଶନିବାର ଉତ୍ସବ ମୁଖର ହୋଇପଡ଼ିଥିଲା ସମସ୍ତ ଶୈବ ପୀଠ। ମହାଦେବଙ୍କ ଦର୍ଶନ ଲାଗି ସମସ୍ତ ଶୈବପୀଠରେ ଲାଗିଥିଲା ଭକ୍ତଙ୍କ ଭିଡ଼। କରୋନା କଟକଣା ଲାଗି ୨ ବର୍ଷ ଜାଗର ଯାତ୍ରା ବନ୍ଦ ଥିବାବେଳେ ଚଳିତବର୍ଷ ବେଶ ଧୁମଧାମରେ ପାଳିତ ହୋଇଛି ଜାଗର ଯାତ୍ରା। ଶୃଙ୍ଖଳିତ ଦର୍ଶନ ପାଇଁ ସବୁଠି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଆଉଁରୀ ପଞ୍ଚାୟତର ଡ଼ିହକୂଳାରେ ଥିବା ବାବା କୂଳେଶରଙ୍କ ପୀଠକୁ ଦର୍ଶନ ଲାଗି ବଡ଼ି ଭୋର୍‌ରୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଏଠାରେ ରାତି ୧୧ଟାରେ ମହାଦୀପ ଉଠିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୋଲିସ ସଜାଗ ରହିଥିଲା। ମନ୍ଦିର କମିଟି ପକ୍ଷରୁ ପାର୍କିଂର ସୁବନ୍ଦୋବସ୍ତ କରାଯାଇଥିଲା। ସେହିପରି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛୋଟାଗଡିଠାରେ ଥିବା ବାବା ମୁକ୍ତେଶରଙ୍କ ପୀଠ ବେଶ ଉତ୍ସବ ମୁଖର ହୋଇ ଉଠିଥିଲା।

### ବରୀରେ ମହାଶିବରାତ୍ରି ପାଳିତ



**ବରୀ,୧୮।୨(ଡି.ଏନ.ଏ.)**

ବରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ପାଳନ କରାଯାଇଛି। ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ସାମେଶ୍ୱର, ଅଷ୍ଟଶମ୍ଭୁ, ରାମେଶ୍ୱର, ବାଲୁଙ୍କେଶ୍ୱର, ଧାରେଶ୍ୱର, କ୍ଷମାଲିଙ୍ଗ, ଅରୁଳେଶ୍ୱର ଓ କପିଳେଶ୍ୱର ପ୍ରମୁଖ ଶୈବ ପୀଠ ଗୁଡ଼ିକରେ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଶିବଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ଓଁ ନମଃ ଶିବାୟ ଧ୍ୱନିରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ବରୀ ପୋଲିସ ତରଫରୁ ପ୍ରତ୍ୟେକ ଶୈବପୀଠ ନିକଟରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଜେନାପୁର ଅଞ୍ଚଳରେ ଜାଗର ଉତ୍ସବ

**ଜେନାପୁର,୧୮।୨(ଡି.ଏନ.ଏ.)**



ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ମର୍ଜିତାପୁର ପଞ୍ଚାୟତ ଅଧୀନ ସାଥୁଆ ପାଟଣା ଗ୍ରାମସ୍ଥିତ ପ୍ରସିଦ୍ଧ ସପନେଶ୍ୱର ପୀଠରେ ୧୭୫ତମ ଜାଗର ଉତ୍ସବ ପାଳନ କରାଯାଇଛି। ସକାଳ ପ୍ରହରରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ଜାଗର ଦୀପ ଜାଳିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଦେବଙ୍କ ପ୍ରାତଃପୂଜା ଆଳତି ପରେ ରୀତିନୀତି ଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ମଧ୍ୟାହ୍ନଧୂପ, ସନ୍ଧ୍ୟାଧୂପ ଆଳତି ଦେଖିବାକୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ଜେନାପୁରସ୍ଥିତ ସିଦ୍ଧେଶ୍ୱର, ଧବଳେଶ୍ୱର, ଆଖଣ୍ଡଳମଣିଶ୍ୱର, ରଘୁନାଥପୁରସ୍ଥିତ ରଘୁନାଥେଶ୍ୱର, ଚାରଗୋଠ ସ୍ଥିତ କଠଉଣୀଶ୍ୱର, ବ୍ରହ୍ମପୁରସ୍ଥିତ ଅମୃତେଶ୍ୱର, ଗୋଡ଼ିପାଟିଆ ସ୍ଥିତ ରାମେଶ୍ୱର, କବାଟବନ୍ଧସ୍ଥିତ କପଟୀଶ୍ୱର, ବାଲୁଙ୍କେଶ୍ୱର, କପିଳେଶ୍ୱର, ଆଖଣ୍ଡଳମଣିଶ୍ୱର, ତ୍ରିନାଥେଶ୍ୱର ଆଦି ଶୈବପୀଠରେ ଦୀପ, ପୁଷ୍ପ ଓ ଆଲୋକ ମାଳରେ ଝଲସି ଉଠୁଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳିଥିଲେ। ମଧ ରାତ୍ରି ବେଳକୁ ମହାଦୀପ ଉଠିଥିଲା। ଜେନାପୁର ଥାନା ପକ୍ଷରୁ ସମସ୍ତ ଶୈବପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ଧର୍ମଶାଳାର ବିଭିନ୍ନ ସ୍ଥାନରେ ମହାଶିବରାତ୍ରି

**ଧର୍ମଶାଳା,୧୮।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠ ଗୁଡ଼ିକରେ ଶନିବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଭକ୍ତମାନେ ବିଭିନ୍ନ ଶୈବପୀଠକୁ ଯାଇ ମହାଦେବଙ୍କୁ ଦର୍ଶନ କରିଛନ୍ତି। ମହାଶିବରାତ୍ରି ପାଇଁ ଶୈବପୀଠ ଗୁଡ଼ିକରେ ସକାଳୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ବ୍ଲକ ଅଧୀନ ଜାରକାସ୍ଥିତ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଟ୍ରଷ୍ଟି ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ବିଜୟ ରାୟ, ପ୍ରଫୁଲ୍ଲ ରାୟ, ନନ୍ଦକିଶୋର ସ୍ୱାଇଁ, ଶ୍ୟାମସୁନ୍ଦର ରାୟ ଓ ଦୁଃଶାସନ ସ୍ୱାଇଁ ପ୍ରମୁଖ ସଦସ୍ୟମାନେ ପରିଚାଳନାରେ ସହାୟତା କରିଥିଲେ। ତ୍ରିନାଥେଶ୍ୱର ମନ୍ଦିରରେ କମିଟି ପକ୍ଷରୁ କିଶୋର ନାୟକ, ଇନ୍ଦ୍ରମଣି ନାୟକ, ସତ୍ୟପ୍ରିୟ ମହାନ୍ତି, ଅନିରୁଦ୍ଧ ରାଉତ ଓ ଅଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଏହି ବ୍ଲକ ଅନ୍ତର୍ଗତ ଜାରକା ଟ୍ୟାକ୍ସିଷ୍ଟାଣ୍ଡ ନିକଟସ୍ଥ ଚନ୍ଦନେଶ୍ୱର, କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିର, ଅଭୟପୁରସ୍ଥିତ ଝାନେଶ୍ୱର ମନ୍ଦିର, ମିର୍ଜାପୁରସ୍ଥିତ ପାଲେଶ୍ୱର ମନ୍ଦିର, ଚୋରମୁହାଁସ୍ଥିତ ନଣ୍ଡା ମହାଦେବ ମନ୍ଦିର, ସ୍ୱପ୍ନେଶ୍ୱର ମହାଦେବ, ଝାଡ଼େଶ୍ୱର ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ, ଲୋକନାଥ ମହାଦେବ ମନ୍ଦିର, ପଲାରସ୍ଥିତ ମହାଦେବ ମନ୍ଦିର, ନୂଆଗାଁସ୍ଥିତ ଶିବ ମନ୍ଦିର ଓ ପଣ୍ଡୁଆସ୍ଥିତ ମହାଦେବ ମନ୍ଦିରରେ ମହାଶିବରାତ୍ରି ମହାଆଡମର ସହକାରେ ପାଳିତ ହୋଇଛି। ମନ୍ଦିରରେ ଭକ୍ତମାନେ ଦୀପ ଜଳାଇ ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିରହିଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଶୈବପୀଠ ଗୁଡିକରେ ଅଧିକ ସଂଖ୍ୟକ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭକ୍ତମାନେ ଧାଡ଼ିରେ ଆସି ମହାଦେବଙ୍କୁ ଦର୍ଶନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଗୋକର୍ଣ୍ଣେଶ୍ୱରପୀଠରେ ଭକ୍ତ ଧାଡ଼ିରେ ଆସି ଠାକୁରଙ୍କୁ ଦର୍ଶନ କରୁଛନ୍ତି।

### ବରୁଣେଶ୍ୱର ପୀଠରେ ୯ଟା୩୦ରେ ଉଠିଲା ମହାଦୀପ

**ବିଞ୍ଝାରପୁର,୧୮।୨(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ ବରୁଣେଶ୍ୱର କ୍ଷେତ୍ରର ବାବା ବରୁଣେଶ୍ୱର ପୀଠ ସମେତ ପୂରପଲ୍ଲୀରେ ମହାଶିବରାତ୍ରି ମହା ସମାରୋହରେ ପାଳିତ ହୋଇଯାଇଛି। ଶନିବାର ଭୋର ୪ଟା ୩୦ରେ ଆଳତି ପରେ ବାବା ବରୁଣେଶ୍ୱର ପୀଠରେ ହଜାରହଜାର ଭକ୍ତଙ୍କ ଆଗମନ ହୋଇଥିଲା। ସନ୍ଧ୍ୟା ୭ଟା୩୦ରେ ଆଳତି ସହ ବାବା ବରୁଣେଶ୍ୱରଙ୍କ ବଡ଼ ସିଂହାର ବେଶ ହୋଇଥିଲା। ରାତ୍ରି ୯ଟା୩୦ରେ ମହାଆଳତୀ ସହ ମହାଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରରେ ୫ହଜାରରୁ ଉର୍ଦ୍ଧ୍ୱ ଭକ୍ତ ବରୁଣେଶ୍ୱର କ୍ଷେତ୍ରରେ ରାତିସାରା ଉଜାଗର ରହିଥିଲେ। ହଜାରହଜାର ମହିଳାଭକ୍ତ ରାତି ଉଜାଗର ରହୁଥିବାରୁ ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ମାଁସଡ଼ା ପଞ୍ଚାୟତ ଗୌଡ଼ସାହି ଗ୍ରାମର କଲ୍ୟାଣଶ୍ୱର ପୀଠରେ ହଜାରହଜାର ଭକ୍ତଙ୍କ ଆଗମନ ହୋଇଥିଲା। ପୀଠରେ ଭୋଳାନାଥ ଶିବଙ୍କ ପ୍ରତିମୂର୍ତ୍ତି ନିକଟରେ ଭକ୍ତମାନେ ନଡିଆ ବାଡେଇ ନିଜର ମନସ୍କାମନା କରିଥିଲେ। ସେହିପରି ଅରିଲୋ ଗ୍ରାମର ବାବା ସାମେଶ୍ୱର, ରଣପୁରର ବଟେଶ୍ୱର, ସମଲପୁରର ସମଲେଶ୍ୱର, ବେଲପାଳର ଧବଳେଶ୍ୱର, ବରୁଣେଶ୍ୱର, ବରହମପୁରଛକସ୍ଥିତ କୁଶଳେଶ୍ୱର, ତାଉଁତରା ଛକସ୍ଥିତ ଆଖଣ୍ଡଳମଣୀ ଜୋଇମରାର ନୀଳକଣ୍ଠେଶ୍ୱର ଆଦି ପୀଠରେ ମହାସମାରୋହରେ ଶିବରାତ୍ରି ଜାଗର ପାଳନ କରାଯାଇଥିଲା। ଖରିଆସ୍ଥିତି ମହାଦେବ ପୀଠରେ ଭକ୍ତମାନେ ନଡିଆ ବାଡେଇ ନିଜର ମନସ୍କାମନା ପୂରଣ କରିଥିଲେ। ଏଥିସହିତ ବିଞ୍ଝାରପୁର ଅଞ୍ଚଳର ଗଳିକନ୍ଦିରେ ଓ ବୃକ୍ଷମୁଳେ ପୁଜାପାଉଥିବା ମହାଦେବଙ୍କ ନିକଟରେ ଆଖଣ୍ଡମଣୀ ମେଳା ମଧ୍ୟ ଆୟୋଜନ କରାଯାଇଥିଲା। ମହାଶିବ ରାତ୍ରି ଯୋଗୁଁ ସମଗ୍ର ବିଞ୍ଝାରପୁର ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଥିଲା।



### ଶୈବପୀଠରେ ଭକ୍ତଙ୍କ ଭିଡ଼

**ଯାଜପୁର ଟାଉନ ୧୮।୨ (ଡି.ଏନ.ଏ.):** ପୂରାଣରେ ଅଛି କୋଟିଏ ଶିବ ଲିଙ୍ଗରୁ ଗୋଟିଏ କମ୍ ହେବାରୁ ଯାଜପୁର ଶ୍ରୀକ୍ଷେତ୍ରରୁ ବିରଜାକ୍ଷେତ୍ରରେ ପରିଣତ ହୋଇଥିଲା। ଯାଜପୁର ସହର ଓ ଏହାର ଉପକଣ୍ଠ ଅଞ୍ଚଳରେ ହଜାର ହଜାର ସଂଖ୍ୟାର ଶିବଲିଙ୍ଗ ବିଭିନ୍ନ ରୂପରେ ପୂଜା ପାଉଥିବା ଦେଖାଯାଏ। ବିଭିନ୍ନ ସମୟରେ ଯାଜପୁର ଶକ୍ତିକ୍ଷେତ୍ର ନା ଶାକ୍ତକ୍ଷେତ୍ର ଏହାକୁ ନେଇ ଗବେଷକମାନେ ମତ ରଖିଥାନ୍ତି। ପ୍ରତିବର୍ଷ ଶିବରାତ୍ରି ତଥା ଜାଗର ଯାତ୍ରା ପାଇଁ ଯାଜପୁର ସହର ଏବଂ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ ହୋଇଥିବା ଦେଖିବାକୁ ମିଳିଥାଏ। ଶନିବାର ଚଳିତ ଶିବରାତ୍ରୀ ପାଇଁ ସହରର ସିଦ୍ଧେଶ୍ୱର, କାଳେଶ୍ୱର, ଉତ୍ତରେଶ୍ୱର, ବୈଦ୍ୟନାଥ, ବଲ୍ଲଭେଶ୍ୱର, ଧବଳେଶ୍ୱର, ପ୍ରଭାକରେଶ୍ୱର, ଦାରୁକେଶ୍ୱର, ଈଶାଣେଶ୍ୱର, ଝାନେଶ୍ୱର, ରାଜେଶ୍ୱର, ଇନ୍ଦ୍ରଆଖଣ୍ଡଳେଶ୍ୱର, ଏକାଦଶରୁଦ୍ର, ତ୍ରିଲୋଚନେଶ୍ୱର, ମୁକ୍ତେଶ୍ୱର, ଅଗ୍ନେଶ୍ୱର, ଗଙ୍ଗେଶ୍ୱର, ପାତାଳେଶ୍ୱର, ଲଳିତେଶ୍ୱର, ବେଲେଶ୍ୱର ସମେତ ୧୦୦ରୁ ଉର୍ଦ୍ଧ୍ୱ ମନ୍ଦିରରେ ସକାଳୁ ରାତ୍ରି ମହାଦୀପ ପର୍ଯ୍ୟନ୍ତ ଭିଡ଼ ଜମିଥିଲା। ହଜାରହଜାର ସଂଖ୍ୟାର ଶ୍ରଦ୍ଧାଳୁମାନେ ଦର୍ଶନ କରି ଶିବକୃପା ଲାଭ କରିଥିବା ଦେଖାଯାଇଛି।

### ଅନନ୍ତେଶ୍ୱର ମହାଦେବଙ୍କ ପୀଠରେ ସମ୍ବର୍ଦ୍ଧନା ସଭା

**ବ୍ରହ୍ମବରଦା,୧୮।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅର୍ଥଙ୍ଗା ପଞ୍ଚାୟତର ବଡ଼ଚଅପୋଇଠାରେ ଥିବା ଶ୍ରୀଶ୍ରୀ ଅନନ୍ତେଶ୍ୱର ମହାଦେବଙ୍କ ପୀଠରେ କାର୍ତ୍ତିକଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ମୁଖ୍ୟବକ୍ତା ଭାବେ ୩୬ନଂ. ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଅର୍ଥଙ୍ଗା ସରପଞ୍ଚ ପ୍ରତିଭା ମଳିକ, ବରୀ ନିର୍ବଚନମଣ୍ଡଳରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସାମାଜିକ କର୍ମୀ ଇନ୍ଦ୍ରମଣି ସୁତାର ପ୍ରମୁଖ ଯୋଗଦେଇ ମହାଦେବଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗତ ମାଟ୍ରିକ ପରୀକ୍ଷାରେ ଅଧିକ ମାର୍କ ରଖିଥିବା ସ୍ଥାନୀୟ ଅଞ୍ଚଳର ଜେଏନ୍ ହାଇସ୍କୁଲ ଛାତ୍ରୀ ତପସ୍ୱିନୀ ସାହୁ, ଶ୍ରୀଜଗନ୍ନାଥ ହାଇସ୍କୁଲର ତମିସ୍ରା ଧର, ଉଦ୍ଧବଚରଣ ହାଇସ୍କୁଲର ପ୍ରଜ୍ଞାପ୍ରିୟା ପାଣିଗ୍ରାହୀ, ତୋରଡ଼ ହାଇସ୍କୁଲର ଲିଜା ମଳିକ, ଲିପ୍ସାରାଣୀ ଖଟୁଆ ଏବଂ ରାଜ୍ୟସ୍ତରୀୟ ଖେଳରେ କୃତିତ୍ୱ ଅର୍ଜନ କରିଥିବା ସୌମ୍ୟାସ୍ମିତା ବାରିକଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆୟୋଜକଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ଶତପଥୀ ସଭାପରିଚାଳକ ଦାୟିତ୍ୱ ତୁଲାଇଥିବାବେଳେ ଶ୍ରୀଶ୍ରୀ ଅନନ୍ତେଶ୍ୱର ବୋର୍ଡ ସଭାପତି ବ୍ରଜବନ୍ଧୁ ବେହେରା, ସମ୍ପାଦକ ଧୀରେନ୍ଦ୍ର ଭାରତୀ, ଅର୍ଜୁନ ନାୟକ, ଦଶରଥ ବେହେରା ଓ ଦୁର୍ଯ୍ୟୋଧନ ସାମଲଙ୍କ ସହ ଅନ୍ୟମାନେ ସଭାରେ ଉପସ୍ଥିତ ରହି ସହଯୋଗ କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

### ମୋବାଇଲ ଟାୱାର ବ୍ୟାଟେରି ଚୋରି ମାମଲାରେ ୩ ଗିରଫ



ପୋଲିସ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।



ଜବତ ହୋଇଥିବା ଚୋରିରେ ବ୍ୟବହୃତ ୩ ଗାଡ଼ି।

**ଯାଜପୁର ଟାଉନ,୧୮।୨(ଡି.ଏନ.ଏ.)**

**୭୦ ମୋବାଇଲ ଟାୱାର ବ୍ୟାଟେରି, ୩ ଗାଡ଼ି ଓ ଅନ୍ୟ ସାମଗ୍ରୀ ଜବତ**

କିଛିଦିନ ଧରି ଯାଜପୁର ଅଞ୍ଚଳରେ କ୍ରମାଗତ ଭାବେ ମୋବାଇଲ୍ ଟାୱର୍‌ରେ ବ୍ୟବହୃତ ହେଉଥିବା ବ୍ୟାଟେରି ଚୋରି ସମ୍ପର୍କରେ ଜିଲାର ୮ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଚୋରି ଘଟଣାରେ ଯାଜପୁରସଦର ଥାନା ଅଧିକାରୀଙ୍କ ସମେତ ୩ ଥାନାର ମିଳିତ ଉଦ୍ୟମରେ ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରିରେ ସମ୍ପୃକ୍ତ ୬ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଚୋରି ହୋଇଥିବା ୭୦ ମୋବାଇଲ ଟାୱାର ବ୍ୟାଟେରି, କଟର, କିଛି ତମ୍ବା ତାର ଓ ଚୋରିରେ ବ୍ୟବହୃତ ହେଉଥିବା ୩ ଗାଡ଼ି ଜବତ କରାଯାଇଛି। ଶନିବାର ଏନେଇ ଯାଜପୁର ସଦର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଧାମନଗର ଅଞ୍ଚଳର ଚାନ୍ଦ ଅଲ୍ଲୀ ଖାଁ (୨୭), ଶେଖ୍ ସାଦିକ୍‌କାଦିର (୨୪) ଓ ବନ୍ତ ଥାନା ଅଞ୍ଚଳର ଅବଦୁଲ ରହିମ୍ ଖାଁ। ଚୋରିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ୩୦ କିଲୋ ଚାନ୍ଦି ରୁପାରେ ସର୍ପେଶ୍ୱର ମହାଦେବ

ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.): ଆଠଗଡ଼ ଦ୍ୱାରଦେଶ ମୁଣ୍ଡଲୀ ନିକଟ କଟକିଆ ସାହି ପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ବାବା ସର୍ପେଶ୍ୱର ମହାଦେବଙ୍କ ମହାଶିବରାତ୍ରି ଉପଲକ୍ଷେ ପ୍ରଥମ କରି ବାବାଙ୍କୁ ୩୦ କିଲୋ ଓଜନର ୨୨ ଲକ୍ଷ ୨୫ ହଜାର ଟଙ୍କାର ଚାନ୍ଦି ରୁପାରେ ବିମଣ୍ଡିତ କରାଯାଇ ରାଜା ରାଜେଶ୍ୱର ବେଶରେ ସଜ୍ଜିତ କରାଯାଇଛି ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ଦାସ କହିଛନ୍ତି। ସ୍ୱର୍ପେଶ୍ୱର ଉନ୍ନୟନ ପରିଷଦ ଓ ଆଠଗଡ଼ ଦେବୋତ୍ତର ବିଭାଗ ମିଳିତ ଉଦ୍ୟମରେ ଏହି ଚାନ୍ଦି ରୁପା କଟକର ପ୍ରସିଦ୍ଧ ବ୍ୟବସାୟୀ ଚନ୍ଦନ କୁମାର ଆର୍ଯ୍ୟ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭକ୍ତଙ୍କଠାରୁ ସଂଗ୍ରହ କରାଯାଇଥିବା ନେଇ ସ୍ୱର୍ପେଶ୍ୱର ଉନ୍ନୟନ ପରିଷଦ ସଭାପତି ତଥା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ରାଉତ କହିଛନ୍ତି। ଏହି ରୁପାରେ ବାବାଙ୍କର ଲିଙ୍ଗ, ପଦ୍ମ, ସର୍ପ, ଛତି, ତ୍ରିଶୂଳ ଓ ଡମ୍ବରୁ ଇତ୍ୟାଦି ନିର୍ମିତ କରାଯାଇ ବିମଣ୍ଡିତ କରାଯାଇଛି। ଏହି ରୁପା ବେଶ ଦେଖିବାକୁ ଶନିବାର ପ୍ରାତଃରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଆଜି ରାତି ୧୧ଟାରେ ବେଢ଼ା ପରିକ୍ରମା ପରେ ମହାଦ୍ୱୀପ ଉଠିଛି ବୋଲି ପରିଷଦ ପକ୍ଷରୁ ଦିଲୀପ ସାହୁ ଓ ସୁଶାନ୍ତ କୁମାର ବେହେରା କହିଛନ୍ତି।

### ଜାଗର ମହୋତ୍ସବରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା ଅଫିସ, ୧୮।୨: କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ତେରଗାଁ ପଞ୍ଚାୟତ ଗୋପିନାଥପୁର ଶାସନ ଗ୍ରାମରେ ଶ୍ରୀଗୋଷ୍ଟେଶ୍ୱର ମହାଦେବଙ୍କ ଜାଗର ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପରିଚାଳନା କମିଟିର ମୁଖ୍ୟ ପରିଚାଳକ ବିଷ୍ଣୁଚରଣ ମହାପାତ୍ର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ଶ୍ରେଷ୍ଠ କୃଷକ, ସାମାଜିକ କର୍ମୀଙ୍କ ସହିତ ବିଭିନ୍ନ ପ୍ରତିଭାଧାରୀ ଅଛନ୍ତି। ସେହିପରି ମହୋତ୍ସବରେ ତିର୍ତ୍ତୋଲ ବନ୍ଧୁଘର ଅନୁଷ୍ଠାନ ପକ୍ଷରୁ ସ୍ୱରାଜ, ସ୍ୱାବଲମ୍ବୀ, ସଂସ୍କାର ସମ୍ପର୍କୀୟ ତ୍ରିଧାରା ବାର୍ତ୍ତା ବଣ୍ଟନ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ବାଲୁକା ଶିଳ୍ପୀ ବଲ୍ଲଭ ମହାପାତ୍ରଙ୍କ ଦ୍ୱାରା ମହାଦେବଙ୍କ ବାଲୁକା ମୂର୍ତ୍ତିକୁ ବୁଦ୍ଧିଜୀବୀ ରଶ୍ମୀରଞ୍ଜନ ମହାପାତ୍ର ଉନ୍ମୋଚନ କରିଥିଲେ। ରଞ୍ଜନ କୁମାର ଦାଶ, ଶୁଭ ଦାଶ, ଦିବ୍ୟକାନ୍ତ ମହାପାତ୍ର, ସିପୁନ ଦାଶ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିବା ବେଳେ ଏଥିରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଧିମେଇ ଚାଲିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

କେନ୍ଦ୍ରାପଡା ଅଫିସ,୧୮।୨

- ୨୩୫୦୦୬ ମଧ୍ୟରୁ ୧୦ ପ୍ରତିଶତ ପରିବାରକୁ କାମ
- ଦାଦନ ରୋକିବାରେ ସହାୟ ହେଉନାହିଁ ଯୋଜନା
- ପ୍ରକଳ୍ପ ସଂଖ୍ୟା ୭୭୪୭୭, ସମ୍ପୂର୍ଣ୍ଣ ହୋଇଛି ୧୧୮୯୭

ଚଳିତ ଆର୍ଥିକ ବର୍ଷ ଶେଷ ପାଇଁ ମାତ୍ର ଦେଢ଼ ମାସ ରହିଲା । ହେଲେ ଗତ ସାଢ଼େ ଦଶ ମାସ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଶ୍ରମିକଙ୍କୁ ଆଶାନୁରୂପକ କାମ ମିଳିନାହିଁ । ମୋଟ ୨୩୫୦୦୬ ଜବ୍ କାର୍ଡଧାରୀ ପରିବାର ମଧ୍ୟରୁ ମାତ୍ର ୨୩୬୦୧ ପରିବାର ଅର୍ଥାତ୍ ୧୦ ପ୍ରତିଶତଙ୍କୁ କାମ କରିବାର ସୁଯୋଗ ମିଳିଛି । ଫଳରେ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି । ସେହିପରି ଯୋଜନା ଅଧୀନ ପ୍ରକଳ୍ପଗୁଡିକ ଜିଲାରେ ଆଶାନୁରୂପକ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଫଳରେ ଜିଲାର ମୋଟ ୭୭୪୭୭ ପ୍ରକଳ୍ପ ମଧ୍ୟରୁ ମାତ୍ର ୧୧୮୯୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।

ଜିଲା ଗ୍ରାମ ଉନ୍ନୟନ ବିଭାଗ ତଥ୍ୟ ଅନୁଯାୟୀ ଏହି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଙ୍ଗନୱାଡି ଓ ଅନ୍ୟ ଗ୍ରାମ୍ୟ ଭିତ୍ତିଭୂମି, ମରୁଡ଼ି ପ୍ରତିବନ୍ଧକ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଉପକୂଳ ଉନ୍ନୟନ, ଜଳସେଚନ, ଜଳ ସଂରକ୍ଷଣଠାରୁ ଗ୍ରାମ୍ୟ ରାସ୍ତା ନିର୍ମାଣ ପରି ମୋଟ ୭୭୪୭୭ଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପ୍ରସ୍ତାବ ଆସିଥିଲା । ତେବେ ଏଥିମଧ୍ୟରୁ ମାତ୍ର ୧୧୮୯୭ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୧୭୫୪୭ଟି ପ୍ରକଳ୍ପ କାମ ଚାଲିଛି। ଅପରପକ୍ଷେ ୨୭୦୭୪ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ତେବେ ମଞ୍ଜୁରୀ ଅପେକ୍ଷାରେ ୨୦୯୫୯ ଟି ପ୍ରକଳ୍ପ ଅଛି । ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ୨୭୯୬ଟି ପ୍ରକଳ୍ପ କାର୍ଯ୍ୟ ସରିଛି। ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଏହି ଅବଧି ମଧ୍ୟରେ ମାତ୍ର ୩୫୯ଟି ପ୍ରକଳ୍ପ ଶେଷ ହୋଇଥିବା ବେଳେ ୪୩୭୬ଟି ପ୍ରକଳ୍ପ ନିର୍ମାଣ ଅପେକ୍ଷାରେ ଅଛି । ଅପରପକ୍ଷେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ଜିଲାରେ ୨୩୫୦୦୬ଟି ଜବ୍‌କାର୍ଡ ଇସ୍ୟୁ ହୋଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ଆଳି ବ୍ଲକ ଅଞ୍ଚଳର ୨୪୫୦ ଜବ୍‌କାର୍ଡଧାରୀ ପରିବାରଙ୍କୁ କାମ ମିଳିଛି । ସେହିପରି ଡେରାବିଶ ବ୍ଲକ ଅଞ୍ଚଳରେ ୨୫୫୬, ଗରଦପୁରରେ ୧୮୨୯, କେନ୍ଦ୍ରାପଡ଼ାରେ ୨୭୧୦, ମହାକାଳପଡ଼ାରେ ୩୨୧୬, ମାର୍ଶାଘାଇରେ ୨୩୭୩, ପଟ୍ଟାମୁଣ୍ଡାଇରେ ୪୨୩୬, ରାଜକନିକାରେ ୨୩୩୬ ଓ ରାଜନଗର ବ୍ଲକ ଅଞ୍ଚଳର ୧୮୯୫ ଏପରି ମୋଟ ୨୩୬୦୧ଟି ଜବକାର୍ଡ ଧାରୀ ପରିବାରକୁ କାମ ମିଳିଛି । ରାଜ୍ୟର ଗଞ୍ଜାମ ଜିଲାରେ ସର୍ବାଧିକ ୬୮୬୯୦ଟି ଜବ୍‌କାର୍ଡଧାରୀ ପରିବାରଙ୍କୁ ୧୦୦ରୁ ଅଧିକ ଦିନ କାମ ମିଳିଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ସଂଖ୍ୟା ମାତ୍ର ୧୨୬୫ରେ ଅଛି ।

ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଉମେଶ କୁମାର ସିଂହ, ଗୟାଧର ଧଳ, ବୁଦ୍ଧିଜୀବୀ ଜଗଦୀଶ ପତି, ଚିତ୍ତରଞ୍ଜନ ସାହୁ,ଚାଷୀ ନିରଞ୍ଜନ ପରିଡ଼ା ପ୍ରମୁଖ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରୁଥିବା କେନ୍ଦ୍ରାପଡ଼ା ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କୃଷି ଅର୍ଥନୀତିଭିତ୍ତିକ ଏହି ଜିଲାରେ ଜଳ ପରିଚାଳନା ଏକ ସମସ୍ୟା । ଜଳସେଚନ, ନିଷ୍କାସନ, ତାଲିମ, ପ୍ରୋତ୍ସାହନ ସହିତ ଅଭାବୀ ବିକ୍ରି ଲାଗିରହିଛି । ନିଜ ଜିଲାରେ ରହି କର୍ମ ନିଯୁକ୍ତି ଯୋଗାଇ ଦେବାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହୋଇଛି। ଏହି ଯୋଜନା ଏବେ ଆଇନରେ ପରିବର୍ତ୍ତିତ ହୋଇଛି । କର୍ମନିଯୁକ୍ତି ଦେଶର ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ତୃଣମୂଳସ୍ତରର ଅର୍ଥନୀତିକୁ ପ୍ରଭାବିତ କରୁଛି । ତେବେ ଯୋଜନାକୁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଅବହେଳା କରୁଛନ୍ତି ।

ଯୋଜନାରେ ବହୁ ଅନିୟମିତତା ଦେଖାଦେଉଛି । ପ୍ରକଳ୍ପକୁ ମେଶିନ ସାହାଯ୍ୟରେ କରାଇ ନେଇ ଶ୍ରମ ଦିବସ ସୃଷ୍ଟି କରାଯାଉଛି। ଏହାବ୍ୟତୀତ ଯୋଜନା ପାଇଁ ଧାର୍ଯ୍ୟ ମଜୁରି ଏବେ ଦରବୃଦ୍ଧି ସମୟରେ ଶ୍ରମିକଙ୍କୁ ସୁହାଉନାହିଁ। ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମନ୍ୱୟ ନ ଥିବାରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପଡିରହୁଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ପିଡି ରାଜେନ୍ଦ୍ର ପଣ୍ଡା କୁହନ୍ତି, ପ୍ରକଳ୍ପ ନିର୍ମାଣ ସମୟରେ ସ୍ଥାନୀୟ ସମସ୍ୟା ଦେଖାଯାଉଛି। ତେବେ ଏହାକୁ ସମାଧାନ କରାଯାଇ ପ୍ରକଳ୍ପ ନିର୍ମାଣ ଚାଲିଛି । ଯୋଜନା ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ବ୍ଲକସ୍ତରର ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି ।

## ଜାଗର ପାଇଁ ଶୈବପୀଠ ଉତ୍ସବମୁଖର



ମହାକାଳପଡ଼ା ବାଲୁଙ୍କେଶ୍ୱର ପୀଠରେ ପୂଜାର୍ଚ୍ଚନା ଚାଲିଛି ।

ମହାକାଳପଡ଼ା,୧୮।୨(ଡି.ଏନ.ଏ.)

ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶିବାଳୟ ମହାଶିବରାତ୍ରି ପାଇଁ ଉତ୍ସବମୁଖର ହୋଇଛି। ଶୈବପୀଠରେ ଭୋର ସମୟରୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ବାରଡ଼ାଙ୍ଗ ଓ ମହାକାଳପଡ଼ା ଗ୍ରାମର ପଶ୍ଚିମେଶ୍ୱର, ନନ୍ତାର ଓ ଗହ୍ମାସ୍ଥିତ ମଣି ନାଗେଶ୍ୱର, ଦେଉଳିପଡାର ଗଜେଶ୍ୱର, ବିଜୟନଗରର ଗର୍ଭେଶ୍ୱର, ଖଟିନାସିସ୍ଥିତ ସିଦ୍ଧେଶ୍ୱର, କଳପଡ଼ାସ୍ଥିତ ନୀଳକଣ୍ଠେଶ୍ୱର, କରଞ୍ଜୀର ଇଶାଣେଶ୍ୱର, ଗୋପୀନାଥପୁର ଶାସନ ଗୋଷ୍ଟେଶ୍ୱର, ଗଡ଼ରୋମିତର ଚଞ୍ଚକେଶ୍ୱର, ନଳଦିଆ ଶାସନର ଗ୍ରାମେଶ୍ୱର, ବେଲାର ନୂଆଗାଁର ଚନ୍ଦ୍ରଶେଖର, ଖୁରୁସିଆର କପିଳେଶ୍ୱର, କିଆରବାଙ୍କ ଗ୍ରାମର ସ୍ୱପ୍ନେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଜାଗର ଜାଳି ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହିଥିଲେ । ଏହି ଅବସରରେ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ଓ ପାଲା ପରିବେଷଣ କରାଯାଇଥିଲା ।

## ଚନ୍ଦ୍ରମୌଳି, ହରପାର୍ବତୀ ପୀଠରେ ୫୦ହଜାର ଭକ୍ତଙ୍କ ଭିଡ଼

ପଟ୍ଟାମୁଣ୍ଡାଇ,୧୮।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ପ୍ରସିଦ୍ଧ ଶୈବ ପୀଠ ଚନ୍ଦ୍ରମୌଳି ଓ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଜାଗର ଯାତ୍ରା ପାଳିତ ହେଉଛି । ଏଥିରେ ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ସମସ୍ତ ଶିବ ମନ୍ଦିରରେ ପ୍ରଭୁଙ୍କର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଚନ୍ଦ୍ରମୌଳିଙ୍କ ଦର୍ଶନ ପାଇଁ ଭକ୍ତମାନେ ସକାଳୁ ଭିଡ଼ ଜମାଇଥିଲେ।

ପୂର୍ବାହ୍ନରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ, ସମିତି ସଭ୍ୟ ମାନସ ମଲିକ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଦାସ, ସମବାୟ ସମିତି ସଭାପତି ସୁରେନ୍ଦ୍ର ପଣ୍ଡା, ଚନ୍ଦ୍ରମଉଳି ଟ୍ରଷ୍ଟି ପୂର୍ଣ୍ଣ ଚନ୍ଦ୍ର ସିଂହ, ନଗର ଯୁବବିଜେଡି ସଭାପତି ମିଟୁମନୋଜ ନାୟକ, ସୁଶାନ୍ତ ଦାସ ପ୍ରମୁଖ ଚନ୍ଦ୍ରମୌଳୀଙ୍କ ଦର୍ଶନ କରି ଆର୍ଶିବାଦ ଭିକ୍ଷା କରିଥିଲେ । ଅପରାହ୍ନ ସାଢେ ୪ ଟା ବେଳେ ବେଢା ପରିକ୍ରମା କାର୍ଯ୍ୟକ୍ରମ ହୋଇଥିଲା । ରାତି ୪ଟାରେ ମହାଦୀପ ଉଠିଥିଲା ।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପ୍ରସିଦ୍ଧ ଶୈବପୀଠ ହରପାର୍ବତୀ



ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନଙ୍କ ସମାଗମ ହୋଇଥିଲା । ପ୍ରତ୍ୟୁଷରୁ ମନ୍ଦିରର ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମଧ୍ୟରାତ୍ରରେ ମହାଦୀପ ଦେଖିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଏହି ଅବସରରେ ହରପାର୍ବତୀ ମନ୍ଦିର ପରିସରରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା । ସେହିପରି କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ, ବେଲତଳ ବେଲେଶ୍ୱର ମହାଦେବ, ପଟ୍ଟାମୁଣ୍ଡାଇ ଥାନା ଆଖଣ୍ଡଳମଣି ମନ୍ଦିର,ତନୁପୁର ମହାଦେବ ମନ୍ଦିର, ବାଲିପଡା ମହାଦେବ ମନ୍ଦିର, ବାଲିପାଟଣା ମହାଦେବ ମନ୍ଦିର, ନିମପୁର ଶିବ ମନ୍ଦିର,ଖଡିଅଣ୍ଟା କପିଳେଶ୍ୱର ମନ୍ଦିର, ତାତନା ଧବଳେଶ୍ୱର ମନ୍ଦିର,କାଠିଆପଡା ଦକ୍ଷିଣେଶ୍ୱର ମନ୍ଦିର, ନୀଳକଣ୍ଠପୁର ଶିବମନ୍ଦିରଙ୍କ ସମେତ ସମସ୍ତ ଶିବ ମନ୍ଦିରରେ ମହାଶିବରାତ୍ରୀ ଓ ଜାଗରଯାତ୍ରା ପାଳିତ ହୋଇଯାଇଛି।

## ଆଳିରେ ଜାଗରଯାତ୍ରା

ଆଳି,୧୮।୨ (ଡି.ଏନ.ଏ.)

ଆଳିର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଅବସରରେ ପୂଜା ପାଠ ସହ ମହାଦୀପ ଉଠିଥିଲା । କଳସପୁର ୪୫ ପରିବାର ରହୁଥିବା ଦଳିତ ବସ୍ତିରେ ଥିବା ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ ଯାହାକି ଦେଶରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଅନ୍ୟତମ । ସେଠାରେ ମହାଶିବରାତ୍ରି ପୂଜାର୍ଚ୍ଚନା ପାରମ୍ପରିକ ରୀତିରେ ଅନୁଷ୍ଠିତ ହେବା ସହ ମହାଦୀପ ମଧ୍ୟ ଉଠିଥିଲା । ତୁଳସୀ ଶାସନରେ ଥିବା ପ୍ରସିଦ୍ଧ ଶୈବପୀଠ ସ୍ୱପ୍ନେଶ୍ୱର ମହାଦେବଙ୍କ ପୂଜା କରାଯିବା ସହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଅଡିହସ୍ଥିତ ଈଶାନେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁମାନେ ଦର୍ଶନ କରିବାକୁ ଧାଡ଼ିରେ ଆସିଥିଲେ।

ଲୋକାପଡ଼ାରେ ବୁଢ଼ା ମହାଦେବ, ନୂଆଗାଁସ୍ଥିତ କପିଳେଶ୍ୱର ମହାଦେବ, ବେତାରେ ଅବସ୍ଥିତ ଧବଳେଶ୍ୱର ମହାଦେବ ପୀଠରେ ଶିବରାତ୍ରି ପୂଜା ଅନୁଷ୍ଠିତ ହୋଇଥିଲା । ବାଲିଅଡାରେ ଅବସ୍ଥିତ ଶୈବ ପୀଠରେ ୧୦୮ କଳସ ଶୋଭାଯାତ୍ରା ନମୌଜା ପରିକ୍ରମା କରା ଯିବା ସହ ଯଜ୍ଞର ଆୟୋଜନ କରାଯାଇଛି। ବିଗତ ଦୁଇବର୍ଷ ଧରି କରୋନା କଟକଣା ସମୟରେ ବିନା ଭକ୍ତରେ ପୂଜା କରାଯାଇଥିବାବେଳେ ଚଳିତ ବର୍ଷ ଏହି କଟକଣା ଉଠିଯାଇ ଥିବାରୁ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। ଶତାଧିକ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ।

## ଶିବରାତ୍ରି ପାଇଁ ଡେରାବିଶ ଚଳଚଞ୍ଚଳ



ଶିବରାତ୍ରି ପାଇଁ ଡେରାବିଶସ୍ଥିତ ଶିବ ମନ୍ଦିରକୁ ସୁସଜ୍ଜିତ କରାଯାଇଛି।

ଡେରାବିଶ,୧୮।୨(ସ୍ୱ.ପ୍ର.)

ପବିତ୍ର ଜାଗରଯାତ୍ରା ପାଇଁ ଡେରାବିଶ ବ୍ଲକ ଅଞ୍ଚଳ ଶନିବାର ଉତ୍ସବ ମୁଖର ହୋଇଥିଲା। ଏହି ବ୍ଲକ ଅଧୀନସ୍ଥ ନହଙ୍ଗ ପଞ୍ଚାୟତ ଆର୍ତ୍ତେଶ୍ୱରଙ୍କ ପୀଠରେ ପ୍ରାତଃରୁ ଭିଡ଼ ଲାଗିରହିଥିଲା । ସେହିପରି ଗୋଲରାହାଟ ପଞ୍ଚାୟତ ହରିଶଙ୍କର, ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରସ୍ଥ ଶୃଙ୍ଗାରେଶ୍ୱର, ବଳଭଦ୍ରପୁର ଗ୍ରାମରେ ଥିବା ବାଲୁଙ୍କେଶ୍ୱର, ପଳେଇ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ମଲ୍ଲିକେଶ୍ୱରଙ୍କ ମନ୍ଦିରରେ ଶିବରାତ୍ରି ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ଏହି ପୀଠରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗ୍ରାମର ଯୁବକମାନଙ୍କ ଦ୍ୱାରା ଡ୍ରାମା ମଞ୍ଚସ୍ଥ ହେଉଛି । ସେହିପରି ଯଅଁରାବାରିମୂଳ ପଞ୍ଚାୟତର ଖଲାରେଶ୍ୱର, ଦାନପୁର ପଞ୍ଚାୟତର ଶୁକ୍ଳେଶ୍ୱର, ନଣ୍ଡାମହାଦେବ, ବିଲେଶ୍ୱର ଓ ଭାବକୁଣ୍ଡଳୋଶ୍ୱର, ହରିଅଙ୍କ ପଞ୍ଚାୟତ ଭୋଳହାଟଠାରେ ଥିବା କପିଳେଶ୍ୱର, ଖମୋଳ ପଞ୍ଚାୟତର ସ୍ୱପ୍ନେଶ୍ୱର, ଇନ୍ଦାଳୋ ପଞ୍ଚାୟତରେ ବାଲୁଙ୍କେଶ୍ୱର, ମୁକୁନ୍ଦପୁର ପଞ୍ଚାୟତର କ୍ଷୀରେଶ୍ୱରଙ୍କ ପୀଠରେ ଆଜି ପ୍ରାତଃରୁ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିବା ସହ ଶିବଲିଙ୍ଗ ଉପରେ ଟୋପରଚଢ଼ାଇ ନିଜ ପରିବାରର ଶୁଭ କାମନା କରିଥିଲେ । ଏଥିପାଇଁ ପ୍ରତ୍ୟେକ ଶୈବପୀଠରେ ପ୍ରାତଃ ନିତୀ ସହ ମଧାହ୍ନ ଓ ରାତ୍ରିରେ ଦେବନୀତି ଅନୁଷ୍ଠିତ ହୋଇଥିଲା । ପୀଠଗୁଡ଼ିକରେ ନାମଯଜ୍ଞ, ଶିବପଞ୍ଚାକ୍ଷରୀ ମନ୍ତ୍ର ସହ ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଳମ୍ବିତ ରାତ୍ରିରେ ପ୍ରତ୍ୟେକ ମନ୍ଦିରରେ ମହାଦୀପ ଉଠିଥିଲା ।

## ଶାନ୍ତି, ସଦ୍‌ଭାବନା, ସଦାଚାର ସାମାଜିକ ପରିବର୍ତ୍ତନ ଆଣିପାରିବ



ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ପଟ୍ଟାମୁଣ୍ଡାଇ,୧୮।୨(ସ୍ୱ.ପ୍ର.)

ସମ୍ପ୍ରତି ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ପାରିବାରିକ ଓ ସାମାଜିକ ଶାନ୍ତି ନଷ୍ଟ ହୋଇଛି । ସର୍ବତ୍ର ବିଶୃଙ୍ଖଳାର ବାତାବରଣ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପରିବାର ଓ ସମାଜରେ ଶାନ୍ତି,ସଦ୍‌ଭାବନା ପ୍ରତିଷ୍ଠା କରିବା ଏକ ଆହ୍ୱାନ ଭାବେ ଦେଖାଦେଇଛି । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀ ବିଶ୍ୱବିଦ୍ୟାଳୟର ବ୍ରହ୍ମା କୁମାର ଭାଇ ଓ ବ୍ରହ୍ମା କୁମାରୀ ଭଉଣୀମାନେ ଶାନ୍ତି, ସଦ୍‌ଭାବନା,ସଦାଚାରର ବାର୍ତ୍ତା ପ୍ରଚାର କରି ସମାଜ ଓ ପରିବାରରେ ଶାନ୍ତି ଆଣିବା ସହିତ ସାମାଜିକ ପରିବର୍ତ୍ତନରେ ସହାୟକ ହୋଇପାରିଛନ୍ତି ବୋଲି ଶନିବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟ୍ଟାମୁଣ୍ଡାଇ ସଦଭାବନା କେନ୍ଦ୍ର ପକ୍ଷରୁ ଶିବରାତ୍ରି ଅବସରରେ ୮୭ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ।

ସଦ୍‌ଭାବନା କେନ୍ଦ୍ର ମୁଖ୍ୟସଞ୍ଚାଳିକା ବ୍ରହ୍ମା କୁମାରୀ ଶଶୀରେଖାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଶିକ୍ଷକନେତା ବିଜୟ କୁମାର ସାହୁ, ସାମାଜିକ କର୍ମୀ ପ୍ରଶାନ୍ତ ରାଉତ,ବରିଷ୍ଠ ବ୍ରହ୍ମକୁମାର ସର୍ବେଶ୍ୱର ଭାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପବିତ୍ର ଶିବରାତ୍ରିର ଆଧ୍ୟାତ୍ମିକ ରହସ୍ୟ ଓ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ରହ୍ମକୁମାରୀ ମିତା ଭଉଣୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତ୍ରିମୂର୍ତ୍ତି ଶିବଙ୍କ ପତାକା ଉତ୍ତୋଳନ, ଦୀପ ପ୍ରଜ୍ୱଳନ , କେକ୍ କାଟିବା ଓ ପ୍ରସାଦ ବଣ୍ଟନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୈଳାଶ ପାତ୍ର, ସିଆରସିସି ମନୋଜ କୁମାର ମୁଦୁଲି,ବ୍ରହ୍ମ କୁମାର ରଘୁନାଥ ଭାଇ, ବ୍ରହ୍ମକୁମାର ଶରତ ଭାଇ, ବ୍ରହ୍ମ କୁମାର ନୃସିଂହ ଭାଇ, ବ୍ରହ୍ମ କୁମାର ଅର୍ଜନ ଭାଇ, ବ୍ରହ୍ମକୁମାର ଚିତ୍ତ ଭାଇ, ବ୍ରହ୍ମକୁମାରୀ ଚନ୍ଦ୍ରମା ଭଉଣୀ, ବ୍ରହ୍ମ କୁମାରୀ ସୁଲୋଚନା ଭଉଣୀ ଓ ବ୍ରହ୍ମକୁମାରୀ ପୁଷ୍ପ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ।

## ଗୋବରୀ ନଦୀ ଖନନ ସତ୍ତ୍ୱେ କାମରେ ଲାଗୁନି

ପଟ୍ଟାମୁଣ୍ଡାଇ,୧୮।୨(ସ୍ୱ.ପ୍ର.)

- ନଦୀ ସଂଯୋଗ ହେଲେ ଚାଷ ଜମି ଜଳସେଚିତ ହେବ
- ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି

କେନ୍ଦ୍ରାପଡ଼ା ଜିଲାରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଚିରସ୍ରୋତା ବ୍ରାହ୍ମଣୀ ନଦୀର ଶାଖା ନଦୀ ସହ ଗୋବରୀ ନଦୀର ସଂଯୋଗ ଥିଲା। ଏଥିରେ ନୌବାଣିଜ୍ୟ ସହ ଚାଷ ପାଇଁ ପାଣି ମିଳୁଥିଲା। ୧୮୬୮ମସିହାରେ କଟକ-ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ପଟ୍ଟାମୁଣ୍ଡାଇଠାରେ ଏହାର ସଂଯୋଗୀକରଣ ପଥକୁ ବନ୍ଦ କରି ଦିଆଗଲା। ଫଳରେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨୦ କି.ମି. ବ୍ୟାପୀ ନଦୀପଥ କ୍ରମଶଃ ପୋତି ହୋଇପଡୁଛି। ଏହି ନଦୀର ପୁନଃ ସଂଯୋଗ ପାଇଁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ବ୍ଲକର ଅଧିବାସୀ ବାରମ୍ବାର ଦାବି କରି ଆସୁଛନ୍ତି।

ଜନସାଧାରଣଙ୍କ ଦାବି ଫଳରେ ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀ ପୁନଃ ସଂଯୋଗ ପାଇଁ ୨୦୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବରୀ ନଦୀକୁ ଖନନ ପାଇଁ ଶିଳାନ୍ୟାସ କରିଥିଲେ। ୨୦ କିଲୋମିଟର ବ୍ୟାପୀ ଗୋବରୀର ପୁନଃ ସଂଯୋଗ ପାଇଁ ଟେଣ୍ଡରରେ ଠିକା ପାଇଥିବା ଠିକାଦାର ଅଧାରୁ କାମ ଛାଡି ଚାଲି ଯାଇଥିଲେ। ଏଥିରେ ୩ କୋଟି ଟଙ୍କା ବିଲ ହୋଇଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ କେନ୍ଦ୍ରାପଡା ଡ୍ରେନେଜକଟ ନିହାର ରଞ୍ଜନ ରାଉତରାୟ କହିଛନ୍ତି। ଖନନ କାର୍ଯ୍ୟ ଅଧାରୁ ବନ୍ଦ ହୋଇଥିବା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୁଣି ୨୦ କିମି ବ୍ୟାପୀ ଗୋବରୀ ନଦୀର ଖନନ ପାଇଁ ରାଜ୍ୟ ସରକାର ଓ ଡ୍ରେନେଜ କଟ ପକ୍ଷରୁ ୭ କୋଟି ୫୫ ଲକ୍ଷ ବ୍ୟୟ ଅଟକଳରେ ଓଡ଼ିଶା କନଷ୍ଟ୍ରକଶନ କମ୍ପାନୀ (ଓସିସି) କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ଓସିସି ଗଣ୍ଡାକିଆ ପାଖରୁ ୬ କିମି ଖନନ କରି ୨ ବର୍ଷ ହେବ କାମ ବନ୍ଦ କରି ଦେଇଛି। ଫଳରେ ନଦୀ ମଧ୍ୟରେ ଦଳ ଭର୍ତ୍ତି ହେବା ସହ ମାଟି ଖସି ପୋତି ହେବାରେ ଲାଗିଛି। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ଡ୍ରେନେଜ କଟ କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ ବାଙ୍କ ବିହାରୀ ସାମଲଙ୍କୁ ପଚାରିବାରେ ପୋତା ଗୋବରୀ ନଦୀକୁ ଖନନ ପାଇଁ ଓସିସି ସହ ଯୋଗା ଯୋଗ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ତେବେ ଗୋବରୀ ଖନନ କରିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିବା ବେଳେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଚିରସ୍ରୋତା ବ୍ରାହ୍ମଣୀ ସହ ଗୋବରୀର ସଂଯୋଗ ହେଲେ ପଟ୍ଟାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଉଭୟପାର୍ଶ୍ୱର ଶତାଧିକ ଗାଁର ଅଧିବାସୀ ଉପକୃତ ହୋଇ ପାରିବେ। ଏହାକୁ ନଜରକୁ ନେଇ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, କ୍ଷୀରୋଦ ମଲିକ, ଅଶୋକ କୁମାର ବଳ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା)ରେ ଏକ ଜନସ୍ୱାର୍ଥ ସମ୍ବଳିତ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ବିଚାର କରି କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ବିଚାରପତି ମଳୟ କୁମାର ପ୍ରଧାନ କେସ୍ ନଂ. ୧୦/୨୦୨୧ ମାମଲା ଶୁଣାଣି କରି ଭିତ୍ତିଭୂମିର ତଦନ୍ତ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଦ୍ୟାବଧି କୌଣସି ତତ୍ପରତା ପ୍ରକାଶ ପାଇନାହିଁ ବୋଲି ପ୍ରଫୁଲ୍ଲ ଦାଶ, କ୍ଷୀରୋଦ ମଲିକ ପ୍ରମୁଖ କହିଛନ୍ତି। ନଦୀ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ନଦୀପଥ ନିକଟ କୃଷି କ୍ଷେତରେ ୩ ପ୍ରକାର ଅର୍ଥକରୀ ଫସଲ ଉତ୍ପାଦନ ହୋଇପାରିବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି।



ମେଶିନ ସାହାଯ୍ୟରେ ଗୋବରୀ ନଦୀରେ ଖନନ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ଗାଁ ବୈଦ୍ୟଙ୍କ ମୃତ୍ୟୁ ଘଟଣା ସାଇଣ୍ଟିଫିକ ଟିମ୍‌ର ତଦନ୍ତ ଆରମ୍ଭ

ଦିଗପହଣ୍ଡି,୧୮।୨(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ପିତାମ୍ବରପୁର ଗାଁରେ ଜଡ଼ିବୁଟି ଚିକିତ୍ସା କରୁଥିବା ଗାଁ ବୈଦ୍ୟ ବଙ୍ଗାଳି ସେଠୀଙ୍କୁ ଶୁକ୍ରବାର ଗାଁର ପାଞ୍ଚଆମ୍ବ ଛକ ନିକଟରେ ୩ ଜଣ ଦୁର୍ବୃତ୍ତ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ବ୍ରହ୍ମପୁର ବଡ଼ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୯ଟାରେ ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଙ୍ଗାଳିଙ୍କ ପୁଅ ପ୍ରହ୍ଲାଦଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ. ୭୫/୨୩ରେ ମାମଲା ରୁଜୁ କରିଛି। ପୋଲିସ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ହତ୍ୟାକାରୀଙ୍କ ସୁରାକ ପୋଲିସ ପାଇପାରିନାହିଁ। ବଙ୍ଗାଳି ଜଣେ ନୃସିଂହ ସାଧକ ଭାବେ ଅଞ୍ଚଳରେ ଜଣାଶୁଣା। ସେ ଜଡ଼ିବୁଟି ଆୟୁର୍ବେଦ ଚିକିତ୍ସା କରିବା ସହ ଝଡାଫୁଙ୍କା କାମ କରୁଥିଲେ। ତନ୍ତ୍ର ବିଦ୍ୟା ଯୋଗୁ ହତ୍ୟା କରିଥାଇପାରନ୍ତି ବୋଲି ମଧ ସନ୍ଦେହ କରାଯାଉଛି।

### ପପୁ ପମ୍‌ପମ୍‌ଙ୍କ ଉପରକୁ ଟେକା ମାଡ଼

ଚିକିଟି,୧୮।୨(ଡି.ଏନ.ଏ.)- ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁରଳ ଗ୍ରାମରେ ଶୁକ୍ରବାର ମୁକ୍ତେଶ୍ୱର ମହାଦେବଙ୍କ ନିକଟରେ ଜାଗରଯାତ୍ରା ଅନୁଷ୍ଠିତ ହେଉଥିଲା। ଏହି ଉତ୍ସବରେ ଅଭିନେତା ପପୁ ପମ୍‌ପମ୍ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବାର ପ୍ରାୟ ଘଣ୍ଟାଏ ପରେ କେତେକ ନିଶାସକ୍ତ ବ୍ୟକ୍ତି ତାଙ୍କ ଉପରକୁ ଟେକା ପଥର ମାଡ଼ କରିଥିବା ଆୟୋଜକମାନେ ସୂଚନା ଦେଇଛନ୍ତି। ତେବେ କାର୍ଯ୍ୟକ୍ରମ ଗୋଟିଏ ଘଣ୍ଟା ପରେ ପୁଣି ଆରମ୍ଭ ହୋଇଥିଲା।

### ୨୦ରୁ ଅନିର୍ଦ୍ଦିଷ୍ଟ କାଳ ଆୟୁଷ ଡାକ୍ତରଙ୍କ ଧର୍ମଘଟ

କାଶୀନଗର,୧୮।୨-ଠିକାରେ ନିଯୁକ୍ତ ବହୁ କର୍ମଚାରୀଙ୍କୁ ନିକଟ ଅତୀତରେ ସରକାର ନିୟମିତ କରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟସେବା ଭଳି ଜରୁରୀ ସେବା ଯୋଗାଉଥିବା ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡ଼ିନାହିଁ। ୨୦୧୩ରେ ସେମାନେ ନିଯୁକ୍ତି ପାଇଥିଲେ ବି ଏଯାଏ ଠିକା କର୍ମଚାରୀ ଭାବେ ହିଁ କାର୍ଯ୍ୟ କରୁଛନ୍ତି। ତେଣୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବା ଛଡ଼ା ଆଉ କିଛି ବାଟ ନାହିଁ ବୋଲି ଆୟୁଷ ଡାକ୍ତର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଡାକ୍ତର ବେଦ ବିକାଶ କହିଛନ୍ତି ଯେ, ସଂଘ ରାଜ୍ୟ ସ୍ତରରେ ନେଇଥିବା ନିଷ୍ପତ୍ତି ଆଧାରରେ ପ୍ରଥମେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯିବା ପରେ ଗତ ୧୧ ରୁ ୧୫ ତାରିଖ ଯାଏ ବ୍ଲାକ୍ ବ୍ୟାଜ୍ ପିନ୍ଧି ସେମାନେ କାମ କରିଥିଲେ। ୧୬ ରୁ ୧୯ ଯାଏ ସେମାନଙ୍କ ଅସହଯୋଗ ଆନ୍ଦୋଳନ ଚାଲିଥିଲେ। ତଥାପି ସରକାରଙ୍କ ଉପରେ କୌଣସି ପଭାବ ନପଡ଼ିବା ଯୋଗୁ ବାଧ ହୋଇ ଆଗାମୀ ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ ନିଷ୍ପତ୍ତି ନିଆଯାଇଛି। ସେ ଆହୁରି ଜଣାଇଛନ୍ତି ଯେ, କାଶୀନଗରର ଗ୍ରାମାଞ୍ଚଳରେ ଅନେକ ହୃଦ୍ ରୋଗୀ ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ସହ ରାଇପୁର ନେଇ ଉନ୍ନତ ମାନର ଅସ୍ତ୍ର ଚିକିତ୍ସା ଯୋଗାଇ ଦେବା କ୍ଷେତ୍ରରେ ସ୍ଥାନୀୟ ଆୟୁଷ ଡାକ୍ତରମାନଙ୍କ ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

# ଇଆର୍‌ସି ଅନୁମୋଦନ ମିଳିଲେ ବି.ଏଡ୍‌ରେ ନାମଲେଖା

ଭଞ୍ଜନଗର,୧୮।୨(ଡି.ଏନ.ଏ)



ଭଞ୍ଜନଗର ବି.ଏଡ୍ କଲେଜ ।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବି.ଏଡ୍ କଲେଜରେ ଚଳିତ ଶିକ୍ଷାବର୍ଷରେ ନାମଲେଖା ଆଶା ପ୍ରାୟ ମଉଳିଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ କିଭଳି ନାମଲେଖା ହୋଇପାରିବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ବର୍ତ୍ତମାନ କଲେଜର ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଏନ୍‌ସିଟିଇ ପକ୍ଷରୁ ଏଠାରେ ଗୋଟିଏ ୟୁନିଟ୍ (୫୦ ଛାତ୍ରୀଛାତ୍ର) ନାମ ଲେଖାଇବା ପାଇଁ କିଛିଦିନ ପୂର୍ବେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ହୋଇଥିବା ଆଲୋଚନାରେ ସହମତି ପ୍ରକାଶ କରିଛି। ତେଣୁ ଆଗାମୀ ଦିନରେ ଏନ୍‌ସିଟିଇ ଅଧୀନସ୍ଥ ଇଷ୍ଟର୍ନ ରିଜିଓନାଲ କମିଟି (ଇଆର୍‌ସି) କଲେଜ ପରିଦର୍ଶନରେ ଆସିବ। ଇଆରସି ରିପୋର୍ଟ ସନ୍ତୋଷଜନକ ହେଲେ କଲେଜରେ ପୂର୍ବଭଳି ନାମଲେଖା ଆରମ୍ଭ ହେବ । ବର୍ତ୍ତମାନ କଲେଜରେ ୧୨ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଆଉ ୩ଜଣ ନୂତନ ଅଧ୍ୟାପକଙ୍କୁ ରବିବାର ନିଯୁକ୍ତି ମିଳିବ। ଫଳରେ ଖାଲିଥିବା ଅଧ୍ୟାପକ ପଦବୀ ପ୍ରାୟ ପୂରଣ ହେବାକୁ ଯାଉଛି। ଏଥିସହ ଛାତ୍ରୀନିବାସ, ଷ୍ଟାଫ୍ କ୍ୱାର୍ଟର, ବାଉଣ୍ଡାରୀ ପ୍ରମୁଖ କାର୍ଯ୍ୟ ଚାଲିଛି। କଲେଜରେ ନାମଲେଖା ହୋଇପାରୁନଥିବା ଯୋଗୁ ରାଜ୍ୟ ସରକାର ବାଧହୋଇ ଶିକ୍ଷକ ଏବଂ ଅଣଶିକ୍ଷକଙ୍କୁ ବସାଇ ଦରମା ଦେଉଛନ୍ତି । ରାଜ୍ୟର ଅନ୍ୟ କେତେକ ବି.ଏଡ୍ କଲେଜରେ ମଧ ଏହି ସମସ୍ୟା । ଏହାଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହେଉଛି । ଇତିମଧ୍ୟରେ ବି.ଏଡ୍ କଲେଜଗୁଡ଼ିକରେ ନାମଲେଖା ହୋଇପାରୁ ନ ଥିବା ଯୋଗୁ ନୂତନ ଭାବେ ନିଯୁକ୍ତି ପାଇଥିବା କିଛି ଅଧ୍ୟାପକ ଚାକିରି ଛାଡ଼ି ନିଜ ପୂର୍ବ କର୍ମକ୍ଷେତ୍ରକୁ ଫେରିଯିବା ପାଇଁ ଚାହୁଁଛନ୍ତି । ଏନେଇ କିଛି ଅଧ୍ୟାପକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଭଞ୍ଜନଗର ବି.ଏଡ୍ କଲେଜ ୧୯୮୧ ମସିହାରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ କଲେଜର ଆବଶ୍ୟକ ଭିତ୍ତିଭୂମି ନଥିବା ଦର୍ଶାଇ ଏନ୍‌ସିଟିଇ ୩ବର୍ଷ ପୂର୍ବେ ସ୍ୱୀକୃତି ପ୍ରତ୍ୟାହାର କରିନେଇଥିଲେ। ଭଞ୍ଜନଗର ବି.ଏଡ୍ କଲେଜ ଭଳି ରାଜ୍ୟର ଆଉ କିଛି ବି.ଏଡ କଲେଜରେ ମଧ ନୂତନ ନାମଲେଖା ବିଗତ ୩ବର୍ଷ ହେବ ହୋଇପାରୁନାହିଁ । କଲେଜ ଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ପାଇଁ ବର୍ତ୍ତମାନ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଏଥିସହ ୩୮୫ଜଣ ନୂତନ ଆସିଷ୍ଟାଣ୍ଡ ପ୍ରଫେସରଙ୍କୁ ନିଯୁକ୍ତି ଦେବା ବ୍ୟବସ୍ଥା କରାଯାଇଛି। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଭଞ୍ଜନଗର ବିଏଡ୍ କଲେଜ ଖୋଲିବା ଆଶା କରାଯାଉଛି ।

# ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା

ଗଞ୍ଜାମ,୧୮।୨(ଡି.ଏନ.ଏ.)

ବନ ବିଭାଗ ପକ୍ଷରୁ ଅଲିଭ ରିଡଲେଙ୍କ ସୁରକ୍ଷା ନେଇ ଶନିବାରଠାରୁ ଜନ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଡିଏଫ୍‌ଓ ଅମ୍ଳାନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଗଞ୍ଜାମ ସହର ବଡ଼ ବଡ ବଜାର, ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ବଟେଶ୍ୱର ଶୈବପୀଠ ଓ ରାମଗଡ଼ ପଞ୍ଚାୟତର ଅଳେଶ୍ୱର ଶୈବପୀଠ ଗୁଡ଼ିକରେ ମହା ଶିବାରାତ୍ର ଯାଗର ଯାତ୍ରା ଉପଲକ୍ଷେ ଜନ ଗହଳିପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ଏଲଇଡି ପରଦା ମାଧ୍ୟମରେ ଭିଡିଓ ପ୍ରଦର୍ଶିତ କରାଯାଇ ସାମୁଦ୍ରିକ କଇଁଚଙ୍କ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ଉପସ୍ଥାପନ କରାଯାଇଛି। ସମ୍ପ୍ରତି ଉକ୍ତ ବିରଳ ପ୍ରଜାତିର କଇଁଚ ଗୁଡ଼ିକ ପ୍ରଜନନ ଋତୁ ରହିଛି। ଆଉ କିଛି ଦିନ ମଧ୍ୟରେ ଋଷିକୁଲ୍ୟା ମୁହାଁଣ ବିସ୍ତିର୍ଣ୍ଣ ସମୁଦ୍ର ବେଳାଭୂମିରେ ସାମୂହିକ ଗଣ ଅଣ୍ଡାଦାନ ହେବାର ଆଶା କରାଯାଉଛି। ଗତ ବର୍ଷ ରେକର୍ଡ ସଂଖ୍ୟକ ୫ଲକ୍ଷ ୫୦ହଜାରୁ ଊର୍ଦ୍ଧ୍ୱ ଅଲିଭ ରିଡଲେଙ୍କ ଗଣ ଅଣ୍ଡାଦାନ ହୋଇଥିବା ରେକର୍ଡ କରାଯାଇଛି। ଚଳିତ ବର୍ଷ ବେଳାଭୂମି ସାମୂହିକ ଅଣ୍ଡାଦାନ ପାଇଁ ଠିକ ରହିଛି। ଯାହାକୁନେଇ ଗତ ବର୍ଷ ଅପେକ୍ଷା ଅଧିକ ସଂଖ୍ୟକ ଗଣ ଅଣ୍ଡାଦାନ ହେବାର ଆଶା କରାଯାଉଛି। ଯାହାକୁ ନେଇ ଉକ୍ତ ସାମୁଦ୍ରିକ କଇଁଚ ସୁରକ୍ଷା ଓ ସୁରକ୍ଷିତ ଗଣ ଅଣ୍ଡାଦାନକୁ ନେଉ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗଞ୍ଜାମ ଜିଲାରେ ୫୨ କିଲୋମିଟର ସମୁଦ୍ର ଉପକୂଳରେ ୨୮ ଗ୍ରାମ ରହିଛି। ଉକ୍ତ ସମୁଦ୍ର ଉପକୂଳବର୍ତ୍ତି ଇଲାକା ଗୁଡ଼ିକରେ ଜନ ସଚେତନତା ସୃଷ୍ଟି କରିବା ଲାଗି ବନ ବିଭାଗ ତରଫରୁ ଉଦ୍ୟମ କରାଯାଉଛି। ଫଳରେ ଜିଲା ପ୍ରଶାସନ, ପରିବେଶ ବିତ, ସ୍ଥାନୀୟ ଅଞ୍ଚଳବାସୀ ଓ ବିଭିନ୍ନ ବିଭାଗର ସହଯୋଗ କମନା କରାଯାଉଛି। ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀ, ବନରକ୍ଷୀ ମାଧବ ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରବିନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ସହ ବନ ବିଭାଗ କର୍ମଚାରୀମାନେ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଗସ୍ତ କରୁଛନ୍ତି।



ଏଲଇଡି ପରଦା ମାଧ୍ୟମରେ ଭିଡିଓ ପ୍ରଦର୍ଶନ।


ଶିବରାତ୍ରି ଅବସରରେ କନ୍ଧମାଳ ଜିଲା ବାଲିଗୁଡ଼ା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା।

## ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୧୮।୨(ଡି.ଏନ୍.ଏ):

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ନାଟ୍ୟକାର ଆପନ୍ନା ପରିଚ୍ଛାଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର, ଜିଲା ସଂସ୍କୃତି ପରିଷଦ ଗଜପତି ଓ ପାରଳାଖେମୁଣ୍ଡିର ଆପନ୍ନା ପରିଚ୍ଛା ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଜୟନ୍ତୀ ପାଳିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସେବାନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଜୟ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଜପତି ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସମ୍ମାନିତ ବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ଜାତୀୟ ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷୟତ୍ରୀ ଆଶାଲତା ପାଣିଗ୍ରାହୀ, ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.କଲ୍ୟାଣୀ ମିଶ୍ର, ଆପନ୍ନା ପରିଚ୍ଛା ସ୍ମୃତି ସଂସଦର ସମ୍ପାଦକ ମୁରଲୀଧର ପରିଚ୍ଛା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସୁନାବେଡ଼ାର ସେବାନିବୃତ୍ତ ପ୍ରାଧ୍ୟାପକ ଡ. ଅଶୋକ କୁମାର ତ୍ରିପାଠୀଙ୍କୁ ଆପନ୍ନା ପରିଚ୍ଛା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଚ୍ଚିଦାନନ୍ଦ ସାମଲଙ୍କ ଦ୍ୱାରା ରଚିତ ଆପନ୍ନା ପରିଚ୍ଛାଙ୍କ ଜୀବନୀ ଉପରେ ଆଧାରିତ ୨ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ।

# ଭତ୍ତା ପାଇଁ ବାଧକ ସାଜୁଛି ଆଧାର ଲିଙ୍କ

ସୋରଡ଼ା, ୧୮।୨(ଡି.ଏନ୍.ଏ):

ଏଣିକି ଭତ୍ତା ପାଇଁ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ଲିଙ୍କ ଜରୁରୀ ହୋଇଛି। ତେଣୁ ଅନେକ ଭତ୍ତା ପାଉଥିବା ହିତାଧିକାରୀଙ୍କ ବ୍ୟାଙ୍କରେ ଖାତା ନଥିବା ବେଳେ ଆଉ କେତେକଙ୍କ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ଲିଙ୍କ ହୋଇପାରିନାହିଁ। ତେଣୁ ଭତ୍ତା ପାଇବରେ ବହୁ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ବଡ଼ମଠସାହିର ୮୨ ବର୍ଷୀୟା ସୁମିତ୍ରା ଦାଶ ଏହି ସମସ୍ୟାରେ ପଡ଼ି ୬ ଦିନ ହେଲା ଭତ୍ତା ଟଙ୍କା ପାଇବା ପାଇଁ ଏନଏସି ଅଫିସ ଦୌଡୁଥିଲେ ମଧ ପାଇ ପାରୁନଥିଲେ। ଶୁକ୍ରବାର ତାଙ୍କର ଏହି ସମସ୍ୟା ଶୁଣି ଜନୈକ ଯୁବକ ତାଙ୍କ ଷ୍ଟେଟ୍‌ବ୍ୟାଙ୍କ ଶାଖାକୁ ନେଇ ଆଧାର ଲିଙ୍କ କରିବା ସହିତ ବାୟୋମେଟ୍ରିକ ପଞ୍ଜୀକରଣ କରିଥିଲେ। ଫଳରେ ସୁମିତ୍ରା ଭତ୍ତା ପାଇପାରିଥିଲେ। ଏନ୍‌ଏସି ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀ ନୀଳମଣି ପାଢୀ କହିଛନ୍ତି ଏପରି ୬୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଛନ୍ତି, ଯାହାଙ୍କର ଏପରି ସମସ୍ୟା ଯୋଗୁ ଭତ୍ତା ପାଇବାରେ ଅସୁବିଧା ସୃଷ୍ଟି ହେଉଛି। ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର କହିଛନ୍ତି ଏ ସମ୍ପର୍କରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ବିଚାର କରାଯାଇଛି, ଯଥାଶୀଘ୍ର ସମାଧାନ ହେବ। ଷ୍ଟେଟ୍ ବାଙ୍କ ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି ଯଥାଶୀଘ୍ର ଏନ୍‌ଏସିରେ ଶିବିର କରାଯାଇ ଏହି ସମସ୍ୟାର ସମାଧାନ କରାଯିବ।

# ନିର୍ମାଣାଧୀନ ପ୍ରକଳ୍ପ ଶୀଘ୍ର ଶେଷ ପାଇଁ ପରାମର୍ଶ

## ଗଞ୍ଜାମ ପଞ୍ଚାୟତ ସମିତି ବୈଠକ

ଗଞ୍ଜାମ,୧୮।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କନଫରେନ୍ସ ହଲରେ ପଞ୍ଚାୟତ ପଞ୍ଚମ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ କୁମାର ଗୌଡ଼ ପୂର୍ବ ଅଧିବେଶନ ବିବରଣୀ ପଠନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ବେହେରା ପରାମର୍ଶ ଦେଇଥିଲେ। ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏହି ବ୍ଲକରେ ଦିଗହରା ହୋଇପଡ଼ିଥିବା କିଛି ପିଆର୍‌ଆଇ ମେମ୍ବର ଅଭିଯୋଗ ଆଣିଥିଲେ। ମେଗା ଜଳ ପ୍ରକଳ୍ପ ଯୋଜନାରେ ଜରାପଦର, କାଇଁଚପୁର ଓ କଲ୍ୟାଣପୁର ଗ୍ରାମକୁ ଜଳ ସଂଯୋଗ ହୋଇନି କାହିଁକି ବୋଲି ଜିଲା ପରିଷଦ ସଭ୍ୟ ସନାତନ ବେହେରା ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କିଛି ପଞ୍ଚାୟତର ଅଧିକାଂଶ ଗ୍ରାମ ଗୁଡିକରେ ଗରିବ ଲୋକଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିନଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତ ପ୍ରତିନିଧିଙ୍କ ଅଭିଯୋଗ ଗୁଡିକ ରେଜୁଲେଶନ କରି ପରବର୍ତ୍ତୀ ସମୟରେ ଉପଯୁକ୍ତ ତଦନ୍ତ କରି ସମସ୍ୟା ସମାଧାନ କରାଯିବ ବ୍ଲକ ଅଧ୍ୟକ୍ଷା ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିରେ ସମିତି ସଭ୍ୟ ହଜାରୀ ରାମ ବେହେରା, ରାଜପୁର ପଞ୍ଚାୟତ ସମିତି ମେମ୍ବର ମଳୟ କୁମାର ଦାସ, ସନ୍ତୋଷପୁର ସମିତିସଭ୍ୟା କବିତା ରେଡ୍ଡୀ, ମଲାଡ଼ ସରପଞ୍ଚ ମମତା ବେହେରା, ରଞ୍ଜନ ପଲାଇ, ବୈରାଗୀ ବେହେରା, ରବୀନ୍ଦ୍ର ବେହେରା, ସିଦ୍ଧେଶ୍ୱର ନାହାକଙ୍କ ସମେତ ଏବିଇଓ ବିଜୟ ବେହେରା, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲେଶ୍ୱର ଆଚାର୍ଯ୍ୟ, ଆରଡ଼ି ଏସ୍‌ଡିଓ ସମ୍ବିତ କୁମାର ଜେନା, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ନିମଖଣ୍ଡିପେଣ୍ଠ ହାଇସ୍କୁଲର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୮।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମସ୍ଥିତ ରାଧାମୋହନ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ ମୁଖ୍ୟ ଅତିଥି, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ବାଳା ମାଝୀ ମୁଖ୍ୟବକ୍ତା, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼, ସରପଞ୍ଚ ସସ୍ମିତା ରାଣୀ ଗୌଡ଼, ପଙ୍କଳବାଡ଼ି ଗ୍ରାମ ହାଇସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ରଥ, ଭୀଷ୍ମଗିରି ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ହାଇସ୍କୁଲ ପରିଚାଳନା ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର କର, ଉପାଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ, ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହକାରୀଶିକ୍ଷକ ଶିବଶଙ୍କର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

# ଯମୁନାଙ୍କ ପାଇଁ ଆବାସ ସାତ ସପନ

ଖଜୁରୀପଡ଼ା, ୧୮।୨:



ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଯମୁନା କହଁର।

ରାଜ୍ୟରେ କେହି ବି ଯେମିତି ଚାଳଛପର ଘରେ ନ ରହିବେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା ଅନେକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳୁଛି। ଅନେକ ଅଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାର ଫାଇଦା ନେଉଥିବା ବେଳେ ବାସ୍ତବରେ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଜଣେ ଗରିବ ମହିଳା ଦୀର୍ଘବର୍ଷ ଧରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ ତାଙ୍କୁ ଘରଟିଏ ମିଳିପାରିନାହିଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଅନ୍ତର୍ଗତ ନବଗୁବା (ଜମ୍ବୁସାହି)ରେ। ଏହି ଗ୍ରାମର ବିଧବା ଯମୁନା କହଁର (୫୮) ଏବଂ ତାଙ୍କ ଝିଅ ସ୍ୱର୍ଣ୍ଣ କହଁର(୨୭) ଅତି ଦୟନୀୟ ଭାବେ ଭଙ୍ଗା ଦଦରା ଘରେ ଦୀର୍ଘବର୍ଷ ହେଲା ରହୁଛନ୍ତି। ଘର ଅବସ୍ଥା ଶୋଚନୀୟ ଥିବା ଯୋଗୁଁ ଅନେକ ସମୟରେ ସାହିପଡ଼ିଶା ଲୋକଙ୍କ ଘର ବାରଣ୍ଡାରେ ରହୁଛନ୍ତି। ଘର ଖଣ୍ଡେ ପାଇବା ପାଇଁ ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡେ ପାଇବା ତ ଦୂରର କଥା ଉକ୍ତ ଯୋଜନାରେ ମଧ ତାଙ୍କ ନାମ ନଥିବା ଜଣାପଡ଼ିଛି। ସରକାରୀ ସହାୟତା କହିଲେ ଚାଉଳ ୧୦ କିଲୋ ଏବଂ ବିଧବା ଭତ୍ତା ମିଳୁଛି। ସେଥିରେ ପରିବାର ମେଣ୍ଟାଇବାକୁ ପଡୁଛି। ୨୦୨୦ରେ ଲଗାଣ ବର୍ଷା ପବନରେ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ତତ୍କାଳୀନ ବିଡିଓ, ତହସିଲଦାର, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ରାଜସ୍ୱ ନିରୀକ୍ଷକ ସମସ୍ତେ ଆସି ଦେଖିବା ପରେ ଘର ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ୩ବର୍ଷ ବିତିଯାଇଥିଲେ ବି ଘରଟିଏ ମିଳିପାରିନାହିଁ। ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନ ଯମୁନାଙ୍କ ପ୍ରତି ଦୃଷ୍ଟିଦେଇ ଘରଟିଏ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସଜେଇ ହେଉଛି କିଶୁବାଡ଼ି ପାଟାବାନ୍ଧା ଜଳପ୍ରପାତ

ଦାରିଙ୍ଗବାଡ଼ି,୧୮।୨(ଡି.ଏନ୍.ଏ.)


ପାଟାବାନ୍ଧା ଜଳପ୍ରପାତ।

■ ପର୍ଯ୍ୟଟକଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିଛି ଗ୍ରାମ କମିଟି

■ ନିର୍ଦ୍ଦିଷ୍ଟ ନିୟମାବଳୀ ଜାରି

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ କିଶୁବାଡ଼ି ଗ୍ରାମରେ ରହିଥିବା ପାଟାବାନ୍ଧା ଜଳପ୍ରପାତ ସଜେଇ ହେବାରେ ଲାଗିଛି। ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ି ଆସିଲେ ଏହି ସ୍ଥାନକୁ ପ୍ରାଥମିକତା ଦେଉଛନ୍ତି। କିଶୁବାଡ଼ି ପାଟାବାନ୍ଧା ଜଳପ୍ରପାତ ଉନ୍ନୟନ କମିଟି ଏଠାରେ ପର୍ଯ୍ୟଟକଙ୍କୁ କମ୍ ମୂଲ୍ୟରେ ଟିକେଟ ଦେଇ ଅନେକ ମୌଳିକ ସୁବିଧା ଯୋଗାଇ ଦେଉଛି। ପାଟାବାନ୍ଧାଠାରେ ପର୍ଯ୍ୟଟକଙ୍କ ବସିବା ପାଇଁ କାଠରେ ବସିବା ବ୍ୟବସ୍ଥା କରାଯିବା ସହ ପାଳଛପର ଘର ନିର୍ମାଣ କରାଯାଇଛି, ଯେଉଁଠି ପର୍ଯ୍ୟଟକମାନେ ବୁଲି ଆସିବା ପରେ ବିଶ୍ରାମ ନେଇପାରିବେ। ସେହିପରି ଏକାଧିକ ଗଛରେ ଦୋଳି ଲଗାଯାଇଛି। ବିଭିନ୍ନ ସ୍ଥାନରେ ପ୍ରାକୃତିକ ତଳାରୀ ସହ ସୁନ୍ଦର ଭାବେ ସଜାଇ ସେଲ୍‌ଫି ପଏଣ୍ଟ କରାଯାଇଛି । ସଫେଇ କାର୍ଯ୍ୟକୁ ଏହି ଉନ୍ନୟନ କମିଟି ଗୁରୁତ୍ୱ ଦେବା ସହ ପର୍ଯ୍ୟଟକଙ୍କ ସାମାଜିକ ସୁରକ୍ଷା ପାଇଁ ବିଭିନ୍ନ ସୁବିଧା କରିଛି। ଗ୍ରାମ କମିଟି ସେଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଉପସ୍ଥିତ ରହି ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦେଉଛି। ଏଠାରେ ପରିବେଶ ସୁରକ୍ଷା ସହ ଶୃଙ୍ଖଳା ନିମନ୍ତେ ପର୍ଯ୍ୟଟକଙ୍କ ପାଇଁ କମିଟି ନିର୍ଦ୍ଦିଷ୍ଟ ନିୟମାବଳୀ କରିଛି । ପ୍ଲାଷ୍ଟିକ, ବୋତଲ, ପଲିଥିନ ଏଣେତେଣେ ନ ପକାଇବା, ପାର୍କିଂ ସ୍ଥଳରେ ଗାଡ଼ି ରଖିବା ଓ ମହିଳା ପର୍ଯ୍ୟଟକଙ୍କୁ ଅସମ୍ମାନ ହେଲାଭଳି କୌଣସି କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି। ସନ୍ଧ୍ୟା ୫ଟା ପରେ ସେଠାକୁ ଯିବା ମନା କରାଯାଇଛି । ଏସବୁ ନିୟମ ପାଳନ ନ କଲେ ପର୍ଯ୍ୟଟକଙ୍କ ଠାରୁ ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିୟମାବଳୀରେ ଉଲ୍ଲେଖ କରାଯାଇଛି। ପର୍ଯ୍ୟଟକମାନେ ଉକ୍ତ କମିଟିର ସମସ୍ତ ନିୟମାବଳୀ ମାନିବା ସହ ସାଧୁବାଦ ଜଣାଉଛନ୍ତି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୫ ତାରିଖରେ ପ୍ରଥମଥର ପାଇଁ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଉକ୍ତ ଜଳପ୍ରପାତର ଶୁଭାରମ୍ଭ କରିଥିଲେ । ପୂର୍ବରୁ ଏହିଜଳପ୍ରପାତ ରହିଥିଲେ ସୁଦ୍ଧା ପର୍ଯ୍ୟଟକଙ୍କ ଯାତାୟତ ପାଇଁ ରାସ୍ତା ନ ଥିଲା ଏବେ ରାସ୍ତା ଖୋଲିଛି। ଉକ୍ତ ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରାଯିବା ସହ ସୌନ୍ଦର୍ଯ୍ୟକରଣ ଲାଗି ଏକ କୋଟିରୁ ଊର୍ଦ୍ଧ ବ୍ୟୟ ବରାଦ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଡିଓ ଗଦାଧର ପାତ୍ର କହଛନ୍ତି। ସିଆଙ୍ଗବାଲି ପଞ୍ଚାୟତର ବିକାଶ ପାଇଁ ଏହି ପର୍ଯ୍ୟଟନକ୍ଷେତ୍ରର ବିକାଶକୁ ପ୍ରଶାସନ ଗୁରୁତ୍ୱ ଦେଉଥିବା ବିଡିଓ ସୂଚନା ଦେଇଛନ୍ତି।

# ୧୨ଟା୧୦ରେ ମହାଦୀପ ଉଠିଲା

## ମହାବିନାୟକ ପୀଠରେ ଜାଗରଯାତ୍ରା

ଚଣ୍ଡିଖୋଲ,୧୮।୨(ଡି.ଏନ.ଏ.)

ପଞ୍ଚଦେବଙ୍କ ପୀଠ ଭାବେ ପରିଚିତ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନରେ ଥିବା ପ୍ରଭୁ ମହାବିନାୟକ ଶୈବପୀଠରେ ଶନିବାର ଜାଗର ଯାତ୍ରା ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଜିଲାର ପ୍ରସିଦ୍ଧ ଶୈବପୀଠକୁ ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସୁଅ ଛୁଟିଥିଲା। ଭୋର ୪ଟାରେ ପହୁଡ଼ ଖୋଲାଯାଇ ଦେବସ୍ନାନ କରାଯାଇଥିଲା। ମଙ୍ଗଳ ଆଳତି, ବଡ଼ ସିଂହାର ବେଶ, ନୀଳାଦ୍ରି ବେଶ କରାଯିବା ପରେ ବାଲ ଭୋଗ କରାଯାଇଥିଲା। ଏହାପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ସକାଳୁ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ଲାଗିଥିବା ପରିଲକ୍ଷିତ ହୋଇଥିଲା। ମନ୍ଦିର ବେଢ଼ା ପରିସରରୁ ପାହାଡ଼ ପାଦ ଦେଶ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଠାରେ ଏକକାଳୀନ ଦେବଦେବ ମହାଦେବଙ୍କ ସହ ଗଣେଶ, ବିଷ୍ଣୁ, ଦୁର୍ଗା ଓ ସୂର୍ଯ୍ୟଦେବଙ୍କୁ ପଞ୍ଚ ଦେବ ମନ୍ତ୍ରରେ ପୂଜା କରାଯାଇଥାଏ। ତେଣୁ ରାତ୍ରି ସାରା ପଞ୍ଚ ଦେବତା ଉଜାଗର ରହିଥିଲେ। ରାତି ୧୨ଟା୧୦ରେ ମହାଦୀପ ଉଠିଥିଲା।



ମହାବିନାୟକ ପୀଠ ପରିସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

### ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା

ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଆଶଙ୍କା କରି ଯାଜପୁର ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୪ ଇନ୍ସପେକ୍ଟର, ୧୦ ଏସ୍‌ଆଇଙ୍କ ସମେତ ଏଏସ୍‌ଆଇ, କନଷ୍ଟେବଲ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବରୁଣାବନ୍ତ ପାହାଡ଼ ପାଦଦେଶରୁ ପୋଲିସ ସମସ୍ତ ଯାନବାହନକୁ ଅଟକାଇ ଦେଇଥିଲା। ଫଳରେ ସମସ୍ତେ ପାଦଦେଶରୁ ପାହାଡ଼ ମଧ୍ୟରେ ଥିବା ମନ୍ଦିର ନିକଟକୁ ଚାଲିଚାଲି ଯାଇଥିଲେ।

### ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ପ୍ରତ୍ୟେକ ବର୍ଷ ଜାଗର ଯାତ୍ରା ଅବସରରେ ମହାବିନାୟକ ପୀଠରେ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି। ଏଠାରେ ମାତ୍ର ୪ଟି ଷ୍ଟଲରେ ହୋଇଛି ପଲ୍ଲିଶ୍ରୀ ମେଳା। ଏହା ସକାଳୁ ହେବା ପରିବର୍ତ୍ତେ ଅପରାହ୍ନରେ ଉଦ୍‌ଘାଟିତ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହିମେଳାକୁ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଥିଲା। ଏ ସମ୍ପର୍କରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ଜିଲା ପ୍ରଶାସନ ଚଳିତ ଥର ମେଳା ପାଇଁ ଯେଉଁ ସହଯୋଗ କରିବା କଥା ତାହା କଲେନାହିଁ। ସେଥିପାଇଁ ବିଳମ୍ବ ଓ ତରବରିଆ ଭାବେ ଏହା କରାଗଲା।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦହି ସରବତ ବଣ୍ଟନ

ମେଳା ପରିସରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପ୍ରୟାସ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମନ୍ଦିର ଦ୍ୱାର ନିକଟରେ ଦହି ଓ ସରବତ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଆଶିଷ କୁମାର ମହାପାତ୍ର, ସମ୍ପାଦକ ଭାରତ ଭୂଷଣ ପଣ୍ଡା, ପ୍ରମୋଦ ଜେନା, ହେମାଶ କୁମାର ଜେନା, ପ୍ରତାପ ଗୋଚ୍ଛାୟତ ଓ ବସନ୍ତ କୁମାର ପଲେଇ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟ ତୁଲାଇଥିଲେ। ସେହିପରି ଉଦୀୟମାନ ସ୍ୱେଚ୍ଛାସବୀ ସଙ୍ଗଠନ ପକ୍ଷରୁ ମନ୍ଦିର ବେଢ଼ାରେ ଦହି ସରବତ ଲେମ୍ବୁପାଣି ବଣ୍ଟନ କରାଯାଇଥିଲା। ଏହାକୁ ସଙ୍ଗଠନ ସଭାପତି ଅବିନାଶ ଜେନା ଓ ସମ୍ପାଦକ ଅନିଲ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।



ମହାବିନାୟକଙ୍କୁ ଦର୍ଶନ ପାଇଁ ଭକ୍ତମାନେ ଧାଡ଼ିରେ ଯାଉଛନ୍ତି।



ଜାଗର ଯାତ୍ରା ପାଇଁ ମନ୍ଦିର ପରିସରରେ ଭିଡ଼।

# ସନ୍ଧ୍ୟାରୁ ଜାଗର ଜାଳିବା ପାଇଁ ଭକ୍ତଙ୍କ ଗହଳି



ରଘୁନାଥପୁର,୧୮।୨(ଡି.ଏନ୍.ଏ.)

**ଗୋରେଖନାଥ ପୀଠ**

■ରାତି ୧୨ଟାରେ ମହାଦୀପ ଉଠିଲା

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ମହାଶିବରାତ୍ରି ଉପଲକ୍ଷେ ଦିନତମାମ ଭକ୍ତଙ୍କ ଯାତାୟାତ ଲାଗିରହିଛି। ସନ୍ଧ୍ୟା ପରଠୁ ଜାଗର ଜାଳିବା ପାଇଁ ଓଷା ରଖିଥିବା ଭକ୍ତମାନଙ୍କ ଭିଡ଼ ହୋଇଥିଲା। ଦୀପର ଆଲୋକରେ ପୀଠ ପରିସର ଆଲୋକମୟ ହୋଇଉଠିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଉଭୟ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଏବଂ ପ୍ରଭୁଙ୍କ ନିକଟରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିଲା। ସେହିପରି ପୀଠ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଷ୍କରିଣୀକୁ ସଫା କରାଯିବା ସହ ପାନୀୟଜଳ ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ପ୍ରଭୁଙ୍କ ପୂଜାନୀତି ପରେ ରାତ୍ରି ୧୨ଟାରେ ମହାଦୀପ କାର୍ଯ୍ୟ ସମାପନ ହୋଇଥିଲା। ସେହିପରି କେରେକେରା ରୁଦ୍ରେଶ୍ୱର, ତରିକୁନ୍ଦ ଉତ୍ତରେଶ୍ୱର, ବରାଗୋଳ ଈଶାଣେଶ୍ୱର, ଉତ୍ତରକୁଳ ନୀଳକଣ୍ଠେଶ୍ୱର, ଜଇଷୋଳ ସିଦ୍ଧ ହରିହର, ତାରପୁର ବାନାମ୍ବର, ଗୋକୁଳପୁର ଆଖଣ୍ଡଳମଣି ଆଦି ମନ୍ଦିରରେ ଶିବରାତ୍ରି ପାଇଁ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଗଛରେ ପିଟି ହେଲା ବାଇକ୍, ଚାଳକ ମୃତ

ରାଜନଗର,୧୮।୨(ଡି.ଏନ.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ପ୍ରବଳ କୁହୁଡ଼ି ଯୋଗୁ ଏକ ସଡ଼କ ଦୁର୍ଘଟଣାରେ ଘଡ଼ିଆମାଳ ଗାଁର ବିଶ୍ୱ ନାରାୟଣ ବାରିକ(୪୫)ଙ୍କ ମୃତ୍ୟୁ ଘଟିଛି । ବିଶ୍ୱ କୌଣସି କାମ ପାଇଁ ରାଜନଗର ଆସିଥିଲେ । ରାତିରେ ଫେରୁଥିବା ସମୟରେ ହଂସିନା-ଜଳି ଛକ ମଧ୍ୟରେ ଥିବା ଏକ ଗଛରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା । ଫଳରେ ସେ ରାସ୍ତାକଡ଼କୁ ଛିଟିକି ପଡିଥିଲେ । ରାତିରେ ଦୁର୍ଘଟଣା ଘଟିଥିବାରୁ ତାହା କେହି ଜାଣି ପାରି ନ ଥିଲେ । ବହୁ ସମୟ ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ମୁମୂର୍ଷ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ରାଜନଗର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି ।

# ବାଇକ୍‌ରୁ ପଡ଼ି ନାବାଳକଙ୍କ ମୃତ୍ୟୁ

ବିଞ୍ଝାରପୁର,୧୮।୨(ଡି.ଏନ.ଏ.)

ବିଞ୍ଝାରପୁର ଥାନା ସାୟଦପୁର ପଞ୍ଚାୟତ ବେହେରାସାହିର ପ୍ରମୋଦ ବେହେରାଙ୍କ ପୁଅ ଆକାଶ ବେହେରା ଓରଫ ବାବୁ(୧୬)ଙ୍କ ଶନିବାର ବାଇକ୍‌ରୁ ପଡ଼ି ମୃତ୍ୟୁ ହୋଇଛି। ସେ କୌଣସି କାର୍ଯ୍ୟରେ ବାଇକ୍ ନେଇ ଯାଉଥିବା ବେଳେ ମାଁସଡ଼ା ପଞ୍ଚାୟତ ଆଲରପୁର କଲ୍ୟାଣଶ୍ୱର ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଡଷ୍ଟବିନ ହାଉସରେ ବାଡେଇ ହୋଇଯାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଡାକ୍ତରଖାନା ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାବୁଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଗ୍ରାମକୁ ଅଣାଯିବା ପରେ ରାତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଗ୍ରାମେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଏରସମା,୧୮।୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱରଙ୍କ ମନ୍ଦିର ପରିସରରେ ଶନିବାର ଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭୋର ୪ଟାରେ କଳସ ସ୍ଥାପନ କରାଯାଇଥିଲା। ସୂର୍ଯ୍ୟପୂଜା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା । ଭୋର ୫ଟାରେ ପ୍ରଭୁ ଗ୍ରାମେଶ୍ୱରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର ଖୋଲା ଯାଇଥିଲା । ଏଠାରେ କଟକ, ଭୁବନେଶ୍ୱର, ପୁରୀ, ଅସ୍ତରଙ୍ଗ, ନିମାପଡ଼ା, କାକଟପୁର, ଗରଦପୁର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ସମେତ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ପଞ୍ଚାୟତରୁ ଭକ୍ତଙ୍କ ସମାବେଶ ହୋଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଦର୍ଶନ ପାଇଁ ମନ୍ଦିର ପରିସରରେ ପୁରୁଷ ଓ ମହିଳା ଭକ୍ତମାନେ ଭିନ୍ନ ଭିନ୍ନ ଧାଡ଼ିରେ ଅପେକ୍ଷା କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସୁର ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ନଟବର ବାରିକ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଗ୍ରାମେଶ୍ୱରଙ୍କ ଦର୍ଶନ କରିଥିଲେ। ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସଙ୍କ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ମନ୍ଦିର କମିଟି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଶ୍ର, ସ୍ଥାନୀୟ ସରପଞ୍ଚ ସିମାଇଁ ଭୋଳ, ପୂର୍ବତନ ସରପଞ୍ଚ ଶିଶିର ବିଶ୍ୱାଳ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



# ଡାକ୍ତରଙ୍କ ଗାଡ଼ି ଧକ୍କାରେ ଜଣେ ମୃତ

କୋରେଇ,୧୮।୨(ଡି.ଏନ.ଏ.)

ଡାକ୍ତରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ସହ ତାଙ୍କ ଘର ସଂସାର ଉଜୁଡ଼ି ଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ୫୦ ମିନିଟ ସମୟରେ ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ସନ୍ତରା ଛକ ହୋଟେଲ ଡିୟୁପ୍ଲାଜା ସାମ୍ନାରେ ଏକ ନାଲି ରଙ୍ଗର କାର୍ (ନଂ. ଓଡି୦୫ବିବି୫୬୧୪) ଧକ୍କାରେ ବାଲେଶ୍ୱର ଜିଲା ସରସ୍ୱତିଆ ଗ୍ରାମର ରମେଶଚନ୍ଦ୍ର ନାୟକ (୬୫)ଙ୍କ ମୃତ୍ୟୁ ଘଟିଛି। ରମେଶ ଯାଜପୁର ରୋଡ୍‌ରେ ଡିଟିଡିସି କୋରିଅର ସଂସ୍ଥାରେ କାମ କରନ୍ତି। ରାତିରେ ସେ ନିଜ କାମରୁ ଫେରୁଥିବା ସମୟରେ ହଠାତ ଏକ ନାଲି ରଙ୍ଗର କାର ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୋରେଇ ପୋଲିସ ଖବର ପାଇ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ତଦନ୍ତ କରି ଉକ୍ତ ଗାଡ଼ିକୁ ଜବତ କରିଥିବାବେଳେ ଗାଡିର ମାଲିକ ଦିଲୀପ ଭାଗୀରଥି ନାୟକ ବୋଲି ଜାଣିବାକୁ ପାଇଛି। ଦୁର୍ଘଟଣା ଘଟାଇଥିବା ଗାଡିର ମାଲିକଙ୍କୁ ପୋଲିସ ଖୋଜୁଥିବାବେଳେ ସେ ଫେରାର ଥିବା ସୂଚନା ମିଳିଛି। ଏନେଇ ମୃତ ରମେଶଙ୍କ ପୁଅ ହିମାଂଶୁ ଶେଖର ନାୟକ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗାଡ଼ି ମାଲିକ ଦିଲୀପ ପେସାରେ ଜଣେ ଡାକ୍ତର ହୋଇଥିବାବେଳେ ଯାଜପୁର ରୋଡ୍ ହୋଟେଲ ମୀରାବେଲ ସାମ୍ନାରେ ତାଙ୍କର ଏକ ହସ୍ପିଟାଲ ରହିଛି। ତେବେ କୋରେଇ ପୋଲିସର ଭୂମିକାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ପୋଲିସ ୨୭୯, ୩୦୪(ଏ) ଭଳି ସାଧାରଣ ଆଇପିସି ଦଫା ଲଗାଇ ଏକ ମାମଲା (୪୭/୨୩) ରୁଜୁ କରିଛି। ପୋଲିସ ସହିତ ଡାକ୍ତର ନାୟକଙ୍କ ଭିତିରି ବୁଝାମଣା ହୋଇଥିବା ସନ୍ଦେହ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ ପୋଲିସ ଏହାର ଉପଯୁକ୍ତ ତଦନ୍ତ କରିବା ସହିତ ଅଭିଯୁକ୍ତ ଡାକ୍ତରଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ଥାନା ଏସ୍‌ଆଇ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି।

**ସାଧାରଣ ଦଫାରେ ମାମଲା ରୁଜୁ**




## ସେଲ୍ଫି କର୍ନରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଧାଂଶୁ



@ ବାସୁଦେବ



@ ଅବିନାଶ



@ ଏମଡି ଇଦୁଲ



@ ପ୍ରଭାତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଡୁବାବାଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ମନ୍ଦିର ନିକଟସ୍ଥ ପୁଷ୍କରିଣୀ ପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି ।

- ଓଁ ନମଃ ଶିବାୟ ମନ୍ତ୍ରରେ ପ୍ରକମ୍ପିତ ଶୈବପୀଠ
- ଆଖୁ ରସରେ ଲଡୁବାବାଙ୍କ ଅଭିଷେକ
- କେତକୀ ଫୁଲ ଲାଗି ହେଲେ
- ରାତି ୧୧ରେ ଉଠିଲା ମହାଦୀପ

**ଶରଣକୁଳ,୧୮।୨(ଡି.ଏନ.ଏ.)**

ଓଁ ନମଃ ଶିବାୟ ପଞ୍ଚାକ୍ଷରୀ ମନ୍ତ୍ରରେ କମ୍ପିଥିଲା ଲଡୁବାବାଙ୍କ ପୀଠ । ଘର,ବାହାର,ମନ୍ଦିର ସବୁଠି ଜାଗର ଜାଳିଛନ୍ତି ଶ୍ରଦ୍ଧାଳୁ । ଗାଁଠୁ ସହର ସବୁଠି ଗୁଞ୍ଜରିତ ହୋଇଛି ଶିବ ମହିମା । ରାଜ୍ୟର ଅଦ୍ୱିତୀୟ ଶୈବ ପୀଠ ତଥା ଶୈବସଂସ୍କୃତିର ଆଦି ପୀଠ ଶରଣକୁଳ କ୍ଷେତ୍ରାଧିପତି ଲଡୁବାବାଙ୍କ ପୀଠରେ ଶନିବାର ମହାଶିବରାତ୍ରି ଜାଗର ଯାତ୍ରା ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋର ୩ଟାରୁ ମନ୍ଦିର ଖୋଲା ଯିବା ପରେ ଶ୍ରଦ୍ଧାଳୁମାନେ ସନ୍ଧ୍ୟା ଘ.୬.୩୦ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଟେରା ନୀତି ପରେ ଘ.୭.୩୦ମିନିଟ୍ ରୁ ପୁନର୍ବାର ସର୍ବସାଧାରଣ ଦର୍ଶନ ଚାଲୁ ରହି ରାତ୍ର ୧୧ଟାରେ ମହାଦୀପ ଉଠି ବେଢ଼ା ପରିକ୍ରମା ହେବାପରେ ବଡ଼ସିଂହାର ଭୋଗ ହୋଇ ମନ୍ଦିର ବନ୍ଦ ହୋଇଥିଲା। ବର୍ଷରେ ଥରୁଟିଏ ପାଇଁ ପ୍ରଭୁଙ୍କଠାରେ କେତକୀ ଫୁଲ ଲାଗି ହୋଇଥିଲା। ଚାରି ପ୍ରହରରେ କ୍ଷୀର, ଆଖୁ ରସ ଆଦି ଚାରି ପ୍ରକାର ଦ୍ରବ୍ୟରେ ରୁଦ୍ରାଭିଷେକ କରାଯାଇଥିଲା। ପାଗ ଅନୁକୂଳ ହେତୁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇ ବ୍ୟାରିକେଡ୍ ଦେଇ ମନ୍ଦିର ମଧ୍ୟରେ ପ୍ରବେଶ କରି ମହା ଆନନ୍ଦରେ ଲଡୁବାବାଙ୍କ ଦର୍ଶନ କରିଥିଲେ।

ସତ୍ୟସାଇ ସେବାସଙ୍ଗଠନ, ଗୋପବନ୍ଧୁ ଆଞ୍ଚଳିକ ସେବା ସଂଘ, ଗ୍ରୀନ କ୍ଲବ ହରିହରପୁର, ଶରଣକୁଳ ମହାବିଦ୍ୟାଳୟ ତରଫରୁ ଦହିପାଣି ବଣ୍ଟନ ଓ ପାଣି ସିଞ୍ଚନ ଓ ମନ୍ଦିର ବେଢା ପରିଷ୍କାର ପରିଚ୍ଛନ୍ନତାର ବ୍ୟବସ୍ଥା କରାଯାଇଥିଲା। ଶୈବସେବାୟତ ସଂଘ ତରଫରୁ ଏକ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଯାତ୍ରୀମାନଙ୍କୁ ସୂଚନା ଓ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ପ୍ରବଳ ଜନଗହଳିକୁ ଆଖିଆଗରେ ରଖି ପୋଲିସ ପ୍ରଶାସନ ତରଫରୁ ଫୋର୍ସ ମୁତୟନ କରାଯାଇଥିଲା। ବହୁ ସାଧା ପୋଷାକଧାରୀ ପୋଲିସ ମନ୍ଦିର ଆଗରେ ପଇଁତରା ମାରୁଥିବାର ଲକ୍ଷ୍ୟ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିରର ବେଢ଼ା, ପୁଷ୍କରିଣୀ ଚତୁପାର୍ଶ୍ୱ ଓ ମନ୍ଦିର ସମୁଖ ରାଜ୍ୟ ରାଜପଥରେ ଶ୍ରଦ୍ଧାଳୁମାନେ ଦୀପ ଜାଳିଥିଲେ। ଶକ୍ତିମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସ୍ଥାନୀୟ ବିଧାୟକ ତଥା ନୟାଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଜିଲା ଭାଜପା ସଭାନେତ୍ରୀ ଇରାନୀ ରାୟ ପ୍ରମୁଖ ଲୁଡୁବାବାଙ୍କ ଦର୍ଶନ କରିଥିଲେ । ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଶରଣକୁଳ ଏସଡ଼ିପିଓ କିରଣ ହେମ୍ବ୍ରମ, ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଶରଣକୁଳ ଥାନାଧିକାରୀ ଜୟଦୀପ ମହାନ୍ତି, ଓଡ଼ଗାଁ ତହସିଲଦାର ଅନିଲ୍ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ଆଇନ ଶୃଙ୍ଖଳା ବ୍ୟବସ୍ଥା ତଦାରଖ କରିଥିଲେ । ଲଡୁବାବାଙ୍କ ମନ୍ଦିରକୁ ଆକର୍ଷଣୀୟ ବିଦ୍ୟୁତ ଆଲୋକରେ ସଜା ଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସୁରେଶ କୁମାର ସାହୁ ବିଭାଗ ତରଫରୁ ଲଡୁବାବାଙ୍କ ସମ୍ପର୍କରେ ଭକ୍ତମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼, ଶୈବ ସେବାୟତ ସଂଘର ସଭାପତି ଅଶୋକ କୁମାର ମହାପାତ୍ର ଓ ପୂର୍ବତନ ସଭାପତି ତ୍ରିଲୋଚନ ମହାପାତ୍ର ଠାକୁରଙ୍କ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ସମ୍ପନ୍ନ କରିବାରେ ସହଯୋଗ କରିଥିଲେ। ଶନିବାର ଠାରୁ ଯାତ୍ରା ରାଜନନ୍ଦିନୀ ଓ ରାଜଧାନୀ ଅପେରା ସେମାନଙ୍କ ନାଟକ ପରିବେଷଣ କରିଛନ୍ତି।

## ୧୨ ଶମ୍ଭୁ, ୩୫୬ ଶିବ ମନ୍ଦିରରେ ମହାଶିବରାତ୍ରି

**ନୟାଗଡ଼ ଅଫିସ,୧୮।୨:** ନୟାଗଡ଼ ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଖୋଲାର ଫୁଲେଶ୍ୱର, ଯଦୁପୁରର ସିଦ୍ଧେଶ୍ୱର, ରାବେରାର ମଧୁକେଶ୍ୱର , କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗଟେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠ ହେଉଛି ଜିଲାର ୧୨ ଶମ୍ଭୁଙ୍କ ପୀଠ। ମହାଶିବରାତ୍ରି ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ୧୨ ଶମ୍ଭୁଙ୍କ ପୀଠ ଓ ଜିଲାର ଅନ୍ୟାନ୍ୟ ୩୫୬ ଶିବ ମନ୍ଦିର । ଜିଲା ସଦର ମହକୁମାର ଖଣ୍ଡପଡ଼ା ରୋଡ ଓ କଇଁଥଗାଡିଆ ରୋଡରେ ବାବା ଆଖଣ୍ଡଳମଣି, ସିନ୍ଧୁରିଆର ଶ୍ରୀ ଲୋକନାଥଙ୍କପୀଠ, ରାମେଶ୍ୱର ସାହିରେ ରାମେଶ୍ୱରଙ୍କପୀଠ, ଗୁଣ୍ଡିଚା ମଣ୍ଡପ ନିକଟ ସ୍ୱପ୍ନେଶ୍ୱର, ଦକ୍ଷିଣକାଳୀ ମନ୍ଦିର ପରିସରରେ ମଦନେଶ୍ୱର, କଇଁଥଗାଡିଆ, କେଶରପୁର ପ୍ରଭୃତି ସ୍ଥାନର ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପୁଣି ଗୋଡିପଡାର ଲଡୁକେଶ ମହେଶଙ୍କ ପୀଠରେ ସୋମବାର ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଛି । ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦୀପ ଜାଳି ପରିବାରର ଶୁଭ ମନାସୀ ଥିଲେ । ମାନସିକ ପୂରଣ କରିଥିବା ଭକ୍ତମାନେ ବାଣ ଫୁଟାଇ ଥିଲେ । ଭକ୍ତମାନଙ୍କୁ ମାଗଣରେ ପଣା ବଣ୍ଟନ କରାଯାଇଥିଲା । ରାତି ୯ଟାରେ ଏଠାରେ ମହାଦୀପ ଉଠିଥିଲା ।

## ସୁନାବେଶରେ ମହାଲକ୍ଷ୍ମୀ

**ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ପାର୍ବତୀ**

**ନୟାଗଡ଼ ଅଫିସ,୧୮।୨:** ଓଡିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପୀଠରେ ମହାଶିବରାତ୍ରୀରେ ମହାଯାତ୍ରାଙ୍ଗୀ ନୀତି କରାଯାଇଛି । ଏନେଇ ମନ୍ଦିରର ସେବାୟତ ସଞ୍ଜୟ ମହାପାତ୍ର କୁହନ୍ତି, ରାଜପୁରୋଧା କେତକୀ ଫୁଲ ଲାଗି ନୀତି କରିଥିଲେ । ସନ୍ଧ୍ୟାଭୋଗରେ ଘିଅ, ଅନ୍ନ ଓ ଡାଲମା ଭୋଗ ଲାଗିଛି । ବଡସିଂହାର ବେଶ ହୋଇଥିଲା ୧୧ଟାରେ ମହାଦୀପ ଉଠିଛି । ଲଡୁବାବାଙ୍କୁ ଦର୍ଶନ କରି ନ ଥିବା ଭକ୍ତ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ବେଢ଼ା ପରିକ୍ରମା ସମୟରେ ଦେଖି ପାରିଛନ୍ତି। ଅଧିଆ ପଡିଥିବା ଭକ୍ତଙ୍କୁ ବର ପ୍ରଦାନ କରିଛନ୍ତି । ଅନ୍ୟପକ୍ଷେ ଲଡୁବାବାଙ୍କ ପୀଠରେ ମହାଲକ୍ଷ୍ମୀ ସୁନାବେଶରେ ଓ ପାର୍ବତୀ ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି ।

## ଜାଗର ପାଇଁ ଦଶପଲ୍ଲା ଚଳଚଞ୍ଚଳ



ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ାରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

**ଦଶପଲ୍ଲା:୧୮।୨(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ତଥା ଜାଗର ଯାତ୍ରା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଶିବ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଲାଗି ରହିଥିଲା । ସନ୍ଧ୍ୟାରେ ଭକ୍ତମାନେ ମନ୍ଦିର ପରିସର ସହ ମନ୍ଦିର ସମ୍ମୁଖରେରେ ଦୀପଜାଳି ଶିବ ପଞ୍ଚାକ୍ଷର ଜପ କରିଥିଲେ । ଏହି ଅବସରରେ ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଦଶପଲ୍ଲା ବ୍ଲକର ଡିହଗାଁସ୍ଥିତ ଜଳେଶ୍ୱର ଶୈବପୀଠ ସମେତ, ପୁରୁଣା ଦଶପଲ୍ଲାସ୍ଥିତ ବାଲୁଙ୍କେଶ୍ୱର ଶୈବପୀଠ, ପୋଇବାଡିର ଯୋଗେଶ୍ୱର, କଳସାଖମଣ କାଳମ୍ବା ଏବଂ ମାଳିସାହିସ୍ଥିତ ନୀଳକଣ୍ଠେଶ୍ୱର, ମଧଖଣ୍ଡସ୍ଥିତ ସ୍ୱପ୍ନେଶ୍ୱର, ଟାକରାର ସିଦ୍ଧେଶ୍ୱର, ବାଣିଗୋଛାସ୍ଥିତ ଯୋଗେଶ୍ୱର, ଅମଲାପଡା ଶ୍ରୀକିଶୋରେଶ୍ୱର ଦେବ, କୃଷ୍ଣଚନ୍ଦ୍ରପୁର ପାଟଣାସ୍ଥିତ ଶିବ ମନ୍ଦିର, ସାତପାଟଣାସ୍ଥିତ ଶିବ ମନ୍ଦିରରେ ବହୁ ଆଡମ୍ବରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି । ମନ୍ଦିରଗୁଡିକକୁ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା ।

## ଫେକ୍ ଆକାଉଣ୍ଟ ମାଧ୍ୟମରେ ୪୦ ଲକ୍ଷ ଠକେଇ

**ଜେଲ ଗଲେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ରିଲେଶନ ଅଫିସର**

**ନୟାଗଡ଼ ଅଫିସ,୧୮।୨**

ଫେକ୍ ଆକାଉଣ୍ଟରେ ୪୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ଼ ସହରରର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ପୂର୍ବତନ ରିଲେଶନ ଅଫିସରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ପୂର୍ବତନ ରିଲେଶନ ଅଫିସର ତଥା ପୁରୀ ଜିଲା ଡେଲାଙ୍ଗ ଥାନା ଟୋଲାପଡ଼ା ଗାଁର ପ୍ରବୀର କୁମାର ସେନାପତି ଓରଫ ପପୁଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପ୍ରବୀରଙ୍କ ଠାରୁ ୯ ଲକ୍ଷ ୯୦ ହଜାର ଟଙ୍କା, ଠକେଇରେ ବ୍ୟବହୃତ ମୋବାଇଲକୁ ଜବତ କରାଯାଇଛି । ଅନ୍ୟ ଟଙ୍କା ବ୍ୟାଙ୍କ ଓ ଜୀବନ ବୀମା ନିଗମରେ ଡିପୋଜିଟ ଅଛି । ପୋଲିସ ଉକ୍ତ ଟଙ୍କାକୁ ଫ୍ରିଜ କରିଛି । ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଉକ୍ତ ଟଙ୍କା ଉଠାଣ କରାଯାଇ ପାରିବ ନାହିଁ ବୋଲି ପୋଲିସ କହିଛି ।

ସୂଚନା ଅନୁଯାୟୀ, ପ୍ରବୀର ନୟାଗଡ଼ର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ରିଲେଶନ ଅଫିସର ଭାବେ କାମ କରୁଥିଲେ । ଗତ ୨ ତାରିଖରେ ସେ ଚାକିରିରୁ ଇସ୍ତଫା ଦେଇଥିଲେ । ପ୍ରବୀରଙ୍କ ଇସ୍ତଫା ପରେ ତାଙ୍କର ସାଙ୍ଗ ଅଭିମନ୍ୟୁ ମୁଦୁଲି ରିଲେଶନ ଅଫିସର ଭାବେ କାମରେ ଯୋଗଦେଇଥିଲେ । ଅଭିମନ୍ୟୁ ଏକ ନୂଆ ମୋବାଇଲ କିଣିଥିବାରୁ ପୁରୁଣା ମୋବାଇଲକୁ ବିକ୍ରି କରିବାକୁ ଚାହିଁଥିଲେ । ଏହି ସୁଯୋଗରେ ପ୍ରବୀର ଅଭିମନ୍ୟୁଙ୍କ ପୁରୁଣା ମୋବାଇଲକୁ କିଣିଥିଲେ । ଏହାପରେ ସେହି ପୁରୁଣା ମୋବାଇଲରେ ପ୍ରବୀର ୮ଟି ଫେକ୍ ଆକାଉଣ୍ଟ ଖୋଲିଥିଲେ । ସେହି ୮ ଫେକ୍ ଆକାଉଣ୍ଟ ମାଧ୍ୟମରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ୪ଟି ବିଭିନ୍ନ ଶାଖାରୁ ୪୦ ଲକ୍ଷ ଟଙ୍କା ଚଞ୍ଚକତା କରି ଉଠାଇ ନେଇଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା(ନଂ.୩୧/୨୦୨୩) ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

## ବିଦ୍ୟୁତ୍ ତାର ଲାଗି ଜଣେ ଗୁରୁତର

**ଖଣ୍ଡପଡ଼ା,୧୮।୨(ସ୍ୱ.ପ୍ର.):** ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ୍ ତାର ଲାଗି ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମର ସନ୍ତୋଷ କୁମାର ସାମଲ(୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଭୁବନେଶ୍ୱର କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ସନ୍ତୋଷ ତାଙ୍କ ଘର ପଛ ପାଖରେ ଥିବା ଏକ ପଣସ ଗଛର ଡ଼ାଳ କାଟୁଥିବା ବେଳେ ନିକଟରେ ଯାଇଥିବା ୩୩ କେଭି ବିଦ୍ୟୁତ ତାର ତାଙ୍କ ଦେହରେ ଲାଗି ଯାଇଥିଲା । ଫଳରେ ତାଙ୍କ ଡାହାଣ ପଟ ହାତ, ଗୋଡ ଓ ଜଂଘରେ କ୍ଷତ ସୃଷ୍ଟି ହୋଇଛି ।


ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସୁଧାଂଶୁ



@ ବାସୁଦେବ



@ ଅବିନାଶ



@ ଏମଡି ଇଦୁଲ



@ ପ୍ରଭାତ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ବହି ମଣିଷକୁ ତିଆରି କରେ

**ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ଚତୁର୍ଥ ସନ୍ଧ୍ୟା**

**ନୟାଗଡ଼ ଅଫିସ,୧୮।୨**




ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି।

ଶନିବାର ଥିଲା ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳାର ଚତୁର୍ଥ ସନ୍ଧ୍ୟା । ନୟାଗଡ଼ ଜିଲା ସଂସ୍କୃତି ପରିଷଦ ଓ ନୟାଗଡ଼ ପୁସ୍ତକ ମହୋତ୍ସବ କମିଟି ପକ୍ଷରୁ ଚାଲୁଥିବା ଏହି କାର୍ଯ୍ୟକ୍ରମରେ କଥାକାର ଶୁଭ୍ରାଂଶୁ ପଣ୍ଡା ଅତିଥି ଭାବେ ଯୋଗ ଦେଇ କହିଲେ ସାହିତ୍ୟିକ ଦୁର୍ବଳ ହୋଇପାରେ କିନ୍ତୁ ତା'ର ସୃଜନରେ ଥାଏ ଅନେକ ବଳ। ହୃଦୟରେ ସମ୍ବେଦନଶୀଳ ନ ଥିଲେ ସାହିତ୍ୟିକର ସୃଜନ ଗ୍ରହଣୀୟ ହେବ ନାହିଁ ଅନ୍ୟତମ ଅତିଥି ନାଟ୍ୟକାର ନାରାୟଣ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ଜ୍ଞାନ ନ ଥିଲେ କିଛି କରି ହେବ ନାହିଁ । ବରିଷ୍ଠ ଓଡ଼ିଆ ଭାଷା ସାହିତ୍ୟିକ ନାରାୟଣ ପଣ୍ଡା କହିଥିଲେ ନୟାଗଡ଼ ମାଟି ସାହିତ୍ୟ ଓ ଚେତନାର ଉତ୍ସ । ପୁଣି ପୁସ୍ତକ ମେଳା ନୁହେଁ, ଜ୍ଞାନର ମେଳା । ସାରସ୍ୱତ ମେଳା ପାଠକ, ଲେଖକ ଓ ପ୍ରକାଶକଙ୍କୁ ଏକାଠି କରିବାର ମେଳା । ସାହିତ୍ୟ ପାଇଁ ତିନିଟି ଏଲ୍ ଦରକାର । ଲାଇଫ, ଲଭ ଓ ଲିଟ୍ରେଚର । ମଣିଷ ବହି ତିଆରି କରେ, ବହି ମଣିଷ ତିଆରି କରେ ବୋଲି କହିଥିଲେ । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ, ସାହିତ୍ୟ ପାଇଁ ପରମ୍ପରା ସୃଷ୍ଟି କରିବାର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହମ୍ମଦ ଉମର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ପୁସ୍ତକ ମେଳାରେ ବହୁ ସଂଖ୍ୟାରେ ବହି ଷ୍ଟଲ ଓ ଅନେକ କ୍ୟାରିୟର କାଉନସେଲିଂ ଷ୍ଟଲ ଖୋଲା ଯାଇଛି । କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପଟ୍ଟନାୟକ, ସଞ୍ଜୟ କୁମାର ସ୍ୱାଇଁ, ଅନୀଲ କୁମାର ପଣ୍ଡା, ବିଶ୍ୱଜିତ୍ ନାୟକ, ବିଭୂତି ଭୂଷଣ ସ୍ୱାଇଁ, ନିହାର ପଟ୍ଟନାୟକ, ଅବିନାଶ ସାହୁ, ଶେଖ୍ ଅବଦୁଲ ଖାଲିକ, ସ୍ମିତା ସ୍ୱାଇଁ, ସୌଦାମିନୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

ଏହି ଅବସରରେ ପୁସ୍ତକ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ କୁଇଜ୍ ପ୍ରତିଯୋଗିତାକୁ ଖବରଦାତା ଉତ୍ପଳ କୁମାର ସାହୁ ସଂଯୋଜନା କରିଥିଲେ ।

## ୨୪ରୁ ଦଶପଲ୍ଲାରେ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ

**ଦଶପଲ୍ଲା:୧୮।୨(ଡି.ଏନ.ଏ.)**



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି ।

ଦଶପଲ୍ଲା ଚଳଚ୍ଚିତ୍ର ମହୋତ୍ସବ କମିଟି (ଚମକ) ଏବଂ 'ଆମ ନୟାଗଡ଼'ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ପ୍ରଥମ ରାଜ୍ୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ମହୋତ୍ସବ ପାଇଁ ସ୍ଥାନୀୟ ସୀତାରାମ୍ ୟୁଥ୍ କ୍ଲବ୍‌ଠାରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚମକର ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଉପସଭାପତି ଶରତ କୁମାର ସାହୁ ବୈଠକକୁ ପରିଚାଳନା କରିଥିଲେ । ସୂଚନା ଅନୁଯାୟୀ ଆସନ୍ତା ୨୪,୨୫ ଏବଂ ୨୬ ତାରିଖ ୩ ଦିନ ବ୍ୟାପୀ ଦଶପଲ୍ଲା ଗାନ୍ଧୀ ପଡିଆରେ ପ୍ରଥମ ଥର ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେବାକୁ ଯୋଜନା କରାଯାଇଛି । ଏଥିରେ ବିଜେତାଙ୍କୁ ପ୍ରଥମ ପୁରସ୍କାର ଭାବେ ୫୦ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୩୦ହଜାର, ତୃତୀୟ ପୁରସ୍କାର ୨୦ହଜାର, ସହ ସର୍ବଶ୍ରେଷ୍ଠ ସହ ଅଭିନେତା ୧୦ହଜାର, ସହ ଅଭିନେତ୍ରୀ ୧୦ହଜାର , ସର୍ବଶ୍ରେଷ୍ଠ ନିର୍ଦ୍ଦେଶନା ୧୦ହଜାର ଏବଂ ସର୍ବଶ୍ରେଷ୍ଠ କାହାଣୀ ପାଇଁ ୧୦ ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯିବ । ସେଥିପାଇଁ କମିଟି ସଦସ୍ୟ ଏବଂ ଦଶପଲ୍ଲାର ଅନ୍ୟ ସମସ୍ତ କ୍ଲବ ଓ ଅନୁଷ୍ଠାନମାନଙ୍କ ସହଯୋଗ କାମନା କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ କିପରି ସୂଚାରୁ ରୂପେ ସମ୍ପାଦନ କରାଯିବ ସେହି ବିଷୟରେ ଆଲୋଚନା କରାଯାଇଛି । ସାମାଜିକ ବ୍ୟାଧିଗୁଡ଼ିକୁ ଦୂରକରି, ଏକ ସୁସ୍ଥ ସମାଜ ଗଠନ କରିବା ହେଉଛି ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ସଭାପତି ତଥା ବିଧାୟକ କହିଛନ୍ତି । ଏହି ବୈଠକରେ ଉପସଭାପତି ଶରତ କୁମାର ସାହୁଙ୍କ ସହିତ ସମ୍ପାଦକ ଶୁଭଶ୍ରୀ ସନମ ଦାଶ, ସହ ସମ୍ପାଦକ ସୁଜିତ୍ କୁମାର ପ୍ରଧାନ, କୋଷାଧକ୍ଷ ସଜନ କୁମାର ରାୟ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ସଂଯୁକ୍ତା ଦାଶଗୁପ୍ତା, ତ୍ରିନାଥ ସାହୁ, ପଞ୍ଚାନନ ବେହେରା, ସନ୍ତୋଷ କୁମାର ସାହୁ, ଉମାକାନ୍ତ ସାହୁ, ଆଲୋକ ବେହେରା, ଉପଦେଷ୍ଟା ସୁରେଶ କୁମାର ମିଶ୍ର, ଆଲେଖ ଚନ୍ଦ୍ର ସାହୁ, ବେଣୁଧର ନାୟକ, ସମୀର କୁମାର ପଟ୍ଟନାୟକ, ଉପେନ୍ଦ୍ର କୁମାର ସାହୁ ଏବଂ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସାହୁଙ୍କ ସହ ଅନେକ ସଭ୍ୟ ଉପସ୍ଥିତ ଥିଲେ ।

## ଜମିବାଡି ବିବାଦ: ଯୁବକଙ୍କୁ ହତ୍ୟା

ଅମରପାଲି,୧୮।୨(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ କମିରା ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଶନିବାର ଜଣେ ଯୁବକଙ୍କ ଜୀବନ ଯାଇଛି। ହତ୍ୟାର ଶିକାର ହୋଇଛନ୍ତି ଉକ୍ତ ଗ୍ରାମର ପ୍ରକାଶ ବିଶ୍ୱାଳ (୨୨)। ମୃତକଙ୍କ ମାମୁ ବାବୁଲାଲା ସାହୁଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(୨୭/୨୩) ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ ଓ ଅନୁସନ୍ଧାନ କୁକୁର ସାହାଯ୍ୟରେ ତଦନ୍ତ କରାଯାଇଥିବା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର କହିଛନ୍ତି। ଅଭିଯୋଗ ଅନୁସାରେ କମିରା ଗାଁର ଅରୁଣ ବିଶ୍ୱାଳଙ୍କ ପୁଅ ପ୍ରକାଶଙ୍କ ରୟତି ଜମି ନିକଟରେ ଥିବା ସରକାରୀ ଜମିକୁ ଗାଁର ଶିବ ପଧାନଙ୍କ ପରିବାର ଅକ୍ତିଆର କରିଛନ୍ତି। ଶନିବାର ଶିବ ଉକ୍ତ ଜମିକୁ ଚାଷ ଜମିଭାବେ ପ୍ରସ୍ତୁତ କରିବାକୁ ଜେସିବିରେ ସମତୁଲ କରୁଥିଲେ। ଏହି ସମୟରେ ପ୍ରକାଶଙ୍କ ରୟତି ଜମିକୁ ମଧ ସେ କୁଆଡେ ଖୋଳି ଦେଇଥିଲେ। ଖବରପାଇ ପ୍ରକାଶ ସେଠାକୁ ଯାଇ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏହି ସମୟରେ ଶିବ ପଧାନଙ୍କ ପୁଅ ଦୁଃଶାସନ ଓ ସ୍ତ୍ରୀ ଦମୟନ୍ତୀ ପଧାନ ସେଠାରେ ପହଞ୍ଚିବା ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା।

# ଶ୍ରୀମନ୍ଦିରରେ ହରି-ହର ଭେଟ



ପୁରୀ ଅଫିସ, ୧୮।୨: ପବିତ୍ର ମହାଶିବରାତ୍ରୀ ଅବସରରେ ଶନିବାର ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ହରି-ହର ଭେଟ ନୀତି ସମ୍ପନ୍ନ ହୋଇଥିଲା। ଗୋପାଳବଲ୍ଲଭ ନୀତି ପରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ନୂଆ ପାଟଲୁଗା ଓ ଭୂଷଣ ଲାଗିକରାଯାଇଥିଲା। ସେବକମାନେ ବିମାନରେ ଠାକୁରଙ୍କୁ ବିଜେ କରାଇ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଠାକୁର ଶ୍ରୀନଅର ସମେତ ବିଭିନ୍ନ ସ୍ଥାନରେ ପନ୍ତିଭୋଗ ଖାଇ ବିଳମ୍ବିତ ପ୍ରହରରେ ପ୍ରଭୁ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ନଟବର ମହାସ୍ନାନ ଓ ନଟବର ଭୋଗ ବଢ଼ିଥିଲା। ପରେ ହରିହର ଭେଟ ନୀତି ହୋଇଥିଲା। ଏହି ନୀତି କେବଳ ମହାଶିବରାତ୍ରିରେ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ଥିବା ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ହରିଙ୍କ ରୂପରେ ଆସିଥାନ୍ତି। ଲୋକନାଥଙ୍କ ସହ ତାଙ୍କର ଭେଟ କରାଯାଇଥାଏ, ଯାହାକୁ ହରି-ହର ଭେଟ କୁହାଯାଏ। ହରି-ହର ଭେଟ ପରେ ଘଣ୍ଟଛତା ଭୋଗ ଓ ରହଣି ଭୋଗ ହୋଇଥିଲା। ଏହାପରେ ଯାତ୍ରାଙ୍ଗୀ ଭୋଗ, ଚତୁର୍ଦ୍ଦଶୀ ଭୋଗ ଏବଂ ବଡ଼ସିଂହାର ଭୋଗ ସମ୍ପନ୍ନ ହୋଇଥିଲା। ପରେ ରାତିର ଶେଷ ପ୍ରହରରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା।

## ଡ୍ରୋନ୍ ଯୋଗେ ଭତ୍ତା ଟଙ୍କା ପଠାଗଲା



ଡ୍ରୋନ ଯୋଗେ ସରପଞ୍ଚ ଟଙ୍କା ପଠାଉଛନ୍ତି।

### ଦିବ୍ୟାଙ୍ଗମାନେ ପଞ୍ଚାୟତକୁ ଆସିବାକୁ ପଡ଼ିବନାହିଁ

ନୂଆପଡ଼ା ଅଫିସ,୧୮।୨ ଡ୍ରୋନ ଯୋଗେ ରକ୍ତ ନମୁନା ଗୋଟିଏ ସ୍ଥାନରୁ ଅନ୍ୟ ହସ୍ପିଟାଲକୁ ପଠାଯିବା ଗତବର୍ଷ କଳାହାଣ୍ଡି ଜିଲାରେ ପ୍ରଥମ ଥର ପାଇଁ ହୋଇଥିବା ବେଳେ ଏବେ ଭତ୍ତା ଟଙ୍କା ନୂଆପଡ଼ା ଜିଲାରେ ପଠାଯାଇଛି। ନୂଆପଡା ସଦର ବ୍ଲକ ଭାଲେଶ୍ୱର ପଞ୍ଚାୟତରେ ଡ୍ରୋନ ସାହାଯ୍ୟରେ ଜଣେ ଦିବ୍ୟାଙ୍ଗ ପାଖକୁ ଭତ୍ତା ଟଙ୍କା ପଠାଯାଇଛି। ଜିଲାରେ ପ୍ରଥମ କରି ଏଭଳି ଦିବ୍ୟାଙ୍ଗ ହିତାଧିକାରୀଙ୍କ ପାଖକୁ ଭତ୍ତା ଟଙ୍କା ପଠାଇ ଇତିହାସ ସୃଷ୍ଟି କରିଛନ୍ତି ଭାଲେଶ୍ୱର ପଞ୍ଚାୟତ ସରପଞ୍ଚ ସରୋଜ ଦେବୀ ଅଗ୍ରୱାଲ। ପ୍ରାପ୍ତ ସୂଚନା ମୁତାବକ, ଛତିଶଗଡ ସୀମାନ୍ତରେ ଅବସ୍ଥିତ ଭାଲେଶ୍ୱର ପଞ୍ଚାୟତ ଠାରୁ ୨ କିଲୋମିଟର ଦୂର ୫ ନଂ. ୱାର୍ଡ ଭୁତକାପଡା ଗାଁ ଘଞ୍ଚ ଜଙ୍ଗଲ ଭିତରେ ରହିଛି। ହେତରାମ ସତନାମୀ (୨୭) ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଭତ୍ତା ପାଉ ନ ଥିଲେ। ସରପଞ୍ଚ ଅଗ୍ରୱାଲ ମଧୁବାବୁ ପେନସନ ଯୋଜନାରେ ସତନାମୀଙ୍କୁ ସାମିଲ କରିଥିଲେ। ହେତରାମ ପଞ୍ଚାୟତକୁ ଆସି ପାରୁ ନ ଥିବାରୁ ସରପଞ୍ଚ ନୂତନ ବୈଷୟିକ ଜ୍ଞାନକୌଶଳରେ ଡ୍ରୋନ ସାହାଯ୍ୟରେ ଭିନ୍ନକ୍ଷମଙ୍କୁ ଭତ୍ତା ଟଙ୍କା ପଠାଇଛନ୍ତି। ଆଗାମୀ ଦିନରେ ପଞ୍ଚାୟତର ସବୁ ଦିବ୍ୟାଙ୍ଗମାନଙ୍କ ପାଇଁ ଡ୍ରୋନ୍ ଯୋଗେ ଭତ୍ତା ଟଙ୍କା ପଠାଯିବ। ପଞ୍ଚାୟତକୁ ଆସିବାକୁ ପଡିବ ନାହିଁ ବୋଲି ସରପଞ୍ଚ କହିଛନ୍ତି। ଡ୍ରୋନ ଯୋଗେ ଭତ୍ତା ଟଙ୍କା ହିତାଧିକାରୀ ପାଇଥିବାରୁ ଖୁସିବ୍ୟକ୍ତ କରି ସରପଞ୍ଚଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହିପରି ମହତ କାର୍ଯ୍ୟ କରିଥିବାରୁ ଜିଲାରେ ଚର୍ଚ୍ଚା ହେବା ସହ ସରପଞ୍ଚଙ୍କୁ ପ୍ରଶଂସା କରାଯାଉଛି।

# ଦାରିଙ୍ଗବାଡ଼ି କଫି କିଣିଲେ ପ୍ରଧାନମନ୍ତ୍ରୀ



ଆଦି ମହୋତ୍ସବରେ ଦାରିଙ୍ଗବାଡ଼ି ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଷ୍ଟଲରେ କନ୍ଧମାଳ ହଳଦୀ ଦେଖୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ଆଦି ମହୋତ୍ସବରେ କନ୍ଧମାଳ ହଳଦୀ ଓ ପାରମ୍ପରିକ ସାମଗ୍ରୀ ଷ୍ଟଲ୍

ଦାରିଙ୍ଗବାଡ଼ି,୧୮।୨(ଡି.ଏନ୍.ଏ) କନ୍ଧମାଳ ଜିଲା ହଳଦୀର ସ୍ୱତନ୍ତ୍ର ପରିଚୟ ରହିଛି। ନୂଆଦିଲ୍ଲୀର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଆଦି ମହୋତ୍ସବ (ଆଦିବାସୀ ମେଳା)କୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ସେ ବିଭିନ୍ନ ଷ୍ଟଲ ବୁଲି ଦେଖୁଥିବା ବେଳେ ଓଡ଼ିଶାର ଦାରିଙ୍ଗବାଡ଼ିରୁ ଯାଇଥିବା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଷ୍ଟଲରେ ବିକ୍ରି ହେଉଥିବା କନ୍ଧମାଳ ହଳଦୀ ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟଶସ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ। କମ୍ପାନୀ ସମ୍ପାଦକ ସୁରେଶ ପ୍ରଧାନ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଳୟ ପ୍ରଧାନଙ୍କ ସହିତ ହଳଦୀ, ମାଣ୍ଡିଆ, ସୋରିଷ, ଅଦା ଓ ଦାରିଙ୍ଗବାଡ଼ି କଫି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଦାରିଙ୍ଗବାଡ଼ିରେ ଜୈବିକ ପଦ୍ଧତିରେ ଚାଷ ହେଉଥିବା କଫିରୁ ୨ ପ୍ୟାକେଟ କିଣି ନେଇଥିବା ପ୍ରଡ୍ୟୁସର ଗ୍ରୁପର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

ସେହିପରି ନୋଇଡ଼ା ହାଟ ନିକଟରେ ସରସ ମେଳା ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ବିଧିବଦ୍ଧ ଭାବେ ଶନିବାର ଏହା ଉଦ୍‌ଘାଟିତ ହୋଇଛି। ସେଠାରେ ମଧ ଓଡ଼ିଶାରୁ ୯ଟି ଷ୍ଟଲ ସ୍ଥାନ ପାଇଛି। ଦାରିଙ୍ଗବାଡ଼ିର ମହିଳା ପ୍ରଡ୍ୟୁସର ଗ୍ରୁପ ଫୁଡ୍ ଏବଂ ସ୍ପାଇସେସ୍‌ର ସଦସ୍ୟା ଝରଣା ସାହୁ ଏବଂ ପ୍ରଭାକର ସାହୁ କନ୍ଧମାଳ ହଳଦୀ ସମେତ ପାରମ୍ପରିକ ସାମଗ୍ରୀ ବିକ୍ରି କରୁଛନ୍ତି। ଏଥିପାଇଁ ଓରମାସ୍‌ର ସହଯୋଗ ଏବଂ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପ୍ଣନ ସମିତି ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି ।

## ଏଏଲ୍‌ଏସ୍ ଆମ୍ବୁଲାନ୍ସର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୨ (ବ୍ୟୁରୋ) ମହାଶିବରାତ୍ରି ଅବସରରେ ଶନିବାର ଆଡ୍‌ଭାନ୍ସ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ବ୍ୟବସ୍ଥା ଥିବା ଆମ୍ବୁଲାନ୍ସକୁ ଏକାମ୍ର ବିଧାୟକ ତଥା ଏସ୍‌ଏସ୍‌ଇପିଡି, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ରୋଗୀମାନଙ୍କୁ ଡାକ୍ତରଖାନାକୁ ପରିବହନ ସମୟରେ ତୁରନ୍ତ ସହାୟତା ପାଇଁ କାର୍ଡିଆକ ମନିଟର, ଟ୍ରାନ୍ସପୋର୍ଟ ଭେଣ୍ଟିଲେଟର, ଅମ୍ଳଜାନ ସିଲିଣ୍ଡର, ସକ୍‌ସନ ପମ୍ପ, ସିରିଞ୍ଜ ପମ୍ପ, ନେବୁଲାଇଜର ଆଦିର ସୁବିଧା ରହିଛି। ଏହା ବିଏସ୍‌କେୱାଇ କାର୍ଡଧାରୀଙ୍କ ପାଇଁ ମାଗଣାରେ ଥିବାବେଳେ ଅନ୍ୟମାନେ ସରକାରୀ ସେବା ଅନୁଯାୟୀ ସେବା ପାଇବେ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ତଥା ବିଏମ୍‌ସି ହସ୍ପିଟାଲ ସିଏମ୍‌ଏମ୍‌ଓ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଆମ୍ବୁଲାନ୍ସର ଉପଯୋଗିତା ସମ୍ପର୍କରେ କହିଥିଲେ। ସେ କହିଲେ, କୋଭିଡ୍ ପରବର୍ତ୍ତୀ ସମୟରେ ଅନେକ ଲୋକ ଦୀର୍ଘ ସମୟର ଛାତି ଏବଂ ହୃଦୟ ସମ୍ବନ୍ଧୀୟ ବ୍ୟାଧିରେ ପୀଡିତ ହେଉଛନ୍ତି। ଏପରି ରୋଗୀଙ୍କୁ ଡାକ୍ତରଖାନାକୁ ଆଣିବା ପାଇଁ ଏହିପରି ଆମ୍ବୁଲାନ୍ସର ଯଥେଷ୍ଟ ଆବଶ୍ୟକ ରହିଛି ବୋଲି ସେ କହିଥିଲେ। ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚି ନାରାୟଣ ମହାସୁପକାର, ଖୋର୍ଦ୍ଧା କଲେକ୍ଟର କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଆମ୍ବୁଲାନ୍ସକୁ ମନ୍ତ୍ରୀ ନିଜ ବିଧାୟକ ପାଣ୍ଠିରୁ ଅର୍ଥ ମଞ୍ଜୁର କରିଛନ୍ତି।




ଆମ୍ବୁଲାନ୍ସ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥି।

# ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା



ଅଭିଯୁକ୍ତ ଭାଇଙ୍କୁ ପୋଲିସ ଗିରଫ କରିଛି।

- ନିଶାସକ୍ତ ସ୍ୱାମୀଙ୍କ ନାରକୀୟ କାଣ୍ଡ
- ମୃତଦେହ ପୋଡ଼ିଦେବାକୁ ଉଦ୍ୟମ କରୁଥିଲେ
- ସହଯୋଗୀ ସାଜିଥିଲେ ବଡ଼ଭାଇ, ୨ ଗିରଫ

ପରଜଙ୍ଗ, ୧୮।୨(ଡି.ଏନ୍.ଏ.) ସ୍ୱାମୀଙ୍କ ନିଶାସେବନ ପ୍ରବୃତ୍ତି ପାଇଁ ଦାମ୍ପତ୍ୟ ଜୀବନରେ ଉଠିଥିଲା ଝଡ଼। ଛୋଟ ଛୋଟ କଥାରେ ପ୍ରାୟ ସବୁଦିନ ହେଉଥିଲା ବାଡ଼ିଆପିଟା। ହେଲେ ଶୁକ୍ରବାର ରାତିରେ ଏହା ସବୁସୀମା ଟପିଯାଇଛି। ନିଶାସକ୍ତ ସ୍ୱାମୀ ହିତାହିତ ଜ୍ଞାନ ହରାଇ ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏଭଳି ନାରକୀୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ନିଜ ବଡ଼ଭାଇଙ୍କ ସହଯୋଗରେ ମୃତଦେହ ପୋଡ଼ିଦେବାକୁ ଉଦ୍ୟମ କରୁଥିଲେ। ତେବେ କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ଶବ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ଏବଂ ଦେଢ଼ଶ୍ୱଶୁରଙ୍କୁ ଗିରଫ କରାଯାଇଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମ ସମସମା ସାହିରେ ଘଟିଥିବା ଏଭଳି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ପୋଲିସ ସୂଚନା ଅନୁଯାୟୀ, ପରଜଙ୍ଗ ପଞ୍ଚାୟତ ଗଣ୍ଡତଇଲା ସାହିର ଗୌରାଙ୍ଗ ଖଟୁଆଙ୍କ ଝିଅ ମମତା ପ୍ରଥମେ ରଙ୍ଗଥଳି ଗ୍ରାମର ଜଣେ ଡ୍ରାଇଭରଙ୍କୁ ବିବାହ କରିଥିଲେ। ତାଙ୍କର ୩ ସନ୍ତାନ ଅଛନ୍ତି। ସେହିପରି ଆମ୍ବପଳାସ ଗ୍ରାମ ସମସମା ସାହିର ଅଷ୍ଟମ ଖଟୁଆ ମଧ ବିବାହିତ ଥିବାବେଳେ ତାଙ୍କର ଦୁଇ ସନ୍ତାନ ଅଛନ୍ତି। ଏହାସତ୍ତ୍ୱେ ଅଷ୍ଟମଙ୍କ ସହ ମମତା ପଳାଇ ଆସି ପ୍ରେମ ବିବାହ କରିଥିଲେ। ଅଷ୍ଟମ ଅଧିକାଂଶ ଦିନ ନିଶାସକ୍ତ ଅବସ୍ଥାରେ ଘରେ ଗଣ୍ଡଗୋଳ କରନ୍ତି। ଶୁକ୍ରବାର ସ୍ତ୍ରୀ-ସ୍ୱାମୀଙ୍କ ମଧରେ କଜିଆ ତୀବ୍ର ରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଷ୍ଟମ ଏକ ଠେଙ୍ଗାରେ ମମତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସେ ଟଳିପଡ଼ିଥିଲେ। ଏହାପରେ ଅଷ୍ଟମ ପ୍ରମାଣ ନଷ୍ଟ କରିବାକୁ ଯୋଜନା କରିଥିଲେ। ରାତିସାରା ମୃତଦେହକୁ ଘରେ ରଖି ଶନିବାର ସକାଳେ ବଡ଼ଭାଇ ଶିବ ଖଟୁଆଙ୍କ ସହ ମିଶି ଘର ନିକଟ ଜଙ୍ଗଲରେ ପୋଡ଼ିଦେବା ପାଇଁ ନେଉଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପରଜଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ପଠାଇଥିଲା। ମୃତା ମମତାଙ୍କ ଭାଇ ବାଉରୀ ଖଟୁଆଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଅଷ୍ଟମ ଏବଂ ଶିବଙ୍କୁ ପୋଲିସ ଗିରଫ କରିଛି। ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଏସ୍‌ଆଇ ଶକ୍ତି ପ୍ରସାଦ ସାହୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତନାଘନା ଚଳାଇଛନ୍ତି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer**
**Bhanjanagar Irrigation Division, Bhanjanagar**
Phone No.06821-291004, e-mail ID: bnjirrigation2010@gmail.com

**QUOTATION CALL NOTICE**

No.A-1172:- The Superintending Engineer, Bhanjanagar Irrigation Division, Bhanjanagar, Ganjam invites sealed quotation from the reputed equipment manufactures / authorized supplier / authorized Indian agents of foreign Manufacturers / Suppliers for and other necessary documents can be seen in e-procurement portal www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Supply & Installation of 25 KVA (3-phase) KIRLOSKAR i-Green silent Diesel Generator for Bhanjanagar Dam, Bhanjanagar |
| 2 | No. of Generator | : | 01 (One) No. |
| 3 | Suppliers | : | Authorized Distributor / Dealers |
| 4 | Cost of tender paper | : | Rs.500/- |
| 5 | EMD cost | : | 1% of rate quoted |
| 6 | Date & time of availability of bid documents in the portal | : | 20.02.2023, 10.00 A.M. to 01.03.2023 upto 5.00 P.M. |
| 7 | Last date / time for receipt of bids in the portal | : | 01.03.2023 upto 5.00 P.M. |
| 8 | Date of opening of bid | : | 02.03.2023 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar |
| 9 | Date of lottery | : | 03.03.2023 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar (if situation arises) |

Sd./- Superintending Engineer, Bhanjanagar Irrigation Division
OIPR-32010/11/0021/2223



**GOVERNMENT OF ODISHA** No.O-1868
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail: sencrwangul@yahoo.co.in; Ph.: 06764-236404
No. 366 // Dt.14.02.23

**e-Procurement Notice for CMRL Road works in Odisha**

1. Name of the work : **Road works.** 2. Total No. of work : **7 Nos.** 3. Estimated Cost : **Rs.95.22 to 433.17 Lakhs.** 4. Class of Contractor : **As per annexure.** 5. Period of completion : **09 (Nine) Calendar Months.**
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | CMRL Road Online-AGL-19/2022-23 | 24.02.23 at 10.00 A.M. | 10.03.23 up to 5.00 P.M. | 06.03.23 upto 1.00 P.M. | 13.03.23 upto 11.00 A.M. | Will be intimated later |

For detailed Notice inviting Tenders, Please visit to the website www.tendersorissa.gov.in.
Sd./- D. Padhi,
OIPR-25180/11/0027/2223 Chief Construction Engineer, Rural Works Circle, Angul



**GOVERNMENT OF ODISHA** No. O-1866
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
Bid Identification No. Online Tender / 75-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 75-2022-23/ BPR | Road Works including 05 years Post Construction maintenance under CMRL for the year 2022-23 | 05 Nos. | From Rs.126.29 lakhs to Rs.224.93 Lakhs | "B" Class & "A" Class as applicable | 06 (Six) & 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 75-2022-23/BPR | 23.02.2023 at 10.00 A.M. | 10.03.2023 upto 3.00 P.M. |

(i) **EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.**
(ii) **Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.**
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0120/2223 Sd./- P.K. Jena, Chief Construction Engineer, R.W. Circle, Berhampur



**GOVERNMENT OF ODISHA** No.O-1863
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KEONJHAR**
Tel. 06766-258301 (O), e-mail: se_nerwkjr@rediffmail.com

**e-Procurement Notice for Road Works under DMF**
**Identification No. Road Online NCB No. 362 | No. 693/Date: 15.02.23**

**1.** Name of the work :- **Construction of Road Works under DMF in the District of Keonjhar.** **2.** No. of work :- **04** (Four) Nos. **3.** Estimated Cost :- As per Annexure in NIT. **4.** Class of Contractor (Eligible) :- As per Annexure in NIT. **5.** Period of Completion :- As per Annexure in NIT. **6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 362 | Dt.23.02.23 at 11.00 A.M. | Dt.14.03.23 up to 5.00 P.M. | Dt.13.03.23 up to 5.00 P.M. | Dt.15.03.23 at 11.00 A.M. | Will be intimated later |

• **Further details can be seen from the website: www.tendersorissa.gov.in**
OIPR-25177/11/0040/2223 Sd./- Chief Construction Engineer, R.W. Circle, Keonjhar



**Government of Odisha, e- Procurement Notice**
**INVITATION FOR BIDS (IFB)**
Email ld-sedklpwd@gmail.com
**Bid Identification No. C.C.E.Dkl.(R&B) 22/2022-23**
Letter No. 422/Dt.15.02.2023

No. B-1264:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed below:

1. Name of the work : Road work
2. No. of works : 01 (One) No.
3. Estimated Cost : **Rs. 7,47,44,141/- (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'A' & 'Special' Class **(as given in column No. 07 of table)**
6. Period of Completion of work : 09 (Nine) Calendar months **(as given in column No. 08 of table)**
7. Date and time of availability of bid Document in the website : From Dt.22.02.2023 to 5.30 P.M. of Dt.08.03.2023
8. Date of opening of bid : Dt.09.03.2023 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

Sd./- Chief Construction Engineer
OIPR-34132/11/0031/2223 Dhenkanal(R&B) Circle, Dhenkanal



**OFFICE OF THE PANCHAYAT SAMITI RAIRANGPUR**
At/Po-Rairangpur,Dist-Mayurbhanj, Odisha
E-mail: ori-rairangpur@nic.in
Advt. No.456/BDO-Rairangpur/2022-23 Dt.16.02.23

**TENDER CALL NOTICE**

**No.i-441:**Sealed tenders (Percentage rate) are invited from the interested " C & B" Class Contractors registered with the Govt. for execution of Civil work under Panchayat Samiti, Rairangpur, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o: BDO, Rairangpur only through Regd. and Speed post. Other mode of communication will not be entertained.

1. Sale of Tender Papers:-20.02.2023 to 03.03.2023 up to 1.00PM.
2. Last Date of receipt of tender Papers:- 03.03.2023 up to 5.00PM.
3. Date of Opening of tender paper at Conference hall, Rairangpur block, Mayurbhanj on Dt.10.03.2023 at 11.30AM.
4. Mode of receipt:Through either regd. post or speed post only to O/o. BDO, Rairangpur, Mayurbhanj.
5. Envelop should be super-scribed with the name of works for which tender paper is being submitted otherwise will be rejected.

Sd./- Block Development Officer,
OIPR-19147/11/0001/2223 Rairangpur, Mayurbhanj

## ଏ ସପ୍ତାହର ପ୍ରଶ୍ନ

୧– ଲାଡ୍‌ଲୀ ବହିନା ସ୍କିମ୍ .......... ରାଜ୍ୟରେ ଆରମ୍ଭ କରାଯାଇଛି ?
୨– ଭାରତରେ ପ୍ରଥମଥର .................... କମ୍ପାନୀ ପକ୍ଷରୁ ବିମାନ ପାଇଁ ଗ୍ୟାସୋଲିନ୍ ଇନ୍ଧନ ରପ୍ତାନି ଆରମ୍ଭ କରାଯାଇଛି ?
୩– ଦି ଲିଟଲ୍ ବୁକ୍ ଅଫ୍ ଜୟ ପୁସ୍ତକର ଲେଖକ ............ ?
୪– 'ଇଣ୍ଟରନ୍ୟାଶନାଲ ସ୍ନୋ ଲିଓପାର୍ଡ ଡେ' ପ୍ରତିବର୍ଷ ............ ତାରିଖରେ ପାଳନ କରାଯାଏ ?
୫– ଲିଫ୍ଟର ଉଦ୍ଭାବକ .......... ?

## ଗତ ଥରର ଉତ୍ତର

୧ ମିଥିଳେଶ ତିୱାରୀ
୨ ହସ୍ତୁରାସ୍
୩ ଷ୍ଟାରବକ୍ସ
୪ ଚାଇନା
୫ ଏଚ୍‌ପି

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ଦେଓଗାଁ


ସୁନିଲ କୁମାର ନାୟକ, ନୟାଗଡ଼

## ଟପ୍ ୧୦

# ସବୁଠୁ ବଡ଼ ଫୁଲ



(୧) ........ ରାଫ୍ଲେସିଆ ଆର୍ନୋଲ୍ଡି
(୨) ........ ଟାଇଟନ୍ ଅରମ୍
(୩) ........ ତାଲିପଟ୍ ପାମ୍
(୪) ........ ନେପ୍ଚ୍ୟୁନ୍ ଗ୍ରାସ୍
(୫) ........ ପୁୟା ରେମୋଣ୍ଡି
(୬) ........ ସନ୍‌ଫ୍ଲାୱାର୍
(୭) ........ ଟ୍ରି ପିଓନ
(୮) ........ ହିବିସ୍କସ୍
(୯) ........ ମଙ୍ଗୋଲିଆ
(୧୦) ........ ଲୋଟସ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# ପେଟମାଡ଼ି ଶୋଉଥିଲେ

**ପେଟମାଡ଼ି ଶୋଇବାକୁ ଅନେକେ ଭଲପାଆନ୍ତି। ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟମାଡ଼ି ମୋବାଇଲ୍ କିମ୍ବା ଲାପଟପ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି ପେଟମାଡ଼ି ଶୋଇବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ଉପୁଜିପାରେ....**

✶ପେଟମାଡ଼ି ଶୋଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇ ପାରେନାହିଁ। ବିଶେଷକରି ହୃତ୍‌ପିଣ୍ଡରୁ ମସ୍ତିଷ୍କକୁ ଭଲ ଭାବେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବାରୁ ମୁଣ୍ଡବିନ୍ଧା ହୋଇଥାଏ।

✶ଏପରି ଶୋଇଲେ ବଡି ପୋଜିଶନ ଠିକ୍ ଭାବେ ନ ରହିବା ଯୋଗୁ ମାଂସପେଶୀଗୁଡ଼ିକ ଚାପି ହୋଇ ରହିଥାଏ। ଫଳସ୍ୱରୂପ ଏଥିପାଇଁ ଅନେକ ସମୟରେ ମଶଲ୍ସ କ୍ରାମ୍ପ୍ ହେବା ସହ ଖୁବ୍ ଯନ୍ତ୍ରଣା ଅନୁଭୂତ ହୋଇଥାଏ ।

✶ପେଟମାଡ଼ି ଶୋଇବା ଦ୍ୱାରା ପେଟ ଚାପି ହୋଇରହେ। ଫଳରେ ଖାଦ୍ୟ ଭଲ ଭାବେ ହଜମ ହେବାରେ କଷ୍ଟ ହୋଇଥାଏ। ବାରମ୍ବାର ଏପରି ହେଲେ ଧୀରେ ଧୀରେ ଗ୍ୟାସ୍, ବଦହଜମି ଭଳି ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।

✶ଏପରି ଶୋଇବା ଶୈଳୀ ମେରୁଦଣ୍ଡ ଉପରେ ଚାପ ପକାଇଥାଏ। ପ୍ରତିଦିନ ଏପରି ଶୋଇଲେ ଧୀରେ ଧୀରେ ପିଠି ଯନ୍ତ୍ରଣା ସମସ୍ୟା ଆରମ୍ଭ ହୋଇଥାଏ। ଏପରି ଶୋଇବା ଅଭ୍ୟାସରେ ଯଥା ସମୟରେ ପରିବର୍ତ୍ତନ ନ ଆଣିଲେ ବେକରୁ ଅଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଜଟିଳ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

✶କେବଳ ଏତିକି ନୁହେଁ, ଏହାଦ୍ୱାରା ମୁହଁ ଚାପି ହୋଇ ରହୁଥିବାରୁ ମୁହଁକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳିପାରେ ନାହିଁ। ଫଳସ୍ୱରୂପ ବ୍ରଣ, ଦାଗ ଭଳି ସମସ୍ୟା ସହ ଅଳ୍ପ ବୟସରୁ ଏଜ୍‌ଲାଇନ୍ ଏବଂ ରିଙ୍କିଲ୍ ମାର୍କ ଦେଖାଦେଇଥାଏ।





# ରିଭ୍ୟୁ ରେଟିଂ, ଏକ ଧୋକା!

**ରେଷ୍ଟୋରାଁରେ ଖାଇବା ହେଉ କି ବୁଲିବାକୁ ଯାଇଥିଲେ ହୋଟେଲ୍ ବୁକ୍ କରିବା ଅବା ଅନ୍‌ଲାଇନ୍‌ରେ ଯେକୌଣସି ସାମଗ୍ରୀ କିଣିବା ବେଳେ ଅଧିକାଂଶ ପ୍ରଥମେ ଏହାର ରିଭ୍ୟୁ ଏବଂ ରେଟିଂ ଦେଖିବାକୁ ଭୁଲି ନ ଥା'ନ୍ତି। କାରଣ ଯାହାର ରେଟିଂ ଯେତେ ଅଧିକ, ତାହା ସେତେ ଭଲ ବୋଲି ସଭିଙ୍କ ମନରେ ଧାରଣା ରହିଛି। ହେଲେ ବାସ୍ତବରେ ଏହି ରିଭ୍ୟୁ ଏବଂ ରେଟିଂ କେତେଦୂର ଭରସାଯୋଗ୍ୟ ତାହା ଏବେବି ପ୍ରଶ୍ନବାଚୀ...**

ବର୍ତ୍ତମାନ ଯେକୌଣସି ନୂଆ ସାମଗ୍ରୀ କିଣିବା ପୂର୍ବରୁ ଏହା ବିଷୟରେ ଜାଣିବା ଲାଗି ରିଭ୍ୟୁ ଏବଂ ରେଟିଂ ପାଲଟିଛି ସବୁଠୁ ଭଲ ମାଧ୍ୟମ। କାରଣ ଏହାଦ୍ୱାରା ପୂର୍ବରୁ ଯେଉଁମାନେ ଉକ୍ତ ସାମଗ୍ରୀ କିଣି ବ୍ୟବହାର କରିଛନ୍ତି, ସେମାନେ କେତେ ଉପକୃତ ହୋଇଛନ୍ତି ଅବା କେଉଁ କାରଣକୁ ନେଇ ଅସନ୍ତୁଷ୍ଟ ସେ ସମ୍ପର୍କରେ ସହଜରେ ଜାଣି ହେଉଛି। ତେବେ ଏକ ସର୍ଭେ ରିପୋର୍ଟ ମୁତାବକ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୯୧ ଭାଗ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିଥା'ନ୍ତି। ସେମାନଙ୍କ ମଧ୍ୟରୁ ୮୪ ଭାଗ ଏହା ଉପରେ ବିଶ୍ୱାସ କରୁଥିବା ବେଳେ ୬୮ ଭାଗ ଏହା ଅନୁସାରେ ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି। ହେଲେ ଏକ ରିପୋର୍ଟ ମୁତାବକ, ସମସ୍ତ ଅନ୍‌ଲାଇନ୍ ରିଭ୍ୟୁ ମଧ୍ୟରୁ ପ୍ରାୟ ୪୦% ଫେକ୍ ବା ମିଛ। ଯଦି ଆପଣମାନେ ବି କୌଣସି ସାମଗ୍ରୀ କିଣିବା ବେଳେ ଅନ୍‌ଲାଇନ୍ ରିଭ୍ୟୁ ଏବଂ ରେଟିଂ ଦେଖୁଛନ୍ତି, ତେବେ ଜାଣିରଖନ୍ତୁ...

**ତୁଳନା କରି କିଣିବା ସହଜ:** ସାଧାରଣତଃ କୌଣସି ନୂଆ ପ୍ରଡକ୍ଟ କିଣିବା ବେଳେ ଏହା ବିଷୟରେ ବିଶେଷ ଧାରଣା ନ ଥାଏ। ଏମିତିରେ ବେଶ୍ ସାହାଯ୍ୟ କରେ ଅନ୍‌ଲାଇନ୍ ରିଭ୍ୟୁ। ଯେଉଁଠାରୁ ଗ୍ରାହକ ଅନ୍ୟଗ୍ରାହକଙ୍କ ମତାମତ ପଢ଼ି ଉକ୍ତ ପ୍ରଡକ୍ଟ ସମ୍ପର୍କରେ ଜାଣିବାକୁ ପାଆନ୍ତି। କେବଳ ଏତିକି ନୁହେଁ, ଏକାଧିକ ବ୍ରାଣ୍ଡର ପ୍ରଡକ୍ଟ ମଧ୍ୟରେ ତୁଳନା କରି କିଣିବାରେ ସେମାନଙ୍କୁ ସୁବିଧା ହୋଇଥାଏ।

**ମନରେ ବିଶ୍ୱାସ ଆସେ:** ଅନ୍ ଲାଇନ୍ ରିଭ୍ୟୁରେ ଭଲ ଭଲ କମେଣ୍ଟ କିମ୍ବା ୫ ଷ୍ଟାର୍ ରେଟିଂ ଥିଲେ ଉକ୍ତ ପ୍ରଡକ୍ଟ ଭଲ ବୋଲି ମନରେ ଏକ ବିଶ୍ୱାସ ଆସିଥାଏ। ତେବେ ଏହା ସତ୍ତ୍ୱେ ମଧ୍ୟ କେବେକେବେ ବାସ୍ତବରେ ତାହା ଖରାପ ପଡୁଥିବାର ଅଭିଯୋଗ ଆସେ। ତେଣୁ କେବଳ ପଜିଟିଭ୍ ସହିତ ନେଗେଟିଭ୍ କମେଣ୍ଟ ବି ପଢ଼ନ୍ତୁ। ଏହା ଦ୍ୱାରା କିଛି ଉପଭୋକ୍ତାଙ୍କ ଅସନ୍ତୁଷ୍ଟିର କାରଣ ଜାଣିବା ଦ୍ୱାରା ହୁଏତ ଆପଣଙ୍କୁ ଏହାକୁ ବ୍ୟବହାର କରିବାର ନିଷ୍ପତ୍ତି ନେବା ସହଜ ହେବ।

**ଧ୍ୟାନ ଦିଅନ୍ତୁ:**

➤କୌଣସି ପ୍ରଡକ୍ଟର ରେଟିଂ ୫ ଷ୍ଟାର ଦେଖିବାମାତ୍ରେ ଏହାହିଁ ସବୁଠୁ ଭଲ ହୋଇଥିବା ଭାବି କିଣି ନିଅନ୍ତୁ ନାହିଁ। କାରଣ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡ଼ିକର ପ୍ରମୋଶନ ସହ ଗ୍ରାହକଙ୍କୁ ଭ୍ରମରେ ପକାଇବା ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେବା ସହ ୫ ଷ୍ଟାର ରେଟିଂ ଦେବାକୁ ରାଇଟରମାନଙ୍କୁ ଟଙ୍କା ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥା'ନ୍ତି। ତେଣୁ ରେଟିଂ ସହିତ କମେଣ୍ଟ ଦେଖନ୍ତୁ, ଯଦି କିଛି ନେଗେଟିଭ୍ କମେଣ୍ଟ ଅଛି, ତେବେ ପ୍ରଡକ୍ଟ ବିଷୟରେ ଗ୍ରାହକଙ୍କ ମତାମତ କ'ଣ ଭଲ ଭାବେ ପଢ଼ିବା ପରେ କିଣନ୍ତୁ। ତେଣୁ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତି କମ୍‌ରେ ୩୦ ୟୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ।

➤ବେଳେବେଳେ ବିରୋଧୀ କମ୍ପାନୀଗୁଡ଼ିକ ନିଜ ପ୍ରଡକ୍ଟ ବିକ୍ରି ପାଇଁ ଅନ୍ୟ ପ୍ରଡକ୍ଟ ଉପରେ ଖରାପ କମେଣ୍ଟ ଓ ରେଟିଂ ଦେବାକୁ ଲୋକଙ୍କୁ ଟଙ୍କା ଦେଇଥା'ନ୍ତି। ତା'ଛଡ଼ା ଅନେକ କଷ୍ଟମର୍ ଏମିତିବି ଅଛନ୍ତି, ଯେଉଁମାନେ ପ୍ରଡକ୍ଟ ଭଲ ହୋଇଥିଲେ ସୁଦ୍ଧା ନିଜକୁ ପସନ୍ଦ ନ ଆସିଲେ ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥା'ନ୍ତି। ଏମିତିକି ଲୋ କିମ୍ବା ରେଟିଂ ଆଦୌ ଦେଇ ବି ନ ଥା'ନ୍ତି। ତେଣୁ କୌଣସି ଜଣଙ୍କ କମେଣ୍ଟ ପଢ଼ି ଏହା ଖରାପ ହୋଇଥିବ ନ ଭାବି ଅନ୍ୟ କମେଣ୍ଟ ପଢ଼ନ୍ତୁ ଏବଂ ନିଷ୍ପତ୍ତି ନିଅନ୍ତୁ।

➤ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି ରିଭ୍ୟୁ, ରେଟିଂ ଦେଖି ଅନ୍‌ଲାଇନ୍ ଶପିଂ କରୁଛନ୍ତି ତେବେ ବିଶ୍ୱସ୍ଥ ଶପିଂ ସାଇଟ୍ ହିଁ ବ୍ୟବହାର କରନ୍ତୁ।






## ଏମାନେ କ'ଣ କୁହନ୍ତି



**ପ୍ରିୟାଂଶୁ ଠାକୁର ମହାପାତ୍ର**(କର୍ମଜୀବୀ, କଟକ)– ପୂର୍ବରୁ ଆମେ ଡ୍ରେସ୍, ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଆଦି କିଣିବା ବେଳେ ହେଉ କିମ୍ବା କେଉଁ ହୋଟେଲ୍‌ରେ ଖାଇବା ପୂର୍ବରୁ ଏହା ଭଲ ହୋଇଥିବ କି ନାହିଁ ଭାବୁଥିଲୁ। ହେଲେ ଅନ୍‌ଲାଇନ୍ ରିଭ୍ୟୁ ଓ ରେଟିଂ ସୁବିଧା ଆସିବା ପରେ ଅନ୍ୟ କଷ୍ଟମର୍‌ଙ୍କ ଫିଡ୍‌ବ୍ୟାକ୍ ଦେଖି କିଣିବା ଅବା ନାହିଁ ନିଷ୍ପତ୍ତି ନେବା ବେଶ୍ ସହଜ ହୋଇପାରୁଛି। ତେବେ ବେଳେବେଳେ କେତେଜଣ ଅଯଥା କମେଣ୍ଟ ଦେଇଥା'ନ୍ତି, ଯାହା ଦେଖିଲେ ବିରକ୍ତ ଲାଗିଥାଏ। ତେଣୁ ସମସ୍ତେ ଠିକ୍ ମତାମତ ଏବଂ ରେଟିଂ ଦେଲେ ଅନ୍ୟମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମୋର ବିଶ୍ୱାସ।



**ରଞ୍ଜିତା ପ୍ରଧାନ**(ଭୁବନେଶ୍ୱର)– ଅନ୍‌ଲାଇନ୍ ଶପିଂ କରିବା ସମୟରେ ରିଭ୍ୟୁ ଏବଂ ରେଟିଂ ଦେଖି ଜିନିଷ କିଣିଥାଏ। ଯେଉଁ ପ୍ରଡକ୍ଟକୁ କଷ୍ଟମର୍ କିଣି ଅଧିକ ରେଟିଂ ଏବଂ ଫଟୋ ଶେୟାର୍ କରିବା ସହ ଭଲ ରିଭ୍ୟୁ ଦେଇଥା'ନ୍ତି ସେସବୁ ଦେଖି କିଣିବାକୁ ପସନ୍ଦ କରେ। ଏବେ ଫେକ୍ ରିଭ୍ୟୁ ବି ଅନ୍‌ଲାଇନ୍ ସାଇଟ୍‌ରେ ଦେଲେଣି। ତେଣୁ ଗ୍ରାହକ ଜିନିଷ କିଣିବାବେଳେ ଦେଖିଚାହିଁ ଅର୍ଡର କରିବା ଦରକାର। ଏଥିସହ ବିଶ୍ୱାସଯୋଗ୍ୟ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଜିନିଷ ଅର୍ଡର କରିବା ଦ୍ୱାରା ଆପଣ ଠକାମିର ଶିକାର ହେବେ ନାହିଁ।

## ଜାଣନ୍ତୁ ଦୁନିଆ

# ପାକିସ୍ତାନର ଅଜବ ଆଇନ

**ପ୍ରତ୍ୟେକ ଦେଶରେ କେତେକ ଆଇନ ରହିଛି; ଯାହାକୁ ଉକ୍ତ ଦେଶର ନାଗରିକମାନେ ମାନିବାକୁ ବାଧ୍ୟ। ତେବେ ପାକିସ୍ତାନରେ ରହିଛି ଏଭଳି କିଛି ଅଜବ ଆଇନ, ଯାହା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବେ। ଏହାକୁ ଉଲ୍ଲଂଘନ କଲେ ଦଣ୍ଡ ଭୋଗିବାକୁ ମଧ୍ୟ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

❖ଆପଣ ଘରେ ଛୋଟପିଲାଙ୍କୁ ବୟସ୍କମାନଙ୍କ ବିନା ଅନୁମତିରେ ଫୋନ୍ ଧରିବାକୁ ବାରଣ କରିଥା'ନ୍ତି। କିନ୍ତୁ ପାକିସ୍ତାନରେ ଛୋଟ ହେଉ କି ବୟସ୍କ, ଯଦି କେହି ବିନାନୁମତିରେ କାହାର ମୋବାଇଲ୍ ଧରନ୍ତି, ତେବେ ଏଠାରେ ଏହା ଦଣ୍ଡନୀୟ ଅପରାଧ। ଏମିତିକି ଏଥିପାଇଁ ୬ମାସ ଜେଲ୍‌ଦଣ୍ଡ ହୋଇପାରେ।

❖ପାକିସ୍ତାନୀ ନାଗରିକଙ୍କୁ ଇସ୍ରାଏଲ ଯିବାକୁ ଭିଜା ମିଳି ନ ଥାଏ। ଇସ୍ରାଏଲ୍ ବ୍ୟତୀତ ସେମାନେ ଅନ୍ୟ ସବୁ ଦେଶ ବୁଲିବାକୁ ଯାଇପାରିବେ। ଏହାର କାରଣ ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ଇସ୍ରାଏଲ୍‌କୁ ଦେଶ ବୋଲି ମାନ୍ୟତା ଦିଏ ନାହିଁ।

❖ପାକିସ୍ତାନରେ ଆଲ୍ଲା, ମସ୍‌ଜିଦ୍, ନବୀ, ରସୁଲ ଆଦି ଶବ୍ଦକୁ ଇଂଲିଶ୍‌ରେ ଅନୁବାଦ କରିବା ଆଇନଗତ ଅପରାଧ।

❖ଏଠାରେ କେହି ବି ପ୍ରଧାନମନ୍ତ୍ରୀଙ୍କୁ କୌଣସି ପ୍ରକାର ବ୍ୟଙ୍ଗ କରିପାରିବେ ନାହିଁ। ଏପରି କଲେ ସେହି ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜରିମାନା ଦେବାକୁ ପଡ଼ିଥାଏ।

❖ବିଶ୍ୱରେ ପାକିସ୍ତାନ ଏପରି ଏକ ଦେଶ, ଯେଉଁଠାରେ ରାଷ୍ଟ୍ରପତି ପଦ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ଏଠାରେ ଥିବା ସ୍କୁଲ୍‌ରେ ଚାକିରି କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ଦରକାର ପଡ଼ିଥାଏ।

❖ଏହି ଦେଶରେ ରମ୍‌ଜାନ ମାସରେ ବାହାରେ କିଛି କିଣି ଖାଇପାରିବେ ନାହିଁ। ଏଠାରେ ଏହାକୁ ଅପରାଧ ବୋଲି ଧରାଯାଏ। କେବଳ ମୁସଲମାନ ନୁହନ୍ତି, ସେଠାରେ ରହୁଥିବା ଅନ୍ୟ ଧର୍ମାବଲମ୍ବିଙ୍କ ପାଇଁ ମଧ୍ୟ ନିୟମ ଲାଗୁ ହୋଇଥାଏ।



❖ପାକିସ୍ତାନର ସମୁଦାୟ ଜନସଂଖ୍ୟାରେ ଟ୍ରାନ୍ସଜେଣ୍ଡରଙ୍କ ସଂଖ୍ୟା ଅଧିକ। କିନ୍ତୁ ସେମାନେ ଆର୍ମିରେ ଯୋଗ ଦେଇପାରିବେ ନାହିଁ ବୋଲି ନିୟମ ଅଛି।

❖ପାକିସ୍ତାନରେ ବିବାହ ପୂର୍ବରୁ ଯୁବତୀ ଯୁବକ ଏକାଠି ରହିବା ଆଇନ ସମ୍ମତ ନୁହେଁ। ତେଣୁ କେହି ଏପରି କରୁଥିଲେ ତାଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଥାଏ।

❖ଅନ୍ୟଦେଶର ଛାତ୍ରୀଛାତ୍ରଙ୍କୁ ପାକିସ୍ତାନରେ ରହି ପାଠ ପଢ଼ିବାକୁ ହେଲେ ସରକାରଙ୍କୁ ଟ୍ୟାକ୍ସ ଦେବାକୁ ପଡ଼ିଥାଏ। ତେଣୁ ଏଠାରେ ଦୁଇଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରୁଥିବା ଛାତ୍ରୀଛାତ୍ରଙ୍କୁ ହିଁ ପଢିବାକୁ ଅନୁମତି ରହିଛି।

❖ଏଠାରେ କାହାକୁ ଅଯଥାରେ ମେସେଜ୍ କରିପାରିବେ ନାହିଁ। ଏପରି କରୁଥିବାର ଧରାପଡ଼ିଲେ ୧୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ।

**୫୦୦ ବିମାନ କିଣିବ ଇଣ୍ଡିଗୋ**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ ଚଳିତ ବର୍ଷ ପ୍ରାୟ ୫୦୦ ବିମାନ କିଣିବ ବୋଲି ଜଣାପଡ଼ିଛି। ଏପରିକି ୫୦୦ ବିମାନ କିଣିବା ଲାଗି ଏକ ଅନ୍ତରାଷ୍ଟ୍ରୀୟ କମ୍ପାନୀକୁ ଅର୍ଡର ଦିଆଯାଇଛି ବୋଲି ଇଣ୍ଡିଗୋର ଇଣ୍ଟରନ୍ୟାସନାଲ ସେଲ୍ସ ମୁଖ୍ୟ ବିନୟ ମାଲହୋତ୍ରା ବିସ୍ତୃତ ମତବ୍ୟକ୍ତ କରିଥିଲେ। ଏପରିକି କମ୍ପାନି ତୁର୍କିସ ଏୟାରଲାଇନ୍ସ ସହଯୋଗରେ ୟୁରୋପର ବିଭିନ୍ନ ସ୍ଥାନକୁ ବିମାଡ଼ ଉଡ଼ାଣ କରାଇବ ବୋଲି କୁହାଯାଇଛି। ବିଶେଷ କମ୍ପାନୀ ଉଭୟ ଆମେରିକାର ବୋଇଂ ଏବଂ ୟୁରୋପର ଏୟାରବସ୍ ଠାରୁ ଉକ୍ତ ସଂଖ୍ୟାର ବିମାନ ବିମାନ କିଣିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

# ବ୍ୟବସାୟିକ କାର୍ଯ୍ୟକଳାପକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୧୮।୨

ବର୍ତ୍ତମାନର ଭୌଗୋଳିକ ପରିସ୍ଥିତି ମଧ୍ୟରେ ବିଶ୍ୱ ଅର୍ଥନୀତି ଏକ ପ୍ରକାର ଅସ୍ଥିର ପରିସ୍ଥିତିର ସମ୍ମୁଖୀନ ହେଉଥିବାବେଳେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ନିରନ୍ତର ଭାବେ ମଜଭୁତ ଦିଗରେ ଅଗ୍ରସର ହେଉଛି ବୋଲି ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ କୁହାଯାଇଛି। ଏପରିକି ସଂସ୍ଥାର ଅର୍ଥନୈତିକ ଧାରା ଏବଂ ଅନ୍ତର୍ଦୃଷ୍ଟି ଉପରେ ନଜର ରଖୁଥିବା ମାସିକ ରିପୋର୍ଟ 'ନେତ୍ର'ର ଚଳିତ ସଂସ୍କରଣରେ ଏଭଳି ଉଲ୍ଲେଖ କରାଯାଇଛି। ଉକ୍ତ ରିପୋର୍ଟରେ ଅର୍ଥନୀତିକୁ ନେଇ ଅନେକ କିଛି ସମ୍ଭାବନା ଗୁରୁତ୍ୱର ସହ ପ୍ରକାଶ କରାଯାଇଛି। ସେହିଭଳି ଭାରତର ହାଇ




ଫ୍ରିକ୍ୱେନ୍ସି ସଙ୍କେତଗୁଡ଼ିକ ମଜଭୁତ ରହିଛି। ସେଥିମଧ୍ୟରେ ସୁଦୃଢ଼ ଜିଏସ୍‌ଟି ସଂଗ୍ରହ, ରେକର୍ଡ ପରିମାଣର ପେଟ୍ରୋଲିୟମ ଉତ୍ପାଦ ବିକ୍ରି (ବ୍ୟବହାରର ଏକ ଛାୟା), ଇଲେକ୍‌ଟ୍ରୋନିକ ଟୋଲ୍ (ଫାସ୍‌ଟାଗ୍ ସମେତ) ସଂଗ୍ରହ ଆଦି ଦମ୍‌ଦାର ଅର୍ଥନୈତିକ କାର୍ଯ୍ୟକଳାପ ସହ ବ୍ୟବସାୟିକ କାର୍ଯ୍ୟକଳାପକୁ ଗୁରୁତ୍ୱାରୋପ କରୁଥିବା ଜଣାପଡିଛି।

ସେହିପରି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ଏମ୍‌ଏସ୍‌ସିଆଇ ଏମର୍ଜିଂ ଇଣ୍ଡେକ୍ସ ମାର୍କେଟରେ ୨୬% ବୃଦ୍ଧି ଘଟିଥିବା ବେଳେ ନିଫ୍‌ଟି ଇଣ୍ଡେକ୍ସରେ ସମ୍ପ୍ରତି ବିନା ହ୍ରାସ ବୃଦ୍ଧି ପ୍ରଦର୍ଶନ ପରିଣାମରେ ଭାରତ ତା'ର ସମକକ୍ଷ ବିକାଶଶୀଳ ବଜାରଗୁଡ଼ିକ ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଏପରିକି ଯେଉଁ ଉଚ୍ଚ ମୂଲ୍ୟାୟନ ପ୍ରିମିୟମ ହାସଲ କରିଥିଲା, ତାହା ବର୍ତ୍ତମାନ ସମୟରେ ହ୍ରାସ ହୋଇଚାଲିଛି। ଅପରପକ୍ଷରେ ବଣ୍ଡ ମାର୍କେଟରେ ସୁଯୋଗ ଅଧିକ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଯେତେବେଳେ ସୁଧହାର ବୃଦ୍ଧି କରିଛି, ସେତେବେଳେ କର୍ପୋରେଟ ବଣ୍ଡର ପରିବ୍ୟାପ୍ତି ଊର୍ଦ୍ଧ୍ୱମୁଖୀ ହୋଇଛି। ଏହି ଆର୍ଥିକ ନୀତି ସର୍ବନିମ୍ନ ହାନିକାରକ, ତା'ର କାରଣ ହେଉଛି ସୁଧହାର ପୂର୍ବ ଚକ୍ରଗୁଡ଼ିକ ଭଳି ସେଭଳି ଅଧିକ ନୁହେଁ, ଲିକ୍ୱିଡିଟି ସ୍ଥିତି ଉନ୍ନତ ଏବଂ ପୂର୍ବ ସୁଧ ବୃଦ୍ଧି ପ୍ରକ୍ରିୟା ତୁଳନାରେ ଭଲ ରହିଛି। ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ମାର୍କେଟ ଷ୍ଟ୍ରାଟେଜିଷ୍ଟ ଏବଂ ହେଡ୍ ଅଫ୍ ପ୍ରଡକ୍ଟସ ସାହିଲ କପୁର କହିଛନ୍ତି, ପ୍ରଯୁକ୍ତି କ୍ଷେତ୍ର ନିମନ୍ତେ ଦୀର୍ଘାବଧି ଉପାର୍ଜନ ଗ୍ରାଫ୍ ନିରନ୍ତର ଆକର୍ଷଣୀୟ ରହିଛି। ପ୍ରତୀକ୍ଷାରତ ନିବେଶକମାନେ ପ୍ରଯୁକ୍ତି କ୍ଷେତ୍ରରେ ଏହି ମୂଲ୍ୟାୟନ ଏବଂ ମୂଲ୍ୟଗତ ସଂଶୋଧନ ଅବସରରେ କ୍ରୟ କରିବାକୁ ଏକ ଉତ୍ତମ ସୁଯୋଗ ପାଇବା ସମ୍ଭାବନା ରହିଛି। ସେହିଭଳି ୨୦୨୩ରେ ଇକ୍ୱିଟି ମାର୍କେଟ ନିମନ୍ତେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ସାହିଲ ମତପ୍ରକାଶ କରିଛନ୍ତି।

## ରାଜସ୍ଥାନରେ ଦୁର୍ଲଭ ଖଣିଜ ବିରଳ ମୃତ୍ତିକା ଉପାଦାନ ଠାବ

ନୂଆଦିଲ୍ଲୀ,୧୮।୨

ରାଜସ୍ଥାନର ବାଡମେର୍, ଜାଲୋର, ପାଲୀ ଏବଂ ଉଦୟପୁର ଭଳି ଅଞ୍ଚଳରେ ଦୁର୍ଲଭ ଖଣିଜ ବିରଳ ମୃତ୍ତିକା ଉପାଦାନ ଭଣ୍ଡାର ମିଳିବାର ପ୍ରାରମ୍ଭିକ ଅନୁମାନ କରାଯାଇଛି। ଏହାକୁ ନେଇ ରାଜ୍ୟ ଖଣି ଏବଂ ପେଟ୍ରୋଲିୟମ ବିଭାଗ ପକ୍ଷରୁ ଉତ୍ସାହ ପ୍ରକଟ କରାଯାଇଥିବା ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଡ. ସୁବୋଧ ଅଗ୍ରୱାଲ ମତପ୍ରକାଶ କରିଛନ୍ତି। ଏପରିକି ପ୍ରାରମ୍ଭିକ ସନ୍ଧାନରେ ପ୍ରଦେଶର ଉପରୋକ୍ତ ସ୍ଥାନରେ କାର୍ବୋନେଟାଇଟ୍‌ସ ଏବଂ ମାଇକ୍ରୋଗ୍ରେନାଇଟ୍ ଚଟାଣରେ ବସ୍ତନାସାଇଟ, ବ୍ରଟୋଲାଇଟ୍, ସିଞ୍ଚିସାଇଟ୍ ଏବଂ ଜେନୋଟାଇମ୍ ବିରଳ ମୃତ୍ତିକା ଏଲିମେଣ୍ଟର ଭଣ୍ଡାର ଠାବ କରାଯାଇଛି ବୋଲି ଅଗ୍ରୱାଲ କହିଛନ୍ତି। ଅପରପକ୍ଷରେ ବିରଳ ମୃତ୍ତିକା ଏଲିମେଣ୍ଟ ରପ୍ତାନି ବଜାରରେ ସମ୍ପ୍ରତି ଚାଇନାର ପ୍ରଭାବ ରହିଛି।

## ପାୱାରଗ୍ରୀଡ୍‌କୁ ସିଏସ୍‌ଆର୍ ଲିଡର ଅଫ୍ ଦି ଇୟର ଆୱାର୍ଡ

ନୂଆଦିଲ୍ଲୀ,୧୮।୨

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଦେଶର ପ୍ରମୁଖ ମହାରତ୍ନ ସିପିଏସ୍‌ୟୁ ସଂସ୍ଥା ପାୱାରଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍‌କୁ ଆଉ ଏକ ବିରଳ ସମ୍ମାନରେ ସମ୍ମାନିତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଥିବା ୯ମ ପିଏସ୍‌ୟୁ ଆୱାର୍ଡ ସେରେମନିରେ ଉକ୍ତ ସମ୍ମାନ ପାୱାରଗ୍ରୀଡ୍‌କୁ ଦିଆଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ବିଶେଷକରି ଗଭର୍ନାନ୍ସ ନାଓ ପକ୍ଷରୁ ପାୱାରଗ୍ରୀଡ୍‌କୁ ଏକ ସାଙ୍ଗରେ ୫ଟି ସମ୍ମାନଜନକ ପୁରସ୍କାର ସହ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ୯ମ ପିଏସ୍‌ୟୁ ଆୱାର୍ଡ ସେରେମନିରେ ପାୱାରଗ୍ରୀଡ୍‌କୁ ଦିଆଯାଇଥିବା ପୁରସ୍କାର ଯଥା ସିଏସ୍‌ଆର୍ ଲିଡର ଅଫ୍ ଦି ଇୟର ଆୱାର୍ଡ, ପରିବେଶ ଏବଂ ସ୍ଥିରତା ପୁରସ୍କାର, ରାଷ୍ଟ୍ର ନିର୍ମାଣ ପୁରସ୍କାର, ଅନୁସନ୍ଧାନ ଏବଂ ଅଭିନବ ପୁରସ୍କାର ସମେତ ଡିଜିଟାଲ ପିଏସ୍‌ୟୁ ପୁରସ୍କାର।


ଡ. ଭି. କେ. ସିଂ

ଏହି ପରିପ୍ରେକ୍ଷୀରେ ପାୱାରଗ୍ରୀଡ୍‌ର ନିର୍ଦ୍ଦେଶକ (ପର୍ସନାଲ) ଡ. ଭି. କେ. ସିଂଙ୍କୁ ସାମଗ୍ରିକ ଭାବେ ସିଏସ୍‌ଆର୍ ଲିଡର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଶେଷକରି ସିଏସ୍‌ଆର୍ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଯୋଗଦାନ କରିଥିବା ଯୋଗୁ ପାୱାରଗ୍ରୀଡ୍‌କୁ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଉକ୍ତ ୫ଟି ପୁରସ୍କାର ଶକ୍ତି ଅବଦାନକୁ ସ୍ୱୀକୃତି ପ୍ରଦାନ କରୁଥିବାବେଳେ ରାଷ୍ଟ୍ର ନିର୍ମାଣରେ ସିଏସ୍‌ଆର୍ ଏବଂ ସ୍ଥିରତା, ନବସୃଜନ ଏବଂ ଆଇଟିର ବ୍ୟବହାରକୁ ବିଶେଷ ଭାବେ ଦର୍ଶାଉଛି।

## ରେନୋ-ନିଶାନ ୬୦୦ ନିୟୁତ ଡଲାର ନିବେଶ କରିବେ




ନୂଆଦିଲ୍ଲୀ, ୧୭।୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ରେନୋ ଏବଂ ନିଶାନ ମୋଟର କୋ ମିଳିତ ଭାବେ ଭାରତରେ ବ୍ୟବସାୟ ବିସ୍ତାର କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏପରିକି ଭାରତରେ ଉଭୟ କମ୍ପାନୀ ପ୍ରାୟ ୬୦୦ ନିୟୁତ ଆମେରିକୀୟ ଡଲାର ପୁଞ୍ଜିନିବେଶ କରିବା ସହ କାରବାର ବଢ଼ାଇବାକୁ ବିସ୍ତୃତ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଦେଶରେ ଉଭୟ କମ୍ପାନୀ ସେମାନଙ୍କର ପ୍ରଥମ ଯୁଗ୍ମ ପ୍ରକଳ୍ପ ବିସ୍ତାର କରିବାକୁ ଘୋଷଣା କରିଛନ୍ତି। ଏହି ୨ କମ୍ପାନୀ ମିଳିତ ଭାବେ ପ୍ରାୟ ୬୦୦ ନିୟୁତ ଆମେରିକୀୟ ଡଲାର ପୁଞ୍ଜିନିବେଶ କରି ବ୍ୟବସାୟକୁ ବଢ଼ାଇବେ। ଫଳରେ ଏଥିରେ ନିଯୁକ୍ତି ସୃଷ୍ଟି ହେବା ସହ କମ୍ପାନୀର ଚେନ୍ନାଇ ମାନୁଫାକ୍ଚରିଂ ପ୍ଲାଣ୍ଟକୁ କାର୍ବନମୁକ୍ତ କରାଯିବ ବୋଲି ଉଭୟ କମ୍ପାନୀ ମିଳିତ ଭାବେ ଘୋଷଣା କରିଛନ୍ତି। ଏ ନେଇ ୨ ମୋଟର କମ୍ପାନୀ ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ଉକ୍ତ ଚୁକ୍ତି ଅନୁସାରେ ରେନୋ ବୈଦ୍ୟୁତିକ ଯାନ(ଇଭି)ରେ ପୁଞ୍ଜିନିବେଶ କରିବା ଆଶା କରାଯାଉଛି। ଉଭୟେ ମିଶି ଦକ୍ଷିଣ ଏସିଆ ଦେଶଗୁଡ଼ିକରେ ୬ଟି ନୂଆ ମଡେଲ ବଜାରକୁ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ସେଥିମଧ୍ୟରୁ ୨ଟି ବୈଦ୍ୟୁତିକ ଯାନ ରହିବ। ଉକ୍ତ ଗାଡ଼ି ଉଭୟ ଭାରତ ଓ ବିଦେଶୀ ଗ୍ରାହକଙ୍କ ପସନ୍ଦକୁ ଆଖି ଆଗରେ ରଖି ନିର୍ମାଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପୁଞ୍ଜିନିବେଶ ଚେନ୍ନାଇର ରେନୋ ନିଶାନ ଟେକ୍ନୋଲୋଜି ଆଣ୍ଡ ବିଜ୍‌ନେସ୍ ସେଣ୍ଟରଠାରେ ୨ ହଜାର ନିଯୁକ୍ତି ସୃଷ୍ଟି କରିବ।

## ଚୌରାସିଆ ସମାଜର ପରିବାର ମିଳନ ସମାରୋହ

ନୂଆଦିଲ୍ଲୀ,୧୮।୨

କାନପୁରର ଅଖିଳ ଭାରତୀୟ ଚୌରାସିଆ ସମାଜ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସମାଜର ପରିବାର ମିଳନ ସମାରୋହ ସହ ଏକ ସାମୂହିକ ବିବାହ କାର୍ଯ୍ୟକ୍ରମ କାନପୁରର ମୋତିଝିଲସ୍ଥିତ ଲାଜପତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଗତ ୨୧ବର୍ଷ ମଧ୍ୟରେ ପ୍ରାୟ ୧୨୦୦ ଯୋଡ଼ି ବରକନ୍ୟାଙ୍କର ସାମୂହିକ ବିବାହ ସମାଜ ଦ୍ୱାରା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସମାଜର ୨୨ତମ ବାର୍ଷିକ ଉତ୍ସବରେ ପ୍ରାୟ ୨୫ ଯୋଡ଼ା ବରକନ୍ୟାଙ୍କର ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାରୋହରେ ବିଭିନ୍ନ ରାଜ୍ୟର ଜନପ୍ରତିନିଧି,ପଦାଧିକାରୀ,ବ୍ୟବସାୟୀ, ବରିଷ୍ଠ ସାମାଜିକ କର୍ମୀ ଏବଂ ଚୌରାସିଆ ପରିବାରର ସମସ୍ତ ବନ୍ଧୁବର୍ଗ ମଧ୍ୟ ସାମିଲଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ସୁରେନ୍ଦ୍ର ଚୌରାସିଆ, ଆଲୋକ ଚୌରାସିଆ, ରାମେଶ୍ୱର



ପ୍ରସାଦ ଚୌରାସିଆ ଏବଂ କୈଳାସ ଚୌରାସିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏ ସମ୍ପର୍କରେ ଅଖିଳ ଭାରତୀୟ ଚୌରାସିଆ ମହାସଭାର ଅଧ୍ୟକ୍ଷ ଆନନ୍ଦ କୁମାର ଚୌରାସିଆ କହିଛନ୍ତି, ସାମଜରୁ ଯୌତୁକ ପ୍ରଥା ଦୂରୀକରଣ ଲାଗି ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏଭଳି ସାମୂହିକ ବିବାହର ଆୟୋଜନ କରାଯାଇଛି। ଏଭଳି ଏକ ମହତ୍ କାର୍ଯ୍ୟରେ କମଳ କେଶରୀ ଚୌରାସିଆ, ଡ. ରାକେଶ ଚୌରାସିଆ ଏବଂ ଅଜିତ କୁମାର ବିସ୍ତୃତ ଆଲୋକପାତ ସହ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତୁଲ ଚୌରାସିଆ, ସୁରେଶ ଚୌରାସିଆ, କୈଳାସ ଚୌରାସିଆ, ଶଶିକାନ୍ତ ଚୌରାସିଆ, ଏମ୍.କେ.ଚୌରାସିଆ, ରାକେଶ ଚୌରାସିଆ, ନବନୀତ ଚୌରାସିଆ,ମୟଙ୍କ ଚୌରାସିଆ, ଅର୍ପିତ ଚୌରାସିଆ,ଅନିବେଶ ଚୌରାସିଆ, ଅରବିନ୍ଦ ଚୌରାସିଆ, ପ୍ରଦୀପ କୁମାର, ଅନୁପମା, ଲତା ଶଙ୍କର, ପବନ, ରାମ ଖିଲାପନ, ଶ୍ୟାମ କିଶୋର ଏବଂ ପ୍ରଣବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ କମଳାକାନ୍ତ ଚୌରାସିଆଙ୍କ ଟିମ୍ ଦ୍ୱାରା ସମସ୍ତ କାର୍ଯ୍ୟ ସଫଳତାର ସହ ଶେଷ ହୋଇଥିବା ଜଣାପଡ଼ିଛି।

## ଭୁବନେଶ୍ୱରରେ କେକେଏମ୍‌ଆଇ ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୧୮।୨

ଦେଶର ପ୍ରମୁଖ ମ୍ୟାଟ୍ରେସ୍ ବ୍ରାଣ୍ଡ୍ କିଙ୍ଗ୍ କୋଏଲ ମ୍ୟାଟ୍ରେସ୍ ଇଣ୍ଡିଆ(କେକେଏମ୍‌ଆଇ)ର ଏକ୍ସକ୍ଲୁସିଭ ଷ୍ଟୋର ଏମ୍/ଏସ୍ କଏର ଇଣ୍ଡିଆ ଆନୁକୂଲ୍ୟରେ କମ୍ପାନୀ ତା'ର ବ୍ରାଣ୍ଡ୍‌କୁ ଓଡ଼ିଶା ବଜାରରେ ପ୍ରବେଶ କରାଇବା ସହ ବ୍ୟବସାୟ ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କେକେଏମ୍‌ଆଇର ଉପସଭାପତି (ବିକ୍ରୟ ତଥା ମାର୍କେଟିଂ) ମନୀଷ ମାଥୁର କହିଛନ୍ତି, ଭୁବନେଶ୍ୱରଠାରେ ବ୍ରାଣ୍ଡ୍‌ର ପ୍ରଥମ ସ୍ୱତନ୍ତ୍ର କିଙ୍ଗ୍ କୋଏଲ ମ୍ୟାଟ୍ରେସ୍ ଷ୍ଟୋର ଖୋଲିବା ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ କମ୍ପାନୀ ଦ୍ୱାରା ନିଆଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି । ଏପରିକି ଗ୍ରାହକମାନଙ୍କୁ ଉକ୍ତ ଷ୍ଟୋର ଜରିଆରେ ଆମେ ବ୍ରାଣ୍ଡ୍‌ର ସମସ୍ତ ଉତ୍ପାଦ ଯୋଗାଇଦେବୁ। ବିଶେଷକରି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା ବଜାରରେ ପ୍ରବେଶ ସହ ବହୁ ଗଭୀରକୁ ଯିବାକୁ ଏକ ବ୍ରାଣ୍ଡ୍ ପ୍ରସ୍ତୁତି ଆରମ୍ଭ କରିଛି। ଆଗାମୀ ମାସଗୁଡ଼ିକ ମଧ୍ୟରେ ଆମେ ଆମର ପ୍ରିୟ ଗ୍ରାହକମାନଙ୍କୁ ସର୍ବଶ୍ରେଷ୍ଠ ଉତ୍ପାଦ ଏବଂ ସେବା ଯୋଗାଇବା ସହ ରାଜ୍ୟରେ ୨ରୁ ୩ ନୂତନ ଷ୍ଟୋର ଖୋଲିବାକୁ ଯୋଜନା କରିଛୁ। ଅପରପକ୍ଷରେ କିଙ୍ଗ୍ କୋଏଲ ମ୍ୟାଟ୍ରେସ୍ ଇଣ୍ଡିଆ ଏବଂ ଅନ୍ତର୍ଜାତୀୟ ଚିରୋପ୍ରାକ୍ଟର ଆସୋସିଏସନ ଦ୍ୱାରା ମିଳିତ ଭାବେ ଏହା ନିର୍ମିତ ହେଉଛି।

ସୂଚନାଯୋଗ୍ୟ, ୨୦୨୩ ଫେବୃୟାରୀ ୨୧ରେ କିଙ୍ଗ୍ କୋଏଲ ଇଣ୍ଡିଆର ପ୍ରଥମ ଷ୍ଟୋର ଭୁବନେଶ୍ୱରଠାରେ ଉଦ୍‌ଘାଟନ ହେବ। ବିଶେଷକରି ଡ. ରଶ୍ମି ପାତ୍ରଙ୍କ ସମେତ ବହୁ ଜଣାଶୁଣା ବ୍ୟକ୍ତିବିଶେଷ ଉକ୍ତ ଷ୍ଟୋର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

ଫୁର୍‌ସତ୍

# ୩ ଫୁଟ୍ ଡାଇନୋସର ପାଦଚିହ୍ନ ଠାବ

ୱାଶିଂଟନ୍

ଆମେରିକାର ୟୋର୍କସାଇନ୍ ଅଞ୍ଚଳରେ ଏକ ଡାଇନୋସରର ପାଦଚିହ୍ନ ମିଳିଛି, ଯାହାର ଲମ୍ବ ପ୍ରାୟ ୩ ଫୁଟ ୩ ଇଞ୍ଚ ରହିଛି। ଏହି ଅଞ୍ଚଳକୁ ଡାଇନୋସରଙ୍କ ଉପକୂଳ ଭାବେ କୁହାଯାଏ। ଏହି ପାଦଚିହ୍ନ ସେହି ଅଞ୍ଚଳରେ ସବୁଠାରୁ ବଡ଼ ବୋଲି କୁହାଯାଉଛି, ଯାହାକି ସହରର ରେଟୁଣ୍ଡା ସଂଗ୍ରହାଳୟରେ ପ୍ରଦର୍ଶିତ ହେବ। ରିପୋର୍ଟ ମୁତାବକ, ଏହି ପାଦଚିହ୍ନ ସେହି ଅଞ୍ଚଳର ରିସର୍ଚ୍ଚର ମାରିନ୍ ଉଡ୍ସ ୨୦୨୧ ଏପ୍ରିଲରେ ଖୋଜିଥିଲେ। ସେ ପ୍ରଥମେ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ସେଥିପାଇଁ ସେ ୨ୟ ଥର ପାଇଁ ସେହି ପାଦଚିହ୍ନକୁ



ନିରୀକ୍ଷଣ କରିଥିଲେ। ସେ ଆଗକୁ ଏପରି ପାଦଚିହ୍ନ ଦେଖିଛନ୍ତି, ହେଲେ ଏତେବଡ଼ କେବେ ଦେଖି ନ ଥିବା କହିଛନ୍ତି। ବୈଜ୍ଞାନିକଙ୍କ ରିସର୍ଚ୍ଚ ଅନୁସାରେ ଏହି ପାଦଚିହ୍ନ ଏକ ବିଶାଳ ମାଂସାଶୀ ପ୍ରାଣୀ ଦ୍ୱାରା ପ୍ରସ୍ତୁତ ବୋଲି ଜଣାପଡ଼ିଛି।

## ଗର୍ଭଧାରଣକୁ ନେଇ ମୁହଁ ଖୋଲିଲେ

ମୁମ୍ବାଇ

ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଟିଭି ସିରିଏଲ୍ 'ପବିତ୍ର ରିସ୍ତା' ମାଧ୍ୟମରେ ଘରେ ଘରେ ବହୁତ ଲୋକପ୍ରିୟ ହୋଇଥିଲେ। ଅଭିନେତ୍ରୀ ଜଣଙ୍କ ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ବହୁ ଚର୍ଚ୍ଚାରେ ରହିଥାନ୍ତି। ତେବେ ଅଙ୍କିତା ବିକ୍କି ଜୈନଙ୍କ ସହ ୨୦୨୧ ଡିସେମ୍ବର ୧୪ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିବାବେଳେ ତାଙ୍କ ଗର୍ଭଧାରଣକୁ ନେଇ ଅନେକ ଚର୍ଚ୍ଚା ଚାଲିଥିଲା। ଏହି କଥାକୁ ନେଇ ସେ ଏବେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, 'ଆଗରୁ ଲୋକେ କେବଳ ବିବାହ କଥା କହୁଥିଲେ। ଏବେ ଗର୍ଭଧାରଣ ଏବଂ ଛାଡପତ୍ର ବିଷୟରେ ଲୋକେ କହୁଛନ୍ତି, ହେଲେ ସେସବୁ କଥାରେ ତାଙ୍କୁ କିଛି ଫରକ ପଡେନାହିଁ। ଲୋକଙ୍କ କାମ ହେଉଛି କହିବା। ଯଦି ଲୋକେ ଭଲ କଥା ହେଉଛନ୍ତି ତେବେ ଠିକ୍ ଅଛି। ଆଉ ଯଦି ସେମାନେ ଓଲଟା କଥା ହେଉଛନ୍ତି ତାହା ତାଙ୍କ ଜୀବନରେ ଖରାପ ପ୍ରଭାବ ପଡ଼ିବ। ଲୋକେ ତାଙ୍କ ଗର୍ଭଧାରଣ ବିଷୟରେ କଥା ହେଉଛନ୍ତି, ସେଥିରେ ସେ ଖୁସି ଅଛନ୍ତି। ଯଦି ସେ ଗର୍ଭଧାରଣ କରନ୍ତି, ତେବେ ସେ ସମସ୍ତଙ୍କୁ ଏ ବିଷୟରେ ନିଜେ ଜଣାଇବେ ବୋଲି କହିଛନ୍ତି। ତେବେ ନିକଟରେ ରିଲିଜ୍ ହୋଇଥିବା ଅଙ୍କିତାଙ୍କ ସର୍ଟ ଫିଲ୍ମ 'ଦି ଲାଷ୍ଟ କଫି'କୁ ନେଇ ସେ ଲାଇମ୍ ଲାଇଟ୍‌ରେ ଅଛନ୍ତି।


ଅଙ୍କିତା ଲୋଖଣ୍ଡେ

## ବରକୁ ସିଗାରେଟ୍ ପିଆଇ ସ୍ୱାଗତକଲେ ଝିଅଘର ଲୋକେ

ଗାନ୍ଧୀନଗର

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥାଏ। ତେବେ ନିକଟରେ ଦକ୍ଷିଣ ଗୁଜରାଟର ଏକ ବିବାହରେ ଅଜବ ପରମ୍ପରାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ କି ବର ବିବାହ ପାଇଁ ଝିଅ ଘରକୁ ପ୍ରବେଶ କରୁଛନ୍ତି। ତାଙ୍କୁ ଝିଅଘର ଲୋକେ ଏକ ସୋଫାରେ ବସାଇ ମିଠା ଖାଇବାକୁ ଦେଉଛନ୍ତି। ପରେ ତାଙ୍କୁ ସିଗାରେଟ୍ ପିଆଇବା ସହ ପାନ ଖୁଆଇ ସ୍ୱାଗତ କରୁଛନ୍ତି। ବିବାହ ସମୟରେ ଏପରି କାର୍ଯ୍ୟ ସେଠାକାର ଲୋକଙ୍କ ପରମ୍ପରାରର ଏକ ଅଂଶ ବୋଲି କିଛି ଲୋକ କହୁଥିବାବେଳେ ଅନେକେ ଏହାକୁ ବିରୋଧ କରୁଥିବା ଜଣାପଡ଼ିଛି।





**ଗାନ୍ଧୀନଗର:** ମହାଶିବରାତ୍ରି ଅବସରରେ ୩୧ ଲକ୍ଷ ରୁଦ୍ରାକ୍ଷରେ ପ୍ରସ୍ତୁତ ୩୧.୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ଶିବଲିଙ୍ଗ ଗୁଜରାଟର ଧରମପୁର୍‌ଠାରେ ତିଆରି କରାଯାଇଛି। ସେହି ଲିଙ୍ଗ ଦର୍ଶନ ପାଇଁ ବହୁ ଲୋକଙ୍କ ସମାଗମ ଲାଗିରହିଛି।

## ବିକ୍ରିହେଲା ଶୋ'ମ୍ୟାନ୍‌ଙ୍କ ଘର

**ମୁମ୍ବାଇ:** ବଲିଉଡ୍‌ର ଶୋ' ମ୍ୟାନ୍ ତଥା ଦିବଂଗତ ଅଭିନେତା ରାଜ କପୁରଙ୍କ ଐତିହାସିକ ବଙ୍ଗଳା ବିକ୍ରି ହୋଇଛି। ମୁମ୍ବାଇର ଚେମ୍ବୁରସ୍ଥିତ ଏହି ବଙ୍ଗଳାକୁ ଗୋଦରେଜ୍ ପ୍ରପର୍ଟିଜ୍ ଏଲ୍‌ଟିଡି ୧୦୦ କୋଟିରେ କିଣିଛି। ଏନେଇ କମ୍ପାନୀର ଚେୟାରମ୍ୟାନ ଫିରୋଜଶା ଗୋଦରେଜ୍ ସୂଚନା ଦେଇଛନ୍ତି। କମ୍ପାନୀ ଉକ୍ତ ସ୍ଥାନରେ ଏକ ବିଳାସପୂର୍ଣ୍ଣ ଆବାସିକ ପ୍ରକଳ୍ପ ତିଆରି କରିବାକୁ ଯୋଜନା କରିଥିବା ସୂଚନା ରହିଛି। ପ୍ରାୟ ୧ ଏକର ଜମିରେ ବିସ୍ତୃତ ଏହି ବଙ୍ଗଳାକୁ ରାଜ କପୁରଙ୍କ ଆଇନଗତ ଉତ୍ତରାଧିକାରୀ କପୁର ପରିବାରଠାରୁ କିଣାଯାଇଥିବା କମ୍ପାନୀ କହିଛି। ବଙ୍ଗଳାଟି ଥିବା ଅଞ୍ଚଳ ସବୁଠୁ ପ୍ରିମିୟମ ରେସିଡେନ୍ସି ଅଞ୍ଚଳ ବୋଲି କୁହାଯାଏ। ତେବେ ବଙ୍ଗଳାର ଦାମ ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଥିଲା। କିନ୍ତୁ କପୁର



ପରିବାର ଏହି ବଙ୍ଗଳାର ଦେଖାଶୁଣା କରିବାରେ ବିଫଳ ହେବାରୁ ଏହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ୧୯୪୬ରେ ରାଜ କପୁର ଏହି ବଙ୍ଗଳାକୁ ତିଆରି କରିଥିଲେ। ସେଠାରେ ସେ, ତାଙ୍କ ସ୍ତ୍ରୀ ଏବଂ ପିଲାମାନେ ରହୁଥିଲେ। ଏହା ପୂର୍ବରୁ ମଧ୍ୟ ଗୋଦରେଜ୍ କମ୍ପାନୀ କପୁର ପରିବାରଠାରୁ ୨୦୧୯ ମେ'ରେ ଆର୍କେ ଷ୍ଟୁଡିଓ କିଣିଥିଲା।

## ଆଇନଶୃଙ୍ଖଳାକୁ ନେଇ ଭାଜପା ଯୁବ ମୋର୍ଚ୍ଚାର ବିକ୍ଷୋଭ

ଭୁବନେଶ୍ୱର,(ବ୍ୟୁରୋ) : ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ହତ୍ୟା, ଡକାୟତି, ଅପରାଧ ବଢ଼ିଚାଲିଛି। ଏହାର ପ୍ରତିବାଦରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶନିବାର ବିକ୍ଷୋଭ କରାଯାଇଛି। ମଧ୍ୟାହ୍ନରେ ଯୁବମୋର୍ଚ୍ଚା କର୍ମକର୍ତ୍ତା ଶିଶୁ ଭବନ ଛକ ନିକଟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପୋଷ୍ଟର, ବ୍ୟାନର ଧରି ସେମାନେ ସ୍ଲୋଗାନ ଦେବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିର୍ବାଚନ କମିଶନ ମୋଦିଙ୍କ କ୍ରୀତଦାସ: ଉଦ୍ଧବ

ମୁମ୍ବାଇ,୧୮।୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ପ୍ରକୃତ ଶିବସେନା କହିବା ସହ ଧନୁତୀର ଚିହ୍ନ ପ୍ରଦାନ କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କ୍ଷୁବ୍ଧ ହୋଇଛନ୍ତି। ଶନିବାର ସେ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଛନ୍ତି। ନିର୍ବାଚନ କମିଶନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ରୀତଦାସ। ଏହା ଏଭଳି ନିଷ୍ପତ୍ତି ନେଇଛି, ଯାହା ପୂର୍ବରୁ କେବେ ନିଆଯାଇ ନ ଥିଲା ବୋଲି ଉଦ୍ଧବ କହିବା ସହ ନିଜ ସମର୍ଥକମାନଙ୍କୁ ଧୈର୍ଯ୍ୟ ଧରିବା ଓ ପରବର୍ତ୍ତୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି। ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ଜୋର୍‌ଦାର ଲଢ଼େଇ ହେବ ବୋଲି ସେ କହିଛନ୍ତି। ଠାକ୍‌ରେଙ୍କ ବାସଭବନ ମାତୋଶ୍ରୀ ବାହାରେ ବିଶାଳ ସମାବେଶକୁ ଉଦ୍‌ବୋଧନ ଦେଇ ଶିବସେନା(ୟୁବିଟି) ନେତା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ତାଙ୍କ ଦଳର ନିର୍ବାଚନୀ ଚିହ୍ନକୁ ଚୋରିକରି ନିଆଯାଇଛି। ଚୋରମାନଙ୍କୁ ଉଚିତ୍ ଶିକ୍ଷା ଦେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଏକନାଥଙ୍କ ଲକ୍ଷ୍ୟ କରି ଉଦ୍ଧବ କହିଥିଲେ। ସୂଚନାଯୋଗ୍ୟ, ୧୯୬୬ରେ ଉଦ୍ଧବଙ୍କ ବାପା ବାଲ୍ ଠାକ୍‌ରେ ଶିବସେନା ପ୍ରତିଷ୍ଠା କରିଥିଲେ। ଶୁକ୍ରବାର ନିର୍ବାଚନ କମିଶନ ଦଳର ପରିଚୟ ଏବଂ ଦଳୀୟ ଚିହ୍ନ ଏକନାଥଙ୍କ ଗୋଷ୍ଠୀକୁ ପ୍ରଦାନ କରିବା ପରେ ଉଦ୍ଧବଙ୍କୁ ଶକ୍ତ ଧକ୍କା ହୋଇଛି। ସେ ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି।


ମୁମ୍ବାଇସ୍ଥିତ ଠାକ୍‌ରେଙ୍କ ବାସଭବନ ମାତୋଶ୍ରୀ ବାହାରେ ସମର୍ଥକଙ୍କ ଗହଣରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ।

## କେନ୍ଦ୍ର ସରକାର ଏତେ ଦୁର୍ବଳ ବୋଲି ଜାଣି ନ ଥିଲି: ଚିଦାମ୍ବରମ୍

**ନୂଆଦିଲ୍ଲୀ,୧୮।୨ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରୁଥିବା ଆମେରିକୀୟ ବିଲିୟନେୟାର ଜର୍ଜ ସୋରୋସଙ୍କ ମତ ଉପରେ କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ୍ ପୁଣି ନିଜର ମତ ରଖିଛନ୍ତି। ଚିଦାମ୍ବରମ୍ ଶନିବାର ଟୁଇଟ କରି କହିଛନ୍ତି, ଜର୍ଜ ସୋରୋସ ଅତୀତରେ ଯାହା କହିଥିଲେ ତାଙ୍କର ଅଧିକାଂଶ ମନ୍ତବ୍ୟ ନେଇ ସହମତ ନ ଥିଲି। ବର୍ତ୍ତମାନ ସେ ଯାହା କହିଛନ୍ତି ତାହା ଉପରେ ବି ସହମତ ନୁହଁ। ମାତ୍ର ତାଙ୍କର ଟିପ୍ପଣୀକୁ ଭାରତର ଗଣତାନ୍ତ୍ରିକ ଭାବେ ନିର୍ବାଚିତ ସରକାରଙ୍କୁ କ୍ଷମତା ଚ୍ୟୁତ କରିବାର ଏକ ପ୍ରୟାସ ବୋଲି କୁହାଯିବା ଏକ ପିଲାଳିଆମି ମନୋଭାବ। ଭାରତରେ ଜନସାଧାରଣ ସ୍ଥିର କରିବେ କିଏ ସରକାରରେ ରହିବେ ଆଉ କିଏ ବାହାରକୁ ଯିବେ। ତେବେ ମୁଁ ଜାଣି ନ ଥିଲି ମୋଦି ସରକାର ଏତେ ଦୁର୍ବଳ ଯେ ଜଣେ ୯୨ ବର୍ଷ ବୟସ୍କ ଧନୀ ବିଦେଶୀ ନାଗରିକଙ୍କ ବିବୃତ୍ତି ନେଇ ଏଭଳି ଭୟଭୀତ ହୋଇ ଯାଇଛନ୍ତି। ଅନ୍ୟ ଏକ ଟୁଇଟ୍‌ରେ ସେ ଜର୍ଜ ସୋରୋସଙ୍କୁ ଅଣଦେଖା କରିବା ଏବଂ ନୁରିଲ ରୁବିନିଙ୍କ କଥା ଶୁଣିବାକୁ ପରାମର୍ଶ ଦେଇଛନ୍ତି।


ପି. ଚିଦାମ୍ବରମ୍

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବୁଧିନାଥ ସାହୁ
ଭଗବାନପୁର, ପାତ୍ରପଡ଼ା, ଭୁବନେଶ୍ୱର
ଧରାବତରଣ: ୧୬।୦୫।୧୯୩୪
ସ୍ୱର୍ଗାରୋହଣ: ୦୧।୦୩।୨୦୨୨ (ମହାଶିବରାତ୍ରି)

ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ହତଭାଗିନୀ ସ୍ତ୍ରୀ: ଉଲ୍ଲାସ, ପୁତ୍ର: ରବୀନ୍ଦ୍ର, ବୋହୂ: ଚଞ୍ଚଳା, ବନ୍ଧୁ ଓ ଶୋକାକୁଳ ସାହୁ ପରିବାରବର୍ଗ।

ଧ-୬୦୯୭୪

## କଂଗ୍ରେସରୁ ଇସ୍ତଫା ଦେଲେ ପୁରୀ ଜିଲା ଉପସଭାପତି ବୀରେନ୍ଦ୍ର

ପୁରୀ ଅଫିସ, ୧୮।୨:

ପୁରୀ ଜିଲା କଂଗ୍ରେସ କମିଟିର ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା ଶନିବାର କଂଗ୍ରେସର ସମସ୍ତ ପଦପଦବୀ ଓ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ହୋତା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ଦୀର୍ଘ ୪୦ ବର୍ଷ ହେବ କଂଗ୍ରେସ ଦଳରେ ରହି ସଙ୍ଗଠନର ବିଭିନ୍ନ କାର୍ଯ୍ୟ କରିଆସୁଥିଲେ। ମାତ୍ର ଏବେ ଜିଲାର ବରିଷ୍ଠ ନେତାମାନଙ୍କୁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏପରିକ ଅସମ୍ମାନ କରାଯାଉଛି। ନିକଟରେ ପ୍ରଦେଶ କମିଟି ତାଲିକା ବିଷୟରେ ତାଙ୍କ ପରାମର୍ଶ ନିଆଗଲା ନାହିଁ। ଏହାଦ୍ୱାରା କଂଗ୍ରେସ ଜନସାଧାରଣଙ୍କଠାରୁ ଦୂରେଇ ଯାଉଛି ବୋଲି ସେ ଦର୍ଶାଇଛନ୍ତି।

# ବଢ଼ୁଛି ବିଜେଡି- ଭାଜପା କଳି

ଭୁବନେଶ୍ୱର,୧୮।୨(ବ୍ୟୁରୋ)

■ ବିଧାନସଭାରେ ନବ ଦାସ ହତ୍ୟା ମାମଲା ଉଠିବ: ଜୟନାରାୟଣ

■ ଭାଜପା ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ: ବିଜେଡି

ମହିଳା ପୋଲିସ ଅଧିକାରୀ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ମଧ୍ୟରେ ହୋଇଥିବା ଠେଲାପେଲାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଥମୁନାହିଁ। ଜୟନାରାୟଣଙ୍କୁ ବିରୋଧୀ ଦଳ ନେତା ପଦରୁ ହଟାଇବାକୁ ବିଜେଡି ଦାବି କରୁଥିବା ବେଳେ ଜୟନାରାୟଣ ମଧ୍ୟ ବିଜେଡିକୁ ଟାର୍ଗେଟ କରିବାକୁ ପଛାଇନାହାନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଶନିବାର ଜୟନାରାୟଣ କହିଛନ୍ତି, ଆଗାମୀ ବିଧାନସଭା ଅଧିବେଶନରେ ନବ ଦାସ ହତ୍ୟାକାଣ୍ଡ ମାମଲାର ଗୁମର ଖୋଲାଯିବ । ବିଜେଡି ସରକାରକୁ ଏକ୍ସପୋଜ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ନବ ଦାସ ହତ୍ୟାକାଣ୍ଡ ପଛରେ ଅନେକ ରହସ୍ୟ ରହିଛି । ଅଭିଯୁକ୍ତଙ୍କୁ ଖସେଇ ଦେବାକୁ ପୋଲିସ ଚେଷ୍ଟା କରୁଛି। ମୋତେ ମ୍ୟାନେଜ ନ କରି ପାରିବାରୁ ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି । ସରକାରୀ ଦାୟିତ୍ୱହୀନତାକୁ ନେଇ ବିକ୍ଷୋଭ ବେଳେ ପୋଲିସ ସହ ମୁହାଁମୁହିଁ ହେବା ଏକ ସାମାନ୍ୟ କଥା। ଏହାକୁ ବିଜେଡି କାହିଁକି ବଡ଼ ରୂପ ଦେଉଛି। ମୋ ବିରୋଧରେ ଥିବା ଅଭିଯୋଗକୁ ନେଇ ଯଦି ସେମାନେ ଆଲୋଚନା କରିବାକୁ ଚାହୁଁଛନ୍ତି ତେବେ ଖୋଲା ଡିବେଟ ପାଇଁ ପ୍ରସ୍ତୁତ ଅଛି । ବିଧାନସଭାରେ ଯଦି ମୋ ବିଷୟ ସେମାନେ ଉଠେଇବେ ମୁଁ ଆଲୋଚନା ପାଇଁ ପ୍ରସ୍ତୁତ ରହିଛି। କୋର୍ଟକୁ ମାମଲା ଗଲେ ଏନେଇ ସେ ନିଜର ପକ୍ଷ ରଖିବେ ବୋଲି ଜୟନାରାୟଣ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ମଧ୍ୟ ଜୟନାରାୟଣଙ୍କ ମନ୍ତବ୍ୟର କଡ଼ା ଜବାବ ଦେଇଛି। ଏକ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଗଣମାଧ୍ୟମ ସହ କଥାହେବା ବେଳେ କହିଛନ୍ତି ଯେ ତାଙ୍କ ପୂର୍ବରୁ ନେତାମାନେ ଶାସକ ଦଳ ଦ୍ୱାରା ପରିଚାଳିତ (ମ୍ୟାନେଜଡ୍) ହୋଇଥିଲେ। କିନ୍ତୁ ସେ ସେଭଳି ହୋଇପାରିବେ ନାହିଁ। ତେଣୁ ଶାସକ ଦଳ ତାଙ୍କ ପଛରେ ପଡ଼ିଛି। ଏଭଳି ଅଭିଯୋଗ ପାଇଁ ମିଶ୍ରଙ୍କ ବିରୋଧରେ ଭାଜପା କାର୍ଯ୍ୟାନୁଷ୍ଠାନ ନେବା ଲାଗି ସେ ଦାବି କରିଛନ୍ତି । ସେ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଜୟନାରାୟଣ ପୂର୍ବତନ ବିରୋଧୀ ଦଳ ନେତା ତଥା ଭାଜପା ବିଧାୟକ ପ୍ରଦୀପ୍ତ ନାୟକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି । ଯିଏ କି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରୁ ସୁସ୍ଥ ହେଉଛନ୍ତି। ଆହୁରି ଦୁର୍ଭାଗ୍ୟଜନକ ଯେ ସେ ଅଭିଯୋଗ କରିଛନ୍ତି ବିରୋଧୀ ଦଳର ପୂର୍ବତନ ଉପନେତା ସ୍ୱର୍ଗତ ବିଷ୍ଣୁଚରଣ ସେଠୀ, ବିଧାନସଭାରେ ଭାଜପାର ମୁଖ୍ୟ ସଚେତକ ଥିବା ମୋହନ ଚରଣ ମାଝିଙ୍କ ବିରୋଧରେ ସରକାରୀ ଦଳ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ଆଣିଛନ୍ତି । ଓଡ଼ିଶା ଭାଜପା ସଭାପତି ସମୀର ଉପରୋକ୍ତ ଭାଜପା ନେତାଙ୍କ ତରଫରୁ ଉତ୍ତର ଦେବା ସହ ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି ସସ୍ମିତ କହିଛନ୍ତି।

## ଭାଜପା ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ: ପ୍ରଣବ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ଓଡ଼ିଶା କିମ୍ବା କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବାର ପ୍ରଶ୍ନ ଉଠୁ ନାହିଁ। କେନ୍ଦ୍ରମନ୍ତ୍ରୀଙ୍କ ଏପରି ମନ୍ତବ୍ୟକୁ ନେଇ ଶନିବାର ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ ମାଧ୍ୟମରେ ରାଜ୍ୟ ଭାଜପାକୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଭାଜପା ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିବ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଓଡ଼ିଶା ମାଟିରେ ଠିଆ ହୋଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ରୋକଠୋକ୍ ମନା କରିଦେଲେ । ଏହା ଓଡ଼ିଶାବାସୀଙ୍କୁ ଚକିତ ଓ କ୍ଷୁବ୍ଧ କରିଛି । ସେ ଓଡ଼ିଶା ଭାଜପାକୁ

### ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ

ରାଜ୍ୟବାସୀ ୮ଜଣ ଏମପି ଓ ୩ ଜଣ କେନ୍ଦ୍ରମନ୍ତ୍ରୀ ଦେଇଛନ୍ତି । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରନ୍ତୁ । ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର ସାଜିଥିବାରୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇବା ପାଇଁ ବିଜେଡି ଯେଉଁ ସଂଗ୍ରାମ ଜାରି ରଖିଛି, ଆଗାମୀ ଦିନରେ ତାକୁ ଆହୁରି ଶାଣିତ କରାଯିବ ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗରେ ବିଜେଡିକୁ ପାଲଟା ଜବାବ ଦେଇଛି ଭାଜପା। ବିରୋଧୀ ଦଳ ନେତା ଜୟନାରାୟଣ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେତିକି ଅର୍ଥ ମିଳୁଛି ସେତିକି ରାଜ୍ୟ ସରକାର ଖର୍ଚ୍ଚ କରିପାରୁନାହାନ୍ତି। ତେଣୁ ବହୁ ଅର୍ଥ ଫେରି ଯାଉଛି। ସରକାରୀ କଳରେ ଅବ୍ୟବସ୍ଥା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

# Classified Everyday 0674-2580101, 2549949


MATRIMONIAL

**BRIDE WANTED**

Wanted a fair qualified Karan working bride, preferably in PSU Banks/Central Government, of age 25-28years, height-5'4"min for a Bhubaneswar based Karan B.Tech and MBA groom working as officer in a PSU Bank, age31 years, height -5'8". Contact -9437115533. D-2797

**GROOM WANTED**

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-2756

Govt. ଚାକିରିଆ ଖୋର୍ଦ୍ଧାରେ ଏକୁଟିଆ ରହୁଥିବା Divorce କରଣ ଝିଅଙ୍କୁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। 6371298869. D-2799


AUTOMOBILE

**SALE**

Quotation invited for sale of Force Make Traveler delivery Van 3050 make 2016. Apply within 10 days to LEPRA Society, plot No.-N1/89, IRC Village, Bhubaneswar, Pin- 751015, Tel- 8917654150, 7681837599. D-2794


REAL ESTATE

**SALE**

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

ତମାଣ୍ଡୋ 1500 sqft. 21,000,00/- ଘରବାରି 30' ରୋଡ୍ ଥାଇ contact- 8658864750, 9556393409. D-56671

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side ଏବଂ ମଞ୍ଚେଶ୍ୱର, ହଂସପାଳ,** ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି **plot 30ft.** ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। **9937450545.** D-74813

Area 803 sqft, 1 BHK for Sale, 1st floor Fully Furnished flat with balcony at 1000 Sands, Empires Hotel Puri, Contact +91 93309 67266. D-2798

Double stored building 2250sqft. 700m. from National Highway at Tamando. Contact: 6372900094. D-2763

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

**3BHK flat- 65 lakhs in Prime Location, Rasulgarh, Bhubaneswar in the 1st Floor (ମାସକୁ ଭଡ଼ା ଆସୁଛି Rs.- 23,000/-). Contact: 9938888850.** D-2793

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

**ଟଙ୍କପାଣିରୋଡ୍ ସାଇମନ୍ଦିର ନିକଟ ବାଙ୍କୁଆଳରେ 1500sqft. ଜାଗା ସହ 4 Bedroom Duplex ମାତ୍ର 69 ଲକ୍ଷ। ହସ୍ତାନ୍ତର ସମୟ ଏକ ବର୍ଷ। 9438220432, 8144658008.** D-2760

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-2773

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.- 199/- plot possession ସହିତ ବିକ୍ରିହେବ। 6370077932. D-74816

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2583

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

**BUSINESS**

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ଛ' ଚକିଆ ୧୨ଟନ୍ କ୍ଷମତା ବିଶିଷ୍ଟ ଗାଡ଼ି/ ଟ୍ରକ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। ମୋବାଇଲ- **9338375318, 9692679472, 8763436231.** D-60973

# ସମ୍ମାନ ରଖିଲେ ଅକ୍ଷର, ଅଶ୍ୱିନ

ନୂଆଦିଲ୍ଲୀ,୧୮।୨(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟରେ ସମ୍ମାନ ରକ୍ଷା କରିଛନ୍ତି ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନ। ଅକ୍ଷର ପଟେଲଙ୍କ ଅର୍ଦ୍ଧଶତକ ଓ ଅଶ୍ୱିନଙ୍କ ଦୃଢ ବ୍ୟାଟିଂ ବଳରେ ଭାରତ ପ୍ରଥମ ଇନିଂସରେ ୨୬୨ ରନ୍ କରି ଅଲଆଉଟ ହୋଇଥିଲା। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଅଷ୍ଟ୍ରେଲିଆ ୧ ଉଇକେଟରେ ୬୧ ରନ୍ କରିବା ସହିତ ୬୨ ରନରେ ଆଗୁଆ ରହିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ବିନା ଉଇକେଟରେ ୨୧ରୁ ଖେଳ ଆରମ୍ଭ କରି ଭାରତ ଆଉ ୨୫ ରନ୍ ଯୋଡିଥିଲା। ଲୋକେଶ ରାହୁଲ ମାତ୍ର ୧୭ ରନ୍ କରି ସ୍ପିନର ନାଥନ୍ ଲିୟନଙ୍କ ଶିକାର ହୋଇଥିଲେ। ଏହାର

## ବର୍ଡର-ଗାଭାସ୍କର ଟ୍ରଫି

ଦୁଇ ଓଭର ପରେ ମାତ୍ର ୩ ବଲ୍ ବ୍ୟବଧାନରେ ରୋହିତ ଶର୍ମା(୩୨) ଓ ଚେତେଶ୍ୱର ପୂଜାରାଙ୍କୁ ଆଉଟ କରିଥିଲେ ଲିୟନ୍। ପ୍ରତ୍ୟାବର୍ତ୍ତନ କରୁଥିବା ଶ୍ରେୟସ୍ ଆୟାର ମାତ୍ର ୪ ରନ୍ କରି ଲିୟନଙ୍କ ଚତୁର୍ଥ ଶିକାର ହୋଇଥିଲେ। ୬୬ ରନରେ ୪ ଉଇକେଟ ହରାଇ ଭାରତ ସଙ୍କଟରେ ଥିବା ବେଳେ ଲୋକାଲ ବୟ ବିରାଟ କୋହଲି ଏବଂ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରେ ହୋଇଥିଲା ୫୯ ରନର ଭାଗୀଦାରି। ୭୪ ବଲ୍ ଖେଳି ୪ ଚୌକା ସହିତ ୨୬ ରନ୍ କରିଥିବା ଜାଡେଜା ଟଡ୍ ମର୍ଫିଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ପୂର୍ବତନ ଅଧିନାୟକ ବିରାଟ କୋହଲି ଚମତ୍କାର ଢଙ୍ଗରେ ବ୍ୟାଟିଂ କରି ୪୪ ରନ୍ କରିଥିଲେ। ବଲ୍ ତଳୁଆ ରହୁଥିବା ବେଳେ ଅଷ୍ଟ୍ରେଲୀୟ ସ୍ପିନରଙ୍କୁ ଦୃଢ଼ ଭାବରେ ମୁକାବିଲା କରିଥିଲେ ବିରାଟ। ୮୪ ବଲ ଖେଳି ସେ ୪ ଚୌକା ମାରିଥିଲେ। ପଦାର୍ପଣକାରୀ ମାଥ୍ୟୁ କୁହନେମାନ୍ଙ୍କ ବଲରେ ବିବାଦୀୟ ଢଙ୍ଗରେ ଲେଗ୍ ବିଫୋର ହୋଇଥିଲେ କୋହଲି। ବଲ୍ ଓ ବ୍ୟାଟ୍ ମଧ୍ୟରେ ସାମାନ୍ୟ ସମ୍ପର୍କ ଜଣାପଡିଥିଲେ ମଧ୍ୟ ତୃତୀୟ ଅମ୍ପାୟର କୋହଲିଙ୍କୁ ଆଉଟ ଦେଇଥିଲେ।

**ଲିୟନଙ୍କ ୧୦୦:** କୋହଲିଙ୍କ ଉଇକେଟ ପତନର ମାତ୍ର ୪ରନ ପରେ ଲିୟନଙ୍କ ଶିକାର ହୋଇଥିଲେ କେ. ଏସ୍. ଭରତ। ଭରତଙ୍କୁ ଆଉଟ କରିବା ସହିତ ଟେଷ୍ଟ କ୍ୟାରିୟରରେ ୨୩ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ସହିତ ତୃତୀୟ ବୋଲର ଭାବରେ ବର୍ଡର-ଗାଭାସ୍କର ଟ୍ରଫିରେ ସେ ୧୦୦ ତମ ଉଇକେଟ ହାସଲ କରିଥିଲେ। ବର୍ଡର ଗାଭାସ୍କର ସିରିଜରେ ୨୦ ଟେଷ୍ଟରୁ ଅନିଲ କୁମ୍ବଲେ ୧୧୧ ଉଇକେଟ ନେଇଥିବା ବେଳେ ଅଶ୍ୱିନ ପ୍ରଥମ ଦିନରେ ଶହେ ଉଇକେଟ ପୂରଣ କରିଥିଲେ।

**ସଙ୍କଟ ମୋଚକ ଅକ୍ଷର:** ଭାରତୀୟ ଟପ୍ ଅର୍ଡର ବିଫଳ ହୋଇଥିବା ବେଳେ ପୁଣି ଥରେ ଦଳର ତ୍ରାଣକର୍ତ୍ତା ସାଜିଥିଲେ ଅଲରାଉଣ୍ଡର ଅକ୍ଷର ପଟେଲ। ପଟେଲ ଦିଲ୍ଲୀର ଲୋ ବାଉନ୍ସ ପିଚ୍‌ରେ ଏକ ଚମତ୍କାର ଅର୍ଦ୍ଧଶତକ ସହ ଅଷ୍ଟମ ଉଇକେଟରେ ଆର. ଅଶ୍ୱିନଙ୍କ ସହିତ ଶତକୀୟ ଭାଗୀଦାରି କରିଥିଲେ। ୧୩୯ ରନରେ ଭାରତ ୭ ଉଇକେଟ ହରାଇଥିଲା। ଅଷ୍ଟ୍ରେଲିଆ ଏକ ବୃହତର ଅଗ୍ରଣୀ ଆଡକୁ ଅଗ୍ରସର ହେଉଥିବା ବେଳେ ନାଗପୁର ଟେଷ୍ଟର ଫର୍ମ ଦୋହରାଇଥିଲେ ଅକ୍ଷର ପଟେଲ। ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ଅକ୍ଷର ପଟେଲ (୭୪) ରବିଚନ୍ଦ୍ରନ ଅଶ୍ୱିନ(୩୭)ଙ୍କ ସହିତ ୧୧୪ ରନ୍ ଯୋଡିଥିଲେ। ଅକ୍ଷର ୧୧୫ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରିବା ସହିତ ନବମ ବ୍ୟାଟର ଭାବରେ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟପକ୍ଷରେ ଅଶ୍ୱିନ ୭୧ ବଲ ଖେଳି ୫ ଚୌକା ମାରିଥିଲେ। ଉଭୟଙ୍କ ବ୍ୟାଟିଂ ବଳରେ ଭାରତ ୨୬୨ ରନରେ ଅଲଆଉଟ ହୋଇ ମାତ୍ର ୧ ରନ୍ ପଛରେ ରହିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ନାଥନ ଲିୟନ ୫ ଉଇକେଟ ନେଇଥିବା ବେଳେ ଟଡ ମର୍ଫି ଓ ମାଥ୍ୟୁ କୁହନେମାନ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।

**ଅଷ୍ଟ୍ରେଲିଆର ଦୃଢ଼ ଆରମ୍ଭ:** ଦ୍ୱିତୀୟ ଦିନରେ ୧୨ ଓଭରର ଖେଳ ବାକିଥିବା ବେଳେ ଅଷ୍ଟ୍ରେଲିଆ ଓଭର ପିଛା ୫ ରନରୁ ଅଧିକ ହାରରେ ରନ୍ କରିଥିଲା। ଟ୍ରାଭିସ୍ ହେଡ୍ ୪୦ ବଲରୁ ୩୯ ଓ ମାର୍ନସ ଲାବୁଶେନ୍ ୧୯ ବଲରୁ ୧୬ ରନରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଏକମାତ୍ର ଉଇକେଟ ଅକ୍ତିଆର କରିଛନ୍ତି।



ଅଷ୍ଟ୍ରେଲିଆ ପକ୍ଷରୁ ୫ ଉଇକେଟ ହାସଲକାରୀ ନାଥାନ ଲିୟନ।



ଅର୍ଦ୍ଧଶତକ ହାସଲ ଅବସରରେ ଅକ୍ଷର ପଟେଲ।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୨୬୩/୧୦

**ଭାରତ ପ୍ରଥମ ଇନିଂସ:** ୮୩.୩ ଓଭରରେ ୨୬୨/୧୦ (ଅକ୍ଷର ପଟେଲ-୭୪, ବିରାଟ କୋହଲି-୪୪, ରବିଚନ୍ଦ୍ରନ ଅଶ୍ୱିନ୍-୩୭, ନାଥନ ଲିୟନ-୫/୬୭, ଟଡ୍ ମର୍ଫି-୨/୫୩, ମାଥ୍ୟୁ କୁହନେମାନ-୨/୭୨)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୧୨ ଓଭରରେ ୬୧/୧ (ଟ୍ରାଭିସ୍ ହେଡ୍-୩୯, ମାର୍ନସ ଲାବୁଶେନ୍-୧୬, ରବୀନ୍ଦ୍ର ଜାଡେଜା-୧/୨୩)।

# ମନ୍ଧାନା ଆର୍‌ସିବି ଅଧିନାୟିକା

ବେଙ୍ଗାଲୁରୁ, ୧୮।୨ (ପି.ଟି.)



ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ସ୍ୱାଭାବିକ ସ୍ମୃତି ମନ୍ଧାନାଙ୍କୁ ଦଳର ଅଧିନାୟିକା ଭାବେ ମନୋନୀତ କରିଛି। ଆର୍‌ସିବି ଚେୟାରମ୍ୟାନ ପ୍ରଥମେଶ ମିଶ୍ରା ଏ ବିଷୟ ଘୋଷଣା କରିଥିଲେ। ଫ୍ରାଞ୍ଚାଇଜ୍‌ର ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଏକ ଭିଡିଓ ଶେୟାରିଂ ଜରିଆରେ ଅଧିନାୟିକା ମନୋନୀତ କରାଯାଇଥିଲା। ଏଥିରେ ଆର୍‌ସିବିର ବର୍ତ୍ତମାନ ଅଧିନାୟକ ଫାଫ୍ ଡୁ'ପ୍ଲେସ ଏବଂ ବିରାଟ କୋହଲି ଭାଗ ନେଇଥିଲେ। ବାମହାତୀ ବ୍ୟାଟର ତଥା ଭାରତୀୟ ଦଳର ଉପ ଅଧିନାୟିକା ମନ୍ଧାନା ନିକଟରେ ମୁମ୍ବାଇରେ ଅନୁଷ୍ଠିତ ଡବ୍ଲ୍ୟୁପିଏଲ୍ ନିଲାମିରେ ସବୁଠାରୁ ଦାମୀ ଖେଳାଳି ହିସାବରେ ୩.୪୦ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି। ମନ୍ଧାନା ଜଣେ ଓପନିଂ ବ୍ୟାଟର। ସେ ଇତିମଧ୍ୟରେ ୧୧୩ ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚ ଖେଳି ୨୭.୧୫ ଆଭରେଜରେ ମୋଟ ୨୬୬୧ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ୧୨୩.୧୯ ରହିଛି। ଅନ୍ତର୍ଜାତୀୟ ଟି୨୦ ସର୍କିଟରେ ମନ୍ଧାନାଙ୍କର ବିଶେଷ ଚାହିଦା ରହିଛି। ମହିଳା ବିଗ୍ ବାଶ ଲିଗ୍‌ରେ ସେ ବ୍ରିସ୍‌ବେନ୍ ହିଟ୍ ଓ ସିଡ୍‌ନୀ ଥଣ୍ଡର ତରଫରୁ ଖେଳିଛନ୍ତି। କିଆ ସୁପର ଲିଗ୍‌ରେ ସେ ୱେଷ୍ଟର୍ନ ଷ୍ଟର୍ମ ଏବଂ ଦି ହଣ୍ଡ୍ରେଡ୍‌ରେ ସଦର୍ନ ବ୍ରେଭ୍ ତରଫରୁ ଖେଳିଛନ୍ତି। ସେ ୧୧ଟି ଅନ୍ତର୍ଜାତୀୟ ଟି୨୦ରେ ଅଧିନାୟକତ୍ୱ କରିଛନ୍ତି। ତନ୍ମଧ୍ୟରୁ ସେ ୬ଟିରେ ବିଜୟ ଲାଭ କରିଥିବା ବେଳେ ୫ଟିରେ ପରାଜିତ ହୋଇଛନ୍ତି। ମହିଳା ଟି୨୦ ଚ୍ୟାଲେଞ୍ଜରରେ ସେ ଟ୍ରେଲ୍‌ବ୍ଲେଜର୍ସର ଅଧିନାୟିକା ଦାୟିତ୍ୱ ତୁଲାଇଛନ୍ତି। ଦଳକୁ ୨୦୨୦ରେ ଟାଇଟଲ ବିଜୟୀ କରାଇଛନ୍ତି। ସେ ଆଇସିସି କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

## ଇଣ୍ଡିଆନ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୩୧ | ଗୁଜରାଟ ବନାମ ଚେନ୍ନାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧ | ପଞ୍ଜାବ ବନାମ କୋଲକାତା | ମୋହାଲି | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ଦିଲ୍ଲୀ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୨ | ହାଇଦ୍ରାବାଦ ବନାମ ରାଜସ୍ଥାନ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ମୁମ୍ବାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୩ | ଚେନ୍ନାଇ ବନାମ ଲକ୍ଷ୍ନୌ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୪ | ଦିଲ୍ଲୀ ବନାମ ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୫ | ରାଜସ୍ଥାନ ବନାମ ପଞ୍ଜାବ | ଗୁଆହାଟୀ | ରାତି ୭.୩୦ |
| ଏପ୍ରିଲ ୬ | କୋଲକାତା ବନାମ ବାଙ୍ଗାଲୋର | କୋଲକାତା | ରାତି ୭.୩୦ |
| ଏପ୍ରିଲ ୭ | ଲକ୍ଷ୍ନୌ ବନାମ ହାଇଦ୍ରାବାଦ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୮ | ରାଜସ୍ଥାନ ବନାମ ଦିଲ୍ଲୀ | ଗୁଆହାଟୀ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ଚେନ୍ନାଇ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୯ | ଗୁଜରାଟ ବନାମ କୋଲକାତା | ଅହମଦାବାଦ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ ପଞ୍ଜାବ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୦ | ବାଙ୍ଗାଲୋର ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୧ | ଦିଲ୍ଲୀ ବନାମ ମୁମ୍ବାଇ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୧୨ | ଚେନ୍ନାଇ ବନାମ ରାଜସ୍ଥାନ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୧୩ | ପଞ୍ଜାବ ବନାମ ଗୁଜରାଟ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୧୪ | କୋଲକାତା ବନାମ ହାଇଦ୍ରାବାଦ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୧୫ | ବାଙ୍ଗାଲୋର ବନାମ ଦିଲ୍ଲୀ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୧୬ | ମୁମ୍ବାଇ ବନାମ କୋଲକାତା | ମୁମ୍ବାଇ | ଅପରାହ୍ନ ୩.୩୦ |
| | ଗୁଜରାଟ ବନାମ ରାଜସ୍ଥାନ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧୭ | ବାଙ୍ଗାଲୋର ବନାମ ଚେନ୍ନାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୮ | ହାଇଦ୍ରାବାଦ ବନାମ ମୁମ୍ବାଇ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୯ | ରାଜସ୍ଥାନ ବନାମ ଲକ୍ଷ୍ନୌ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ ବନାମ ବାଙ୍ଗାଲୋର | ମୋହାଲି | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ କୋଲକାତା | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୨୧ | ଚେନ୍ନାଇ ବନାମ ହାଇଦ୍ରାବାଦ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ ବନାମ ଗୁଜରାଟ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ପଞ୍ଜାବ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୨୩ | ବାଙ୍ଗାଲୋର ବନାମ ରାଜସ୍ଥାନ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଚେନ୍ନାଇ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୨୪ | ହାଇଦ୍ରାବାଦ ବନାମ ଦିଲ୍ଲୀ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୨୫ | ଗୁଜରାଟ ବନାମ ମୁମ୍ବାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୨୬ | ବାଙ୍ଗାଲୋର ବନାମ କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୨୭ | ରାଜସ୍ଥାନ ବନାମ ଚେନ୍ନାଇ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୮ | ପଞ୍ଜାବ ବନାମ ଲକ୍ଷ୍ନୌ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୨୯ | କୋଲକାତା ବନାମ ଗୁଜରାଟ | କୋଲକାତା | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ହାଇଦ୍ରାବାଦ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ ବନାମ ପଞ୍ଜାବ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ରାଜସ୍ଥାନ | ମୁମ୍ବାଇ | ରାତି ୭.୩୦ |
| ମେ ୧ | ଲକ୍ଷ୍ନୌ ବନାମ ବାଙ୍ଗାଲୋର | ଲକ୍ଷ୍ନୌ | ରାତି ୭.୩୦ |
| ମେ୨ | ଗୁଜରାଟ ବନାମ ଦିଲ୍ଲୀ | ଅହମଦାବାଦ | ରାତି ୭.୩୦ |
| ମେ ୩ | ପଞ୍ଜାବ ବନାମ ମୁମ୍ବାଇ | ମୋହାଲି | ରାତି ୭.୩୦ |
| ମେ ୪ | ଲକ୍ଷ୍ନୌ ବନାମ ଚେନ୍ନାଇ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ କୋଲକାତା | ହାଇଦ୍ରାବାଦ | ରାତି ୭.୩୦ |
| ମେ ୫ | ରାଜସ୍ଥାନ ବନାମ ଗୁଜରାଟ | ଜୟପୁର | ରାତି ୭.୩୦ |
| ମେ ୬ | ଚେନ୍ନାଇ ବନାମ ମୁମ୍ବାଇ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ବାଙ୍ଗାଲୋର | ଦିଲ୍ଲୀ | ରାତି ୭.୩୦ |
| ମେ ୭ | ଗୁଜରାଟ ବନାମ ଲକ୍ଷ୍ନୌ | ଅହମଦାବାଦ | ଅପରାହ୍ନ ୩.୩୦ |
| | ରାଜସ୍ଥାନ ବନାମ ହାଇଦ୍ରାବାଦ | ଜୟପୁର | ରାତି ୭.୩୦ |
| ମେ ୮ | କୋଲକାତା ବନାମ ପଞ୍ଜାବ | କୋଲକାତା | ରାତି ୭.୩୦ |
| ମେ ୯ | ମୁମ୍ବାଇ ବନାମ ବାଙ୍ଗାଲୋର | ମୁମ୍ବାଇ | ରାତି ୭.୩୦ |
| ମେ ୧୦ | ଚେନ୍ନାଇ ବନାମ ଦିଲ୍ଲୀ | ଚେନ୍ନାଇ | ରାତି ୭.୩୦ |
| ମେ ୧୧ | କୋଲକାତା ବନାମ ରାଜସ୍ଥାନ | କୋଲକାତା | ରାତି ୭.୩୦ |
| ମେ ୧୨ | ମୁମ୍ବାଇ ବନାମ ଗୁଜରାଟ | ମୁମ୍ବାଇ | ରାତି ୭.୩୦ |
| ମେ ୧୩ | ହାଇଦ୍ରାବାଦ ବନାମ ଲକ୍ଷ୍ନୌ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ପଞ୍ଜାବ | ଦିଲ୍ଲୀ | ରାତି ୭.୩୦ |
| ମେ ୧୪ | ରାଜସ୍ଥାନ ବନାମ ବାଙ୍ଗାଲୋର | ଜୟପୁର | ଅପରାହ୍ନ ୩.୩୦ |
| | ଚେନ୍ନାଇ ବନାମ କୋଲକାତା | ଚେନ୍ନାଇ | ରାତି ୭.୩୦ |
| ମେ ୧୫ | ଗୁଜରାଟ ବନାମ ହାଇଦ୍ରାବାଦ | ଅହମଦାବାଦ | ରାତି ୭.୩୦ |
| ମେ୧୬ | ଲକ୍ଷ୍ନୌ ବନାମ ମୁମ୍ବାଇ | ଲକ୍ଷ୍ନୌ | ରାତି ୭.୩୦ |
| ମେ ୧୭ | ପଞ୍ଜାବ ବନାମ ଦିଲ୍ଲୀ | ଧର୍ମଶାଳା | ରାତି ୭.୩୦ |
| ମେ ୧୮ | ହାଇଦ୍ରାବାଦ ବନାମ ବାଙ୍ଗାଲୋର | ହାଇଦ୍ରାବାଦ | ରାତି ୭.୩୦ |
| ମେ ୧୯ | ପଞ୍ଜାବ ବନାମ ରାଜସ୍ଥାନ | ଧର୍ମଶାଳା | ରାତି ୭.୩୦ |
| ମେ ୨୦ | ଦିଲ୍ଲୀ ବନାମ ଚେନ୍ନାଇ | ଦିଲ୍ଲୀ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଲକ୍ଷ୍ନୌ | କୋଲକାତା | ରାତି ୭.୩୦ |
| ମେ ୨୧ | ମୁମ୍ବାଇ ବନାମ ହାଇଦ୍ରାବାଦ | ମୁମ୍ବାଇ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ଗୁଜରାଟ | ବେଙ୍ଗାଲୁରୁ | ରାତି ୭.୩୦ |

## ରଣଜୀ ଟ୍ରଫି ଫାଇନାଲ

# ଦୃଢ଼ ସ୍ଥିତିରେ ସୌରାଷ୍ଟ୍ର

କୋଲକାତା,୧୮।୨(ପି.ଟି)

କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଟାଇଟଲ ମୁକାବିଲାରେ ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ଦାବିଦାରୀକୁ ଦୃଢ କରିଛି ସୌରାଷ୍ଟ୍ର। ପ୍ରଥମ ଇନିଂସରେ ୨୩୦ ରନର ବୃହତ ବ୍ୟବଧାନର ଅଗ୍ରଣୀ ହାସଲ କରିବା ପରେ ଚତୁର୍ଥ ଦିନ ଶେଷ ସୁଦ୍ଧା ବେଙ୍ଗଲ ୪ ଉଇକେଟରେ ୧୫୯ ରନ୍ ସଂଗ୍ରହ କରିଛି। ଅଧିନାୟକ ମନୋଜ ତିୱାରୀ ୫୭ ରନରେ ବ୍ୟାଟିଂ କରୁଥିବା ବେଳେ ବେଙ୍ଗଲ ୭୧ ରନରେ ପଛୁଆ ରହିଛି। ପେସ୍ ବୋଲିଂକୁ ସହାୟତା ଦେଉଥିବା ଟ୍ରାକରେ ସୌରାଷ୍ଟ୍ର ବୋଲରଙ୍କୁ ସଫଳତା ମିଳିଥିବା ବେଳେ ବେଙ୍ଗଲର ବୋଲର ପ୍ରଭାବହୀନ ରହିଥିଲେ। ତୃତୀୟ ଦିନର ଅସମାପ୍ତ ସ୍କୋର ୩୧୭/୫ରୁ ଖେଳ ଆରମ୍ଭ କରି ସୌରାଷ୍ଟ୍ର ବ୍ୟାଟର ଆଉ ୮୭ ରନ୍ ଯୋଡିଥିଲେ। ଅର୍ପିତ ବାସବଦା ୮୧ ଓ ଚିରାଗ ଜାନି ୬୦ ସଅଳ ଆଉଟ ହୋଇଥିଲେ ହେଁ ଟେଲ ଏଣ୍ଡର ପ୍ରେରକ ମଙ୍କଡ(୩୩) ଓ ଧର୍ମେନ୍ଦ୍ର ସିଂ ଜାଡେଜା(୨୯) ଉପଯୋଗୀ ରନ୍ କରିଥିଲେ। ଏହା ବ୍ୟତୀତ ବେଙ୍ଗଲର ବୋଲର ୩୫ ଅତିରିକ୍ତ ରନ୍ ବ୍ୟୟ କରିଥିଲେ। ବେଙ୍ଗଲର ଦ୍ୱିତୀୟ ଇନିଂସରେ ପୁନର୍ବାର ବିପର୍ଯ୍ୟୟ ଘଟାଇଥିଲେ ଚେତନ ସାକାରିୟା ଓ ଜୟଦେବ ଉନାଡକଟ। ଉଭୟ ୨-୨ ଉଇକେଟ ନେଇଥିବା ବେଳେ ବେଙ୍ଗଲ ୪୭ ରନରେ ୩ ଉଇକେଟ ହରାଇଥିଲା। ଅନୁଷ୍ଟୁପ ମଜୁମଦାର(୬୧) ଓ ମନୋଜ ତିୱାରୀ(୫୭*)ଙ୍କ ମଧ୍ୟରେ ୯୯ ରନ୍ ଭାଗିଦାରୀ ହୋଇଥିଲା। ଦଳୀୟ ସ୍କୋର ୧୪୬ରେ ମଜୁମଦାରଙ୍କୁ ଆଉଟ କରିଥିଲେ ଉନାଡକଟ। ଷ୍ଟମ୍ପ ଅପସାରଣ ବେଳକୁ ବେଙ୍ଗଲର ଶେଷ ମାନ୍ୟତାପ୍ରାପ୍ତ ଯୋଡି ଭାବରେ କ୍ରିଜରେ ଅଛନ୍ତି ମନୋଜ ତିୱାରୀ ଓ ଶାହବାଜ ଅହମଦ।

### ସଂକ୍ଷିପ୍ତ ସ୍କୋର

**ବେଙ୍ଗଲ ପ୍ରଥମ ଇନିଂସ:** ୧୭୪/୧୦

**ସୌରାଷ୍ଟ୍ର ପ୍ରଥମ ଇନିଂସ:** ୧୧୦ ଓଭରରେ ୪୦୪/୧୦(ଅର୍ପିତ ବାସବଦା-୮୧, ଚିରାଗ ଜାନି-୬୦, ଶେଲଡନ-ଜ୍ୟାକସନ୍-୫୯, ମୁକେଶ କୁମାର-୪/୧୧୧, ଆକାଶ ଦୀପ୍-୩/୧୧୧, ଇଶାନ ପୋରେଲ୍-୩/୮୬)

ବେଙ୍ଗଲ ଦ୍ୱିତୀୟ ଇନିଂସ- ୫୩ ଓଭରରେ ୧୬୯/୪(ଅନୁଷ୍ଟୁପ ମଜୁମଦାର-୬୧, ମନୋଜ ତିୱାରୀ-୫୭*, ଜୟଦେବ ଉନାଡକଟ-୨/୪୭, ଚେତନ ସାକାରିୟା-୨/୫୦)।



ଅର୍ପିତ ବାସବଦା

# ସେମିଫାଇନାଲରେ ସର୍ଭିସେସ୍

ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି)

## ସନ୍ତୋଷ ଟ୍ରଫି

### ରେଲୱେ, ମେଘାଳୟର ଆଶା ଉଜ୍ଜୀବିତ

ଏଠାରେ ଚାଲିଥିବା ସନ୍ତୋଷ ଟ୍ରଫି ଅନ୍ତିମ ରାଉଣ୍ଡର ଶନିବାର ଅନୁଷ୍ଠିତ ୩ ମ୍ୟାଚରେ ସର୍ଭିସେସ, ରେଲୱେ ଓ ମେଘାଳୟ ବିଜୟ ହାସଲ କରିଛନ୍ତି। ଏଥିସହ ସର୍ଭିସେସ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ରେଲୱେ ଓ ମେଘାଳୟର ଆଶା ଉଜ୍ଜୀବିତ ରହିଛି। ସର୍ଭିସେସ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟରେ ପହଞ୍ଚି ଯାଇଛି। ଏହାର ଗୋଲ ବ୍ୟବଧାନ ମଧ୍ୟ +୬ ରହିଛି। ମେଘାଳୟ ଓ ରେଲୱେ ସମାନ ସଂଖ୍ୟକ ମ୍ୟାଚ ଖେଳିଥିବାବେଳେ ୨ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ଯୋଗୁ ୭ ପଏଣ୍ଟରେ ରହିଛନ୍ତି। ତେବେ ଗୋଲ ବ୍ୟବଧାନରେ ମେଘାଳୟ ଆଗରେ ରହିଛି। ୨୦ ତାରିଖରେ ହେବାକୁଥିବା ଅନ୍ତିମ ଲିଗ୍ ମ୍ୟାଚରେ ରେଲୱେ ଓ ସର୍ଭିସେସ ମଧ୍ୟରେ ମୁକାବିଲା ହେବ। ଏହି ଦିନ ପଶ୍ଚିମବଙ୍ଗକୁ ମେଘାଳୟ ଭେଟୁଥିବାବେଳେ ଦିଲ୍ଲୀ ଓ ମଣିପୁର ମଧ୍ୟରେ ମ୍ୟାଚ ହେବ। ଗ୍ରୁପ୍ 'ବି'ରୁ ଦ୍ୱିତୀୟ ଦଳଭାବେ ମେଘାଳୟର ସେମିଫାଇନାଲ ପ୍ରବେଶ ଆଶା ଅଧିକ ରହିଛି। କାରଣ ଏହି ଦଳର ଗୋଲ ବ୍ୟବଧାନ +୩ ରହିଛି। ଏହା ବ୍ୟତୀତ ଚଳିତ ସିଜନରେ ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ ଦେଇଥିବା ପଶ୍ଚିମବଙ୍ଗକୁ ଅନ୍ତିମ ଲିଗ୍ ମ୍ୟାଚରେ ଭେଟୁଥିବାରୁ ଦଳର ସେମିଫାଇନାଲ ସମ୍ଭାବନା ବଢ଼ିଛି।



କ୍ୟାପିଟାଲ ଫୁଟବଲ ଆରେନାରେ ଶନିବାର ମେଘାଳୟ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ମଣିପୁରର ଦ୍ୱିତୀୟ ପରାଜୟ

୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସର୍ଭିସେସ ୩-୦ ଗୋଲରେ ମଣିପୁରକୁ ହରାଇ ଦେଇଛି। ଦଳ ପକ୍ଷରୁ ଲିଟନ ସିଲ୍ ୫ମ, ସୁନୀଲ ବି. ୧୪ ଏବଂ ବିକାଶ ଥାପା ୧୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚର ଅବଶିଷ୍ଟ ଭାଗରେ ମଣିପୁର କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ୪ ମ୍ୟାଚରୁ ଏହାଥିଲା ମଣିପୁରର ଦ୍ୱିତୀୟ ପରାଜୟ। ୪ ମ୍ୟାଚରୁ ୬ ପଏଣ୍ଟରେ ଥିଲେ ହେଁ ଦଳର ସେମିଫାଇନାଲ ପ୍ରବେଶ ଆଶା ଶେଷ ହୋଇନାହିଁ। ଯଦି ଅନ୍ତିମ ଲିଗ୍ ମ୍ୟାଚରେ ମେଘାଳୟ ଓ ରେଲୱେ ପରାଜିତ ହେବେ ଏବଂ ମଣିପୁର ବିଜୟୀ ହେବ ତେବେ ଏହି ଦଳ ପାଇଁ ସୁଯୋଗ ସୃଷ୍ଟି ହେବ।

### ମେଘାଳୟ ୫, ଦିଲ୍ଲୀ ୧

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ୫-୧ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ବିଜୟୀ ଦଳର ଡୋନଲାଡ ଡିଏଙ୍ଗଡୋ ୧୭ ଓ ୫୭ତମ ମିନିଟରେ ୨ଟି, ବଦଳ ଖେଳାଳି ରୋନାଲ୍ଡକିଡୋନ ଲିଙ୍ଗଡୋ ନଙ୍ଗଲେଟ ୩୯ ଓ ୯୦+୭ ମିନିଟରେ ୨ଟି ଏବଂ ଏଭରବ୍ରାଇଟସନ ସାନା ମିଲେମ୍ପଦ ୯୦+୪ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଦିଲ୍ଲୀ ପକ୍ଷରୁ ଅଜୟ ସିଂ ୯୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

### ନୁରୁଦ୍ଦିନଙ୍କ ଗୋଲ ନିର୍ଣ୍ଣାୟକ

୭ମ ବାଟାଲିୟନ ଗ୍ରାଉଣ୍ଡରେ ଅପରାହ୍ନ ୩ଟାରେ ଅନୁଷ୍ଠିତ ମ୍ୟାଚରେ ନୁରୁଦ୍ଦିନଙ୍କ ଗୋଲରେ ରେଲୱେ ବିଜୟ ହାସଲ କରିଛି। ଏହି ଦଳ ପଶ୍ଚିମବଙ୍ଗକୁ ୧-୦ ଗୋଲରେ ପରାସ୍ତ କରିଛି। ନୁରୁଦ୍ଦିନ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୨ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ଭାରତର ପ୍ରଥମ ପରାଜୟ


ପ୍ଲେୟର ଅଫ୍ ଦି ମ୍ୟାଚ ନାତାଲି ସ୍କିଭର ବ୍ରଣ୍ଟ


୫ ଉଇକେଟ ହାସଲକାରୀ ରେଣୁକା ସିଂ।

**ଜିକ୍ୱେବରହା (ଦକ୍ଷିଣ ଆଫ୍ରିକା), ୧୮।୨**

ରେଣୁକା ସିଂଙ୍କ ୫ ଉଇକେଟ ସଫଳତା ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ଚଳିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଇଂଲଣ୍ଡଠାରୁ ୧୧ ରନରେ ହାରିଯାଇଛି। ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୫୧ ରନ କରିଥିବାବେଳେ ଭାରତ ପୂରା ୨୦ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଟୁର୍ନାମେଣ୍ଟରେ କ୍ରମାଗତ ୨ ବିଜୟ ପରେ ଭାରତର ଏହା ହେଉଛି ପ୍ରଥମ ପରାଜୟ। ପୂର୍ବ ୨ ମ୍ୟାଚରେ ଯଥାକ୍ରମେ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜକୁ ହରାଇଥିବା ଭାରତୀୟ ଦଳ ୩ ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍ 'ବି' ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩ ମ୍ୟାଚରୁ ୬ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ ଆଶାକୁ ଦୃଢ଼ କରିଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ଆରମ୍ଭରୁ ଘାତକ ବୋଲିଂ କରି ରେଣୁକା ସିଂ ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ସେ ଡାନି ୱାଟ(୦), ଆଲିସେ କାପ୍‌ସେ(୩) ଓ ସୋଫିଆ ଡଙ୍କଲେ(୧୦)ଙ୍କୁ ମାତ୍ର ୨୯ ରନ ମଧ୍ୟରେ ପ୍ୟାଭିଲିୟନ ପଠାଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମିଡିଲ ଅର୍ଡରରେ ନାତାଲି ସ୍କିଭର-ବ୍ରଣ୍ଟ, ଉଇକେଟ କିପର ଆମି ଜୋନ୍ସ ଓ ଅଧିନାୟିକା ହିଥର ନାଇଟ ଉପଯୋଗୀ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ନାଇଟ ୨୮ ଓ ଜୋନ୍ସ ଦ୍ରୁତ ୪୦ (୨୭ ବଲ, ୩ ଚୌକା, ୨ ଛକା) ରନ୍‌କରି ଆଉଟ ହୋଇଥିବାବେଳେ ନାତାଲି ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୪୨ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହାୟତାରେ ସର୍ବାଧିକ ୫୦ ରନ ସଂଗ୍ରହ କରିଥିଲେ। ନିଜ ପ୍ରଥମ ସ୍ପେଲ୍‌ରେ ୩ ଉଇକେଟ ନେଇଥିବା ରେଣୁକା ଅନ୍ତିମ ଓଭରରେ କ୍ରମାଗତ ୨ଟି ଉଇକେଟ ହାସଲ କରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଏହାଥିଲା ତାଙ୍କର ପ୍ରଥମ ୫ ଉଇକେଟ ସଫଳତା। ଅନ୍ୟମାନଙ୍କ ମଧ୍ୟରେ ଶିଖା ପାଣ୍ଡେ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଇଂଲଣ୍ଡ ପରି ଭାରତର ଆରମ୍ଭ ମଧ୍ୟ ଭଲ ହୋଇ ନ ଥିଲା। ଗୋଟିଏ ପଟରେ ସ୍ମୃତି ମନ୍ଧାନା ଦୃଢ଼ତାର ସହ ବ୍ୟାଟିଂ କରିଥିବାବେଳେ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲା। ଫଳରେ ମନ୍ଧାନାଙ୍କ ଉପରେ କ୍ରମେ ଚାପ ବଢ଼ିଥିଲା। ଶେଫାଳି ବର୍ମା ୮, ଜେମିମା ରୋଡ୍ରିଗ୍ୱେଜ ୧୩ ଓ ହରମନପ୍ରୀତ କୌର ମାତ୍ର ୪ ରନ କରି ଆଉଟ ହୋଇଥିବାବେଳେ ମହିଳା ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଦଳର ଅଧିନାୟିକା ଘୋଷିତ ହେବା ଦିନରେ ଅର୍ଦ୍ଧଶତକ ହାସଲ କରିଥିଲେ ମନ୍ଧାନା। ୧୬ତମ ଓଭରର ୫ମ ବଲ୍‌ରେ

## ମହିଳା ଟି୨୦ ବିଶ୍ୱକପ୍

ସାରା ଗ୍ଲେନ୍‌ଙ୍କୁ ଛକାମାରି ଅର୍ଦ୍ଧଶତକ ପୂରଣ କରିଥିବା ମନ୍ଧାନା ପରବର୍ତ୍ତୀ ବଲ୍‌ରେ ଆଉଟ ହୋଇଯାଇଥିଲେ। ୪୧ ବଲ୍‌ରୁ ସେ ୭ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୨ ରନ ସ୍କୋର କରିଥିଲେ। ଶେଷ ଭାଗରେ ରିଚା ଘୋଷ ଏକା ଲଢ଼ିଥିଲେ ମଧ ଦଳକୁ ଜିତାଇ ପାରି ନ ଥିଲେ। ଭାରତ ଇନିଂସ ୨୦ ଓଭରରେ ୧୪୦/୫ରେ ସୀମିତ ରହିଯାଇଥିବାବେଳେ ରିଚା ୪୭ (୩୪ ବଲ, ୪ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ସାରା ଗ୍ଲେନ ୨ଟି ଏବଂ ଲୌରେନ ବେଲ୍ ଓ ସୋଫି ଏକେଲଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ୨୦ ଓଭରରେ ୧୫୧/୭** (ନାତାଲି ସ୍କିଭର ବ୍ରଣ୍ଟ-୫୦, ଆମି ଜୋନ୍ସ-୪୦, ହିଥର ନାଇଟ-୨୮, ରେଣୁକା ସିଂ-୫/୧୫, ଶିଖା ପାଣ୍ଡେ-୧/୨୦, ଦୀପ୍ତି ଶର୍ମା-୧/୩୭)।

**ଭାରତ ୨୦ ଓଭରରେ ୧୪୦/୫** (ସ୍ମୃତି ମନ୍ଧାନା-୫୨, ରିଚା ଘୋଷ-୪୭*, ସାରା ଗ୍ଲେନ-୨/୨୭, ଲୌରେନ ବେଲ୍-୧/୨୨, ସୋଫି ଏକଲେଷ୍ଟୋନ-୧/୧୪)।



ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ସିନିୟର କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ୨ ଦିନିଆ ରିମାଣ୍ଡରେ ସପ୍‌ନା

### ପୃଥ୍ୱୀ ଶ'ଙ୍କୁ ଆକ୍ରମଣ ମାମଲା

**ମୁମ୍ବାଇ,୧୮।୨:** ସେଲ୍‌ଫି ଉଠାଇବାକୁ କେନ୍ଦ୍ରକରି ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କୁ ଆକ୍ରମଣ ମାମଲାରେ ଶନିବାର ପୋଲିସ ଚତୁର୍ଥ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହିତ ସପନା ଗିଲ୍‌ଙ୍କୁ ଦୁଇ ଦିନିଆ ରିମାଣ୍ଡରେ ପଠାଯାଇଛି। ସେଲ୍‌ଫି ନେବାକୁ କେନ୍ଦ୍ରକରି ଶୋଭିତ ଠାକୁର ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପନା ଗିଲ୍ ଅନ୍ୟମାନଙ୍କ ସହିତ ମିଶି ପୃଥ୍ୱୀଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଗୁରୁବାର ସନ୍ଧ୍ୟାରେ ସପନାଙ୍କୁ ଓଶିୱାରା ପୋଲିସ ଷ୍ଟେଶନରେ ଅଟକ ରଖାଯାଇ ପରେ ଗିରଫ କରାଯାଇଥିଲା। ମାମଲାରେ ସମ୍ପୃକ୍ତ ଅନ୍ୟ ୪ ଜଣ ଫେରାର ଅଛନ୍ତି। ଉଲ୍ଲେଖଯୋଗ୍ୟ, ଗୁରୁବାର ମୁମ୍ବାଇ ବିମାନବନ୍ଦରର ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବାବେଳେ ଶୋଭିତ୍ ଠାକୁର ଏବଂ ସପନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ ଉଭୟ ପୃଥ୍ୱୀଙ୍କୁ ଛାଡ଼ି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ



ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ତାଙ୍କ ଗାଡ଼ିକୁ ପିଛା କରିଥିଲେ। ପରେ ଏକ ବେସ୍‌ବଲ ବ୍ୟାଟ୍‌ରେ ଆକ୍ରମଣ କରିବା ସହିତ ଗାଡ଼ିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ପୃଥ୍ୱୀଙ୍କ ସାଙ୍ଗ ଆଶିଷ ଯାଦବ ଏନେଇ ଥାନାରେ ମାମଲା ରୁଜୁ କରିଥିଲେ। ସପନା ଓ ଶୋଭିତ୍ ଅଭିଯୋଗକୁ ଖଣ୍ଡନ କରିବା ସହିତ ପୃଥ୍ୱୀ ଶ' ନିଶାରେ ଥିଲେ ବୋଲି କହିଛନ୍ତି।

### ଜାତୀୟ କରାଟେ ପ୍ରତିଯୋଗିତା

# ଓଡ଼ିଶାକୁ ୪ ପଦକ

**ଭୁବନେଶ୍ୱର, ୧୮।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ ସିନିୟର ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ପ୍ରଥମ ଦିବସରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୨ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଭାଲେନା ଭାଲେଣ୍ଟିନା, ସୁରୋମିତା ସିହ୍ନା, ବିଦ୍ୟା କିରଣ ସାହୁ ଓ ନ୍ୟାସା କୁମାରୀଙ୍କୁ ନେଇ ଓଡ଼ିଶା ଦଳ ସିନିୟର ମହିଳା ଟିମ୍ କାଟାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଭାଲେଣ୍ଟିନା ସିନିୟର ମହିଳା କାଟାରେ ରୌପ୍ୟ ଜିତିଛନ୍ତି। ୨୧ ବର୍ଷରୁ କମ୍ ମହିଳା ୬୮କେଜି ଫାଇଟିଂ ବିଭାଗରେ ମାଉ ମିନାଲ ବ୍ରୋଞ୍ଜ ପାଇଥିବା ବେଳେ ୨୧ ବର୍ଷରୁ କମ୍ ପୁରୁଷ ୮୪ କେଜି ଫାଇଟିଂ ବିଭାଗରେ ସୁମନ ଶେଖର ଦାସ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରି ମହାନ୍ତି ଓ କୋଚ୍ ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟ ସଦସ୍ୟଗଣ ଅଭିନନ୍ଦନ ଜଣାଇଛନ୍ତି। ରବିବାର ମହିଳା ଓ ପୁରୁଷ ସିନିୟର ବିଭାଗରେ ଫାଇଟିଂ ପ୍ରତିଯୋଗିତା ହେବ।






# ବିଜୟ ପାଇଁ ଇଂଲଣ୍ଡକୁ ୫ଉଇକେଟ ଆବଶ୍ୟକ

**ମାଉଣ୍ଟ ମଙ୍ଗାନୁଇ, ୧୮।୨ (ଏପି):** ସ୍ଥାନୀୟ ବେ' ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ବିଜୟ ଆଡକୁ ଅଗ୍ରସର ହେଉଛି। ଇଂଲଣ୍ଡ ଏହାର ଦ୍ୱିତୀୟ ଇନିଂସରେ ୩୭୪ ରନ ସଂଗ୍ରହ କରିବା ସହ ଓଭରଅଲ୍ ୩୯୩ ରନରେ ଅଗ୍ରଣୀ ଲାଭ କରିପାରିଛି। ଜବାବରେ ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସରେ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟରେ ୬୩ରନ ସଂଗ୍ରହ କରିଛି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୨୫/୯ । **ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୩୦୬।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୭୪ (ଜୋ ରୁଟ୍-୫୭, ହ୍ୟାରି ବ୍ରୁକ୍-୫୪, ବେନ୍ ଫୋକ୍ସ-୫୧, ଓଲି ପୋପ୍-୪୯ ; ବ୍ଲେୟାର ଟିକ୍‌ନର-୩/୫୫, ମାଇକେଲ୍ ବ୍ରେସ୍‌ୱେଲ-୩/୬୮, ସ୍କଟ କୁଗ୍ଲିନ-୨/୮୧, ନିଲ୍ ୱାଗନର-୨/୧୧୦)।

**ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ:** ୬୩/୫ (ମାଇକେଲ ବ୍ରେସ୍‌ୱେଲ-୨୫*, ଷ୍ଟୁଆର୍ଟ ବ୍ରଡ-୪/୨୧)।

## ଘାନା ଫୁଟ୍‌ବଲର ଅଟ୍‌ସୁ ମୃତ

**ଆଣ୍ଟାକାୟା,୧୮।୨(ପି.ଟି)**

ତୁର୍କୀରେ ହୋଇଥିବା ଭୟାବହ ଭୂକମ୍ପରେ ଘାନାର ଫୁଟବଲର କ୍ରିଷ୍ଟିଆନ୍‌ଅଟ୍‌ସୁଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ଚେଲ୍‌ସୀ ଏବଂ ନ୍ୟୁ କାସେଲ ପରି କ୍ଲବ୍‌ର ପ୍ରତିନିଧିତ୍ୱ କରିଥିବା ଏହି ୩୧ ବର୍ଷୀୟ ଖେଳାଳିଙ୍କ ମୃତ ଦେହ ଏକ ୧୨ ମହଲା କୋଠାର ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି। ଶନିବାର ଅଟ୍‌ସୁଙ୍କ ମ୍ୟାନେଜର ମୁରାଟ ଉଜୁନମେହମେଟ ଏହି ସୂଚନା ଦେଇଛନ୍ତି। ତୁର୍କୀର କ୍ଲବ ହାଟାୟାସ୍ପୋରରେ ସେପ୍ଟେମ୍ବର ମାସରେ ଯୋଗ ଦେଇଥିଲେ ଅଟ୍‌ସୁ। ୬ ତାରିଖରେ ଘଟିଥିବା ଭୟାବହ ଭୂମିକମ୍ପର ୫ ଘଣ୍ଟା ପୂର୍ବରୁ ସେ କାସିମାପ୍‌ସା ବିପକ୍ଷରେ ନିଜ ଫ୍ରାଞ୍ଚାଇଜିକୁ ବିଜୟୀ କରିଥିଲେ। ୧୩ ଦିନ ବିତି ଯାଇଥିବା ବେଳେ ମୃତ୍ୟୁ ସଂଖ୍ୟା ୪୩ ହଜାର ପାର କରିଛି। ଅଟ୍‌ସୁଙ୍କ ମରଶରୀର ଘାନାକୁ ପଠାଯାଇଥିବା ବେଳେ କ୍ଲବ୍ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ